# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୩/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, July 23/2019 | ★★★★★★

୪୫ଶ ଭାଗ ୨୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଅପକମିଂ ଆକ୍ସନ ଫିଲ୍ମରେ କଙ୍ଗନା**

ଅଭିନେତ୍ରୀ କଙ୍ଗନା ରଣାୱତ୍ ଅପକମିଂ ଆକ୍ସନ ଥ୍ରିଲର 'ଧାକଡ଼'ରେ ଜଣେ ଗୁପ୍ତଚର ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି।

୦୮

୨୦

**ରତ୍ନପର୍ଣ୍ଣାଙ୍କୁ ଡବଲ୍ ସ୍ୱର୍ଣ୍ଣ**

ଓଡ଼ିଆ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ରତ୍ନପର୍ଣ୍ଣା ପଣ୍ଡା ଘାନାରେ ଅନୁଷ୍ଠିତ ଜେଇ ୱିଲସନ ଇଣ୍ଟରନ୍ୟାଶନାଲ ସିରିଜର ମିକ୍ସଡ୍ ଓ ମହିଳା ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି।



# ଚନ୍ଦ୍ରୟାନ-୨ ସଫଳ

- ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶକେନ୍ଦ୍ରରୁ ହେଲା ପରୀକ୍ଷଣ
- ୧୬ ମିନିଟ୍ ମଧ୍ୟରେ ପୃଥିବୀ କକ୍ଷପଥରେ ହେଲା ଅବସ୍ଥାପିତ
- ୪୮ ଦିନ ଯାତ୍ରା ପରେ ଚନ୍ଦ୍ରପୃଷ୍ଠରେ କରିବ ଅବତରଣ



ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ),୨୨ା୭(ଆଇଏଏନ୍‌ଏସ୍)

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ଭାରତର ଦ୍ୱିତୀୟ ଲୁନାର ମିଶନ୍ ଚନ୍ଦ୍ରୟାନ-୨କୁ ସୋମବାର ସଫଳତାର ସହ ଉତ୍କ୍ଷେପଣ କରାଯାଇଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଅପରାହ୍ନ ୨ଟା ୪୩ରେ ଛଡାଯାଇଥିବା 'ବାହୁବଳୀ' ନାମକ ଜିଏସ୍‌ଏଲ୍‌ଭି ରକେଟ୍ ଏହାକୁ ୧୬ ମିନିଟ ମଧ୍ୟରେ ପୃଥିବୀର କକ୍ଷପଥରେ ଅବସ୍ଥାପିତ କରିଥିଲା। ପୃଥିବୀର କକ୍ଷପଥରେ ଏହା ୨୩ଦିନ ଘୂରିବା ପରେ ଚନ୍ଦ୍ର ଅଭିମୁଖେ ଯାତ୍ରା କରିବ। ୩୭୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୪୩.୪ ମିଟର ଲମ୍ବ ଓ ୬୪୦ଟନ୍ ଓଜନର ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟ୍ ୩.୮ ଟନ୍ ବିଶିଷ୍ଟ ଚନ୍ଦ୍ରୟାନ-୨ ସ୍ପେସ୍‌କ୍ରାଫ୍ଟକୁ ପୃଥିବୀର କକ୍ଷପଥରେ ଅବସ୍ଥାନ କରାଇବାକୁ ସମର୍ଥ ହୋଇପାରିଛି। ୪୮ ଦିନ ଯାତ୍ରା କରିବା ପରେ ଚନ୍ଦ୍ରୟାନ-୨ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ। ଏଥିପାଇଁ ଚନ୍ଦ୍ରୟାନକୁ ୩,୮୪,୪୦୦ କିଲୋମିଟର ଯାତ୍ରା କରିବାକୁ ପଡିବ। ଚନ୍ଦ୍ରଯାନର ସଫଳ ଉତ୍କ୍ଷେପଣ ପରେ ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ଆଜିର ଦିବସକୁ ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତିର ଏକ ଐତିହାସିକ ଦିନ ଭାବେ ବର୍ଣ୍ଣନା କରିଛନ୍ତି। ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟ୍ ଚନ୍ଦ୍ରୟାନ-୨କୁ ପୃଥିବୀର ନିର୍ଦ୍ଦିଷ୍ଟ କକ୍ଷପଥରେ ଅବସ୍ଥାନ କରାଇଥିବାରୁ ଶିବନ୍ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ଭାରତ ପାଇଁ ଏହା ଐତିହାସିକ ଯାତ୍ରାର ଆରମ୍ଭ ବୋଲି ସେ କହିଥିଲେ। ଚନ୍ଦ୍ରୟାନ-୨ ଲଞ୍ଚ୍ କରିବା ପରେ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରତାଳି ଦେଇ ଇସ୍ରୋ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଚନ୍ଦ୍ରୟାନ-୨ ଭାରତର ଏକ ସ୍ୱତନ୍ତ୍ର ଅଭିଯାନ। କାରଣ ଚନ୍ଦ୍ରର ଦକ୍ଷିଣ ମେରୁରେ ଏହା ବୈଜ୍ଞାନିକ ☞ପୃଷ୍ଠା-୪

# ରାଜ୍ୟରେ ମହିଳା, ନାବାଳିକା ଅସୁରକ୍ଷିତ

- ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିରୋଧୀ
- ଶୂନ୍ୟକାଳରେ ସରକାରଙ୍କୁ ପ୍ରଦୀପ୍ତ, ନରସିଂହଙ୍କ ସମାଲୋଚନା
- ଗୃହ ବାରମ୍ବାର ମୁଲତବୀ, ସର୍ବଦଳୀୟ ବୈଠକ ବିଫଳ
- କଂଗ୍ରେସର କକ୍ଷତ୍ୟାଗ, ଗାନ୍ଧୀମୂର୍ତ୍ତି ତଳେ ଧାରଣା
- ପୋଡିୟମ ତଳେ ବସିଲା ଭାଜପା



ଭୁବନେଶ୍ୱର,୨୨ା୭(ବ୍ୟୁରୋ)

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ଦିନକୁ ଦିନ ନାବାଳିକା ଏବଂ ମହିଳାଙ୍କ ଉପରେ ହିଂସା ବଢ଼ିବାରେ ଲାଗିଛି। ଗତ ଶନିବାର ଅନୁଗୋଳର ୮ ବର୍ଷୀୟା ନାବାଳିକାଙ୍କୁ ଦୁର୍ବୃତ୍ତ ଉଠାଇ ନେଇ ବଳାତ୍କାର କରିଥିଲେ। ଏପରି କି ମୃତ ଭାବି ପୀଡ଼ିତାଙ୍କୁ ଦୁର୍ବୃତ୍ତମାନେ ଅଳିଆଗଦାରେ ଫିଙ୍ଗିଦେଲେ। କେବଳ ଅନୁଗୋଳ ନୁହେଁ, ଭବାନୀପାଟଣାରେ ମଧ୍ୟ ରହୁଥିବା ଜଣେ ଏଚ୍‌ଆଇଭି ସଂକ୍ରମିତ ନାବାଳିକାଙ୍କୁ ଗୃହ ମୁଖ୍ୟ ଯୌନ ନିର୍ଯାତନା ଦେଉଥିଲେ। ରାଜ୍ୟରେ ମା, ଭଉଣୀଙ୍କ ରକ୍ଷକ ସାଜିଥିବା ବ୍ୟକ୍ତିବିଶେଷ ଏବେ ଭକ୍ଷକ ସାଜିଛନ୍ତି। ସରକାରଙ୍କ ଉଦାସୀନତା ହିଁ ସେମାନଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଏହି ଦୁଇ ଘଟଣାକୁ ବାଦ୍ ଦେଲେ ସରକାର ବାଳିକା ନିଖୋଜ ନେଇ ରଖିଥିବା ତଥ୍ୟ ମଧ୍ୟ ଉଦ୍‌ବେଗଜନକ। ଚଳିତ ବର୍ଷ ମାତ୍ର ୩ ମାସରେ ୫୦୨ ଝିଅ ନିଖୋଜ ହୋଇଛନ୍ତି। କିଛିଦିନ ପୂର୍ବେ ନିର୍ବାଚନ ସମୟରେ କେନ୍ଦ୍ରାପଡ଼ା ଜିଲାରେ ଗୁଳିକାଣ୍ଡ ଘଟିଥିଲା। ଏହା ପୂର୍ବରୁ ପୁରୀ ଜିଲା ପଟ୍ଟନାୟିକିଆରେ ହୋଇଥିଲା ଟ୍ରିପଲ ମର୍ଡର। ଏହିଭଳି କେତେକ ସ୍ପର୍ଶକାତର ପ୍ରସଙ୍ଗ ନେଇ ଶୂନ୍ୟକାଳ ଏବଂ ଦ୍ୱିତୀୟାର୍ଦ୍ଧରେ ଗୃହରେ ସରକାରଙ୍କୁ ଘେରିଥିଲେ ବିରୋଧୀ। ଏପରିକି ଶୂନ୍ୟକାଳରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଉଭୟ ଭାଜପା ଏବଂ କଂଗ୍ରେସ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦାବି କରିଥିଲେ।

ଶୂନ୍ୟକାଳରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି ଯେ, ବିଧାୟକ ସୁରେଶ ରାଉତରାୟଙ୍କ ଏକ ପ୍ରଶ୍ନର ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି ଯେ, ରାଜ୍ୟରେ ବହୁସଂଖ୍ୟକ ଝିଅ ନିଖୋଜ ହୋଇଛନ୍ତି। ଏମାନଙ୍କୁ ସରକାର ଠିକ୍‌ଭାବେ ଠାବ କରିପାରୁନାହାନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୧୬ରେ ୧୨୯୧ ଝିଅ ହଜିଥିବାବେଳେ ମାତ୍ର ୭୦୦ ଜଣଙ୍କୁ ଠାବ କରାଯାଇଥିଲା। ୨୦୧୭ରେ ୧୩୬୦ ଝିଅ ହଜିଥିବାବେଳେ ୭୩୭ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଚଳିତ ବର୍ଷ କେବଳ ୩ ମାସରେ ୫୦୨ ଝିଅ ନିଖୋଜ ହୋଇଛନ୍ତି। ସେଥିରୁ ମାତ୍ର ୭୯ଜଣଙ୍କୁ ଠାବ କରାଯାଇପାରିଛି। ସରକାରଙ୍କ ହାତରେ ପୋଲିସ ପ୍ରଶାସନ ରହିଛି, ଗୋଇନ୍ଦା ସଂସ୍ଥା ଇତ୍ୟାଦି ଦିନରାତି କାମ କରୁଛନ୍ତି। ତଥାପି ଦିନକୁ ଦିନ ଛୋଟ ଛୋଟ ଝିଅ ନିଖୋଜ ହୋଇଯାଉଛନ୍ତି। ଲଗାତର ୫ମ ଥର ଜିତିଥିବା ମୁଖ୍ୟମନ୍ତ୍ରୀ କ'ଣ କରୁଛନ୍ତି ବୋଲି ବିରୋଧୀ ଦଳ ନେତା ପ୍ରଶ୍ନ କରିଛନ୍ତି। ସେହିପରି କୌଣସି ଗରିବ ଲୋକ ଥାନାରେ ମାମଲା କଲେ ତାହାକୁ ସମ୍ବେଦନଶୀଳଭାବେ ନିଆଯାଉନାହିଁ। ଓଲଟା ମାମଲା ରୁଜୁ କରିଥିବା ପରିବାରଙ୍କୁ ଖୋଜିବାକୁ କୁହାଯାଉଛି। ନେତା, ମନ୍ତ୍ରୀଙ୍କ ପର୍ଯ୍ୟନ୍ତ କଥା ଗଲେ ତଦନ୍ତ ଆରମ୍ଭ ହେଉଛି। କେତେଦିନ ରାଜ୍ୟରେ ଏପରି ଚାଲିବ। ୧୦ରୁ ୧୨ ବର୍ଷିଆ ବାଳିକାଙ୍କୁ ନେଇ ଇଞ୍ଜେକ୍ସନ ଦିଆଯାଇ ସେମାନଙ୍କୁ ଯୌନ ବ୍ୟବସାୟ ପାଇଁ ପ୍ରସ୍ତୁତ କରାଯାଉଛି। ଏ ଧାରା ଦିନକୁ ଦିନ ବଢ଼ିବାରେ ଲାଗୁଛି। ରାଜ୍ୟରେ ଝିଅବୋହୂଙ୍କ ଇଜ୍ଜତ ରହୁ ନ ଥିବା ପ୍ରଦୀପ୍ତ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ଶୂନ୍ୟକାଳରେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ନରସିଂହ କହିଥିଲେ ଯେ, ବିଧାନସଭାରେ କ'ଣ ପାଇଁ ଆଲୋଚନା କରାଯାଉଛି, ତାହା ବେଳେବେଳେ ଭାବିବାକୁ ପଡୁଛି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ବିଭିନ୍ନ ସମୟରେ ଆଲୋଚନା ଏବଂ ଗଠନଧର୍ମୀ ପ୍ରସ୍ତାବ ଦିଆଯାଉଛି, ହେଲେ ତାହାର କାର୍ଯ୍ୟକାରିତା ଦେଖିବାକୁ ମିଳୁନାହିଁ। ସେପଟେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖି ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ଥିବା କହି ଚୁପ୍ ହୋଇ ବସିପଡୁଛନ୍ତି। ବଳାତ୍କାର ମାମଲାରେ ୟୁପି ଦେଶରେ ପ୍ରଥମ ସ୍ଥାନରେ ରହିଛି। ହେଲେ ଯଦି ଜନସଂଖ୍ୟାର ଆକାରକୁ ଦେଖି ବଳାତ୍କାର ସଂଖ୍ୟାକୁ ହିସାବକୁ ନିଆଯାଏ ତେବେ ପ୍ରତିଶତରେ ଓଡ଼ିଶା ସର୍ବାଗ୍ରେ ରହିବ। ରାଜ୍ୟରେ ବ୍ୟାପକ ସଂଖ୍ୟାରେ ଝିଅ ହଜୁଥିବା ନେଇ ସରକାର ଗୃହରେ ଉତ୍ତର ରଖିଛନ୍ତି। ହେଲେ ସେମାନଙ୍କୁ ଖୋଜି ପୋଲିସ ବାହାର କରିପାରୁନାହିଁ। ଭବାନୀପାଟଣାରେ ରହୁଥିବା ବଲାଙ୍ଗୀରର ଝିଅଟି ନିର୍ଯାତନାରେ ଶିକାର ହୋଇଛି। ସେହିପରି ଅନୁଗୋଳ ଘଟଣାରେ ଗିରଫ କଥା କୁହାଯାଉଛି। ହେଲେ କୌଣସି ଘଟଣା ଘଟିବା ପରେ ଗିରଫ କ'ଣ ଏହାର ସମାଧାନ। ରାଜ୍ୟରେ ଏମିତି ଅପରାଧ ବଢ଼ି ଚାଲିଥିବ ଏବଂ ସରକାର ଖାଲି ଗିରଫ କରି ଚାଲିଥିବେ। ଗୋଟିଏ ଘଟଣା ପାଇଁ ଜେ.ବି. ପଟ୍ଟନାୟକଙ୍କ ସରକାର ଚାଲିଯାଇଥିଲା। ହେଲେ ସେ ସରକାର ସମ୍ବେଦନଶୀଳ ଥିଲେ ଓ ଜନମତକୁ ସମ୍ମାନ ଦେଇ ଗୃହରେ ଉତ୍ତର ରଖୁଥିଲେ। ବର୍ତ୍ତମାନ ଦୈନିକ ୭ ଜଣ ମହିଳା ବଳାତ୍କାରର ଶିକାର ହେଉଥିବା ବେଳ ସରକାର ଆଇନ ତା' ବାଟରେ ଯିବ ବୋଲି କହି ଖସିଯାଉଥିବା ନରସିଂହ କହିଥିଲେ। ସେହିପରି ପୋଲିସ ଡ୍ୟୁଟି ପୋଷାକ ନ ପିନ୍ଧି ପୀଡ଼ିତାଙ୍କ ପାଖକୁ ଯିବାର ନିୟମ ରହିଛି, ହେଲେ ଭବାନୀପାଟଣା ଘଟଣାରେ ପୋଲିସ ଖାକି ପିନ୍ଧି ଯାଇଥିବା କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଅଭିଯୋଗ କରିଥିଲେ। ☞ପୃଷ୍ଠା-୪


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

## ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା

ଧରିତ୍ରୀ ଏବଂ ପ୍ରଗତିବାଦୀ ଖବରକାଗଜରେ ତା୧୦.୦୭.୨୦୧୯ ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତଗୁଡିକୁ ତା ୨୫.୦୭.୨୦୧୯, ୨୬.୦୭.୨୦୧୯ ଏବଂ ୨୯.୦୭.୨୦୧୯ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଶୁଣାଣୀ ହେବାକୁ ଧାର୍ଯ୍ୟ ହୋଇଥିଲା । ଅନିବାର୍ଯ୍ୟ କାରଣବଶତଃ ପରମିଟ୍ କମିଟି ବୈଠକ ଉପରୋକ୍ତ ତାରିଖ ଅନୁଯାୟୀ ଅନୁଷ୍ଠିତ ହୋଇପାରୁନାହିଁ । ପରିବର୍ତ୍ତିତ ଶୁଣାଣୀ ତାରିଖ ଖବରକାଗଜ ଏବଂ Website ମାଧ୍ୟମରେ ଦରଖାସ୍ତକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବ ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ



No.150-A

## ଓଡ଼ିଶା ସରକାର
## ଜଳସମ୍ପଦ ବିଭାଗ

## ପାଣି ପଞ୍ଚାୟତ ଓ ଚାଷୀ ଭାଇଭଉଣୀ ମାନଙ୍କୁ ନିବେଦନ

ଚଳିତବର୍ଷ ମୌସୁମୀ ପ୍ରବାହରେ ଅନିୟମିତତା ଯୋଗୁଁ ରାଜ୍ୟରେ ଏପର୍ଯ୍ୟନ୍ତ ବର୍ଷାର ପରିମାଣ ସ୍ୱାଭାବିକ ଠାରୁ ବହୁତ କମ୍ ହୋଇଅଛି । ଏଥିଯୋଗୁଁ ରାଜ୍ୟରେ ଥିବା ନଦୀ, ନାଳ, ବିଭିନ୍ନ ଜଳଭଣ୍ଡାର ଏବଂ ବ୍ୟାରେଜ ଗୁଡ଼ିକରେ ଜଳସେଚନ ଯୋଗାଇ ଦେବାପାଇଁ ଆବଶ୍ୟକତାରୁ କମ୍ ପରିମାଣର ଜଳ ଉପଲବ୍ଧ ଅଛି । ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ତରଫରୁ ଜଳଭଣ୍ଡାର ଏବଂ ବ୍ୟାରେଜ ଗୁଡ଼ିକରେ ଉପଲବ୍ଧ ଥିବା ଜଳର Rotational Irrigation ଦ୍ୱାରା ଚାଷଜମିରେ ସୁଷମ ବଣ୍ଟନପାଇଁ ବ୍ୟବସ୍ଥା କରାଯାଉଛି ।

ଏତଦ୍ୱାରା ପାଣି ପଞ୍ଚାୟତର ସମସ୍ତ ସଦସ୍ୟ ତଥା ଚାଷୀ ଭାଇଭଉଣୀ ମାନଙ୍କୁ ନିବେଦନ କରାଯାଉଅଛି ଯେ ଜଳ ସଞ୍ଚୟ କରିବାରେ ସାହାଯ୍ୟ କରନ୍ତୁ । ସେମାନେ ଏଥିରେ ସହଯୋଗ କରି ଚାଷ କରାଯାଇଥିବା ଜମିରେ ଫସଲର ସୁରକ୍ଷା କରିବାରେ ସହାୟକ ହୁଅନ୍ତୁ ।

ଇଂ. ଅକ୍ଷୟ କୁମାର ବାନାର୍ଜୀ
ସର୍ବୋଚ୍ଚ ଯନ୍ତ୍ରୀ,ଜଳସମ୍ପଦ

32031/11/0004/1920




କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ସୋମବାର ଉଦ୍‌ଯାପିତ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ମହିଳା ଓ ପୁରୁଷ ବିଭାଗ ଚାମ୍ପିୟନ ଭାରତର ଆହିକା ମୁଖାର୍ଜୀ ଓ ହରମୀତ ଦେଶାଇ ଟ୍ରଫି ସହ। ପ୍ରତିଯୋଗିତାରେ ଭାରତ ୭ଟି ଯାକ ସ୍ୱର୍ଣ୍ଣପଦକ ଜିତି କ୍ଲିନ୍ ସୁଇପ୍ କରିଛି।
(ରିପୋର୍ଟ ଖେଳ ପୃଷ୍ଠାରେ)

**ଆଜିର ସମ୍ପାଦକୀୟ**

**ଆଜି ଅସଲି, କାଲି ନକଲି**




**ଆଜିର ମନ୍ତବ୍ୟ**

କଂଗ୍ରେସରେ ନେତୃତ୍ୱ ସଙ୍କଟ କିଛିନାହିଁ। ରାହୁଲ ଗାନ୍ଧୀ ଦଳର କ୍ୟାପ୍‌ଟେନ ଅଛନ୍ତି ଓ ଭବିଷ୍ୟତରେ ମଧ୍ୟ ରହିବେ।

-ଅଶୋକ ଗେହ୍‌ଲଟ
ରାଜସ୍ଥାନ ମୁଖ୍ୟମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE | 22.07.2019 | Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 59 | 105 | 115 |
| DKL | 57 | 102 | 112 |
| BDK | 56 | 101 | 111 |
| BLS | 56 | 101 | 111 |
| ANG | 56 | 101 | 111 |
| BHM | 55 | 100 | 110 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers


**କିଛି ତଥ୍ୟ**

୨୦୨୧ ସୁଦ୍ଧା ଦେଶର ଇସ୍ପାତ ଉତ୍ପାଦନ ୧୨୮.୬ ନିୟୁତ ଟନ୍ ଏବଂ ୨୦୨୩ ସୁଦ୍ଧା ଇସ୍ପାତ ବ୍ୟବହାର ୧୪୦ ନିୟୁତ ଟନ୍ ଛୁଇଁବ।

-ଅର୍ଥନୈତିକ ସର୍ଭେ





ଗାନ୍ଧୀ ପରିବାରରୁ କେହି ନେତୃତ୍ୱ ନ ନେଲେ କଂଗ୍ରେସ ୨୪ ଘଣ୍ଟା ମଧ୍ୟରେ ଭାଗ ଭାଗ ହୋଇଯିବ।
- ନଟବର ସିଂ
ବରିଷ୍ଠ କଂଗ୍ରେସ ନେତା



## ସଂକ୍ଷେପରେ

### ବଜ୍ରପାତରେ ୩୩ ମୃତ

ଲକ୍ଷ୍ନୌ,୨୨।୭(ପି.ଟି.)- ଉତ୍ତରପ୍ରଦେଶ (ୟୁପି)ରେ ବଜ୍ରପାତ ଭୟଙ୍କର ପରିସ୍ଥିତି ସୃଷ୍ଟିକରିଛି। ରାଜ୍ୟର ବିଭିନ୍ନ ଜିଲାରେ ବଜ୍ରପାତ ଯୋଗୁ ୩୩ ଲୋକଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ଉତ୍ତରପ୍ରଦେଶ ହରିମ୍‌ପୁରରେ ବଜ୍ରପାତରେ ୩ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବାବେଳେ ଜଲୌନ୍ ଜିଲାରେ ୪, ଝାନ୍‌ସୀରେ ୫, ଘାଜିପୁରରେ ୩, ଯୌନ୍‌ପୁର, ପ୍ରତାପଗଞ୍ଜ, କାନ୍‌ପୁର ଡେହାଟ୍ ଓ ଚିତ୍ରକୁଟରେ ଜଣେ ଲେଖାଏ, କାନପୁର ଓ ଫତେପୁର ୭ ଜଣ ଲେଖାଏ ବ୍ୟକ୍ତି ପ୍ରାଣ ହରାଇଥିବା ସୋମବାର ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

### ଆର୍‌ଟିଆଇ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୨୨।୭-ବିରୋଧୀ ଦଳଗୁଡ଼ିକର ତୀବ୍ର ପ୍ରତିବାଦ ସତ୍ତ୍ୱେ ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ସଂଶୋଧନ ବିଲ୍ ସୋମବାର ଲୋକ ସଭାରେ ଗୃହୀତ ହୋଇଛି। ୧୭୮ ଜଣ ବିଲ୍ ସପକ୍ଷରେ ଭୋଟ ଦେଇଥିବାବେଳେ ୭୯ ଜଣ ବିରୋଧରେ ଭୋଟ ଦେଇଥିଲେ। ଉକ୍ତ ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ମୁଖ୍ୟ ସୂଚନା କମିଶନର (ସିଆଇସି) ଏବଂ ସୂଚନା କମିଶନରମାନଙ୍କ କାର୍ଯ୍ୟକାଳ ଓ ବେତନ ଧାର୍ଯ୍ୟ କରିବା କ୍ଷମତା କେନ୍ଦ୍ର ସରକାରଙ୍କୁ ମିଳିବ। ଏଥିସହିତ ସୂଚନା କମିଶନ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଅନ୍ୟାନ୍ୟ ନିଯୁକ୍ତି ସର୍ତ୍ତାବଳୀ ସରକାର ସ୍ଥିର କରିବେ। ସୂଚନା ଅଧିକାର ଆଇନକୁ ଦୁର୍ବଳ କରିଦେବା ପାଇଁ ସରକାର ଏହି ବିଲ୍ ଆଣିଥିବା ବିରୋଧୀ ଅଭିଯୋଗ କରିବା ସହ ଜାତୀୟ ମାନବାଧିକାର କମିଶନ ଭଳି ସିଆଇସିକୁ କ୍ଷମତା ବିହୀନ କରିବାକୁ ଯୋଜନା ହୋଇଥିବା କହିଛନ୍ତି।

### ଏନ୍‌ଏଚ୍‌ଆର୍‌ସି ବିଲ୍ ଗୃହୀତ

ନୂଆଦିଲ୍ଲୀ,୨୨।୭(ଆଇଏଏନ୍‌ଏସ୍)- ମାନବାଧିକାର ସୁରକ୍ଷା (ସଂଶୋଧନ) ବିଲ୍ ସୋମବାର ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ସଂଶୋଧିତ ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ମୁଖ୍ୟ ହୋଇପାରିବେ। ପୂର୍ବରୁ କେବଳ ଅବସରପ୍ରାପ୍ତ ପ୍ରଧାନ ବିଚାରପତିଙ୍କୁ ଏହି ପଦବୀ ମିଳୁଥିଲା। ଏଥିସହିତ ଏନ୍‌ଏଚ୍‌ଆରଇସିର ସଦସ୍ୟ ସଂଖ୍ୟା ୨ରୁ ୩କୁ ବୃଦ୍ଧି ପାଇବ।

### ଦୁର୍ନୀତିଗ୍ରସ୍ତଙ୍କୁ ଗୁଳି ମନ୍ତବ୍ୟ
### କ୍ରୋଧରେ କହିଥିଲି: ସତ୍ୟପାଲ୍



ଶ୍ରୀନଗର,୨୨।୭(ପି.ଟି.)- ଆତଙ୍କବାଦୀମାନେ ନିରୀହ ଲୋକଙ୍କୁ ନ ମାରି ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ଗୁଳି କରିବା ଉଚିତ ବୋଲି ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଥିବା ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ ସୋମବାର ଏଥିପାଇଁ ଦୁଃଖପ୍ରକାଶ କରିଛନ୍ତି। କ୍ରୋଧ ଓ ନୈରାଶ୍ୟର ବଶବର୍ତ୍ତୀ ହୋଇ ସେ ଏଭଳି କହିଦେଇଥିଲେ ବୋଲି ସେ ସଫେଇ ଦେଇଛନ୍ତି। ରାଜ୍ୟରେ ଦୁର୍ନୀତି ବଢ଼ିଚାଲିଥିବାରୁ ଏଥିରେ ସେ ଅତିଷ୍ଠ ହୋଇପଡିଲେଣି। ତେବେ ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଭାବେ ତାଙ୍କର ଏଭଳି କହିବାର ନ ଥିଲା ବୋଲି ସତ୍ୟପାଲ କହିଛନ୍ତି। ରବିବାର କାର୍ଗିଲ ଅଞ୍ଚଳରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବାବେଳେ ସତ୍ୟପାଲ୍ କହିଥିଲେ, ଯେଉଁ ବନ୍ଧୁକଧାରୀ ଯୁବକମାନେ ନିଜ ଲୋକଙ୍କୁ ହତ୍ୟା କରୁଛନ୍ତି। ନିରୀହମାନଙ୍କୁ ନ ମାରି ଯେଉଁମାନେ କଶ୍ମୀରର ସମ୍ପତ୍ତି ଲୁଟୁଛନ୍ତି ସେମାନଙ୍କୁ ହତ୍ୟା କର ବୋଲି କହିଥିଲେ।

### [ଇତିହାସର ଆଇନାରେ]
### ଜୁଲାଇ ୨୩ର ପ୍ରମୁଖ ଘଟଣା

୧୯୪୨ ଜୁଲାଇ ୨୩ରେ ବୁଲ୍‌ଗେରିଆ କବି ତଥା କମ୍ୟୁନିଷ୍ଟ ନେତା ନିକୋଲା ଭାପଟସରୋଭ ଫାଏରିଂ ସ୍କ୍ୱାଡ ଦ୍ୱାରା ମୃତ୍ୟୁଦଣ୍ଡ ପାଇଥିଲେ। ବୁଲଗେରିଆର ଏହି ବିପ୍ଳବୀ କବି ପେସାରେ ଜଣେ ମେଶିନିଷ୍ଟ ଥିଲେ ଏବଂ ଅବସର ସମୟରେ ବିପ୍ଳବାତ୍ମକ ଲେଖା ଲେଖୁଥିଲେ।

୧୯୭୨ ଜୁଲାଇ ୨୩ରେ ଆମେରିକା ଏହାର ପ୍ରଥମ ଆର୍ଥ-ରିସୋର୍ସ ସାଟେଲାଇଟ୍ ଲ୍ୟାଣ୍ଡସାଟ୍-୧ ଲଞ୍ଚ୍ କରିଥିଲା। ଆମେରିକା ଲ୍ୟାଣ୍ଡସାଟ୍ ପ୍ରୋଗ୍ରାମ୍‌ର ଏହା ହେଉଛି ପ୍ରଥମ ସାଟେଲାଇଟ୍।

## ■ ମହାକାଶ ଗବେଷଣାରେ ବଡ଼ ସଫଳତା
# ପୃଥିବୀ କକ୍ଷରେ ଚନ୍ଦ୍ରୟାନ-୨

ନୂଆଦିଲ୍ଲୀ,୨୨।୭



ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ସୋମବାର ଚନ୍ଦ୍ରୟାନ-୨କୁ ସଫଳତାର ସହ ଉତ୍‌କ୍ଷେପଣ କରି ଇତିହାସ ସୃଷ୍ଟି କରିଛି। ସେପ୍ଟେମ୍ବର ୬ରେ ଏହା ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ। ଚନ୍ଦ୍ରକୁ ଯାନ ପଠାଇବାରେ ଭାରତ ଚତୁର୍ଥ ରାଷ୍ଟ୍ର ହେବାକୁ ଯାଉଥିବାବେଳେ ଏହାର ଅନ୍ଧକାର ପାର୍ଶ୍ୱରେ ଅବତରଣ କରାଇବାରେ ପ୍ରଥମ ରାଷ୍ଟ୍ର ହେବ। ଏହି ନୂଆ କୀର୍ତ୍ତିମାନ ପାଇଁ ଇସ୍ରୋକୁ ଅଭିନନ୍ଦନର ସୁଅ ଛୁଟିଛି।

ଲ୍ୟାଣ୍ଡର୍, ରୋଭର୍ ଓ ଅର୍ବିଟରକୁ ନେଇ ମହାକାଶ ଯାଇଛି ଜିଏସ୍‌ଏଲ୍‌ଭି ମାର୍କ-୩ ରକେଟ୍। ଚନ୍ଦ୍ରୟାନ ଲାଗି ବ୍ୟୟ ହୋଇଛି ୬୦୩ କୋଟି। ପୂରା ମିଶନରେ ବ୍ୟୟ ହୋଇଛି ୯୭୮ କୋଟି। ୪୮ଦିନ ଅଭିଯାନ ପରେ ଚନ୍ଦ୍ରୟାନ-୨ ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳକୁ ଯିବ। ଏହି ଅଞ୍ଚଳକୁ ଅନ୍ୟ କୌଣସି ଦେଶର ଯାନ ଏବେ ସୁଦ୍ଧା ଯାଇନାହିଁ। ଜିଏସ୍‌ଏଲ୍‌ଭି ମାର୍କ-୩ ରକେଟ ନିର୍ମାଣ ଲାଗି ଖର୍ଚ୍ଚ ହୋଇଛି ୩୭୫ କୋଟି ଓ ଏହାର ଓଜନ ୬୪୦ ଟନ୍, ଲମ୍ବ ୪୩.୪ ମିଟର। ଇସ୍ରୋର ଅଧିକାରୀମାନେ ଏହାକୁ ବି କହୁଛନ୍ତି 'ଫ୍ୟାଟ୍‌ବୟ'। ବାହୁବଳୀ ରକେଟ ଚନ୍ଦ୍ରୟାନ-୨କୁ ନେଇ ପୃଥିବୀ କକ୍ଷପଥରେ ଛାଡିଛି। ଚନ୍ଦ୍ରପୃଷ୍ଠରେ ସୁରକ୍ଷିତ ଭାବେ ଅବତରଣ କରି ଲ୍ୟାଣ୍ଡର୍ ଅର୍ବିଟର୍ ଓ ରୋଭର୍ ସହ ଯୋଗାଯୋଗ ରକ୍ଷା କରି ବେଙ୍ଗାଲୁରୁ ନିକଟସ୍ଥ ବ୍ୟାଲାଲୁରେ ଥିବା ଇଣ୍ଡିଆନ୍ ଡିପ୍ ସ୍ପେଶ୍ ନେଟ୍‌ୱର୍କ (ଆଇଡିଏସ୍‌ଏନ୍) ସହ ଯୋଗାଯୋଗ ରକ୍ଷାକରିବ। ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠର ୧୦୦ କିଲୋମିଟର ଉଚ୍ଚରୁ ସଫ୍ଟ ଲ୍ୟାଣ୍ଡ କରିବ।

ଚନ୍ଦ୍ରୟାନ-୨ର ଛଅଚକିଆ ରୋବୋଟିକ ଭେହିକିଲ୍ ରୋଭର ପ୍ରଜ୍ଞା ୫୦୦ ମିଟର ଗତିକରି ଦୁଇଟି ବିଷୟରେ ଅନୁଧ୍ୟାନ କରିବ। ଏହା କେବଳ ଲ୍ୟାଣ୍ଡର୍ ସହ ଯୋଗାଯୋଗ କରିପାରିବ। ପ୍ରଜ୍ଞା ସୌରଶକ୍ତି ସଂଗ୍ରହ କରି ଗତି କରିବ। ଅର୍ବିଟର୍‌ର ମିଶନ୍ ଲାଇଫ୍ ଏକ ବର୍ଷ। ଏହା ଚନ୍ଦ୍ରପୃଷ୍ଠର ୮ଟି ବିଷୟରେ ପରୀକ୍ଷା ନିରୀକ୍ଷା କରିବ। ଚନ୍ଦ୍ରପୃଷ୍ଠର ୧୦୦ କିଲୋମିଟର ଉଚ୍ଚରୁ ଲ୍ୟାଣ୍ଡର ଅର୍ବିଟରରୁ ବାହାରିବା କ୍ଷଣି ଫଟୋନେବା ଆରମ୍ଭ କରିଦେବ। ୩୦ କିଲୋମିଟର ଉଚ୍ଚରେ ପହଞ୍ଚିବା କ୍ଷଣି ତାହା କେଉଁଠାରେ ଅବତରଣ କରିବ ତାହା ନିଜେ ସ୍ଥିର କରିବ। ଲ୍ୟାଣ୍ଡିଂର ୧୨ ଘଣ୍ଟା ପରେ ଲ୍ୟାଣ୍ଡରରୁ ପ୍ରଜ୍ଞା ରୋଭର ବାହାରି ଚନ୍ଦ୍ରପୃଷ୍ଠରେ ଅନୁଧ୍ୟାନ କରିବା ଆରମ୍ଭ କରିଦେବ। ଏହି ତଥ୍ୟ ରୋଭର ପ୍ରଜ୍ଞା ଲ୍ୟାଣ୍ଡର ବିକ୍ରମକୁ ପଠାଇବ ଓ ଲ୍ୟାଣ୍ଡର ତାହାକୁ ଅର୍ବିଟରକୁ ପଠାଇବା ପରେ ଅର୍ବିଟର ତାହାକୁ ପୃଥିବୀକୁ ପଠାଇବ।

### ଚନ୍ଦ୍ରୟାନ-୨ର ବିଶେଷତ୍ୱ

- ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ ଅବତରଣ କରିବାର ଏହା ପ୍ରଥମ ମିଶନ୍।
- ନିଜସ୍ୱ ଜ୍ଞାନକୌଶଳରେ ଚନ୍ଦ୍ରୟାନ-୨କୁ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ଭାରତର ଏହା ପ୍ରଥମ ପ୍ରୟାସ ।
- ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡ୍ କରିବାରେ ଆମେରିକା, ରୁଷିଆ ଓ ଚାଇନା ପରେ ଭାରତ ବିଶ୍ୱର ଚତୁର୍ଥ ଦେଶ ।

**ଅର୍ବିଟର:** ଏହାର ଓଜନ ୨,୩୭୯ କିଲୋଗ୍ରାମ। ଏଥିରେ ୮ଟି ପେଲୋଡ୍ ରହିଛି। ଏହା ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଡିପ୍ ସ୍ପେସ ନେଟ୍‌ୱାର୍କ (ଆଇଡିଏସଏନ)କୁ ତଥ୍ୟ ପଠାଇବ। ଏହାର ଲ୍ୟାଣ୍ଡର ସହ ବି ସମ୍ପର୍କ ରହିବ। ଟେରାଇନ ମ୍ୟାପିଂ କ୍ୟାମେରା ପୂରା ଚନ୍ଦ୍ରର ଏଲିଭେସନ ମଡେଲ ପ୍ରସ୍ତୁତ କରିବ। ଲାର୍ଜ ଏରିଆ ସଫ୍ଟ ଏକ୍ସ-ରେ ସ୍ପେକ୍ଟ୍ରୋମିଟର ଚନ୍ଦ୍ରପୃଷ୍ଠର ବିଭିନ୍ନ ଉପାଦାନ ଉପରେ ପରୀକ୍ଷା କରିବ । ସୋଲାର ଏକ୍ସରେ ମନିଟର-ସୋଲାର ଏକ୍ସରେ ସ୍ପେକ୍ଟ୍ରମର ଇନପୁଟ ଉପଲବ୍ଧ କରାଇବ।



**ଲ୍ୟାଣ୍ଡର ବିକ୍ରମ:** ଏହାର ଓଜନ ୧,୪୭୧ କିଲୋଗ୍ରାମ। ପ୍ରତି ସେକେଣ୍ଡରେ ଦୁଇ ମିଟର ଗତି କରିବ। ବେଙ୍ଗାଲୁରୁର ଆଇଡିଏସଏନ ସହ ଅର୍ବିଟର ଓ ରୋଭରର ସମ୍ପର୍କ କରାଇବ। ସରଫେସ ଥର୍ମୋ ଫିଜିକାଲ ଏକ୍ସପେରିମେଣ୍ଟ-ଚନ୍ଦ୍ରର ଥର୍ମାଲ କଣ୍ଡକ୍ଟିଭିଟି ଉପରେ ତଥ୍ୟ ସଂଗ୍ରହ କରିବ। ଲେଙ୍ଗମ୍ୟୁର ପ୍ରୋବ ଚନ୍ଦ୍ରପୃଷ୍ଠ ସମ୍ପର୍କରେ ଅଧ୍ୟୟନ କରିବ।

**ରୋଭର ପ୍ରଜ୍ଞା:** ଏହା ସୌର ଶକ୍ତି ସାହାଯ୍ୟରେ ଏହା ପ୍ରତି ସେକେଣ୍ଡରେ ଏକ ସେଣ୍ଟିମିଟର ଗତି କରିବ।



"ଚନ୍ଦ୍ରୟାନ-୨ର ଐତିହାସିକ ଉତ୍‌କ୍ଷେପଣ ସମସ୍ତ ଭାରତୀୟଙ୍କ ପାଇଁ ଗର୍ବର ମୁହୂର୍ତ୍ତ। ଭାରତର ନିଜସ୍ୱ ମହାକାଶ କାର୍ଯ୍ୟକ୍ରମକୁ ଆଗେଇ ନେଇଥିବାରୁ ଆମ ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କୁ ଅଭିନନ୍ଦନ ଜଣାଉଛି। 'ଇସ୍ରୋ' ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ନୂଆ ଦିଗନ୍ତ ଉନ୍ମୋଚନ କରୁ।

– ରାଷ୍ଟ୍ରପତି ରାମନାଥ କୋବିନ୍ଦ



"ଚନ୍ଦ୍ରୟାନ-୨ ଭାରତର ଏକ ସ୍ୱତନ୍ତ୍ର ଅଭିଯାନ। ଚନ୍ଦ୍ରର ଦକ୍ଷିଣ ମେରୁରେ ଏହା ବୈଜ୍ଞାନିକ ଅନୁସନ୍ଧାନ ଜାରି ରଖିବ। ପୂର୍ବରୁ କୌଣସି ଦେଶର ସ୍ପେସ୍‌କ୍ରାଫ୍ଟ ସେଠାରେ ପହଞ୍ଚିପାରି ନାହଁ। ଭାରତର ଏହି ମିଶନ୍ ଚନ୍ଦ୍ର ବିଷୟରେ ନୂଆ ଦିଗ ଉନ୍ମୋଚନ କରିବ।

– ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



"ଆଜିର ଦିବସ ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତିର ଏକ ଐତିହାସିକ ଦିନ। ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟ୍ ଚନ୍ଦ୍ରୟାନ-୨କୁ ପୃଥିବୀର ନିର୍ଦ୍ଦିଷ୍ଟ କକ୍ଷପଥରେ ଅବସ୍ଥାନ କରାଇପାରିଛି। ଭାରତ ପାଇଁ ଏହା ଐତିହାସିକ ଯାତ୍ରାର ଆରମ୍ଭ।

– ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍

## ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୭(ବ୍ୟୁରୋ)



ବହୁ ପ୍ରତୀକ୍ଷିତ ଚନ୍ଦ୍ରୟାନ-୨ର ସଫଳ ଉତ୍‌କ୍ଷେପଣ ପରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ବୈଜ୍ଞାନିକଙ୍କୁ ଦେଶବିଦେଶରୁ ଅଭିନନ୍ଦନର ସୁଅ ଛୁଟୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇସ୍ରୋ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇ ଚନ୍ଦ୍ରୟାନ-୨ ମହାକାଶ ସମ୍ବନ୍ଧରେ ନୂତନ ଗବେଷଣାତ୍ମକ ତଥ୍ୟ ପ୍ରଦାନ କରିବାରେ ସହାୟକ ହେବ ବୋଲି କହିଛନ୍ତି। ଏହା ୧୩୦କୋଟି ଭାରତୀୟଙ୍କ ସ୍ୱପ୍ନକୁ ସାକାର କରିଛି ବୋଲି ନବୀନ ପ୍ରକାଶ କରିଛନ୍ତି।

## ଶ୍ରେୟ ନେବାକୁ କଂଗ୍ରେସର ଉଦ୍ୟମ

ନୂଆଦିଲ୍ଲୀ,୨୨।୭

ଚନ୍ଦ୍ରୟାନ-୨ର ସଫଳ ଉତ୍‌କ୍ଷେପଣ ପରେ ଏହାର ଶ୍ରେୟ ନେବା ପାଇଁ କଂଗ୍ରେସ ପକ୍ଷରୁ ଉଦ୍ୟମ ହୋଇଛି। ଏହି ପ୍ରକଳ୍ପକୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ମଞ୍ଜୁରୀ ପ୍ରଦାନ କରିଥିବାରୁ ତାଙ୍କୁ ଶ୍ରେୟ ମିଳିବା ଆବଶ୍ୟକ ବୋଲି କଂଗ୍ରେସ କହିଛି। ଏଥିସହିତ ମହାକାଶ ଗବେଷଣା ପାଇଁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ୧୯୬୨ରେ ଇନ୍‌କୋସ୍ପାର ମାଧ୍ୟମରେ ପାଣ୍ଠି ଯୋଗାଇଦେଇଥିଲେ। ଏହା ପରବର୍ତ୍ତୀ ପର୍ଯ୍ୟାୟରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ରେ ପରିଣତ ହୋଇଥିଲା। ତେଣୁ ଚନ୍ଦ୍ରୟାନ-୨ର ସଫଳତା ନେହେରୁଙ୍କ ପାଖକୁ ଯିବା ଉଚିତ ବୋଲି କଂଗ୍ରେସ କହିଛି। ଅନ୍ୟପକ୍ଷରେ କଂଗ୍ରେସର ଏଭଳି ଉଦ୍ୟମକୁ ଭାଜପା ସମାଲୋଚନା କରିଛି। କଂଗ୍ରେସ ନିମ୍ନ ଧରଣର ମନ୍ତବ୍ୟ ଦେଇ ଭାରତର ଏତେବଡ଼ କାର୍ଯ୍ୟକ୍ରମକୁ ରାଜନୀତିକରଣ କରିଥିବା ଭାଜପା କହିଛି।

## ■ ସମୟ ଗଡାଇବାକୁ ସରକାରଙ୍କ ଉଦ୍ୟମ
# ମୋତେ ବଳିବୋଦା କରନାହିଁ: ବାଚସ୍ପତି

ବେଙ୍ଗାଲୁରୁ,୨୨।୭(ପି.ଟି.)

**କର୍ଣ୍ଣାଟକ ଆସ୍ଥାଭୋଟ**



କେ.ଆର୍. ରମେଶ କୁମାର

କର୍ଣ୍ଣାଟକ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆଣିଥିବା ଆସ୍ଥାଭୋଟ ଉପରେ କ୍ରମାଗତ ତୃତୀୟ ଦିନ ପାଇଁ ଆଲୋଚନା ଜାରି ରହିଥିବାବେଳେ ଭୋଟ ପ୍ରକ୍ରିୟାକୁ ବିଳମ୍ବିତ କରିବା ଲାଗି ବାଚସ୍ପତି କେ.ଆର୍. ରମେଶ କୁମାରଙ୍କ ଉପରେ ଚାପ ପକାଯାଇଥିଲା। ବିଦ୍ରୋହୀ ବିଧାୟକମାନେ ଦେଇଥିବା ଇସ୍ତଫା ଉପରେ ବାଚସ୍ପତି ଏ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହାନ୍ତି। ଇସ୍ତଫା ନିଷ୍ପତ୍ତି ନ ସରିବା ପର୍ଯ୍ୟନ୍ତ ଆସ୍ଥାଭୋଟ ନ ନେବା ଲାଗି ବାଚସ୍ପତିଙ୍କୁ କଂଗ୍ରେସ କହିଥିଲା। ତେବେ ବାଚସ୍ପତି ଏହାକୁ ପ୍ରତ୍ୟାଖ୍ୟାନ କରିବା ସହ ସରକାର ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଆସ୍ଥାଭୋଟ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। 'ଆମକୁ ସମସ୍ତେ ଦେଖୁଛନ୍ତି। ଦୟାକରି ମୋତେ ବଳିବୋଦା କରନାହିଁ। ଆମକୁ ଲକ୍ଷ୍ୟରେ ପହଞ୍ଚିବାକୁ ହେବ' ବୋଲି ବାଚସ୍ପତି କହିଥିଲେ।

କଂଗ୍ରେସ-ଜେଡିଏସ୍ ମେଣ୍ଟରୁ ୧୬ ଜଣ ବିଧାୟକ ଇସ୍ତଫା ଦେବା ଏବଂ ଦୁଇ ଜଣ ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର କରିନେବା ପରେ ସରକାରରେ ସଙ୍କଟ ଦେଖାଦେଇଛି। ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ଗୁରୁବାର ଆସ୍ଥାଭୋଟ ଲୋଡିଥିଲେ ମଧ୍ୟ ଏହା ଉପରେ ଆଲୋଚନା ଶେଷ ହେଉନାହିଁ। ରାଜ୍ୟପାଳଙ୍କ ତାଗିଦ ସତ୍ତ୍ୱେ ଶୁକ୍ରବାର ଆସ୍ଥାଭୋଟ ନ କରି ବାଚସ୍ପତି ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ସୋମବାର ଆଲୋଚନା ଜାରି ରହିଥିବାବେଳେ ଭୋଟ ପ୍ରକ୍ରିୟାକୁ ଆଉ ଦୁଇ ଦିନ ଘୁଞ୍ଚାଇବା ପାଇଁ ମେଣ୍ଟ ସରକାର ଚାହିଁଥିଲେ।

# ୨୦୦୩ରୁ ଆରମ୍ଭ ହୋଇଥିଲା ମୁନ୍ ମିଶନ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୨୦୦୦ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ବାର୍ତ୍ତାରେ ଚନ୍ଦ୍ରୟାନ ମିଶନ ସମ୍ପର୍କରେ ଘୋଷଣା କରିଥିଲେ। ଭାରତର ଏହି ମୁନ୍ ମିଶନ୍ ୨୦୦୩ରୁ ଆରମ୍ଭ ହୋଇଥିଲା।

**୨୦୦୩ ନଭେମ୍ବର:** ମୁନ୍ ମିଶନକୁ ସରକାର ଅନୁମୋଦନ କରିଥିଲେ।

**୨୦୦୮ ଅକ୍ଟୋବର ୨୨:** ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରୟାନ-୧ ସଫଳତାର ସହ ଉତ୍‌କ୍ଷେପଣ କରାଯାଇଥିଲା।

**୨୦୦୮ ନଭେମ୍ବର ୨୬:** ଚନ୍ଦ୍ରୟାନ-୧ରେ ଥିବା ସ୍ୱଦେଶୀ ଜ୍ଞାନକୌଶଳଯୁକ୍ତ ଟେରେନ ମ୍ୟାପିଙ୍ଗ୍ କ୍ୟାମେରା ପ୍ରଥମେ କାର୍ଯ୍ୟକ୍ଷମ ହୋଇ ଚନ୍ଦ୍ରପୃଷ୍ଠର ଫଟୋ ଉତ୍ତୋଳନ ପୃଥିବୀକୁ ପଠାଇଥିଲା।

**୨୦୦୯ ଅଗଷ୍ଟ ୨୮:** ଚନ୍ଦ୍ରାୟନ-୧ ୨ବର୍ଷ କାର୍ଯ୍ୟକ୍ଷମ ରହିବ ବୋଲି ଆଶା କରାଯାଉଥିବାବେଳେ ଏହିଦିନ ହଠାତ ତାହା ସହ ଯୋଗାଯୋଗ ବନ୍ଦ ହୋଇଯାଇଥିଲା। ଏହି ଯାନ ଚନ୍ଦ୍ରର କକ୍ଷପଥରେ ୩୧୨ ଦିନ କାର୍ଯ୍ୟକ୍ଷମ ରହିଥିଲା।

**୨୦୦୭ ନଭେମ୍ବର ୧୨:** ଚନ୍ଦ୍ରୟାନ-୨ ପ୍ରକଳ୍ପ ଲାଗି ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ରୁଷିଆ ଫେଡେରାଲ ସ୍ପେସ୍ ଏଜେନ୍ସି (ରସ୍‌କସ୍‌ମସ୍) ଓ ଇସ୍ରୋ ମଧ୍ୟରେ ରାଜିନାମା ସ୍ୱାକ୍ଷର ହୋଇଥିଲା।

**୨୦୦୮ ସେପ୍ଟେମ୍ବର ୧୮:** ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଅଧ୍ୟକ୍ଷତାରେ ବୈଠକ ବସି ଉକ୍ତ ମିଶନକୁ ଅନୁମୋଦନ କରାଯାଇଥିଲା।

**୨୦୦୯ ଅଗଷ୍ଟ:** ଇସ୍ରୋ ଏବଂ ରସ୍‌କସ୍‌ମସ୍ ଚନ୍ଦ୍ରୟାନ-୨ର ଡିଜାଇନ୍ ସମ୍ପୂର୍ଣ୍ଣ କରିଥିଲେ। ତେବେ ଲ୍ୟାଣ୍ଡର ନିର୍ମାଣ କରିବାରେ ରୁଷିଆ ବିଳମ୍ବ କରିବାରୁ ଏହାର କାର୍ଯ୍ୟକ୍ରମକୁ ବାରମ୍ବାର ସ୍ଥଗିତ ରଖିବାକୁ ପଡିଥିଲା। ଶେଷରେ ରସ୍‌କସ୍‌ମସ୍ ଚୁକ୍ତିନାମାରୁ ଓହରିଯିବାରୁ ଭାରତ ଏକାକୀ ମୁନ୍ ମିଶନ୍‌କୁ ଆଗେଇନେବାକୁ ନିଷ୍ପତ୍ତି ନେଇଥିଲା।

**୨୦୧୯ ଜୁନ୍ ୨୮:** ଲଞ୍ଚ ଭେହିକିଲ୍ ଜିଏସ୍‌ଏଲ୍‌ଭି ଏମ୍‌କେ୩-ଏମ୍୧ ଏବଂ ଚନ୍ଦ୍ରୟାନ-୨ରେ ବ୍ୟାଟେରି ସଂଯୋଗ ହୋଇ ଉତ୍‌କ୍ଷେପଣ ପାଇଁ ପ୍ରସ୍ତୁତ ହୋଇଥିଲା।

**୨୦୧୯ ଜୁଲାଇ ୧:** ଜିଏସ୍‌ଏଲ୍‌ଭି ରକେଟରେ ସଂଯୋଗ ହେବା ଲାଗି ଚନ୍ଦ୍ରୟାନ-୨ ପ୍ରସ୍ତୁତ ହୋଇଥିଲା।

**୨୦୧୯ ଜୁଲାଇ ୭:** ଜିଏସ୍‌ଏଲ୍‌ଭି ଏମ୍‌କେ୩-ଏମ୍୧କୁ ଲଞ୍ଚ୍ ପ୍ୟାଡ୍‌କୁ ନିଆଯାଇଥିଲା।

**୨୦୧୯ ଜୁଲାଇ ୮:** ଉତ୍‌କ୍ଷେପଣ ପାଇଁ ପ୍ରଥମ ରିହରସାଲ ହୋଇଥିଲା।

**୨୦୧୯ ଜୁଲାଇ ୧୫:** ଏହି ଦିନ ଚନ୍ଦ୍ରୟାନ-୨ ଉତ୍‌କ୍ଷେପଣ ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖିଥିଲେ।

## ■ ମୋଦି ସରକାରଙ୍କ ଦ୍ୱିତୀୟ ପାଳି
# ୫୦ ଦିନର ରିପୋର୍ଟ କାର୍ଡ

ନୂଆଦିଲ୍ଲୀ,୨୨।୭(ପି.ଟି.)



ପ୍ରକାଶ ଜାଭ୍‌ଡ଼େକର

କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରର ଦ୍ୱିତୀୟ ପାଳିରେ ୫୦ ଦିନ ପୂରଣ ହୋଇଛି। ଏହି ସମୟ ମଧ୍ୟରେ ବିକାଶ ଧାରାକୁ ଆଗେଇ ନେବା ଲାଗି ଆଲୋଚନା ଜାରି ରହିଛି। ଗତ ଥର ଅପେକ୍ଷା ଏଥର ସଂସ୍କାର କାର୍ଯ୍ୟ ଅଧିକ ମାତ୍ରାରେ ଆଗେଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭ୍‌ଡ଼େକର ସରକାରର ରିପୋର୍ଟ କାର୍ଡ ଉପସ୍ଥାପନ କରିଛନ୍ତି। ଜନମଙ୍ଗଳ କାର୍ଯ୍ୟ, ଲୋକଙ୍କୁ ନ୍ୟାୟ ଓ ସଂସ୍କାର କାର୍ଯ୍ୟ ଲାଗି ସରକାର ପଦକ୍ଷେପ ଗ୍ରହଣ କରିଥିବା ସେ କହିଛନ୍ତି।

ଭାଜପା କ୍ଷମତାକୁ ଆସିବା ପରେ ମେ ୩୦ରେ ମୋଦି ଦ୍ୱିତୀୟ ଥର ଲାଗି ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥଗ୍ରହଣ କରିଥିଲେ। ଦେଶକୁ ୫ ଟ୍ରିଲିୟନ୍ ଅର୍ଥନୀତିରେ ପରିଣତ କରିବା ଲାଗି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଥିଲେ। ଦ୍ରୁତ ଭିତ୍ତିଭୂମି ବିକାଶ, ସାମାଜିକ ନ୍ୟାୟ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଚନ୍ଦ୍ରୟାନ-୨ ସଫଳତା ପରେ ଗଗନୟାନ ୨୦୨୨ରେ ପ୍ରେରଣ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ଜାଭ୍‌ଡେକର ପ୍ରକାଶ କରିଛନ୍ତି। ଜଳଶକ୍ତି ମିଶନ ସହ ଅନେକ ଐତିହାସିକ ନିଷ୍ପତ୍ତି ସରକାର ନେଇଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ନୂଆ ପୁଞ୍ଜିନିବେଶ ସୁବିଧା ଯୋଗାଇ ଦିଆଯିବ। କୃଷକ, ଯବାନ, ଶ୍ରମିକ, ମଧ୍ୟମ ବର୍ଗ, ବ୍ୟବସାୟୀ ଓ ଯୁବବର୍ଗ ଦେଶ ବିକାଶରେ ଅଗ୍ରଣୀ ଭୂମିକା ତୁଲାଇବେ।

ଗତ ୫୦ ଦିନର ସରକାରରେ ପ୍ରତି କୃଷକଙ୍କୁ ୬ ହଜାର ଟଙ୍କା ସହାୟତା, କେତେକ ଫସଲର ଏମ୍‌ଏସ୍‌ପି ବୃଦ୍ଧି, ୧୦ ହଜାର କୃଷକ ସଙ୍ଗଠନ ଗଠନ କରାଯାଇଥିବା ଜାଭ୍‌ଡ଼େକର କହିଛନ୍ତି। ଏଥିସହ ପୁଞ୍ଜିନିବେଶ ବୃଦ୍ଧି ଲାଗି ପବ୍ଲିକ ସେକ୍ଟର ବ୍ୟାଙ୍କକୁ ୭୦ ହଜାର କୋଟି ଟଙ୍କା ପ୍ରଦାନ, ଜମ୍ମୁ-କଶ୍ମୀରରେ ଆତଙ୍କବାଦ କମିବା, ଆର୍ଥିକ ପଳାତକଙ୍କୁ କାଠଗଡ଼ାକୁ ଆଣିବା ଆଦି ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିସହ ଭାରତ ବିମ୍‌ଷ୍ଟେକ୍, ଜି-୨୦ ସମ୍ମିଳନୀରେ ଯୋଗଦେଇ ନିଜର ପକ୍ଷ ରଖିବା ସହ ବୈଦେଶିକ ନୀତିରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି। ଦୁର୍ନୀତି ବିରୋଧରେ ଲଢ଼େଇ କରିବା, ପୋକ୍ସୋ ଆଇନ କଡ଼ାକଡ଼ି କରିବା, ମେଡ଼ିକାଲ ଶିକ୍ଷାରେ ସଂସ୍କାର ଆଣିବା ଆଦି ମୋଦି ସରକାରର ୫୦ ଦିନର ରିପୋର୍ଟ କାର୍ଡ ବୋଲି ଜାଭ୍‌ଡ଼େକର କହିଛନ୍ତି।

# ଏମ୍‌ଟିଏନ୍‌ଏଲ୍ ବିଲ୍ଡିଂରେ ନିଆଁ



ମୁମ୍ବାଇ,୨୨।୭(ଆଇଏଏନ୍‌ଏସ୍)

ମୁମ୍ବାଇର ବାନ୍ଦ୍ରାଠାରେ ଥିବା ଏମ୍‌ଟିଏନ୍‌ଏଲ୍ ବିଲ୍ଡିଂରେ ସୋମବାର ଅପରାହ୍ନରେ ନିଆଁ ଲାଗିଯାଇଥିଲା। ଉକ୍ତ ବିଲ୍ଡିଂରେ ଫସିଥିବା ୮୪ ଜଣଙ୍କୁ ଉଦ୍ଧାର କରାଯାଇଛି। ଅପରାହ୍ନ ୩ଟା ୧୦ରେ ଏହି ୯ ମହଲା ବିଲ୍ଡିଂର ଚତୁର୍ଥ ମହଲାରେ ନିଆଁ ଲାଗିଯାଇଥିଲା। କ୍ରମେ ଏହା ଉପର ମହଲାଗୁଡ଼ିକୁ ବ୍ୟାପିବାରେ ଲାଗିଥିଲା। ସେଠାରେ କାମ କରୁଥିବା ଲୋକମାନେ ବାହାରି ନ ପାରିବାରୁ ଆତଙ୍କ ଖେଳିଯାଇଥିଲା। ୩୧ଟି ଦମକଳ ଗାଡ଼ି ସହ ଅଗ୍ନିଶମ କର୍ମଚାରୀ ପହଞ୍ଚି ଲୋକମାନଙ୍କୁ ଉଦ୍ଧାର କରିଛନ୍ତି। ନିଆଁ କିପରି ଲାଗିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ତାର ପୋଡିଯିବାର ଗନ୍ଧ ପ୍ରଥମେ ଆସିଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

# ଇରାନରେ ୧୭ ସିଆଇଏ ଗୁପ୍ତଚର ଗିରଫ

ତେହେରାନ୍,୨୨।୭(ପି.ଟି.)

ଆମେରିକା ଗୋଇନ୍ଦା ସଂସ୍ଥା ସିଆଇଏ (ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି)ର ୧୭ ଗୁପ୍ତଚରଙ୍କୁ ଇରାନ ଗିରଫ କରିଥିବା ସୋମବାର ଘୋଷଣା କରିଛି। ସେମାନଙ୍କ ମଧ୍ୟରୁ କେତେକଙ୍କୁ ଦୀର୍ଘକାଳୀନ ଜେଲଦଣ୍ଡାଦେଶ ଦିଆଯାଇଥିବାବେଳେ ଆଉ କେତେକଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିବା ଜଣାପଡ଼ିଛି। ଇରାନ ସୁରକ୍ଷା ସଂସ୍ଥା ସିଆଇଏ ଗୁପ୍ତଚର ନେଟୱାର୍କର ପର୍ଦ୍ଦାଫାଶ କରିବାରେ ସଫଳ ହୋଇଥିଲା। ଇରାନ-ଆମେରିକା ମଧ୍ୟରେ ଅଣୁଚୁକ୍ତିକୁ ନେଇ ବାଦବିବାଦ ଲାଗିବା ଓ ଇରାନ ଉପରେ ଆର୍ଥିକ କଟକଣା ଲଗାଯାଇଥିଲା। ଆମେରିକା ସିଆଇଏର ଭିଜା ଟ୍ରାପ୍‌ରେ ଫସିବା ପରେ ଇରାନର ଏହି ନାଗରିକମାନେ ଏଭଳି କାର୍ଯ୍ୟ ଜାରି ରଖିଥିଲେ ବୋଲି ଅଧିକାରୀମାନେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୩ ଜୁଲାଇ, ୨୦୧୯





କର୍ନାଟକ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ୩ ଦିନ ହେବ ଆସ୍ଥା ଭୋଟ ନାଟକ ଚାଲିବା ପରେ ସୋମବାର ମଧ୍ୟ ରାତ୍ରରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ନିଜ ପଦରୁ ଇସ୍ତଫା ଦେବା ସମ୍ପର୍କିତ ଜାଲ୍ ଚିଠି ଘୂରିବୁଲିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବ୍ୟକ୍ତିଗତ କାରଣରୁ ମୁଁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଉଛି ବୋଲି ଏହି ପତ୍ରରେ ଲେଖାଅଛି। ଏହାକୁ ଗ୍ରହଣ କରିବା ଲାଗି ମଧ୍ୟ ଅନୁରୋଧ କରାଯାଇଛି। ଏଭଳି ଇସ୍ତଫାପତ୍ରକୁ ସିଏମ୍‌ଓ ପକ୍ଷରୁ ଅଗ୍ରାହ୍ୟ କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ବାଚସ୍ପତିଙ୍କୁ ଅବଗତ କରାଇଛନ୍ତି।

## ସଂକ୍ଷେପରେ

ଓଏଚ୍ଆର୍‌ସି ଅଧ୍ୟକ୍ଷ ପଦବୀ ମାମଲା

### ହାଇକୋର୍ଟ ଦେଲେ ଡେଡ୍ ଲାଇନ

**କଟକ ଅଫିସ,୨୨।୭:** ଓଡ଼ିଶା ମାନବାଧିକାର କମିଶନ(ଓଏଚ୍ଆରସି) ପଦବୀକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏ ସଂକ୍ରାନ୍ତରେ ହାଇକୋର୍ଟ ଡେଡ୍‌ଲାଇନ ଧାର୍ଯ୍ୟ କରିଛନ୍ତି। ଅଗଷ୍ଟ ୫ ସୁଦ୍ଧା ଉକ୍ତ ପଦବୀ ପୂରଣ ନିମନ୍ତେ ରାଜ୍ୟ ସରକାର ନେବାକୁ ରାୟରେ କୁହାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଓଏଚ୍ଆରସିରେ ଦୀର୍ଘଦିନ ଧରି ସ୍ଥାୟୀ ଭାବେ ଅଧ୍ୟକ୍ଷ ପଦବୀରେ କାହାରିକୁ ନିଯୁକ୍ତି ମିଳିଲା ନାହିଁ। ହେଲେ ଜଷ୍ଟିସ ବୀର କିଶୋର ମିଶ୍ର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ କିଛିଦିନ କାର୍ଯ୍ୟ ତୁଲାଇଲେ। କିନ୍ତୁ ତାଙ୍କର ଅବସର ପରେ ସେହି ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଗଲାନାହିଁ। ଫଳରେ ଅନେକ ମାନବାଧିକାର ଉଲ୍ଲଂଘନ ସଂକ୍ରାନ୍ତ ମାମଲା ବଢ଼ିଚାଲିଲା। ତେଣୁ ଏହି ପଦବୀ ପୂରଣ ପାଇଁ ଆବେଦନକାରୀ ଦ୍ୱୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ପଶ୍ଚିମ ଓଡ଼ିଶା ବନ୍ଦ ଘଟଣା

### ରାଜ୍ୟ ଆଇନଜୀବୀ ପରିଷଦକୁ ପକ୍ଷଭୁକ୍ତ ନିର୍ଦ୍ଦେଶ

**କଟକ ଅଫିସ,୨୨।୭:** ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଦୀର୍ଘଦିନ ହେବ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ବନ୍ଦ ଡାକରା ଦିଆଯାଇ ଆସୁଛି। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଯାଉଥିଲାବେଳେ ଏ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ସୋମବାର ହାଇକୋର୍ଟ ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ରାଜ୍ୟ ଆଇନଜୀବୀ ପରିଷଦକୁ ଏହି ମାମଲାରେ ପକ୍ଷଭୁକ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଆଇନଜୀବୀ ପରିଷଦ ଏହି ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରିଛି ସେ ସଂକ୍ରାନ୍ତରେ ଜବାବ ରଖିବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆସନ୍ତା ଅଗଷ୍ଟ ୧୯ରେ ମାମଲାର ଶୁଣାଣି ହେବ। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।




# ଖୁବ୍‌ଶୀଘ୍ର ସୁରଟ୍‌କୁ ଉଡ଼ିବ ବିମାନ

## ସପ୍ତାହକୁ ୨ଥର ଚାଲିବ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର। ଖୁବ୍‌ଶୀଘ୍ର ଭୁବନେଶ୍ୱରରୁ ସୁରଟ୍‌କୁ ସିଧାସଳଖ ବିମାନ ଚଳାଚଳ କରିବ। ସପ୍ତାହରେ ୨ଥର ଏହି ବିମାନ ଚାଲିବ। ଏ ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୋମବାର ଟୁଇଟ୍ କରି ଜଣାଇଛନ୍ତି। ଅପରାଜିତା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଭେଟିବା ପରେ ଏହି ସୂଚନା ଦେଇଛନ୍ତି। ଅପରାଜିତା ଓ ସୁରଟ ଏମ୍‌ପି ଦର୍ଶନା ଜର୍‌ଦୋସ ମନ୍ତ୍ରୀ ପୁରୀଙ୍କୁ ଭେଟିଥିଲେ। ସୁରଟରୁ ସିଧାସଳଖ ଭୁବନେଶ୍ୱରକୁ ବିମାନ ଚଳାଚଳ ପାଇଁ ଉଭୟେ ମନ୍ତ୍ରୀଙ୍କୁ ଅନୁରୋଧ ଜଣାଇଥିଲେ। ଏ ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଭଲ ଖବର ହେଉଛି ଅତିଶୀଘ୍ର ଉଭୟ ସ୍ଥାନକୁ ସପ୍ତାହରେ ୨ଥର ବିମାନ ଚଳାଚଳ କରିବ। ଅପରାଜିତା ଏହି ସୂଚନା ଦେବା ପରେ ଓଡ଼ିଶାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ସୂଚନାଯୋଗ୍ୟ, ୨୦୧୮ ଅଗଷ୍ଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସୁରଟକୁ ବିମାନ ଚଳାଚଳ ପାଇଁ ତତ୍କାଳୀନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଚିଠି ଲେଖିଥିଲେ। ସୁରଟରେ ଅଧିକାଂଶ ଓଡ଼ିଆ ଲୋକ ନିଜ ପରିବାର ସହିତ ରହୁଛନ୍ତି। ସେମାନେ ସବୁବେଳେ ଟ୍ରେନ୍ ଉପରେ ଭରସା କରୁଛନ୍ତି। ତେଣୁ ବିମାନ ସେବା ଆରମ୍ଭ ହେଲେ ଲୋକେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ।



ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଅପରାଜିତା ଷଡ଼ଙ୍ଗୀ ବିମାନସେବା ଚଳାଚଳ ପାଇଁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ନିମାପଡ଼ା: ବିଦ୍ୟୁତ୍ ଯନ୍ତ୍ରଣାର ଅନ୍ତ ଘଟୁନି

ବିଚିତ୍ରାନନ୍ଦ ସାହୁ
ନିମାପଡ଼ା,୨୨।୭(ଡି.ଏନ୍.ଏ.)

ଗତ ମେ’ ୩ ତାରିଖରେ ହୋଇଥିବା ବାତ୍ୟା ଫନୀରେ ପୁରୀ ଜିଲା ନିମାପଡ଼ା ବିଦ୍ୟୁତ୍ ଡିଭିଜନର ୨୫ହଜାରରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିରୁଜି ଯାଇଥିବାବେଳେ ୧ହଜାରରୁ ଊର୍ଦ୍ଧ୍ୱ ଟ୍ରାନ୍ସଫରମର, ୧୨ଟି ଉଚ୍ଚ କ୍ଷମତାସମ୍ପନ୍ନ ଟାୱାର କ୍ଷତିଗ୍ରସ୍ତ ହୋଇଥିଲା। ୧ଲକ୍ଷ ୮୦ହଜାର ଉପଭୋକ୍ତା ପ୍ରଭାବିତ ହୋଇଥିଲେ। ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଲୋକେ ବିଦ୍ୟୁତ୍ ଅଭାବରୁ ଗରମ, ଗୁଳୁଗୁଳିରେ ଛଟପଟ ହେବା ସାଙ୍ଗକୁ ଅନ୍ଧକାରରେ ରହିଲେ। ଏବେ ବି ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇପାରିନାହିଁ। କେତେକ ଆଭ୍ୟନ୍ତରୀଣ ଛୋଟ ଗ୍ରାମକୁ ବିଦ୍ୟୁତ୍ ପହଞ୍ଚି ନ ଥିବା କୁହାଯାଉଛି। ବିଶେଷ କରି ଚାଷୀମାନଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। କାରଣ ନିମାପଡ଼ା ବ୍ଲକର ଧନୁଆଁ ଗ୍ରାମ ପଞ୍ଚାୟତ ଦେଖେତା, ବରିହାପଡା, ଆଙ୍କୁଶୁପୁର ଗ୍ରାମ ସମେତ ଆଉ କେତେକ ପଞ୍ଚାୟତର ଉଠା ଜଳସେଚନ ପଏଣ୍ଟକୁ ବିଦ୍ୟୁତ୍ ପୁନଃସଂଯୋଗ ହୋଇପାରିଲା ନାହିଁ। ଫଳରେ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିବା ଚାଷୀ ବିଷ୍ଣୁଚରଣ ପରିଡା, ଜୟନ୍ତ ସ୍ୱାଇଁ, ପ୍ରଦ୍ୟୁମ୍ନ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ନିଅଣ୍ଟିଆ ବର୍ଷା ଅନ୍ୟ ପଟେ ବିଦ୍ୟୁତ୍ ଅଭାବ ଯୋଗୁ ଚାଷ ଜମିକୁ ପାଣି ମିଳିପାରୁନାହିଁ। ଏବେ ଚାଷ ସମୟରେ ଜମି ଫାଟି ଆଁ କରିଲାଣି। ଅନ୍ୟପକ୍ଷରେ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ପୁନଃ ସଂଯୋଗ ହୋଇଥିଲେ ମଧ୍ୟ ବାରମ୍ବାର ବିଦ୍ୟୁତ୍ କଟିଯାଉଛି। ଫଳରେ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରି ବିଦ୍ୟୁତ୍ ବିଭାଗର ଆନ୍ତରିକତାହୀନ କାର୍ଯ୍ୟକୁ ଦାୟୀ କରୁଛନ୍ତି। କାରଣ ବାତ୍ୟା ପରେ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ୪ହଜାର କର୍ମଚାରୀ ନିୟୋଜିତ ହୋଇଥିଲେ। ତନ୍ମଧ୍ୟରୁ ରାଜସ୍ଥାନ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ବିହାର, ଝାଡଖଣ୍ଡ ଆଦି ରାଜ୍ୟର ପ୍ରାୟ ୧୨ଶହ କର୍ମଚାରୀ ନିୟୋଜିତ ଥିଲେ। ସେମାନଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ଲକ୍ଷ ଲକ୍ଷ ଉପଭୋକ୍ତା ଘରେ ବିଦ୍ୟୁତ୍ ପହଞ୍ଚିଥିଲା। ପର୍ଯ୍ୟାୟ କ୍ରମେ ପ୍ରାୟ ବାହାର ରାଜ୍ୟର କର୍ମଚାରୀ ନିଜ ନିଜ ରାଜ୍ୟକୁ ଫେରିଛନ୍ତି। ବର୍ତ୍ତମାନ ଯେଭଳି ବିଦ୍ୟୁତ୍‌ର ଲୁଚକାଳି ଖେଳ ଚାଲିଛି ସେଥିରୁ ସ୍ଥାନୀୟ ବିଦ୍ୟୁତ୍ ଡିଭିଜନର କର୍ମଚାରୀ ଓ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ପଦାରେ ପଡ଼ିଥିବା ନିମାପଡ଼ାର ହରିହର ସାହୁ, ବିଜୟ ବେହେରା, ସଚ୍ଚିଦାନନ୍ଦ ବେହେରା ଓ ଅଛୁଣିଆପାଟଣାର ରମେଶ ସାହୁ କହିଛନ୍ତି। ବାହାର ରାଜ୍ୟର କର୍ମଚାରୀମାନେ କଠିନ ପରିଶ୍ରମ କରି ପ୍ରଚଣ୍ଡ ଖରାରେ ଖୁଣ୍ଟରେ ଚଢ଼ି କାର୍ଯ୍ୟ କରିବା ଯୋଗୁ ଆମେ ବିଦ୍ୟୁତ୍ ପାଇପାରିଲୁ। ପରବର୍ତ୍ତୀ ଅନ୍ୟାନ୍ୟ କାର୍ଯ୍ୟ କରିବାରେ ଆମ ଅଞ୍ଚଳର କର୍ମଚାରୀ ସକ୍ଷମ ହୋଇପାରୁ ନ ଥିବାରୁ ବିଦ୍ୟୁତ୍ ଯନ୍ତ୍ରଣାର ଅନ୍ତ ଘଟୁନି ବୋଲି କହିଛନ୍ତି ଅଳନ୍ଧା ଗ୍ରାମର ରାମଚନ୍ଦ୍ର ସାହୁ, ଅଶୋକ ବରାଳ, ନିମାପଡ଼ାର ଗୌରାଙ୍ଗ ସାହୁ, ଗୋପୀନାଥ ପାଟଣାର ଗୋବିନ୍ଦ ସାହୁ, ଦୀପିରେଣ୍ଟାର ଫୀକର ପରିଡ଼ା ଓ ଶ୍ୟାମସୁନ୍ଦରପୁରର ତୋଫାନ ସେଠୀ।

ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପ୍ରତ୍ୟୁଷ ମିଶ୍ର କହିଛନ୍ତି ଯେ, ଜୁଲାଇ ପ୍ରଥମ ସପ୍ତାହ ସୁଦ୍ଧା ନିମାପଡ଼ା ବିଦ୍ୟୁତ୍ ଡିଭିଜନର ଶତ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ରଥଯାତ୍ରା ପୂର୍ବରୁ ବାହାର ରାଜ୍ୟର ପ୍ରାୟ କର୍ମଚାରୀ ଫେରିଯାଇଛନ୍ତି। ମାତ୍ର ୨୦/୨୫ ଜଣ ବାହାର ରାଜ୍ୟର କର୍ମଚାରୀ କେତେକ ଗୁରୁତ୍ୱପୂର୍ଣ୍ଣ ମରାମତି କାର୍ଯ୍ୟରେ ନିୟୋଜିତ ଅଛନ୍ତି।

ବାରମ୍ବାର ବିଦ୍ୟୁତ୍ କଟିବା ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଡି. ଜୟ କୁମାର କହିଛନ୍ତି ଯେ, କେତେକ ଅଞ୍ଚଳରେ ଉଚ୍ଚକ୍ଷମତା ସମ୍ପନ୍ନ ନୂତନ ଟ୍ରାନ୍ସମିଟର ବସାଯାଉଥିବାରୁ ଏବଂ ନୂଆ ତାର ସଂଯୋଗ କରାଯାଉଥିବାରୁ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଛି। ଖୁବ୍‌ଶୀଘ୍ର ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

ଏଚ୍ଆଇଭି ସଂକ୍ରମିତ ନାବାଳିକାଙ୍କୁ ଯୌନ ନିର୍ଯାତନା ଘଟଣା

## ଆଶ୍ରୟ ଗୃହ ନିର୍ଦ୍ଦେଶକ ଗିରଫ

ଭବାନୀପାଟଣା,୨୨।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଥିବା ଆଶ୍ରୟ ଗୃହ ପ୍ରୟାସଠାରେ ବଲାଙ୍ଗୀରର ଜଣେ ଏଚ୍ଆଇଭି ସଂକ୍ରମିତ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ସୋମବାର ଭବାନୀପାଟଣା ଟାଉନ୍ ଥାନା ପୋଲିସ ଉଭୟ ପୀଡ଼ିତା ଓ ତାଙ୍କ ମା’ଙ୍କ ଅଭିଯୋଗକୁ ଭିତ୍ତିକରି ପ୍ରୟାସ ସଂସ୍ଥାର ନିର୍ଦ୍ଦେଶକ ସରୋଜ ଦାଶଙ୍କୁ ଗିରଫ କରିଛି। ତାଙ୍କୁ ଘଟଣା ସମ୍ପର୍କରେ ପୋଲିସ ଅଧିକ ପଚରାଉଚରା ଜାରି ରଖିଛି। ରବିବାର ରାତି ପ୍ରାୟ ୯ଟାରେ କଳାହାଣ୍ଡି ଶିଶୁ ମଙ୍ଗଳ ସମିତି ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ୩୭୬(୨)(ଏନ୍)(୩) ଆଇପିସି ଓ ପୋକ୍‌ସୋ ଆଇନର ଦଫା ୬ରେ ଏକ ମାମଲା (ନଂ. ୧୬୦/୧୯) ରୁଜୁ ହୋଇଛି। ଏହି ମାମଲାର ଚୂଡ଼ାନ୍ତ ଫଇସଲା ନ ହେବା ଯାଏଁ ପ୍ରୟାସ ଶିଶୁ ଯତ୍ନ କେନ୍ଦ୍ରକୁ ବନ୍ଦ କରିବା ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିଶୁ ମଙ୍ଗଳ ସମିତି କଳାହାଣ୍ଡି ପକ୍ଷରୁ ଭିଜନ ସଂସ୍ଥା ଦ୍ୱାରା ପରିଚାଳିତ ଶିଶୁ ଯତ୍ନକେନ୍ଦ୍ର ପ୍ରୟାସରେ ଥିବା ୪ବାଳକ ଓ ୫ଜଣ ବାଳିକାଙ୍କୁ ଉଦ୍ଧାର କରି ଭବାନୀପାଟଣାଠାରେ ଥିବା ମୁକ୍ତ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି।




ହାଇକୋର୍ଟରୁ ମିଳିଲା ସର୍ତ୍ତମୂଳକ ଜାମିନ

# ଜେଲରୁ ମୁକୁଳିବେ ସାରଥି

କଟକ ଅଫିସ,୨୨।୭

କେନ୍ଦ୍ରାପଡ଼ା ଜିଲା ବାରିମୂଳ ଆଶ୍ରମର ପ୍ରତିଷ୍ଠାତା ସାରଥି ଓରଫ ସନ୍ତୋଷ ରାଉଳ ଜେଲ୍‌ରୁ ମୁକୁଳିବେ। ସାରଥିଙ୍କୁ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ହାଇକୋର୍ଟ ଜାମିନ ବଳରେ ସାରଥି ଜେଲ୍‌ରୁ ମୁକୁଳିବା ସ୍ପଷ୍ଟ ହୋଇଛି। ସାରଥିଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍‌ର ଦଫା ୪୨୦ ଲାଗିଥିଲାବେଳେ ଏଥିରେ ସର୍ବାଧିକ ୭ବର୍ଷ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏ କ୍ଷେତ୍ରରେ ସାରଥି ସାଢ଼େ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଜେଲ୍‌ରେ ବିତାଇ ସାରିଲେଣି। ତେଣୁ ତାଙ୍କୁ ଏହି ମାମଲାରେ ଜାମିନ ପ୍ରଦାନ କରାଗଲା ବୋଲି ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ତେବେ ସାରଥିଙ୍କୁ ଜାମିନ ପ୍ରଦାନ କ୍ଷେତ୍ରରେ ହାଇକୋର୍ଟ କେତେକ ସର୍ତ୍ତ ଲାଗୁ କରିଛନ୍ତି। ସର୍ତ୍ତାରୋପ ଅନୁଯାୟୀ, ୨ଲକ୍ଷ ଟଙ୍କା ଏବଂ ଦୁଇଜଣ ଜାମିନଦାରଙ୍କ ବଦଳରେ ସେ ଜାମିନରେ ଯାଇପାରିବେ। ପୀଡିତା କିମ୍ବା ଏହି ମାମଲାର ସାକ୍ଷୀଙ୍କ ସହିତ ସେ କୌଣସି ଯୋଗାଯୋଗ କରିବେ ନାହିଁ। ତାଙ୍କ ବିରୋଧରେ ଥିବା ପ୍ରମାଣକୁ ନଷ୍ଟ କରିବେ ନାହିଁ। ସାରଥିଙ୍କ ବିରୋଧରେ ଥିବା ପ୍ରତ୍ୟେକ ମାମଲାରେ ସେ ନିମ୍ନ ଅଦାଲତରେ ହାଜର ହେବେ ବୋଲି ହାଇକୋର୍ଟ ଜାମିନ ଦେବା ସମୟରେ ସର୍ତ୍ତ ରଖିଛନ୍ତି। ଜାମିନରେ ଥିବା ସମୟରେ ସାକ୍ଷୀମାନଙ୍କୁ ପ୍ରଭାବିତ ନ କରିବାକୁ ଅଦାଲତ ସର୍ତ୍ତ ରଖିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ମାନସ ଚାନ୍ଦ ମାମଲା ପରିଚାଳନା କରୁଥିଲେ।

ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ ମାମଲା

# ଖାରଜ କଲେ ହାଇକୋର୍ଟ

କଟକ ଅଫିସ,୨୨।୭

ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲା ଖାରଜ ହୋଇଛି। ଉକ୍ତ ମାମଲାକୁ ବେଆଇନ ଦର୍ଶାଇ ଅଦାଲତ ଖାରଜ କରିଛନ୍ତି। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ମାମଲା ରୁଜୁ କରାଯିବ ବୋଲି ଆଡଭୋକେଟ ଅଶ୍ୱିନୀ କୁମାର ଦାସ କହିଛନ୍ତି। ପ୍ରକାଶଥାଉ କି, ସମୁଦାୟ ପୋଲିଂଠାରୁ ଅଧିକ ଭୋଟ ଇଭିଏମ୍‌ରୁ ବାହାରିଛି। ଏହାକୁ ଚ୍ୟାଲେଞ୍ଜ କରି ସୁବ୍ରତ କୁମାର ଛାଟୋଇ ନାମକ ବ୍ୟକ୍ତି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଛାଟୋଇ ଦର୍ଶାଇଥିଲେ, କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରରେ ୧ ଲକ୍ଷ ୮୨ହଜାର ୪୧୪ ଜଣ ଭୋଟର ମତଦାନ କରିଥିବା ବେଳେ ଇଭିଏମ୍‌ରୁ ୧ ଲକ୍ଷ ୯୧ହଜାର ୯୯ ଭୋଟ ବାହାରିଥିଲା। ତେଣୁ କିଭଳି ଭାବେ ସମୁଦାୟ ମତଦାନଠାରୁ ଇଭିଏମ୍‌ରୁ ଅଧିକ ଚିରକୁଟି ବାହାରିଲା ତାହାର ତଦନ୍ତ ଦାବି କରି ଛାଟୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଛାଟୋଇ ଦର୍ଶାଇଥିଲେ, ଏହାର ତଦନ୍ତ ସିବିଆଇ ଦ୍ୱାରା କରାଯାଉ। କିନ୍ତୁ ଛାଟୋଇଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ଖାରଜ କରିବା ସମୟରେ ହାଇକୋର୍ଟ କହିଥିଲେ, ଛାଟୋଇଙ୍କ ଆବେଦନକୁ ନିର୍ବାଚନୀ ମାମଲା ଭାବେ ଗ୍ରହଣ କରାଯାଉ। କିନ୍ତୁ ଛାଟୋଇଙ୍କ ଓକିଲ ଆଡଭୋକେଟ ଅଶ୍ୱିନୀ ଦାସ ଏହାକୁ ବିରୋଧ କରିଥିଲେ। ଏହା ନିର୍ବାଚନୀ ମାମଲା ନୁହେଁ ବରଂ ଏହା ଗଣତନ୍ତ୍ର ପ୍ରତି ଏକ ଶକ୍ତ ଷଡ଼ଯନ୍ତ୍ର ବୋଲି ଆଡଭୋକେଟ ଦାସ ଯୁକ୍ତି ବାଢ଼ିଥିଲେ। କିନ୍ତୁ ହାଇକୋର୍ଟ ଆଡଭୋକେଟ ଦାସଙ୍କ ଯୁକ୍ତିକୁ ଗ୍ରହଣ କରି ନ ଥିଲେ। ଫଳରେ ଏହାକୁ ନେଇ ଆବେଦନକାରୀ ଛାଟୋଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ତାଙ୍କ ଓକିଲ ଆଡଭୋକେଟ ଦାସ କହିଛନ୍ତି।

ଏସ୍‌ସିବି ମେଡିକାଲ

# ୭ମାସରେ ଆସିଲେଣି ୨୮ ଜିଲାର ଡେଙ୍ଗୁ ରୋଗୀ

- ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ମନିଟରିଂ ସେଲ୍ ରଖିବାକୁ ପରାମର୍ଶ
- ଛାତ୍ରୀଛାତ୍ରମାନଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରାଯିବ

କଟକ ଅଫିସ,୨୨।୭

ଏସ୍‌ସିବି ମେଡିକାଲକୁ ଗତ ଜାନୁୟାରୀରୁ ଜୁଲାଇ ୨୨ ମଧ୍ୟରେ ୨୮ଟି ଜିଲାରୁ ଡେଙ୍ଗୁ ରୋଗୀ ଚିକିତ୍ସା ନିମନ୍ତେ ଆସିଛନ୍ତି। ଏହି ସମୟ ମଧ୍ୟରେ ମୋଟ୍ ୨୯୦୭ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୯୯ ଜଣଙ୍କ ରକ୍ତ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ଚିହ୍ନଟ ରୋଗୀଙ୍କ ମଧ୍ୟରେ ଭଦ୍ରକରୁ ସର୍ବାଧିକ ୨୧ ଜଣ ଥିବାବେଳେ ଯାଜପୁର, କଟକ, ଜଗତ୍‌ସିଂହପୁରରୁ ୧୮ ଜଣ ଲେଖାଏ ପଜିଟିଭ ରୋଗୀ ରହିଛନ୍ତି। ସେହିପରି ବାଲେଶ୍ୱରରୁ ୧୩ ଜଣ ପଜିଟିଭ ରୋଗୀ ଥିବାବେଳେ ବାକି ଜିଲାଗୁଡ଼ିକରୁ ୨ରୁ ୫ ଜଣ ମଧ୍ୟରେ ରୋଗୀ ରହିଛନ୍ତି। ରାଜ୍ୟର ମାଲକାନଗିରି ଓ ନବରଙ୍ଗପୁରକୁ ଛାଡ଼ିଦେଲେ ବାକି ସମସ୍ତ ଜିଲାରୁ ଏସ୍‌ସିବି ମେଡିକାଲକୁ ଡେଙ୍ଗୁ ରୋଗୀ ଆସିଥିବା ସହକାରୀ ଡେଙ୍ଗୁ ନୋଡାଲ ଅଫିସର ଡା. ଶ୍ରୀପ୍ରସାଦ ମହାନ୍ତି କହିଛନ୍ତି। ତେବେ ଜୁଲାଇରୁ ରୋଗୀସଂଖ୍ୟା ବଢ଼ିବାରେ ଲାଗିଛି। ମୋଟାମୋଟି ଭାବେ କଟକ ଜିଲା ଓ ସହର ଡେଙ୍ଗୁ ପ୍ରବଣ ଭାବେ ଜଣାଶୁଣା। ପ୍ରତିବର୍ଷ କଟକ ସହରରେ ଡେଙ୍ଗୁ ଉଗ୍ରରୂପ ଧାରଣ କରିଥାଏ। ଚଳିତବର୍ଷ ଜିଲାରେ ଡେଙ୍ଗୁ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ପ୍ରଶାସନ ଅଣ୍ଟା ଭିଡ଼ିଛି। ସହରରେ ଥିବା ସମସ୍ତ ଶିଳ୍ପସଂସ୍ଥାଗୁଡ଼ିକର ପାରିପାର୍ଶ୍ୱିକ ପରିବେଶ ସଫା ନ ରହୁଥିବାରୁ ଡେଙ୍ଗୁଜ୍ୱର ଦେଖାଦେଇଛି। ଏଡିସ୍ ମଶା ଏହି ଜ୍ୱରର କାରଣ। ଶିଳ୍ପାଞ୍ଚଳ ମଧ୍ୟରେ ଏହି ମଶା ବଂଶ ବୃଦ୍ଧିର ଉତ୍ସ ଓ ଅଣ୍ଡାଦାନ ସ୍ଥାନକୁ ସମୂଳେ ନିପାତ କରିବାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଗୁରୁତ୍ୱ ଦେଇଛନ୍ତି। ସେହିପରି ସିଏମ୍‌ସି ପକ୍ଷରୁ ସଫେଇ ଓ ମଶାଧୂଆଁ ସ୍ପ୍ରେ, ମଶାତେଲ ପକାଇବା କାର୍ଯ୍ୟ ଜାରି ରହିଥିବାବେଳେ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟରେ ଏକ ମନିଟରିଂ ସେଲ୍ ରଖିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଆୟୁଷ ଡାକ୍ତରମାନେ ଜିଲାର ବିଭିନ୍ନ ସ୍କୁଲକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ଡେଙ୍ଗୁରୋଗର କାରଣ ଓ ତାହାର ପ୍ରତିକାର ସମ୍ପର୍କରେ ସଚେତନ କରାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓ ବେସରକାରୀ ସ୍ତରର ସମସ୍ତ ସଙ୍ଗଠନ ଏବଂ ଅନୁଷ୍ଠାନ ନିଜ ଅଞ୍ଚଳରେ ଏଡିସ୍ ମଶା ଡିମ୍ବ ଦେଇପାରିବା ସ୍ଥାନଗୁଡ଼ିକୁ ନଷ୍ଟ କରିବା ପାଇଁ ପଦକ୍ଷେପ ନେବା ଜରୁରୀ। ପରିବାର ଓ ଗୋଷ୍ଠୀର ସଦସ୍ୟମାନେ ଘରେ, ସାହିରେ, ଗାଁରେ ତଥା ୱାର୍ଡଗୁଡିକରେ ପରିଷ୍କାର ପାଇଁ ସାମୂହିକ ଉଦ୍ୟମ ଜାରି ରଖିଲେ ଡେଙ୍ଗୁର ପ୍ରତିରୋଧ କରିବା ସମ୍ଭବ ହୋଇପାରିବ ବୋଲି ଜିଲାପାଳ ଚୟନୀ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଆୟେଶା
ପରିବାରବର୍ଗ


ଡ଼ିଡ଼ି
ପରିବାରବର୍ଗ


ସ୍ୱାଗତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୮ ଶ୍ରେଣୀ ପାଇଁ ଲାଗୁ ହେବ ପାସ୍ ଫେଲ୍ ବ୍ୟବସ୍ଥା

- ଏଣିକି ପ୍ରତିବର୍ଷ ବାର୍ଷିକ ପରୀକ୍ଷା
- ୫ମ ଶ୍ରେଣୀରେ ଫେଲ୍ ହେଲେ ଆଉ ଥରେ ପରୀକ୍ଷା ସୁଯୋଗ
- ବର୍ଷରେ ୪ଥର ଅଭିଭାବକ ବୈଠକ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ବ୍ୟବସ୍ଥା ଆସିବାକୁ ଯାଉଛି। ୨୦୦୯ ପୂର୍ବରୁ ଛାତ୍ରୀଛାତ୍ରମାନେ ବାର୍ଷିକ ପରୀକ୍ଷା ଦେଇ ଆସୁଥିଲେ। ପାସ୍ କରିପାରୁ ନ ଥିବା ପିଲାଙ୍କୁ ପୁନର୍ବାର ସେହି ଶ୍ରେଣୀରେ ପାଠ ପଢୁଥିଲେ। ରାଇଟ୍ ଟୁ ଏଜୁକେଶନ ଆକ୍ଟ ଅନୁଯାୟୀ ୨୦୦୯ରୁ ପ୍ରଥମରୁ ୮ମ ଶ୍ରେଣୀ ଯାଏ ବାର୍ଷିକ ପରୀକ୍ଷା ଓ ପାସ୍‌ଫେଲ୍ ବ୍ୟବସ୍ଥା ଉଠାଇ ଦିଆଯାଇଥିଲା। ଏହାଦ୍ୱାରା ପିଲାମାନେ ଶିକ୍ଷା କ୍ଷେତ୍ରରେ ଦୁର୍ବଳ ହେଉଥିବା ଲକ୍ଷ୍ୟ କରାଯିବା ପରେ ରାଜ୍ୟ ସରକାର ଏନେଇ ଗୁରୁତର ଭାବେ ଚିନ୍ତା କରିଛନ୍ତି। ଅନ୍ୟପଟେ ପିଲାମାନଙ୍କ ବାର୍ଷିକ ପରୀକ୍ଷା ସମ୍ପର୍କରେ ନିଷ୍ପତ୍ତି ନେବାକୁ କେନ୍ଦ୍ର ସରକାର ନିକଟରେ ରାଜ୍ୟ ଉପରେ ଛାଡିଦେଇଛନ୍ତି। ଏହାକୁ ଦୃଷ୍ଟିରେ ନିକଟରେ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡିଛି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଏଥର ପ୍ରତିବର୍ଷ ପିଲାମାନେ ପୂର୍ବଭଳି ବାର୍ଷିକ ପରୀକ୍ଷା ଦେବେ। ୪ର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ପାସ୍‌ଫେଲ୍ ବ୍ୟବସ୍ଥା ନାହିଁ। କିନ୍ତୁ ୫ମ ଶ୍ରେଣୀରେ ଫେଲ୍ ହେଲେ ଛାତ୍ରୀଛାତ୍ରମାନେ ଆଉଥରେ ପରୀକ୍ଷା ଦେବେ। ଷଷ୍ଠ ଏବଂ ସପ୍ତମ ଶ୍ରେଣୀର ପିଲାମାନେ ବାର୍ଷିକ ପରୀକ୍ଷା ଦେବେ। ସେମାନଙ୍କ ପାଇଁ ପାସ୍‌ଫେଲ୍ ବ୍ୟବସ୍ଥା ନାହିଁ। ହେଲେ ୮ମ ଶ୍ରେଣୀରେ ଫେଲ୍ ହେଲେ ପିଲାଙ୍କୁ ସେହି ଶ୍ରେଣୀରେ ଆଉଥରେ ପଢ଼ିବାକୁ ପଡିବ ବୋଲି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, ୫ମ ଏବଂ ୮ମ ଶ୍ରେଣୀରେ ବୋର୍ଡ ପରୀକ୍ଷା ହେବା ସାଙ୍ଗକୁ ସବୁ ଶ୍ରେଣୀରେ ବାର୍ଷିକ ପରୀକ୍ଷା କରାଯିବା ନେଇ ବିଚାର କରାଯାଉଛି।

ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସୁଧାର ଆଣିବା ସକାଶେ ଆଉ ଏକ ନୂଆ ବ୍ୟବସ୍ଥା ହୋଇଛି। ୨୦୧୦ରୁ ପ୍ରତ୍ୟେକ ବର୍ଷ ୨ଥର ସ୍କୁଲରେ ଅଭିଭାବକମାନଙ୍କ ବୈଠକ ଲାଗି ସରକାର ନିଷ୍ପତ୍ତି ନେଇଥିଲେ। ପ୍ରଧାନଶିକ୍ଷକଙ୍କ ଜରିଆରେ ଅଭିଭାବକମାନଙ୍କ ବୈଠକ ଡକାଯାଉଥିଲା। ଦୀର୍ଘଦିନ ହେବ ଏହି ବ୍ୟବସ୍ଥା ଚାଲିଥିଲେ ମଧ୍ୟ ଏହାକୁ ଠିକଣା ଢଙ୍ଗରେ କାର୍ଯ୍ୟକାରୀ କରାଯାଉ ନ ଥିବା ଜଣାପଡିବା ପରେ ବିଭାଗ ପକ୍ଷରୁ ଏଥିରେ ପରିବର୍ତ୍ତନ ଆଣିବାକୁ ନିଷ୍ପତ୍ତି ହୋଇଛି। ମନ୍ତ୍ରୀଙ୍କ ସୂଚନା ମୁତାବକ, ଏଣିକି ବର୍ଷକୁ ୪ଥର ଅଭିଭାବକମାନଙ୍କ ବୈଠକ ପାଇଁ ନିଷ୍ପତ୍ତି ନିଆଯାଇଛି। ଯଦି ଏଥିରେ ଖିଲାପ କରାଯାଏ ତେବେ ଅଭିଭାବକମାନଙ୍କ ସଭାପତି ଥିବା ବ୍ୟକ୍ତିଙ୍କୁ ଦାୟିତ୍ୱରୁ ମୁକ୍ତ କରାଯିବ।

# ମୋ ସ୍କୁଲ ଯୋଜନାରେ ଆଉ ୫୦୮ ବିଦ୍ୟାଳୟ ସାମିଲ

- ଖର୍ଚ୍ଚ ହେବ ୫କୋଟି ୮୨ଲକ୍ଷ ଟଙ୍କା
- ଅକ୍ଟୋବର ସୁଦ୍ଧା ୧ହଜାର ସ୍କୁଲ ପାଠାଗାରକୁ କ୍ରିୟାଶୀଳ କରାଯିବ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ ଗୋଷ୍ଠୀ-ସମ୍ପୃକ୍ତ ଶିକ୍ଷା କାର୍ଯ୍ୟକ୍ରମ 'ମୋ ସ୍କୁଲ' ଯୋଜନାରେ ୧୬ଟି ଜିଲାର ଆଉ ୫୦୮ଟି ବିଦ୍ୟାଳୟକୁ ସାମିଲ କରାଯାଇଛି। ଏହି ଜିଲାଗୁଡ଼ିକ ହେଲା ଅନୁଗୋଳ, ବରଗଡ଼, ବଲାଙ୍ଗୀର, କଟକ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଜଗତସିଂହପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, କଳାହାଣ୍ଡି, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼ ଓ ନବରଙ୍ଗପୁର। ଏସବୁ ଜିଲାରେ ମୋ ସ୍କୁଲ ଯୋଜନାରେ ମୋଟ ୫,୮୨, ୭୬,୫୧୮ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ କରାଯିବ। ଏଥିରୁ ରାଜ୍ୟ ସରକାର ୩,୮୮,୫୧,୦୧୨ ଟଙ୍କା ଅନୁଦାନ ଯୋଗାଇ ଦେଇଥିବା ବେଳେ ଜନସାଧାରଣଙ୍କଠାରୁ ୧,୯୪,୨୫,୫୦୬ ଟଙ୍କା ପାଣ୍ଠି ସଂଗୃହୀତ ହୋଇଛି। ମୋ ସ୍କୁଲ ଯୋଜନାର କାର୍ଯ୍ୟନିର୍ବାହୀ ବୈଠକ ସୋମବାର ଓପେପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଅଧକ୍ଷତା କରିଥିଲେ। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ୧ ହଜାର ସ୍କୁଲ ପାଠାଗାରକୁ କ୍ରିୟାଶୀଳ କରାଯିବା ସହ ପଠନ ପ୍ରୋତ୍ସାହନ କେନ୍ଦ୍ରରେ ପରିଣତ କରାଯିବ। ୫ହଜାର ସ୍କୁଲରେ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ୫-ଟି କାର୍ଯ୍ୟକ୍ରମ କରାଯିବ। ୧୦୦ଟି ଓଡ଼ିଆ ଓ ଇଂଲିଶ ମାଧ୍ୟମ ସ୍କୁଲର ସଫଳ କାହାଣୀ ସଂଗ୍ରହ କରାଯାଇ ସଚେତନତା ସୃଷ୍ଟି କରାଯିବ। ବିଭିନ୍ନ ଯୋଗାଯୋଗ ବ୍ୟବସ୍ଥା ଓ ୱେବ୍ ପୋର୍ଟାଲ ମାଧ୍ୟମରେ ୨ଲକ୍ଷ ପୂର୍ବତନ ଛାତ୍ରୀଛାତ୍ରଙ୍କ ସହ ଯୋଗାଯୋଗ କରାଯିବ। ମୋ ସ୍କୁଲ ଯୋଜନା ରାଜ୍ୟର ସବୁ ହାଇସ୍କୁଲକୁ ସମ୍ପ୍ରସାରଣ କରାଯିବ। ଚଳିତବର୍ଷ ଶେଷ ସୁଦ୍ଧା ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ହାଇସ୍କୁଲକୁ ଏହି ଯୋଜନାରେ ସର୍ବାଗ୍ରେ ସାମିଲ କରାଯିବ। ବିଭିନ୍ନ ସ୍କୁଲକୁ ମଞ୍ଜୁର ହୋଇଥିବା କାର୍ଯ୍ୟ ଅକ୍ଟୋବର ୩୧ସୁଦ୍ଧା ଶେଷ କରାଯିବ। ଅଗଷ୍ଟ ୧୫ ସୁଦ୍ଧା ଏହି ଯୋଜନା ଅଧୀନସ୍ଥ ହାଇସ୍କୁଲଗୁଡ଼ିକୁ ୱେବ୍ ପୋର୍ଟାଲ ସହ ସଂଯୋଗ କରାଯିବାକୁ ପ୍ରସ୍ତାବ ରହିଥିବା ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା ମୋ ସ୍କୁଲ ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି। ଉକ୍ତ ବୈଠକରେ ପ୍ରାଥମିକ ଶିକ୍ଷା, ଏସ୍‌ସିଇଆର୍‌ଟି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମୋ ସ୍କୁଲ ଯୋଜନାର ସ୍ୱତନ୍ତ୍ର ଅଧିକାରୀ, ମୁଖ୍ୟ ପରିଚାଳନା ଅଧିକାରୀ, ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଏବଂ ଓପେପା ଅର୍ଥ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମୋ ସ୍କୁଲ ଯୋଜନାରେ ଓଡ଼ିଶା ସୋସାଇଟି ଅଫ୍ ଆମେରିକାର ସଦସ୍ୟମାନେ ପୁରୀ ଜିଲାରେ 'ଫନୀ' କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ମରାମତି ପାଇଁ ୨୦ଲକ୍ଷ ଟଙ୍କା ଅନୁଦାନ ଦେବେ ବୋଲି ପତ୍ର ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ରାଜ୍ୟରେ ମହିଳା...

ଏହାପରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସୁର ରାଉତରାୟ ମଧ୍ୟ କହିବାକୁ ଚାହିଁଥିଲେ, ହେଲେ ସୁଯୋଗ ମିଳି ନ ଥିଲା। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ରାଜ୍ୟରେ ନାବାଳିକା ଅପହରଣ ପରି ଅନ୍ୟାନ୍ୟ ଆଇନଶୃଙ୍ଖଳା ପରିସ୍ଥିତି ନେଇ ସରକାରଙ୍କୁ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିରୋଧୀମାନେ ଆଲୋଚନା ପାଇଁ ଅଡ଼ି ବସିଥିଲେ। ଏପରି କି କଂଗ୍ରେସ ଏବଂ ଭାଜପା ସଭ୍ୟ ଗୃହର ମଧ୍ୟଭାଗକୁ ଆସି ସରକାର ବିରୋଧୀ ସ୍ଲୋଗାନ ଦେଇ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବା ପାଇଁ ଚେଷ୍ଟା କରିଥିଲେ। ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇ ଦେଇଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ବାଧହୋଇ ଗୃହକୁ ପ୍ରଥମେ ୧୨ଟା୧୭ରୁ ୧୨ଟା ୩୦ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୩୦ରୁ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଭାଜପା ସଭ୍ୟ ଜୟନାରାୟଣ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ସ୍ଲୋଗାନ ଦେଇଥିଲେ। ଏପରି କି ଭାଜପା ଓ କଂଗ୍ରେସ ସଭ୍ୟ ମିଳିତଭାବେ ସରକାରଙ୍କ ବିରୋଧରେ ହୋହଲ୍ଲା ଜାରି ରଖିଥିଲେ। ଏହାପରେ ବାଚସ୍ପତି ୧୨ଟା ୩୨ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗୃହକୁ ପୁନର୍ବାର ମୁଲତବୀ ଘୋଷଣା କରିଥିଲେ।

ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସମାନ ଅବସ୍ଥା ଜାରି ରହିଥିଲା। ବିରୋଧୀ ସଭ୍ୟମାନେ ହୋହଲ୍ଲା ଜାରି ରଖିଥିଲେ। ଏହା ମଧ୍ୟରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଥିଲେ ଯେ, ଲାଞ୍ଜିଗଡ଼ରେ ମାଓବାଦୀମାନେ ଗୁଳିମାଡ଼ କରିଛନ୍ତି। ନିକଟରେ କେନ୍ଦ୍ରାପଡ଼ାରେ ନିର୍ବାଚନ ସମୟରେ ଗୁଳିକାଣ୍ଡ ହୋଇଥିଲା। ପୁରୀ ଜିଲା ପଟ୍ଟନାୟିକିଆଠାରେ ହତ୍ୟାକାଣ୍ଡ ହେଲା। ଏହାପରେ ବି ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ଥିବା କହିଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ହିଁ କୁହନ୍ତୁ ସେ କେତେ ଖୁସି ବୋଲି ପ୍ରଦୀପ୍ତ ସମାଲୋଚନା କରିଥିଲେ। ଏହା ପରେ ପୁନର୍ବାର ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ୩ଟା ୫ରୁ ୩ଟା ୩୫ ମିନିଟ୍ ଏବଂ ପରେ ୩ଟା ୩୮ରୁ ୪ଟା ୮ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ପରେ ପୁନର୍ବାର ହଟ୍ଟଗୋଳ ହେବାରୁ ୪ଟା ୧୨ରୁ ୫ଟା ୧୨ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସମାନ ପରିସ୍ଥିତି ରହିବାରୁ ଗୃହକୁ ୫ଟା ୧୨ରୁ ୫ଟା ୪୨ ଏବଂ ୫ଟା ୪୨ରୁ ୬ଟା ୧୨ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଗୃହକାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, କଂଗ୍ରେସ ନେତା ନରସିଂହ ମିଶ୍ର, ବିରୋଧୀ ମୁଖ୍ୟ ସଚେତକ ମୋହନ ମାଝି, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ ଆରୁଖ ଏବଂ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଯୋଗଦେବା ନେଇ କୁହାଯାଇଥିଲା। ହେଲେ ସର୍ବଦଳୀୟ ବୈଠକରୁ କୌଣସି ନିଷ୍କର୍ଷ ନ ବାହାରିବାରୁ କଂଗ୍ରେସ ବିଧାୟକ ଦଳ ସନ୍ଧ୍ୟା ୬ଟା ୧୨ ପରେ କକ୍ଷତ୍ୟାଗ କରିଥିଲା। ଏଥିସହିତ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ। ଅପରପକ୍ଷେ ଭାଜପା ପକ୍ଷରୁ ବାଚସ୍ପତିଙ୍କ ପୋଡିୟମ ତଳେ ଧାରଣା ଦିଆଯିବା ସହ ନାରାବାଜି କରାଯାଇଥିଲା।

## ଚନ୍ଦ୍ରୟାନ-୨...

ଅନୁସନ୍ଧାନ ଜାରି ରଖିବ। ପୂର୍ବରୁ କୌଣସି ଦେଶର ସ୍ପେସ୍‌କ୍ରାଫ୍ଟ ଏଠାରେ ପହଞ୍ଚିପାରି ନାହିଁ। ଭାରତର ଏହି ମିଶନ୍ ଚନ୍ଦ୍ର ବିଷୟରେ ନୂଆ ଦିଗ ଉନ୍ମୋଚନ କରିବ ବୋଲି ମୋଦି ଟୁଇଟ୍ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ ଚନ୍ଦ୍ରୟାନ-୨ର ସଫଳ ଉତ୍କ୍ଷେପଣ ପାଇଁ ଇସ୍ରୋ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

ଦେଢ଼ ବର୍ଷ ହେଲା ସାଟେଲାଇଟ୍ ଟିମ୍ କଠିନ ପରିଶ୍ରମ କରି ଚନ୍ଦ୍ରୟାନ-୨ ନିର୍ମାଣରେ ଲାଗିପଡିଥିଲେ। ବର୍ତ୍ତମାନ ବିଶ୍ୱବାସୀ ଏହାର ନିରାପଦ ଅବତରଣ ଅପେକ୍ଷାରେ ଅଛନ୍ତି। ଶ୍ରୀହରିକୋଟା ସ୍ପେସ୍‌ପୋର୍ଟସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟର୍‌ର ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟ୍‌ରେ ଅଗ୍ନି ସଂଯୋଗ ମାତ୍ରେ ଏହା ଉପରକୁ ଉଠିଥିଲା। ୧୬ ମିନିଟ୍ ମଧ୍ୟରେ ଚନ୍ଦ୍ରୟାନ-୨କୁ ପୃଥିବୀର କକ୍ଷପଥରେ ଅବସ୍ଥାନ କରାଯିବା ଦେଶପାଇଁ ଐତିହାସିକ ମୁହୂର୍ତ୍ତ ଆଣିଥିଲା। ତେବେ ସ୍ପେସ୍‌କ୍ରାଫ୍ଟର ସ୍ୱରୂପ ଦେଖିଲେ ଏହା ୩ଟି ଅଂଶକୁ ନେଇ ଗଠିତ। ପ୍ରଥମ ଅଂଶ ଅର୍ବିଟର୍‌ର ଓଜନ ୨,୩୭୯ କିଲୋଗ୍ରାମ ହୋଇଥିବାବେଳେ ଦ୍ୱିତୀୟ ଲ୍ୟାଣ୍ଡର 'ବିକ୍ରମ'ର ଓଜନ ୧୪୭୧ କିଲୋଗ୍ରାମ। ତୃତୀୟଟି ରୋଭର 'ପ୍ରଜ୍ଞା'। ଏହାର ଓଜନ ୨୭କିଲୋଗ୍ରାମ।

ପୂର୍ବରୁ ଜୁଲାଇ ୧୫ ରାତି ୨ଟା ୫୧ରେ ଚନ୍ଦ୍ରୟାନ-୨ ଉତ୍କ୍ଷେପଣ କରାଯିବାର ଥିଲା। କିନ୍ତୁ ଘଣ୍ଟାଏ ପୂର୍ବରୁ ରକେଟ୍‌ରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହେବାରୁ ଉତ୍କ୍ଷେପଣକୁ ସ୍ଥଗିତ ରଖାଯାଇଥିଲା। ତେବେ ଇସ୍ରୋ ଟିମ୍ ଏଥିରେ ଥିବା ତ୍ରୁଟି ସୁଧାରିବା ପରେ ଏହାକୁ ପୁନର୍ବାର ସୋମବାର ଅପରାହ୍ନରେ ଲଞ୍ଚ୍ କରାଯାଇଥିଲା। ଇସ୍ରୋ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଲ୍ୟାଣ୍ଡର ବିକ୍ରମ ସେପ୍ଟେମ୍ବର ୭ରେ ଚନ୍ଦ୍ରପୃଷ୍ଠରେ ନିରାପଦରେ ଅବତରଣ କରିବ।

ଉଲ୍ଲେଖଯୋଗ୍ୟ ଯେ, 'ଲ୍ୟାଣ୍ଡର' ନାମକରଣ ଭାରତୀୟ ମହାକାଶ ବିଜ୍ଞାନୀ ବିକ୍ରମ ସରାଭାଇଙ୍କ ନାମାନୁସାରେ ହୋଇଥିବାବେଳେ 'ରୋଭର' ନାମକରଣ ପ୍ରଜ୍ଞା ସଂସ୍କୃତରେ ଜ୍ଞାନର ଅର୍ଥ ପ୍ରକାଶ କରୁଛି। ସେପ୍ଟେମ୍ବର ୭ରେ ଲ୍ୟାଣ୍ଡର ବିକ୍ରମ ଅର୍ବିଟରଠାରୁ ପୃଥକ୍ ହୋଇ ଚନ୍ଦ୍ରର ଏକ ନିରାପଦ ଓ ବିପଦମୁକ୍ତ ଅଞ୍ଚଳରେ ଅବତରଣ କରିବ। ଚନ୍ଦ୍ରର ଦକ୍ଷିଣମେରୁରେ ୧୦୦କିଲୋମିଟର ଉଚ୍ଚତାରୁ ବିକ୍ରମ ଧୀରେଧୀରେ ଅବତରଣ କରିବା ଆଶା କରାଯାଉଛି। ଏହା ୩ଟି ବୈଜ୍ଞାନିକ ପର୍ଯ୍ୟବେକ୍ଷଣ ଜାରି ରଖିବ। ଏଥିସହିତ ୬ ଚକ ବିଶିଷ୍ଟ ରୋଭର ପ୍ରଜ୍ଞା ଗୋଟିଏ ଚନ୍ଦ୍ରଦିବସ (ପୃଥିବୀର ୧୪ ଦିନ)ରେ ଚନ୍ଦ୍ରପୃଷ୍ଠରେ ଗତିକରି ପର୍ଯ୍ୟବେକ୍ଷଣ କରିବ। ଅର୍ବିଟର ଚନ୍ଦ୍ରର କକ୍ଷପଥରେ ୧ବର୍ଷ ପର୍ଯ୍ୟନ୍ତ ପରିକ୍ରମା କରି ୮ଟି ବୈଜ୍ଞାନିକ ଅନୁସନ୍ଧାନ ଦିଗରେ କାର୍ଯ୍ୟ କରିବ। ଉକ୍ତ ମିଶନ୍ ଚନ୍ଦ୍ରର ଉତ୍ପତ୍ତି ଓ ସେଠାରେ ଜଳ ଓ ଖଣିଜ ସମ୍ପଦ ସହ ଜୀବସତ୍ତା ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାପଗ୍ରହଯୁକ୍ତ ନୀଚାରୋହୀ ଶୁକ୍ରଙ୍କ ପ୍ରଭାବରୁ ଆର୍ଥିକ ଅଭାବ, ଅନଟନ ନ ଥିଲେ କ'ଣ ହେଲା କାମଗୁଡ଼ିକ ସୁବିଧାରେ ହେବନାହିଁ। ଶତ୍ରୁତା କାରଣରୁ ବନ୍ଧୁଙ୍କଠାରୁ ସାହାଯ୍ୟ ପାଇବେ ନାହିଁ। ଦୀର୍ଘଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ। କିନ୍ତୁ କୃତ୍ତିକା ନକ୍ଷତ୍ର ପାଇଁ ବିଶେଷ ଅସୁବିଧା ହେବନାହିଁ ।

**ବୃଷ** ତୃତୀୟଭାବସ୍ଥ ରବି ସହ ମଙ୍ଗଳ ଓ ବୁଧ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ପରିବାରରେ କଳହର ସୂତ୍ରପାତ ହୋଇପାରେ। ତଥାପି ରୋହିଣୀ ନକ୍ଷତ୍ର ସକାଶେ କିୟତ୍ କ୍ଷଣ ପରେ ସମସ୍ତ ଅସୁବିଧା ସମୟାନ୍ତରରେ ଦୂରୀଭୂତ ହୋଇଯିବ। ବନ୍ଧୁଙ୍କଠାରୁ ଆବଶ୍ୟକ ସହଯୋଗ ଅବଶ୍ୟ ପାଇବେ। କର୍ମକ୍ଷେତ୍ରରେ ଥିବା ସମୟ ମଧ୍ୟରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି।

**ମିଥୁନ** ରାଶି ପାଇଁ ଶନି ଓ ଶୁକ୍ରଙ୍କ ପାରସ୍ପରିକ ଦୃଷ୍ଟି ଆପଣଙ୍କ ସକାଶେ ଅପବାଦ ବା ସମାଲୋଚନାର କାରଣ ହୋଇପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ମାତ୍ର କଚେରି ମାମଲା, ପରିବହନ ସମସ୍ୟା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ** ଗ୍ରହ ସ୍ଥିତି ମନ୍ଦ ନ ଥିବା କାରଣରୁ ଆପଣଙ୍କ ଆଜିର ଜୀବନଯାତ୍ରା ହସଖୁସି ମଧ୍ୟରେ ଅତିବାହିତ ହେବ। ମାତ୍ର ପୁଷ୍ୟା ନକ୍ଷତ୍ର ବନ୍ଧୁଙ୍କ ମଧୁର ଓ ସରଳ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଅବଶ୍ୟ କୌଣସି ବିବାଦୀୟ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ ହୋଇପାରିବ।

**ସିଂହ** ଚରରାଶିରେ ରାଶ୍ୟାଧିପତି ଆପଣଙ୍କୁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥିରଭାବରେ ବସାଇଦେଇ ନ ପାରେ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବା ଆଶଙ୍କା ରହିଛି। କିନ୍ତୁ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ବେପରୁଆ ଭାବରେ କାମକରି ମଧ୍ୟ ସାହାଯ୍ୟ ସହଯୋଗ ଲାଭକରି ସମସ୍ୟାମୁକ୍ତ ରହିବେ।

**କନ୍ୟା** ଚନ୍ଦ୍ରଙ୍କ କୋଣଭାବରେ ରହି ବୃହସ୍ପତି ଭାଗ୍ୟ ସ୍ଥାନକୁ ଦେଖୁଥିବାରୁ ଆଜି ଯାହା କରନ୍ତୁନା କାହିଁକି ସଫଳତା ନିଶ୍ଚିତ ପାଇବେ। ମିତ୍ରବନ୍ଧୁମାନେ ଆବଶ୍ୟକ ସମୟରେ ଆଶାଜନକ ସାହାଯ୍ୟ କରିପାରନ୍ତି। ପଡ଼ୋଶୀଙ୍କ ହସ୍ତକ୍ଷେପ ଫଳରେ ପରିବାରରେ ପୁନର୍ବାର ଶାନ୍ତି ଫେରି ଆସିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ନିମନ୍ତ୍ରଣ ପ୍ରାପ୍ତ ହୋଇ ହଠାତ୍ ଦୂରଯାତ୍ରା କରିପାରନ୍ତି।

**ତୁଳା** କର୍ମସ୍ଥାନସ୍ଥ ଗ୍ରହମାନେ ଆପଣଙ୍କୁ କର୍ମସାଫଲ୍ୟ ପ୍ରଦାନ କଲେହେଁ ପରିବାରରେ ମତଭେଦ ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ ଆଜିର କାମଗୁଡ଼ିକ ସମ୍ପନ୍ନହେବା କଷ୍ଟକର ହୋଇପଡ଼ିବ। ସ୍ୱାତୀ ନକ୍ଷତ୍ର ଗୃହ ସମସ୍ୟା ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ବିଛା** ଶନିଙ୍କ ନକ୍ଷତ୍ରରେ ଚନ୍ଦ୍ର ସ୍ଥାନ ପ୍ରଭାବରେ ମାନସିକ ଅସ୍ଥିରତା ସାଙ୍ଗକୁ ଭାବପ୍ରବଣତା ସୃଷ୍ଟି କରିବ। ପାରିବାରିକ ସ୍ତରରେ କିଛି ନ କରି ବୃଥା ଚିନ୍ତାକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସମସ୍ୟାର କାରଣ ହୋଇପଡ଼ିବ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର ସାହିତ୍ୟ,କଳା,ଗବେଷଣା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ଅଷ୍ଟମଭାବସ୍ଥ କର୍ମାଧିପତି ପାପଗ୍ରସ୍ତ କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ କର୍ମ ଓ ଚିନ୍ତାଧାରା ପ୍ରଶ୍ନବାଚୀ ସୃଷ୍ଟି କରିପାରେ। ନିର୍ମାଣ କାମରେ ପ୍ରତିବନ୍ଧକ ରହିଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ଅସୁବିଧା ନାହିଁ।

**ମକର** ରାଶ୍ୟାଧିପତି ନକ୍ଷତ୍ରରେ ଚନ୍ଦ୍ର ଅତୀତ ଚିନ୍ତାକୁ ମନରେ ସ୍ଥାନ ଦେଇ ଅସ୍ଥିରତା ଅନୁଭବ କରିପାରନ୍ତି। ମନ ବିରକ୍ତ ହେତୁ ଆପଣଙ୍କ ବ୍ୟବହାରରେ ବ୍ୟତିକ୍ରମ ପରି ଲକ୍ଷିତ ହୋଇପାରେ। ନିଜ ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବରେ ପରିବର୍ତ୍ତନ ମଧ୍ୟ ଦୁଶ୍ଚିନ୍ତାର କାରଣ ପାଲଟି ଯାଇପାରେ। ମାତ୍ର ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଏହାର ଠିକ୍ ବିପରୀତ ଫଳ ମିଳିପାରେ।

**କୁମ୍ଭ** ରାଶିର ଦ୍ୱିତୀୟସ୍ଥ ଚନ୍ଦ୍ର ଓ ରାଶି ପ୍ରତି ରାଶ୍ୟାଧିପତିଙ୍କ ଦୃଷ୍ଟି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ନିୟନ୍ତ୍ରଣାଧୀନ ରଖିପାରେ। ବନ୍ଧୁମାନଙ୍କ ସାହାଯ୍ୟରୁ ଯୋଜନାବଦ୍ଧ ନୂତନ କର୍ମାରମ୍ଭ ସମସ୍ୟାମୁକ୍ତ ରହିବ। ଯାନବାହନ, ସଭାସମିତି ଓ ପାରିବାରିକ ସ୍ଥିତି ମନ୍ଦ ହେବନି। ପୂର୍ବଭାଦ୍ରପଦ୍ ନକ୍ଷତ୍ର ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ି ଚାଲିଲେ ଅବଶ୍ୟ ଉପକୃତ ହୋଇପାରିବେ।

**ମୀନ** ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲରେ ଅତିବାହିତ ହେବ। ଯାହା ଆଶା କରୁଛନ୍ତି ତାହା ପାଇବେ ଏବଂ ବନ୍ଧୁବତ୍ସଳ ହେବେ। କିନ୍ତୁ ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ କାମ କରିଚାଲିଲେ ହିଁ ସୁଫଳ ମିଳିବ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ଷଷ୍ଠୀ ମଙ୍ଗଳବାର, ଜୁଲାଇ ୨୩ ତାରିଖ, ରାଶି ନକ୍ଷତ୍ର- ଦିବା ଘ୨ ।୧୫ମି. ଗତେ, ରେବତୀ/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଧନୁ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର। ଦିବା ଘ୮ ।୨୮ମି. ଗତେ, ଘ୧୦ ।୦୮ମି. ମଧ୍ୟେ ଘ୧୧ ।୪୭ମି. ଗତେ ଘ୧ ।୨୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୮ମି. ଗତେ ଘ୧୧ ।୪୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩ ।୦୮ମି. ଗତେ ଘ୪ ।୪୬ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302



SALE

House for sale at Gothapatna 70,00,000/-, 16000sqft. land and 3200sqft. plot sale, sqft. 1400/- Gothapatna Mainroad, Bhubaneswar. 7735768268. D-66743

SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 9090556060. D-66731

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968. D-66738

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66729

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/ registration. 9937032327, 9583328312. D-66730

ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591. D-66732

2BHK simplex 15,00,000/- finishing Hanspal Bank finance available. 7381578650, 7377605498. D-67019

SUM hospital ନିକଟରେ ଏବଂ Tamando ବଜାର Infocity-2 ପାଖରେ plot ମିଳୁଅଛି। 9439864322. D-66715

Bhubaneswar Mount Literazee School ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ। 9438859527. D-66740

Bhubaneswar Pitapalliର BDA plot sqft. 549/-ରେ ମିଳୁଅଛି। 9090963952, 9937605788. D-66737

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଢାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି। 9439857581. D-66733

2BHK, 3BHK ready to move flats at Hitech Heaven project near Gudiapokhari chowk, Bhubaneswar. 9040307584, 9437192512. D-13518

Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622. D-66736

Prime property at Khandagiri (Land & building) 2 storied with underground cost Rs. 1.75 crore (Negotiable) phone: 9338579645. D-64988

Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363. D-66932

2400sqft. BDA plot for sale at K9/A Patrapada. Contact: 8114860043. D-64991

34 Gunth commercial plot sale between Bhubaneswar-Khurda NH-5, gunth- 7.50 lac, frontage- 80ft.. Contact: 9439101373, 7750068828. D-13539

Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267. D-67318

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




300 sqft. commercial space available at Gautam Nagar, Bhubaneswar near BMC for Doctor consultancy chamber. 9937203178. D-62194

2BHK house at Bapuji Nagar, Bhubaneswar for office, chamber, consultancy. Contact: 9437347177. D-62193




Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Ayurvedic full body massage ladies/gents smart experts therapist. 9114697517. D-66929

Herbal full body massage by smart/expert therapist. Contact: 8338067247. D-67315

Newly opening Ayurvedic body massage smart therapist, Shree herbal, 775 0020754. D-67317

Kajal ayurvedic massage club fully relaxed by smart lady, home service available. 9937637219. D-66930

Physiotherapy full body massage by trained ladies / gents therapist: 7008773793. D-67018

Ayurvedic full body massage ladies & gents smart therapist. 9040900385. D-66931



'ଚନ୍ଦ୍ରୟାନ-୨'ର ସଫଳତା ପରେ ଇସ୍ରୋ ପକ୍ଷରୁ ୨୦୨୦ର ପ୍ରଥମ ଭାଗରେ 'ସନ୍ ମିଶନ' ଆରମ୍ଭ କରାଯିବ। ଇସ୍ରୋର ସୌର ମିଶନ 'ଆଦିତ୍ୟ-ଏଲ୍୧' ହଜାର ହଜାର କିମି ଦୂରରେ ଥିବା ସୂର୍ଯ୍ୟର ପ୍ରଭାମଣ୍ଡଳ ଓ ତାରାଗୁଡ଼ିକର ବାହାର ସ୍ତର ନିରୀକ୍ଷଣ କରିବ। କିଭଳି ପ୍ରଭାମଣ୍ଡଳ ଏତେ ମାତ୍ରାରେ ଉତ୍ତପ୍ତ ହେଉଛି, ସେ ସମ୍ପର୍କରେ ଅନୁଧ୍ୟାନ କରିବ। କାରଣ ପାଣିପାଗ ପରିବର୍ତ୍ତନରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ କହିଛନ୍ତି।



## ଜିଲା ଚିଠି ମାଲକାନଗିରି

# ଜଙ୍ଗଲ ସୁରକ୍ଷା ପ୍ରହସନ

ଦେଶରେ ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ଜଙ୍ଗଲ ଅଞ୍ଚଳର ପରିସୀମା ଦିନକୁ ଦିନ କମିବାରେ ଲାଗିଛି। ତେବେ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କରିବା ସହିତ ଏ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ରୁ ୭ ତାରଖ ମଧ୍ୟରେ ସରକାରୀ ଓ ବେସରକାରୀ ସ୍ତରରେ ବନ ମହୋତ୍ସବ ପାଳନ କରାଯାଉଛି। ଏଥିରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଏବଂ ଅନୁଷ୍ଠାନ ସାମିଲ ହେଉଛନ୍ତି। ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇ ଲୋକଙ୍କୁ ସଚେତନ କରାଯାଉଛି। ଚଳିତବର୍ଷ ରାଜ୍ୟରେ ୪ କୋଟିରୁ ଊର୍ଦ୍ଧ୍ୱ ଚାରା ରୋପଣ ପାଇଁ ଯୋଜନା ରହିଛି। ସପ୍ତାହ ସାରା ସଭାସମିତି, ଶୋଭାଯାତ୍ରା ଅନୁଷ୍ଠିତ ହୋଇ ବୃ କ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଉଛି। ଅତିଥିମାନେ ପରିବେଶ ସୁରକ୍ଷା ନେଇ ଚିନ୍ତାବ୍ୟକ୍ତ କରୁଛନ୍ତି। ମାତ୍ର ସପ୍ତାହେ ପରେ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷାକୁ ସମସ୍ତେ ଭୁଲିଯାଇ ପରୋକ୍ଷରେ ଜଙ୍ଗଲ ନଷ୍ଟ କରିଥାନ୍ତି। ମାଲକାନଗିରି ଜିଲାରେ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନଭୋଜନ ରୋଷେଇ କାଠକୁ ଜାଳେଣି ଭାବେ ବ୍ୟବହାର କରାଯିବା ଏହାର ଜ୍ୱଳନ୍ତ ଉଦାହରଣ। ଜିଲାରେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ସଂଖ୍ୟା ହେଉଛି ୧୨୬୦। ଏହି ଶିକ୍ଷାନୁଷ୍ଠାନଗୁଡିକରେ ୧ ଲକ୍ଷ ୧୬ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୪ ହଜାର ୩୪୮ ଛାତ୍ରୀଛାତ୍ର ଅଛନ୍ତି। ସେମାନଙ୍କ ପାଇଁ ପ୍ରତି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ୯୦ ପ୍ରତିଶତ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ପାଇଁ ଜାଳେଣି କାଠ ବ୍ୟବହାର କରନ୍ତି। ଜିଲାରେ ବନ ନିଗମର ଜାଳେଣି କାଠ ବିକ୍ରୟ କେନ୍ଦ୍ର କେବଳ ମାଥିଲିଠାରେ ରହିଛି। ଅନ୍ୟ କେଉଁଠାରେ ମଧ୍ୟ ଜାଳେଣି କାଠ ବିକ୍ରୟକେନ୍ଦ୍ର ନାହିଁ। କୌଣସି ବେସରକାରୀ ସଂସ୍ଥା ମଧ୍ୟ ଜାଳେଣି କାଠ ବିକ୍ରୟ କେନ୍ଦ୍ର ଖୋଲିନାହାନ୍ତି। ମାଥିଲିଠାରେ ଥିବା ନିଗମର କାଠ ବିକ୍ରୟ କେନ୍ଦ୍ରରୁ ମାଲକାନଗିରି ଜିଲା ଜେଲକୁ କାଠ ଯୋଗାଣ ହେଉଛି। ବଳକା କାଠ ଟ୍ରକ ଯୋଗେ ଜିଲା ବାହାରକୁ ବିକ୍ରୟ ପାଇଁ ପଠାଯାଉଛି। ଏପରିସ୍ଥଳେ ଜିଲାର ବିଦ୍ୟାଳୟଗୁଡିକ ସ୍ଥାନୀୟ ଅଞ୍ଚଳର ଜଙ୍ଗଲରୁ ଚୋରା କାଠ ଖରିଦ କରି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସହ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଦୁଇବେଳା ଖାଦ୍ୟ ରନ୍ଧାରେ ବ୍ୟବହାର କରିଥାନ୍ତି। ଏତଦ୍ବ୍ୟତୀତ ମାଲକାନଗିରି ଜିଲା ମାଓବାଦୀ ଉପଦ୍ରୁତ ଅଞ୍ଚଳ ହୋଇଥିବାରୁ ଜିଲାର ୨୬ଟି ସ୍ଥାନରେ ସୀମା ସୁରକ୍ଷା ବାହିନୀର କ୍ୟାମ୍ପ ରହିଛି। ଅଧିକାଂଶ କ୍ୟାମ୍ପରେ ଜାଳେଣି କାଠ ବ୍ୟବହାର ହୋଇ ଖାଦ୍ୟ ପ୍ରସ୍ତୁତ ହେଉଛି। ଏଥିପାଇଁ ଆବଶ୍ୟକ ପରିମାଣର କାଠ ଜିଲାର ବିଭିନ୍ନ ଜଙ୍ଗଲରୁ ସଂଗ୍ରହ କରି ସ୍ଥାନୀୟ ଲୋକେ ବିକ୍ରି କରୁଛନ୍ତି। ମଧ୍ୟାହ୍ନଭୋଜନ ଓ ଆବାସିକ ବିଦ୍ୟାଳୟରେ ରୋଷେଇ ପାଇଁ ଆବଶ୍ୟକ ଜାଳେଣି କ୍ରୟ ଲାଗି ସରକାର ଅର୍ଥ ଦେଉଥିଲେ ମଧ୍ୟ ରନ୍ଧନ ଗ୍ୟାସ ବ୍ୟବହାର କରାଯାଉ ନାହିଁ। ଜିଲାରେ ଶିକ୍ଷା ବିଭାଗ ଅଧିକାରୀ ଏବଂ ବନ ବିଭାଗ ଏହା ଜାଣିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି। ଯଦି ଜାଳେଣି କାଠ ପାଇଁ ଏପରି ଜଙ୍ଗଲ କଟା ଅବ୍ୟାହତ ରହେ ତେବେ ଆଗାମୀ ଦିନରେ ଜିଲା ଜଙ୍ଗଲ ଶୂନ୍ୟ ହୋଇଯିବ ଏଥିରେ ସନ୍ଦେହ ନାହିଁ।

– ଦୁର୍ଯ୍ୟୋଧନ ପାତ୍ର

# ଚିନ୍ତା ବଢ଼ାଇଲାଣି ସ୍ୱଳ୍ପ ବୃଷ୍ଟି



- ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୯ ପ୍ରତିଶତ କମ୍ ବର୍ଷା
- ଜଳଭଣ୍ଡାର ସ୍ଥିତି ଶୋଚନୀୟ
- ହୀରାକୁଦରୁ ବିଦ୍ୟୁତ ଉତ୍ପାଦନ କମାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ରାଜ୍ୟରେ ମରୁଡ଼ି ପରିସ୍ଥିତି ଉପୁଜିଲାଣି। ବର୍ଷା ଅଭାବରୁ ଅନେକ ସ୍ଥାନରେ ଚାଷ ଉଜୁଡ଼ି ଗଲାଣି। ଅନେକ ଅଞ୍ଚଳରେ ଗଜା ମରୁଡ଼ିର ଆଶଙ୍କା ମଧ୍ୟ ଦେଖାଦେଲାଣି। ବର୍ଷା ଚିନ୍ତାରେ ଚାଷୀ ରହିଥିବାବେଳେ ଆସନ୍ତା ଦୁଇଦିନ ମଧ୍ୟରେ ଭଲ ବର୍ଷା ହେବାର ସମ୍ଭାବନା ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଏକ ଲଘୁଚାପ ବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାରେ ଦୁର୍ବଳ ରହିଥିବା ମୌସୁମୀ ପୁଣି ଥରେ ସକ୍ରିୟ ହେବ। ୨୫ତାରିଖଠାରୁ ଉପକୂଳ ସମେତ ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ବର୍ଷା ପରିମାଣ ବଢ଼ିବା ସହ ଗୋଟିଏ ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ଦୁଇଦିନ ବର୍ଷା ନାହିଁ। କାଳବୈଶାଖୀ ପ୍ରଭାବରେ ୨୩ ତାରିଖରେ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ହାଲୁକା ବର୍ଷା ହୋଇପାରେ। ୨୪ ତାରିଖରେ ମଧ୍ୟ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୨୫ ତାରିଖରୁ ଓଡ଼ିଶାରେ ପାଣିପାଗରେ ପରିବର୍ତ୍ତନ ଦେଖିବାକୁ ମିଳିବ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସ୍ୱାଭାବିକଠାରୁ ୨୯ ପ୍ରତିଶତ କମ୍ ବର୍ଷା ହୋଇଛି। ଅଗଷ୍ଟ ଶେଷ ସୁଦ୍ଧା କମ୍ ବର୍ଷାର ଭରଣା ହେବାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ କହିଛି। ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ତାତି ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଜନସାଧାରଣଙ୍କୁ କଲବଲ କରୁଛି। ଖରାଦିନ ଭଳି ବର୍ତ୍ତମାନ ତାତି ଅସମ୍ଭାଳ ହୋଇପଡୁଛି। ସକାଳ ୯ଟା ପରେ ଖରା ଏମିତି ହେଉଛି ଯେ ଲୋକେ ବାହାରକୁ ବାହାରିବାକୁ ବି ଡରୁଛନ୍ତି। ସୋମବାର ରାଜ୍ୟର ଅଧିକାଂଶ ସହରର ତାପମାତ୍ରା ୩୬ଡିଗ୍ରୀ ଉପରେ ରହିଥିଲା।

ସେପଟେ ବର୍ଷା ଅଭାବରୁ ରାଜ୍ୟର ଅଧିକାଂଶ ଜଳଭଣ୍ଡାରରେ ସାଂଘାତିକ ସ୍ଥିତି ଉପୁଜିଛି। ହୀରାକୁଦ ସମେତ ପ୍ରମୁଖ ଜଳଭଣ୍ଡାର ଗୁଡ଼ିକରେ ଧାର୍ଯ୍ୟ କ୍ଷମତାଠାରୁ ଯଥେଷ୍ଟ କମ୍ ପାଣି ରହିଛି। ସ୍ଥିତି ଏମିତି ହୋଇଛି ଯେ, ହୀରାକୁଦ ଏବଂ ଅନ୍ୟ ଡ୍ୟାମ୍‌ରୁ ଜଳ ବିଦ୍ୟୁତ ଉତ୍ପାଦନ କମାଇବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ଶୀଘ୍ର ପର୍ଯ୍ୟାପ୍ତ ପରିମାଣର ବର୍ଷା ନ ହୁଏ, ତେବେ ଶିଳ୍ପ ଓ ଚାଷ ପାଇଁ ପାଣି ଯୋଗାଣ ପ୍ରଭାବିତ ହେବ। ହୀରାକୁଦ ଉପରମୁଣ୍ଡରେ ବର୍ଷା ଅଭାବଜନିତ ସ୍ଥିତି ଅତି ଗମ୍ଭୀର ଥିବାରୁ ଜଳଭଣ୍ଡାରରୁ ଜଳସ୍ତର ହ୍ରାସ ପାଇଛି। ଗତବର୍ଷ ଜୁଲାଇ ୨୦ ତାରିଖରେ ଜଳସ୍ତର ୬୦୭.୨୫ ଫୁଟ୍ ଥିବାବେଳେ ଚଳିତବର୍ଷ ସମାନ ତାରିଖରେ ୫୯୯.୮୩ ଫୁଟ୍ ରହିଛି। ସୋମବାର ଜଳସ୍ତର ଆହୁରି କମି ୫୯୮.୮୫ ଫୁଟ୍‌ରେ ପହଞ୍ଚିଛି। ଏବେ ସେକେଣ୍ଡ ପ୍ରତି ୨୩୦୦ ଘନଫୁଟ ଜଳ ହୀରାକୁଦକୁ ପ୍ରବେଶ କରୁଥିବା ବେଳେ କେନାଲ ଓ ପାୱାର ଚ୍ୟାନେଲ୍ ଦେଇ ସେକେଣ୍ଡ ପ୍ରତି ୧୨ ହଜାର ଘନଫୁଟ ଜଳ ନିଷ୍କାସିତ ହେଉଛି। ଯାହାଦ୍ୱାରା ଜଳସ୍ତର କମିବାରେ ଲାଗିଛି। କେବଳ ହୀରାକୁଦ ନୁହେଁ ବାଲିମେଳା, ରେଙ୍ଗାଲି, ମାଛକୁଣ୍ଡ ଆଦି ଜଳଭଣ୍ଡାରରେ ମଧ୍ୟ ଗତବର୍ଷ ତୁଳନାରେ ଜଳସ୍ତର କମିଛି। ସେହିପରି ଇନ୍ଦ୍ରାବତୀ ଜଳଭଣ୍ଡାରରେ ଗତବର୍ଷ ଜଳସ୍ତର ୬୩୩.୦୪ ମିଟର ରହିଥିବାବେଳେ ଚଳିତ ବର୍ଷ ୬୩୦. ୫୮ ମିଟର ରହିଛି। ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର କମୁଥିବାରୁ ତା'ର ପ୍ରଭାବ ପଡ଼ିବା ବି ଆରମ୍ଭ ହୋଇଯାଇଛି। ତେଣୁ ବାଧ୍ୟ ହୋଇ ହୀରାକୁଦରୁ ଜଳ ବିଦ୍ୟୁତ ଉତ୍ପାଦନ କମାଇବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ଜଳଭଣ୍ଡାରରେ ମଧ୍ୟ ଜଳ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି।

### ମହିଳାଙ୍କୁ ନିଶା ଦେଇ ବଳାତ୍କାର, ବ୍ଲାକ୍‌ମେଲ୍ ଘଟଣା

# ଜେଲ୍ ଗଲେ ଅଭିଯୁକ୍ତ

**ହାଇକୋର୍ଟ ତଦନ୍ତ ରିପୋର୍ଟ ମାଗିବା ପରେ ଗିରଫ କଲା ପୋଲିସ**

ଭୁବନେଶ୍ୱର, (ବ୍ୟୁରୋ)/ପୁରୀ ଅଫିସ, ୨୨।୭

ପୁରୀର ଜଣେ ମହିଳାଙ୍କୁ ପାଣିରେ ନିଶା ଦେଇ ଭୁବନେଶ୍ୱରର ଏକ ହୋଟେଲରେ ବଳାତ୍କାର କରିବା ଓ ପରେ ଅଶ୍ଳୀଳ ଭିଡିଓ ଦେଖାଇ ବ୍ଲାକ୍‌ମେଲିଂ କରିବା ଘଟଣାର ଅଭିଯୁକ୍ତଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରିଛି। ସେ ହେଲେ ପୁରୀ ପୋଲିସ ଲାଇନ ଅଞ୍ଚଳର ବିଶ୍ୱଜିତ୍ ପଟ୍ଟନାୟକ। ୨୦୧୮ରେ ପୀଡ଼ିତା ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ ବିଶ୍ୱଜିତଙ୍କୁ ଗିରଫ କରି ନ ଥିଲା। ଗତ ଜୁନ୍ ୨୬ରେ ହାଇକୋର୍ଟ ଆସନ୍ତା ୨୫ତାରିଖ ମଧ୍ୟରେ ଉକ୍ତ ମାମଲାର ତଦନ୍ତ ରିପୋର୍ଟ ଦେବାକୁ ଖଣ୍ଡଗିରି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବିବାର ରାତିରେ ଖଣ୍ଡଗିରି ପୋଲିସ ପୁରୀ ଯାଇ ବିଶ୍ୱଜିତଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ଆଇପିସି ଦଫା ୩୭୬, ୩୮୪, ୫୦୬ ଓ ୩୪ ଅନୁଯାୟୀ କେସ୍ ନଂ. ୩୭୨/୧୮ ରୁଜୁ କରିଛି। ସୋମବାର ଭୁବନେଶ୍ୱର ଏସଡିଜେଏମ୍ କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ବିଶ୍ୱଜିତଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ପୀଡ଼ିତାଙ୍କୁ ଅଭିଯୁକ୍ତ ଖଣ୍ଡଗିରି ଅଞ୍ଚଳର ଏକ ହୋଟେଲରେ ବଳାତ୍କାର କରିଥିଲେ। ବଳାତ୍କାର ସମୟର ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇ ଏକାଧିକ ଥର ବଳାତ୍କାର କରିଥିଲେ। ଗତବର୍ଷ ଅଗଷ୍ଟ ୨୩ରେ ପୀଡ଼ିତା ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗରେ ସେ ବିଶ୍ୱଜିତଙ୍କ ସମେତ ତାଙ୍କର ଜଣେ ସହଯୋଗୀଙ୍କ ନାମ ଉଲ୍ଲେଖ କରିଥିଲେ। ଏନେଇ ଧରିତ୍ରୀରେ ୨୧ ଫେବୃୟାରୀ ୨୦୧୯ରେ ଏକ ଖବର ପ୍ରକାଶ ପାଇଥିଲା।


FORM NO.13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 628 of 2014**
**UCO Bank, Dampada Branch** ...Applicant
Versus
**M/s. Surya Agency, Prop.: Suryamani Jena & Others** ...Defendant[s]
1) **Santanu Kumar Jena,** S/o: Late Golakh Bihari Jena
2) **Kartika Biswal, 3) Pravat Kumar Biswal** and **4) Bhagirathi Biswal,** All are S/o: Late Pitabas Biswal, Resident of At: Ranapur, P.O./P.S.: Banki, Dist.: Cuttack.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A. No. 628/2014** in the Court of the Debts of Recovery Tribunal, Cuttack for recovery of **Rs.38,12,447/-** only together with current and future interest, costs and other reliefs. The above mentioned Defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **03.09.2019 at 10.30 am** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand and seal of this Tribunal on this **18th day of July 2019.**
**Sd/- REGISTRAR**


**ଜଙ୍ଗଲରୁ ନାବାଳିକାଙ୍କ ଗଳିତ ମୃତଦେହ ଉଦ୍ଧାର**

# ବଳାତ୍କାର ପରେ ହତ୍ୟା ସନ୍ଦେହ

ସୁନ୍ଦରଗଡ଼, ୨୨।୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରୁ ଜନୈକା ନାବାଳିକା (୧୬)ଙ୍କ ଗଳିତ ମୃତଦେହ ସୋମବାର ଅପରାହ୍ଣରେ ପୋଲିସ ଉଦ୍ଧାର କରିଛି। ନାବାଳିକାଙ୍କ ଅଙ୍ଗବସ୍ତ୍ର ନ ଥିବାରୁ ତାଙ୍କୁ ବଳାତ୍କାର ପରେ ଗଳା ଚିପି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଦଶମ ଶ୍ରେଣୀ ପାସ କରିଥିବା ଏହି ନାବାଳିକା ଜଣକ ଗତ ଶନିବାରରୁ ନିଖୋଜ ଥିଲେ। ଜଙ୍ଗଲ ମଧ୍ୟରେ ଏହି ନାବାଳିକାଙ୍କ ମୃତଦେହ ପଡିଥିବା ପ୍ରଥମେ ସ୍ଥାନୀୟ ଜଣେ ଛେଳି ଚରାଳି ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଏହି ସମୟରେ ନାବାଳିକାଙ୍କ ବାପା ଝିଅର ନିଖୋଜ ସମ୍ପର୍କରେ ହେମଗିର ଥାନାକୁ ଖବର ଦେବାକୁ ଯାଉଥିଲେ। ଜଙ୍ଗଲରେ ମୃତଦେହ ପଡ଼ିଥିବା ଗାଁ ଲୋକଙ୍କଠାରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗଳିତ ମୃତଦେହ ତାଙ୍କ ଝିଅର ବୋଲି ଚିହ୍ନଟ କରିଥିଲେ। ମୃତା ନାବାଳିକାଙ୍କ ଘର ପାଖ ଗ୍ରାମରେ। ପୋଲିସ ମୃତଦେହ ଜବତ କରିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ଠିକ୍ ରିପୋର୍ଟ ଆସିବ ବୋଲି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ପ୍ରକାଶ କରିଛନ୍ତି।


## CLASSIFIED DISPLAY
















MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable



# ଆଜି ଅସଲି, କାଲି ନକଲି

ଜଣେ ବ୍ୟକ୍ତିଙ୍କ ଆୟର ଉତ୍ସ ଜାଣିବା ଲାଗି ଭାରତର ଆୟକର ବିଭାଗ ଦ୍ୱାରା ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ବ୍ୟବହାର କରାଯାଇଥାଏ। ସେହିପରି ଆୟକର ଦାଖଲ ବେଳେ ବିଭିନ୍ନ କାଗଜପତ୍ର ସହ ପାନ୍ ନମ୍ବର ଯୋଡ଼ାଯିବା ବାଧ୍ୟତାମୂଳକ ରହିଆସିଛି। ହେଲେ ଏବେ କେନ୍ଦ୍ର ସରକାର ହଠାତ୍ କହିଲେଣି ଯେ ଆଧାରକୁ ଆର୍ଥିକ କାରବାର ସହ ଜଡ଼ିତ ପ୍ରତ୍ୟେକ କ୍ଷେତ୍ରରେ ଲାଗୁ କରାଯିବ। ବାର୍ଷିକ ୨୦-୨୫ ଲକ୍ଷ ଟଙ୍କାର ଜମା ବା ଉଠାଣ କରିବା ଦିଗରେ ସରକାର ଆଧାରକୁ ବାଧ୍ୟତାମୂଳକ କରିବାକୁ ଯାଉଛନ୍ତି। ଆଧାରର ଏପରି ବ୍ୟବହାର ନେଇ ସରକାରୀ ଭାବେ ସଫେଇ ଦିଆଯାଉଛି ଯେ, କଳାଧନ ଖୋଜିବାରେ ଏହା ବିଶେଷ ସହାୟକ ହେବ। କୌତୂହଳର ବିଷୟ ହେଉଛି, ବିଦେଶରୁ କଳାଧନ ଫେରାଇ ଆଣିବା ଓ ଦେଶ ଭିତରେ ଥିବା କଳାଧନ ଠାବ କରିବା ପାଇଁ କିଛିବର୍ଷ ହେବ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ସରକାର କହୁଛନ୍ତି। କିନ୍ତୁ ଏ ଦିଗରେ କୌଣସି ଆଖିଦୃଶିଆ ଅଗ୍ରଗତି ଘଟିପାରୁନାହିଁ। କଳାଧନ ଠାବ ନେଇ ସରକାର ଯେଉଁସବୁ ବିଷୟ ଉଲ୍ଲେଖ କରୁଛନ୍ତି, ତାହା ମନଗଢ଼ା କାହାଣୀ ଭଳି ଲାଗିଲାଣି। କାରଣ ସରକାର ମୂଳକୁ ନ ଯାଇ ଉପରେ ବାଡ଼ି ବୁଲାଉଥିବାରୁ ଲକ୍ଷ୍ୟ ସାଧନ ହୋଇପାରୁ ନାହିଁ।

ପାନ୍ ପରିବର୍ତ୍ତେ ଆଧାର କାର୍ଡକୁ ଗୁରୁତ୍ୱ ଦିଆଯିବା ନେଇ ସମାଲୋଚନା ହେବା ପରେ ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ, ଲୋକେ ନକଲି ପାନ୍ ବ୍ୟବହାର କରୁଛନ୍ତି। ଯଦି ପାନ୍‌ର ଅବସ୍ଥା ଏଭଳି ହେଉଛି, ତେବେ ଆଧାର ମଧ୍ୟ ସମଦଶା ଭୋଗିବା ସ୍ୱାଭାବିକ। ଅତୀତରେ ବିଦେଶୀ ଓ ଆତଙ୍କବାଦୀଙ୍କ ନାମରେ ଆଧାର କାର୍ଡ ବାହାରି ଯାଇଥିବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଏପରି କି ଆମ ଦେଶକୁ ଆସୁଥିବା ପ୍ରବାସୀ ଭାରତୀୟଙ୍କୁ ତତ୍କ୍ଷଣାତ୍ ଆଧାର ଦିଆଯିବାର ବ୍ୟବସ୍ଥା କରାଯାଉଛି।

ଏଠାରେ ମନେପଡ଼େ, ପୂର୍ବରୁ କେବଳ ଆୟକର ବିଭାଗ କାର୍ଯ୍ୟାଳୟରୁ ପାନ୍‌କାର୍ଡ ହାସଲ କରି ହେଉଥିଲା। କିଛି ଦଶନ୍ଧି ତଳେ ଏହି କାର୍ଡ ପାଇବା ସକାଶେ ବ୍ୟକ୍ତିବିଶେଷ ବା ବ୍ୟବସାୟିକ ସଂସ୍ଥାକୁ ଆୟକର ଦେବାକୁ ପଡୁଥିଲା। ପରବର୍ତ୍ତୀ ସମୟରେ ନିୟମକୁ ବଦଳାଇ ଦିଆଗଲା। ଆୟକର ବିଭାଗୀୟ କର୍ମଚାରୀଙ୍କଠାରୁ ଏହି କାର୍ଡ ଦେବାର କ୍ଷମତା ଅପସାରଣ କରାଗଲା। ତା' ପରିବର୍ତ୍ତେ ଟାଟା କନ୍‌ସଲଟାନ୍ସି ଭଳି କେତେକ ବାହ୍ୟ କମ୍ପାନୀକୁ ପାନ୍ କାର୍ଡ ପ୍ରସ୍ତୁତି ଓ ଯୋଗାଇବାର ଠିକା ପ୍ରଦାନ କରାଗଲା। ଏହି ବ୍ୟବସାୟିକ ସଂସ୍ଥାଗୁଡ଼ିକ ଅର୍ଥ ଦେଉଥିବା ଯେକୌଣସି ବ୍ୟକ୍ତିଙ୍କୁ ପାନ୍ କାର୍ଡ ଦେବା ପାଇଁ ତତ୍ପରତା ପ୍ରଦର୍ଶନ କଲେ। ଯେତେ ଅଧିକ କାର୍ଡ ବଣ୍ଟାଗଲା, ଠିକା ପାଇଥିବା କମ୍ପାନୀ ସେତେ ଅଧିକ କମିଶନ ପାଇଲା। ଏଭଳି ନିଷ୍ପତ୍ତି ଦ୍ୱାରା ପ୍ରଥମ ଶିକାର ହେଲା ଯାଞ୍ଚ କରି କାର୍ଡ ଦେଉଥିବା ବ୍ୟବସ୍ଥା। ଫଳସ୍ୱରୂପ ଆୟକର ଦେଉ ନ ଥିବା ବ୍ୟକ୍ତି ମଧ୍ୟ ପାନ୍‌କାର୍ଡଧାରୀ ହୋଇପାରିଲେ। ଏବେ କୁହାଯାଉଛି ଆଧାରରେ ସେଭଳି ତ୍ରୁଟି ଘଟିବା ଅସମ୍ଭବ। ଆଧାର କାର୍ଡ ଦେବା ପାଇଁ ଠିକାଦାରମାନଙ୍କୁ ଅନୁରୂପ ଭାବେ ଦାୟିତ୍ୱ ଦିଆଯାଇଛି। ନକଲ କରିବା ଅସମ୍ଭବ ହେବ ବୋଲି ଯେଉଁ ଦାବି କରାଯାଉଛି, ତାହାର ଯୁକ୍ତି ବାୟୋମେଟ୍ରିକ୍ ବ୍ୟବସ୍ଥା ଉପରେ ନିର୍ଭରଶୀଳ। ପୂର୍ବରୁ ପାନ୍ କାର୍ଡ ଉପରେ ସମସ୍ତଙ୍କ ଆସ୍ଥା ଥିଲା। ତାହା ଏବେ ନକଲ ହେଉଛି ବୋଲି ଖୋଦ୍ ସରକାର ସ୍ୱୀକାର କଲେଣି। ସରକାରଙ୍କ ନୂଆ ଚିନ୍ତାଧାରାରେ ଏବଂ ନୂତନ ବ୍ୟବସ୍ଥା ଅନୁଯାୟୀ ଆଧାର କାର୍ଡକୁ ଜନ୍ମ ଦିଆଗଲା। ଏଠାରେ ମନେରଖିବାକୁ ହେବ ଯେ, ପ୍ରତ୍ୟେକ ଦିନ ଅନେକ ଆଧାରକାର୍ଡଧାରୀଙ୍କ ମୃତ୍ୟୁ ଘଟୁଛି। ସେହିଭଳି ପ୍ରତିଦିନ ନବଜାତ ମଧ୍ୟ ଆଧାର ପାଇଁ ଯୋଗ୍ୟ ହେଉଛନ୍ତି। ଅର୍ଥାତ୍ ଆଧାର ଏକ ବ୍ୟୟବହୁଳ ଓ ନିରନ୍ତର ପ୍ରକ୍ରିୟା ହୋଇଗଲାଣି, ଯାହାର ଖର୍ଚ୍ଚ ଭାରତ ଭଳି ଗରିବ ଦେଶର କରଦାତାଙ୍କ ଅର୍ଥରୁ ବ୍ୟୟ ହେଉଛି। ଆଧାର ପରେ ପୁଲ୍‌ୱାମା ବି ଘଟିଛି। ସେହି ଆଧାର ପରେ ମେହୁଲ ଚୋକ୍‌ସି ଓ ନୀରବ ମୋଦିଙ୍କ ଭଳି ଆହୁରି ଅନେକ ବ୍ୟକ୍ତିବିଶେଷ ଓ ସଂସ୍ଥା ଦେଶକୁ ଠକିପାରୁଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଆଧାରରେ ଆତଙ୍କବାଦ ଶେଷ ହେବ ନାହିଁ କିମ୍ବା କଳାଧନ ଠାବ ହେବ ନାହିଁ ବା ନୂଆ କଳାଧନ ଅର୍ଜନ ବନ୍ଦ କରିହେବ ନାହିଁ। କେବଳ ବଡ଼ ବ୍ୟବସାୟୀଙ୍କ ପାଖରେ ଦେଶର ସାଧାରଣ ନାଗରିକର ସବୁ ଅନ୍ତରଙ୍ଗ ତଥ୍ୟ ଜମାଟବାନ୍ଧି ରହିବ। ଉଲ୍ଲେଖଯୋଗ୍ୟ ଯେ, ବ୍ରିଟେନରେ ଆଧାର ଭଳି ସୃଷ୍ଟି କରାଯାଇଥିବା କାର୍ଯ୍ୟକ୍ରମକୁ ସେଠାକାର ସରକାର ବନ୍ଦ କରିଦେଲେ। ଭାରତରେ ମଧ୍ୟ କିଛିବର୍ଷ ପରେ ସେଭଳି ପଦକ୍ଷେପ ନେବାକୁ ପଡ଼ିବ। କିନ୍ତୁ ଏବେକାର ପାଗଳାମି ଯୋଗୁ ଅନେକ ହଜାର କୋଟି ଟଙ୍କା ନଷ୍ଟ ହୋଇଚାଲିଛି। ଅନେକ ଉଦାହରଣ ଅଛି ଯେଉଁଥିରେ ସ୍ପଷ୍ଟ ପ୍ରମାଣ ମିଳିଛି ଯେ, ଆଜି ଯାହା ଅସଲି ଦିଶୁଛି, କାଲି ତାହା ନକଲି।

# ମଦ ରାଜସ୍ୱ ଓ ଜିଡିପି



ସହଦେବ ସାହୁ

ଅବକାରୀ ବିଭାଗର ଆୟ ଉପରେ ମନ୍ତ୍ରୀଙ୍କ ଉତ୍ତର- ୨୦୦୦ ତୁଳନାରେ ୨୦୧୯ରେ ଅବକାରୀ ଟିକସ ପ୍ରାୟ ୨୯ଗୁଣ ବଢ଼ି ୧୩୫.୩୫ କୋଟିରୁ ୩୮୦୦ କୋଟି ହୋଇଛି ବୋଲି ଖବର ପଢ଼ି ମୋ ପାଖରେ ବସିଥିବା ଉମାକାନ୍ତ କହିଲା, ଆପଣଙ୍କୁ ଗୋଟିଏ କାହାଣୀ କହିବି। ମଦରେ ଚାରୋଟି ପ୍ରାଣୀର ଆତ୍ମା ରହିଛି- କୋଇଲି, ଶାରୀ, ସିଂହ ଓ ଘୁଷୁରି। ମଦୁଆ ପ୍ରଥମ ଗିଲାସ ପିଇଲେ କୋକିଳ ବଚନ କହିବ, ଦ୍ୱିତୀୟ ଗିଲାସରେ ଶାରୀ ଭଳି ଗୋଟିଏ କଥାକୁ ବାରମ୍ବାର କହିବ, ତୃତୀୟ ଗିଲାସରେ ସିଂହ ଭଳି ଗର୍ଜନ କରିବ ଓ ପରିବାର ଲୋକଙ୍କୁ ଗାଳିଗୁଲଜ, ମାର୍‌ପିଟ କରିବ ଏବଂ ଚତୁର୍ଥ ଗିଲାସ ପିଇଦେଲା ପରେ ଘୁଷୁରି ଭଳି ନାଳନର୍ଦ୍ଦମାରେ ଗଡ଼ିବ। ଗୃହକର୍ତ୍ତା ମଦ ପିଇ କିଭଳି ପରିବାରକୁ ବିଶେଷକରି ସ୍ତ୍ରୀ ଓ ପିଲାପିଲିଙ୍କୁ ମାରଧର କରେ ଆମେ ଖବରକାଗଜରୁ ପଢ଼ିବାକୁ ପାଉ ଏବଂ ରାସ୍ତାକଡ ନାଳନର୍ଦ୍ଦମାରେ ପଡିଥିବା ମଦ୍ୟପକୁ ଦେଖିଲେ ଆମକୁ ଉମାକାନ୍ତ କାହାଣୀର ଚତୁର୍ଥ ପ୍ରାଣୀର ପ୍ରକୃତି କିପରି ମଦ୍ୟପକୁ ଘାରିଛି ମନେ ପଡ଼େ।

ପାଶ୍ଚାତ୍ୟ ଦେଶର, ଶୀତ ଅଞ୍ଚଳର ଲୋକେ ମଦକୁ ଜଳ ଭଳି ପାନୀୟ ରୂପେ ଗ୍ରହଣ କରନ୍ତି ଏବଂ ଦେହକୁ ଗରମ ରଖିବା ଲାଗି, ଶୁଷ୍କତାରୁ ରକ୍ଷାକରିବା ଲାଗି ଓ ପରିଶ୍ରମ ବେଶି କରିପାରିବା ପାଇଁ ମଦ ପିଇଥାନ୍ତି। ୟୁରୋପର ଥଣ୍ଡା ଜଳବାୟୁରେ ପାଣିକୁ ଦେହର ତାପ ସହ ସମାନ କରି ପିଇବାଠାରୁ ଥଣ୍ଡାରେ ଥିବା ମଦ ପିଇ ଦେହକୁ ଶକ୍ତି ଯୋଗାଇବା ଶ୍ରେୟସ୍କର। ସେମାନେ ମାତ୍ରା ଜଗି ପିଇଥାନ୍ତି। ଜଳକୁ ପାନୀୟ ସ୍ତରକୁ ଆଣିବା ଖର୍ଚ୍ଚଠାରୁ ମଦ ଶସ୍ତା ହୋଇଥିବାରୁ ସାଧାରଣ ଲୋକ ମଦ ପିଇବା ପାଶ୍ଚାତ୍ୟ ଲୋକଙ୍କ ଅଭ୍ୟାସରେ ପଡିଯାଇଛି। ପାଶ୍ଚାତ୍ୟ ଲୋକେ ଆମ ଦେଶକୁ ଉପନିବେଶ କରି ସେମାନଙ୍କ ଆଚାର ବିଚାରକୁ ଆମ ଲୋକଙ୍କ ଉପରେ ଲଦିଦେଲା ପରେ ଆମେ ଗ୍ରୀଷ୍ମପ୍ରଧାନ ଦେଶର ଲୋକ ହୋଇଥିଲେ ବି ଆମ ଭିତରୁ ଉଚ୍ଚଶ୍ରେଣୀର ଲୋକେ ସେମାନଙ୍କୁ ଅନୁକରଣ କଲେ। ମଦ ପିଇବା, ପୁଣି ବିଦେଶୀ ମଦ ପିଇବା ଆଭିଜାତ୍ୟର ଏକ ଲକ୍ଷଣ ହୋଇଗଲା। ସରକାରଙ୍କ ନିକଟତର ହେବା ଲାଗି ସରକାରୀ କର୍ମଚାରୀମାନେ ଏବଂ କର୍ମଚାରୀଙ୍କ ସାହଚର୍ଯ୍ୟ ପାଇବା ଉଦ୍ଦେଶ୍ୟରେ ସାଧାରଣ ଲୋକେ ମଦ ପିଇଲେ। ଏପରିକି ଭାରତ ତିଆରି ବିଦେଶୀ ମଦ (ଫରେନ୍ ଲିକର୍ ମେଡ୍ ଇନ୍ ଇଣ୍ଡିଆ) ବେଶି ଚାଲିଲା। ଗାନ୍ଧୀଙ୍କୁ ସମ୍ମାନ ଦେଖାଇବା ବାହାନାରେ ନିଶା ନିବାରଣ ଆଇନ ହେଲା, କିନ୍ତୁ ନିବାରଣ ଆଳରେ ପ୍ରଚଳନ ବଢ଼ିଲା। ତାମିଲନାଡୁର ଅନୁକରଣରେ ଆମ ପ୍ରଦେଶ ବି ମଦ ବ୍ୟବସାୟକୁ ସରକାରୀ କମ୍ପାନୀର କାମ କରିଦେଲା। ମଦ ନ ପିଇବା ଆଇଏଏସ୍ ଓ ଆଇପିଏସ୍‌ଙ୍କୁ ଅଫିସରମାନଙ୍କ ଭିତରେ ଅସାମାଜିକ ଧରାଗଲା। ଏ ପ୍ରବନ୍ଧର ଲେଖକ ମୁଖ୍ୟ ଶାସନ ସଚିବ ରୂପେ ଯୋଗଦେଲା ପରେ ସେତେବେଳର ନିୟମ ଅନୁଯାୟୀ ଭୁବନେଶ୍ୱର କ୍ଲବ୍‌ର ଅଧ୍ୟକ୍ଷ ହେବା କଥା, କିନ୍ତୁ ପିଇବା (ଡ୍ରିଙ୍କ୍) କ୍ଲବ୍‌ର ମୁଖ୍ୟ ଅଙ୍ଗ ହୋଇଥିବାରୁ ମେମ୍ବର ହେଲା ନାହିଁ, ଅଧ୍ୟକ୍ଷ ହେବା ତ ଦୂରର କଥା।

ଆମ ଦେଶର ସାଧାରଣ ଲୋକେ ତୋରାଣି ଓ ହାଣ୍ଡିଆ ଭଳି ପାନୀୟ ପିଅନ୍ତି, ତାହା ମଦର କଞ୍ଚାମାଲ ହେଲେ ହେଁ ଗ୍ରୀଷ୍ମ କାଳରେ ଗରିବକୁ କର୍ମକ୍ଷମ କରିଥାଏ। କିନ୍ତୁ ମଧ୍ୟବିତ୍ତ ଶ୍ରେଣୀର ଲୋକେ ସମାଜରେ ଉପରକୁ ଉଠିବା ପାଇଁ ମଦ ପିଇବାକୁ ଆଭିଜାତ୍ୟ ମନେ କରିଗଲେଣି। ତଥାପି ଭାରତୀୟ ସମାଜରେ ସେମାନେ ଏ ଯାଏ ଗ୍ରହଣୀୟ ହୋଇନାହାନ୍ତି, ତେଣୁ ମଦ ପିଇବା ଖରାପ ବୋଲି ଜାଣିଥିବା ଧନୀ ଲୋକେ ମୁହଁଯାକ ଅତର ସିଞ୍ଚିଥାନ୍ତି। ସାଧାରଣ କର୍ମଚାରୀଟିଏ ପିଇବା ପରେ ଖିଲେ ପାନ ପାଟିରେ ଚୋବାଇ ରଖିଲେ ଅନ୍ୟମାନେ ମଦର ଗନ୍ଧ ପାଇବେ ନାହିଁ ବୋଲି ଭାବିଥାନ୍ତି। ପାନ ମସଲା ଭିତରେ ଯେ କର୍କଟ ରୋଗକାରୀ କେମିକାଲ୍ ଥାଏ ତାହା ସେମାନେ ଜାଣି ସୁଦ୍ଧା ଖାଉଛନ୍ତି।

ଆଲ୍‌କୋହଲ ଯୋଗୁ ୩ ରକମର ସମସ୍ୟା ଆସିଥାଏ। ତିନୋଟି ଯାକ ଘାତକ ସାଜେ, ଯଥା ଯକୃତ ରୋଗ, କର୍କଟ ରୋଗ ଓ ରାସ୍ତା ଦୁର୍ଘଟଣା। ଇଣ୍ଟର୍‌ନ୍ୟାଶ୍‌ନାଲ ଜର୍ନାଲ ଅଫ୍ ଡ୍ରଗ୍ ପଲିସି ନାମକ ଏକ ପତ୍ରିକାରେ ଏବେ ଏକ ଗବେଷଣାର ଫଳ ପ୍ରକାଶ ପାଇଛି ଯେ, ୨୦୫୦ ବେଳକୁ ପ୍ରତ୍ୟେକ ଲୋକର ଆୟୁଷର ୭୫ ଦିନ ନଷ୍ଟ ହେବ କେବଳ ମଦପାନ ଯୋଗୁ। ସେ ଗବେଷଣାରେ ଥିଲେ ୩ ଜଣ ଭାରତୀୟ ଡାକ୍ତର ଓ ଦୁଇ ଜଣ ପବ୍ଲିକ୍ ହେଲ୍‌ଥ ଗବେଷକ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ବେଳକୁ ଭାରତର ଜିଡିପି ୫ ଟ୍ରିଲିଅନ୍ (ଲକ୍ଷ କୋଟି) ଡଲାର କରିବେ ବୋଲି କହୁଛନ୍ତି। ଆମ ଦେଶର ଜିଡିପି ୨୦୧୬ରେ ୨.୬୯ ଟ୍ରିଲିଅନ୍ ଡଲାର ଥିଲା, ତାକୁ ୨୦୨୪ ସୁଦ୍ଧା ୫ ଟ୍ରିଲିଅନ୍ କରିବା ପରିପ୍ରେକ୍ଷୀରେ ଏକ ସର୍ଭେ ରିପୋର୍ଟ ମଧ୍ୟ ପ୍ରକାଶ ପାଇଛି। ଏହି ଜାତୀୟ ସର୍ଭେ ରିପୋର୍ଟଟି ତିଆରି କରିଛନ୍ତି ଦିଲ୍ଲୀସ୍ଥିତ ଏମ୍‌ସର ନ୍ୟାଶ୍‌ନାଲ ଡ୍ରଗ୍ ଡିପେଣ୍ଡେନ୍ସ ଟ୍ରିଟ୍‌ମେଣ୍ଟ ସେଣ୍ଟର ଭାରତ ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପାଇଁ। ଏହି ଗବେଷଣା ପତ୍ରରେ କୁହାଯାଇଛି, ୨୦୫୦ ବେଳକୁ ୨୫କୋଟି ୮୦ ଲକ୍ଷରୁ ୫୫କୋଟି ୨୦ଲକ୍ଷ ଭିତରେ ମନୁଷ୍ୟ-ବର୍ଷ ନଷ୍ଟ ହେବ, ଏହାର ଅର୍ଥ ପ୍ରତ୍ୟେକ ଲୋକର ଜୀବନରେ ତା' ଆୟୁଷରୁ ୭୫.୬୦ରୁ ୧୭୩.୬୫ ଦିନ ନଷ୍ଟ ହୋଇଯାଉଛି ବୋଲି ଧରିବାକୁ ପଡ଼ିବ। ମଦ ପ୍ରତି ସଚେତନ ହେବା ସତ୍ତ୍ୱେ ୨୦୫୦ ବେଳକୁ ସାଧାରଣ ଜନତା ଭିତରେ ମଦ ନିଶାର ଏହି ପ୍ରଭାବ ରହିଥିବ, ଯଦି ସରକାର ଏ ଦିଗରେ ସକାରାତ୍ମକ ପଦକ୍ଷେପ ନ ନିଅନ୍ତି।

ଉଚ୍ଚ ଓ ମଧ୍ୟ ଆୟର ଦେଶଗୁଡ଼ିକ ମଦଜନିତ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ପାଇଁ ଜିଡିପିର ୧% ଖର୍ଚ୍ଚ କରିଥାନ୍ତି। ବିକଶିତ ଦେଶଗୁଡ଼ିକ ଜିଡିପିର ୧%ରୁ ବେଶି ବ୍ୟୟ କରିଥାନ୍ତି- ଫ୍ରାନ୍ସରେ ଜିଡିପିର ୧.୭%, ଆମେରିକାରେ ୨.୭୫%, ଦକ୍ଷିଣ କୋରିଆରେ ୩.୩% ଓ ଥାଇଲାଣ୍ଡରେ ୧.୯୯%। ଭାରତରେ ମଦ ଯୋଗୁ ଅର୍ଥନୈତିକ ବ୍ୟୟ ତା'ର ବାର୍ଷିକ ଜିଡିପିର ୧.୪୫%। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ମଦ ପିଇବା କାରଣରୁ ୨୦୧୧ରୁ ୨୦୫୦ ଭିତରେ ଭାରତ ଅତି କମ୍‌ରେ ୨୫ କୋଟି ୮୦ ଲକ୍ଷ ଜୀବନ ହରାଇବ। ସ୍ୱାସ୍ଥ୍ୟସେବାରେ ବ୍ୟୟ ଆଉ ଅର୍ଥନୈତିକ କ୍ଷତିକୁ ରୋକିପାରିଲେ ଭାରତ ବର୍ଷକୁ ୫ କୋଟି ୫୨ ଲକ୍ଷ ଦିବସର ଗୁଣବତ୍ତାଯୁକ୍ତ ଜୀବନ ପାଇପାରନ୍ତା। ହେଲ୍‌ଥ ଇମ୍ପାକ୍ଟ ଆଣ୍ଡ ଇକୋନମିକ୍ ବର୍ଡନ ଅଫ୍ ଆଲ୍‌କୋହଲ କଞ୍ଜମ୍ପସନ୍ ଇନ୍ ଇଣ୍ଡିଆ ବା ଭାରତରେ ମଦ୍ୟପାନ ଯୋଗୁ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଓ ଅର୍ଥନୈତିକ ବୋଝ ନାମକ ଗବେଷଣାପତ୍ରରେ ଏହା ପ୍ରକାଶ ପାଇଛି।

ଏ ପ୍ରକାର ବିଶ୍ଳେଷଣ ଆଗରୁ କେବେ ହୋଇ ନ ଥିଲା। ଭାରତରେ ମଦ୍ୟପାନର ଦୀର୍ଘସୂତ୍ରୀ ପ୍ରଭାବ ଜାଣିବା ଲାଗି ଏହା ଏକ ଉଦ୍ୟମ। ଏ ଗବେଷଣା ହୋଇନାହିଁ ମଦ ନିଶା ନିବାରଣ ପକ୍ଷ ନେବା ପାଇଁ କିନ୍ତୁ ଏହାର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଜାଗ୍ରତ କରିବା ଏବଂ ମଦ ବିକ୍ରି ରୋକିବା ଉପରେ ଜୋର ଦେବା। ଏହି ଗବେଷକ ଦଳଟି ବିଭିନ୍ନ ବିଭାଗରୁ ନିଆ ହୋଇଛି- ଡିପାର୍ଟମେଣ୍ଟ ଅଫ୍ କମ୍ୟୁନିଟି ମେଡିସିନ ଆଣ୍ଡ୍ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥ, ଚଣ୍ଡିଗଡ଼ର ପୋଷ୍ଟଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଆଣ୍ଡ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ ଏବଂ ଏମ୍‌ସ ଅଧୀନରେ ଥିବା ନ୍ୟାଶ୍‌ନାଲ ଡ୍ରଗ୍ ଡିପେଣ୍ଡେନ୍‌ସ ଟ୍ରିଟ୍‌ମେଣ୍ଟ ସେଣ୍ଟର।

ଯଦି ମଦବିକ୍ରି ଟିକସ ରସିଦ୍‌ରୁ ମିଳିଥିବା ମୋଟ ପରିମାଣରୁ ବାଦ ଦେଲେ ମଧ୍ୟ ମଦଭିତ୍ତିକ ଚିକିତ୍ସାରେ ହେଉଥିବା ଖର୍ଚ୍ଚ ଏବଂ ମଦ୍ୟପାନ ସମାଜ ଉପରେ ଯେଉଁ କୁପ୍ରଭାବ ପକାଏ ତାହାର ମୂଲ୍ୟ ୨୦୫୦ ବେଳକୁ ୯୭,୮୯,୫୦୦କୋଟି ଟଙ୍କା (୧୫୦୬ ବିଲିୟନ ଡଲାର) ସଙ୍ଗେ ସମାନ ହେବ। ଏହାକୁ ଯଦି ଜିଡିପିର ଅଂଶ ରୂପେ ଗଣିବା ତେବେ ଭାରତର ଅର୍ଥନୀତି ଉପରେ ବାର୍ଷିକ ଜିଡିପି ହାରର ଶତକଡା ହାରାହାରି ୧.୪୫ ଭାଗ ନଷ୍ଟ ହୋଇଯିବ। ହିସାବ କଲେ ଜଣାପଡ଼ିବ ମଦରୁ ଯେଉଁ ରାଜସ୍ୱ ଆଦାୟ ହେବ, ସେହି ତୁଳନାରେ ଏହି ଖର୍ଚ୍ଚ ବହୁଗୁଣରେ ଅଧିକ।

ଇମେଲ୍ : sahadevas@yahoo.com

# ପୋଲିସ ପାଖରେ ରହୁନି ବିଦେଶୀଙ୍କ ତଥ୍ୟ

ଯୁଧିଷ୍ଠିର ମହାରଣା

ସର୍ବଭାରତୀୟ ସ୍ତରରେ ଓଡ଼ିଶା ପୋଲିସର ଦକ୍ଷତା, ପ୍ରତିବଦ୍ଧତା, ସାଧୁତା ଓ କର୍ତ୍ତବ୍ୟନିଷ୍ଠା ଯଥେଷ୍ଟ ଆଗରେ। ଅନେକ ଘଡ଼ିସନ୍ଧି ମୁହୂର୍ତ୍ତ ଓ ପ୍ରତିକୂଳ ପରିବେଶରେ ପୋଲିସ ବିଭାଗ କାର୍ଯ୍ୟ କରିଥାଏ। ତେବେ ଜାତୀୟ ସୁରକ୍ଷା ସମ୍ବନ୍ଧିତ ବିଦେଶୀଙ୍କ ତଥ୍ୟ ପୋଲିସ ପାଖରେ ରହୁ ନ ଥିବାରୁ ଅନେକ ସମୟରେ ନାନା ଅଘଟଣ ଘଟୁଛି। ଏକ ପରିସଂଖ୍ୟାନ ଅନୁଯାୟୀ, ପ୍ରତିବର୍ଷ ୧୫ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସୁଛନ୍ତି। ବୌଦ୍ଧକୀର୍ତ୍ତି ବିମଣ୍ଡିତ ହୀରକ ତ୍ରିଭୁଜ କ୍ଷେତ୍ର ତଥା ଦ୍ୱୈତନଗରୀ କଟକ-ଭୁବନେଶ୍ୱର ସେମାନଙ୍କର ମୁଖ୍ୟ ପର୍ଯ୍ୟଟନ କେନ୍ଦ୍ର। ଏହା ବ୍ୟତୀତ ଅନେକ ବିଦେଶୀ ବିଶେଷଜ୍ଞ, ଗବେଷକ, ଛାତ୍ରୀଛାତ୍ର ବିଭିନ୍ନ କମ୍ପାନୀରେ କାର୍ଯ୍ୟରତ। ଆଇନ ଅନୁଯାୟୀ ବିଦେଶୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ଇଣ୍ଡିଆନ ଭିଜା ଫରେନର ରେଜିଷ୍ଟର ଆକ୍ଟ ଅନୁସାରେ ସ୍ଥାନୀୟ ପୋଲିସ ପାଖରେ ରହିବା କଥା। ସେହିପରି ହୋଟେଲ ହେଉ ବା କମ୍ପାନୀ, ଶିକ୍ଷାନୁଷ୍ଠାନ ବା ଡାକ୍ତରଖାନା, ସେମାନଙ୍କ ପାଖକୁ ଆସୁଥିବା ବିଦେଶୀଙ୍କ ସବିଶେଷ ତଥ୍ୟ ତତ୍କାଳ ସ୍ଥାନୀୟ ପୋଲିସକୁ ଦେବା କଥା। ମାତ୍ର କେତେକ ହାତଗଣତି କ୍ଷେତ୍ରକୁ ଛାଡ଼ିଦେଲେ ଅନ୍ୟ ଜାଗାରେ ପୋଲିସ ଏ ତଥ୍ୟ ପାଉନାହିଁ, ଯାହାଦ୍ୱାରା ପରବର୍ତ୍ତୀ ସମୟରେ କୌଣସି ଅଘଟଣ ଘଟିଲେ ପୋଲିସର ତଦନ୍ତ ବାଉଳା ହୋଇଯାଉଛି। ବିଦେଶୀ କଲ୍‌ଗାର୍ଲ ର୍ୟାକେଟ୍ ହେଉ ବା ବ୍ୟାଙ୍କ ଠକେଇ ଓ ବର୍ତ୍ତମାନ ସାଇବର ଠକେଇରେ ବିଦେଶୀମାନଙ୍କ ସମ୍ପୃକ୍ତି ଓଡ଼ିଶା ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି। ୨୦୧୫ରେ ୧୪,୫୨୬, ୨୦୧୬-୧୭ରେ ୧୮,୩୧୨ ଓ ୨୦୧୭-୧୮ରେ ୧୫,୬୯୧ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସିଛନ୍ତି। ହେଲେ ଏମାନଙ୍କ ମଧ୍ୟରୁ ସମସ୍ତଙ୍କ ତଥ୍ୟ ଓଡ଼ିଶା ପୋଲିସ ପାଖରେ ନାହିଁ। ସେମାନେ କେଉଁ ଉଦ୍ଦେଶ୍ୟରେ, କେତେ ଦିନ ପାଇଁ ଅନୁମୋଦିତ ଭିଜା ନେଇ ଏଠି ପହଞ୍ଚିଛନ୍ତି, ଏ ତଥ୍ୟ ପୋଲିସ ପାଖରେ ରହୁନାହିଁ।

୨୦୧୭ ଅକ୍ଟୋବର ୧୭ରେ ବିଦେଶୀ ପର୍ଯ୍ୟଟକ ଓ ଅପରାଧୀମାନଙ୍କ ଉପରେ କଡ଼ା ନଜର ରଖିବା ପାଇଁ କମିଶନରେଟ ପୋଲିସ ଏକ ବିଧିବଦ୍ଧ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିଲା। ହୋଟେଲରେ ରହୁଥିବା ବିଦେଶୀଙ୍କ ପରିଚୟ ଓ ରହଣି ଅବଧି ସ୍ଥାନୀୟ ପୋଲିସକୁ ପ୍ରଦାନ କରିବା ଏବଂ ହୋଟେଲର ପ୍ରବେଶ ପ୍ରସ୍ଥାନ ଫାଟକ, ପାର୍କିଂ ସ୍ଥାନ ଓ ସମସ୍ତ ଅଞ୍ଚଳରେ ସିସିଟିଭି ଲଗାଇବା ସହ ଲଗେଜ ସ୍କାନର ଦ୍ୱାରା ସେମାନଙ୍କ ଜିନିଷପତ୍ର ସ୍କାନ କରିବା ଓ ମେଟାଲ ଡିଟେକ୍ଟର ଲଗାଇବା ବାଧ୍ୟତାମୂଳକ କରାଯାଇଥିଲା। ହୋଟେଲର ପଞ୍ଜୀକରଣ ଠିକ୍ ସମୟରେ ନବୀକରଣ କରିବା ସହ ନିର୍ଦ୍ଦିଷ୍ଟ ସମୟରେ ବାର୍ ବନ୍ଦ କରିବା ପାଇଁ ଆଇନରେ ବ୍ୟବସ୍ଥା ରହିଛି। ଅଗ୍ନିନିର୍ବାପକ ବ୍ୟବସ୍ଥା ସହ ଫାୟାର ସେଫ୍ଟି ଡ୍ରିଲକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଉଛି ଏହି ଗାଇଡ୍‌ଲାଇନ ଯେପରି ପାଣିରେ ଗାର। ବଜାର ତୁଳନାରେ କମ୍ ମୂଲ୍ୟରେ ଓଡ଼ିଶାରେ ପର୍ଯ୍ୟାପ୍ତ ଭ୍ରମଣ ଓ ଆନୁଷଙ୍ଗିକ ସୁବିଧା ରହିଥିବାରୁ ଏବଂ ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ ହୋଇଥିବାରୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। କୋଣାର୍କ, ଗୋପାଳପୁର, ଶିମିଳିପାଳ ସହ ବିଭିନ୍ନ ଅଭୟାରଣ୍ୟ ଓ ହଲିଡେ ରିସର୍ଟରେ କିଛିଦିନ ବିତାଇବା ପାଇଁ ବିଦେଶୀମାନେ ଓଡ଼ିଶାକୁ ଅଗ୍ରାଧିକାର ଦେଉଛନ୍ତି। ସେହିପରି ଓଡ଼ିଶାରେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର କ୍ରୀଡ଼ା ମହୋତ୍ସବ ଓ ବିଭିନ୍ନ ସଂସ୍ଥାଗତ ସମ୍ମିଳନୀ ହେଉଥିବାରୁ ବିଦେଶୀ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି।

ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀ ଓଡ଼ିଶାରେ ସେମାନଙ୍କ ବ୍ୟବସାୟିକ କ୍ଷେତ୍ର ଓ ପ୍ରକଳ୍ପ ଗଢ଼ି ତୋଳୁଥିବାରୁ ସେଠାରେ କାର୍ଯ୍ୟ କରିବା ପାଇଁ ଓ ଗବେଷଣା ନିମିତ୍ତ ବିଦେଶୀମାନଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। କୌଣସି ପର୍ଯ୍ୟଟକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ଥାନୀୟ ପୋଲିସର ସୂଚନାରେ ରହୁ ନ ଥିବାରୁ ସେମାନଙ୍କର ଭିଜା ଅବଧି ଜଣାପଡୁନାହିଁ। ଫଳରେ ପରବର୍ତ୍ତୀ ସମୟରେ ସେମାନଙ୍କ ଦ୍ୱାରା କୌଣସି ଅଘଟଣ ଘଟିଲେ ଏହାର ଟେର୍ ପୋଲିସ ପାଉନାହିଁ। ୨୦୧୨ରେ ଇଟାଲୀ ନାଗରିକ ବସୁସ୍କୋ ପାଉଲୋ ଓ କ୍ଲାଉଡିଓ କୋଲାଞ୍ଜିଲୋ ମାଓବାଦୀ ଉପଦ୍ରୁତ ଅଞ୍ଚଳକୁ ବୁଲି ଯାଇଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଅପହୃତ ହୋଇଥିଲେ। ସେମାନଙ୍କୁ ମୁକୁଳାଇବା ପାଇଁ ଓଡ଼ିଶା ପୋଲିସ ଓ ସରକାରଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ସେହିପରି ୨୦୧୬ ମାର୍ଚ୍ଚ ୨୩ରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ବିଦେଶିନୀଙ୍କୁ ହାଇପ୍ରୋଫାଇଲ ସେକ୍ସ ର୍ୟାକେଟରେ ଧରାଯାଇଥିଲା। ୨୦୧୭ ଜୁଲାଇ ୨୩ରେ ଭୁବନେଶ୍ୱର ଶ୍ରୀୟା ଛକ ନିକଟ ଫୁଟ୍‌ପାଥ୍‌ରୁ ପୋଲିସ ଜଣେ ବିଦେଶିନୀଙ୍କୁ ନିଶାଗ୍ରସ୍ତ ଅବସ୍ଥାରେ ଉଦ୍ଧାର କରିଥିଲା, ଯିଏକି ସେକ୍ସ ର୍ୟାକେଟ୍‌ରେ କାର୍ଯ୍ୟରତ ବୋଲି ଜଣାପଡ଼ିଥିଲା। ୨୦୧୭ ନଭେମ୍ବର ୧୭ରେ ଖାରବେଳ ନଗର ପୋଲିସ ନିକଟ ଅଞ୍ଚଳର ଏକ ସ୍ପା ସେଣ୍ଟରରୁ ତିନିଜଣ ଥାଇଲାଣ୍ଡ ଯୁବତୀଙ୍କୁ ଉଦ୍ଧାର କରିଥିଲା। ସେମାନେ ଟୁରିଷ୍ଟ ଭିଜାରେ ଦେହ ବ୍ୟବସାୟରେ ଲିପ୍ତ ଥିଲେ ବୋଲି ପୋଲିସ ସ୍ପଷ୍ଟ କରିଥିଲା।

୨୦୧୮ ମେ ୧୯ରେ ବାପୁଜୀ ନଗରର ଏକ ସ୍ପା ସେଣ୍ଟରରୁ ୮ଜଣ ଥାଇଲାଣ୍ଡ ଯୁବତୀ ଉଦ୍ଧାର ହୋଇଥିଲେ। ବିଦେଶୀମାନଙ୍କୁ ଗିରଫ କଲା ପରେ ପ୍ରବାସୀ ଆଇନ ଅନୁଯାୟୀ ଓଡ଼ିଶା ପୋଲିସ ସମ୍ପୃକ୍ତ ଦୂତାବାସ ସହ ଯୋଗାଯୋଗ କରି ଆଇନଗତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ତେବେ ଓଡ଼ିଶା ପୋଲିସରେ ଦିନକୁ ଦିନ କର୍ମଚାରୀ ସଂଖ୍ୟା କମ୍ ଥିବାବେଳେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟତୀତ ଏହି ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ଓ ତଦନ୍ତ ପୋଲିସ ଉପରେ ବଡ଼ ଚାପ ସୃଷ୍ଟି କରୁଛି। ଭାରତର ସୀମାକୁ ଲାଗିଥିବା ପାକିସ୍ତାନ, ବାଂଲାଦେଶ, ମ୍ୟାନ୍‌ମାର ଓ ନେପାଳ ଦେଶର ଅନେକ ଅପରାଧୀ ସନ୍ତର୍ପଣରେ ସୀମାରେ ଅନୁପ୍ରବେଶ କରି ଅସାମାଜିକ କାର୍ଯ୍ୟ କରି ଫେରାର ହୋଇଯାଉଛନ୍ତି। ତେବେ ବିଦେଶୀଙ୍କ ତଥ୍ୟ ରଖିବା, ଯାଞ୍ଚ କରିବା ଓ ଆପରାଧିକ କାର୍ଯ୍ୟର ତଦନ୍ତ ପାଇଁ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ସେଲ୍ ଗଠନ ହେବା ଜରୁରୀ। ସେହିପରି କୋର୍ଟରେ ଏହି ମାମଲାକୁ ଫାଷ୍ଟଟ୍ରାକ୍ ମାମଲା ଭାବେ ତ୍ୱରିତ ଶୁଣାଣି ପାଇଁ ଆଇନଜୀବୀ ଓ ବିଚାରପତିଙ୍କ ମନୋନୟନ ଅତ୍ୟନ୍ତ ପ୍ରାସଙ୍ଗିକ। ଭାରତର ବିଭିନ୍ନ ରାଜ୍ୟରେ ଏହି ମାମଲା ପାଇଁ ସ୍ୱତନ୍ତ୍ର ସେଲ୍ ରହିଥିବା ବେଳେ ଓଡ଼ିଶାରେ କିନ୍ତୁ ଓଲଟା। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବାକୁ ହେଲେ ଓଡ଼ିଶା ପୋଲିସ ଏ ଦିଗଟିକୁ ଅଣଦେଖା ନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଅତ୍ୟନ୍ତ ଜରୁରୀ।

ମୋ- ୯୪୩୭୧୬୩୫୨୮,
judhister009moharana@gmail.com

## ଏଇ ଭାରତରେ

ଜିଭ କାଟି ମହାଦେବଙ୍କୁ ଅର୍ପଣ କଲେ ଯୁବକ। ଆଧୁନିକ ବିଜ୍ଞାନ ଯୁଗରେ ଏବେ ମଣିଷ ଚନ୍ଦ୍ରରେ ବସତି ସ୍ଥାପନ କରିବାକୁ ଚିନ୍ତା କରୁଛି। ଏପରି ସ୍ଥଳେ କେତେକ ଲୋକ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନାନା ଅବିଶ୍ୱସନୀୟ କାର୍ଯ୍ୟ କରୁଛନ୍ତି। ଛତିଶଗଡ଼ରେ ସମ୍ପ୍ରତି ଏଭଳି ଏକ ଘଟଣା ଘଟିଛି। ସ୍ଥାନୀୟ କୋରବା ଅଞ୍ଚଳରେ ଥିବା କରତାଲା-ସେନ୍ଦ୍ରୀପାଲି ଜନଜାତିବହୁଳ ଗାଁରେ ଜଣେ ଯୁବକ ମାନସିକ ପୂରଣ ପାଇଁ ମହାଦେବ ମନ୍ଦିରରେ ଶିବଲିଙ୍ଗଙ୍କୁ ନିଜ ଜିଭ କାଟି ଅର୍ପଣ କରିଛନ୍ତି। ଲକ୍ଷ୍ମୀପ୍ରସାଦ ନାମକ ଏହି ଯୁବକ ସକାଳୁ କାହାକୁ କିଛି ନ ଜଣାଇ ଘରୁ ବାହାରି ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ଖୋଜାଖୋଜି ଆରମ୍ଭ ହୋଇଥିଲା। ଶେଷରେ ଲକ୍ଷ୍ମୀପ୍ରସାଦ ଗାଁ ମୁଣ୍ଡରେ ଥିବା ଶିବମନ୍ଦିରରେ ଚୁପ୍‌ଚାପ୍ ବସିଥିବା ଦେଖିବାକୁ ମିଳିଥିଲା। ମନ୍ଦିରର ଶିବଲିଙ୍ଗ ଉପରେ ଲକ୍ଷ୍ମୀପ୍ରସାଦଙ୍କର କଟାଜିଭ ରହିଥିବା ଲୋକେ ଦେଖିଥିଲେ। ମାତ୍ର ଗାଁ ଲୋକେ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେବା ପରିବର୍ତ୍ତେ ତାଙ୍କର ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ଏବେ ତାଙ୍କ ପାଇଁ ସେଠାରେ ତମ୍ବୁ ଟଣା ଯାଇଥିବା କୁହାଯାଉଛି। ଏହି ଘଟଣା ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ପୁତ୍ର ହସ୍ତେ ବୁହାଇଲ ଜନକର
ରୁଧିର ଝରଣା
ଭରିଲ ରୂପସୀ ବୁକେ ଅବିଶ୍ୱାସ
ବିଷର ବାସନା।
ସକଳ ବସ୍ତୁର ମୂଲ୍ୟ ତୁମେ ଏକା
କରୁଛ ନିର୍ଣ୍ଣୟ
କାଳେ କାଳେ ଏ ଧରଣୀ ଘୋଷୁଥିବ
ତୁମରି ବିଜୟ।
(ସୁନା)
ମରଣ ଆସଇ ଲୁଚି ଚରଣ ଚଳାଇ ଧୀରେ
ଫୁଙ୍କିଯାଏ ଜୀବନର ଦୀପ
ନ ଦେଖାଇ ରୂପ ତା'ର
ନ ଜଣାଇ ଆଗମନ
ନ ଶୁଣାଇ କାହିଁ ପାଦ ଟିପ!
ଜଳିଉଠେ ବିଶ୍ୱକ୍ରୋଡ଼େ ପୁଣି କାହିଁ ଜୀବନର
ନବ ନବ କେତେ ଦୀପାବଳି,
ରଜନୀ-ଦିବସ ସମ
ଜୀବନ-ମରଣ ଖେଳ
ସହଜରେ ଯାଏ ସେ ଯେ ଚଳି।
(ଜଡ଼-ଦର୍ଶନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଜୁଲାଇ ୧୯୯୪

- ମ୍ୟାନମାରର ବିରୋଧୀ ଦଳ ନେତ୍ରୀ ତଥା ନୋବେଲ ପୁରସ୍କାର ବିଜୟିନୀ ଅଙ୍ଗ୍ ସାନ୍ ସୁ'କିଙ୍କ ମୁକ୍ତି ଦାବିକରି ଆନ୍ତର୍ଜାତିକ ସର୍ବକ୍ଷମା ସଂସ୍ଥା ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ।
- ଜାଇରେର ସୀମାନ୍ତ ସହର ଗୋମାଠାରେ ଦଳାଚକଟାରେ ୧୦୦ ଜଣ ରୁଆଣ୍ଡା ଶରଣାର୍ଥୀ ମୃତ୍ୟୁବରଣ କରିଛନ୍ତି।
- ନିର୍ବାଚନ ସଂସ୍କାର ବିଲ୍ ଉପରେ ବ୍ୟକ୍ତିବିଶେଷ ବିଭିନ୍ନ ସଂସ୍ଥା ଏବଂ ସଙ୍ଗଠନଗୁଡ଼ିକର ମତାମତ ଆହ୍ୱାନ ପାଇଁ ସ୍ୱରାଷ୍ଟ୍ର ବ୍ୟାପାର ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଂ କମିଟି ମତ ଦେଇଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 6 | | 9 | A | | | | | C | |
| | | 2 | | 4 | 7 | | B | | | | | | | 8 |
| B | C | | | 0 | | | | 6 | | | | | | |
| D | | 1 | 2 | | 9 | E | | | | | | | 7 | |
| | A | | | | | 5 | | 2 | | 0 | 3 | | | 6 |
| 1 | | 6 | A | | | | 5 | | | 3 | | E | | B |
| | | 0 | 3 | 2 | C | 8 | | | | 1 | | 9 | | |
| | | | | | 0 | B | | | | | C | A | 8 | |
| 2 | 7 | E | 1 | 9 | | | | | | B | | D | | |
| 9 | | | 4 | | | A | | | | | | | | 1 |
| C | | B | | | | 4 | | | | | | | 3 | D |
| | | 3 | | | | 9 | E | | | 2 | 4 | 6 | 5 | 0 |
| 4 | | | 0 | 5 | | | | | | | | | | 7 |
| | E | | | | | 1 | | | 5 | | | | | |
| 7 | | D | E | C | | | 0 | | | 9 | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | D | 3 | 0 | B | 6 | 4 | 8 | A | 2 | 7 | 9 | C | 5 | E |
| 0 | A | E | 3 | 4 | C | 9 | 6 | 5 | D | 8 | 1 | B | 7 | 2 |
| 8 | 6 | 9 | 7 | 2 | A | 1 | E | C | 3 | 5 | B | 4 | 0 | D |
| C | 4 | B | 5 | D | 8 | 7 | 3 | 2 | E | 0 | 6 | A | 9 | 1 |
| 7 | 5 | 2 | E | 9 | 1 | 0 | D | B | 4 | C | A | 3 | 6 | 8 |
| B | 7 | 1 | D | 8 | 0 | 6 | A | 4 | C | E | 3 | 5 | 2 | 9 |
| 3 | 2 | A | 1 | 6 | 5 | 8 | 7 | 9 | 0 | B | D | E | C | 4 |
| D | 9 | 0 | 4 | C | 2 | 5 | B | E | 1 | A | 7 | 8 | 3 | 6 |
| 4 | 8 | C | 9 | 7 | E | D | 0 | 3 | 5 | 6 | 2 | 1 | A | B |
| 5 | E | 6 | B | A | 3 | 2 | C | 1 | 9 | 4 | 8 | 7 | D | 0 |
| 6 | B | 7 | 2 | 5 | D | 3 | 1 | 8 | A | 9 | 4 | 0 | E | C |
| E | 3 | 8 | A | 1 | 9 | C | 4 | 0 | 6 | 2 | 5 | D | B | 7 |
| 9 | 1 | D | C | 0 | B | A | 2 | 7 | 8 | 3 | E | 6 | 4 | 5 |
| A | 0 | 5 | 6 | E | 4 | B | 9 | D | 7 | 1 | C | 2 | 8 | 3 |
| 2 | C | 4 | 8 | 3 | 7 | E | 5 | 6 | B | D | 0 | 9 | 1 | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟବସ୍ଥାର ପରିବର୍ତ୍ତନ ହେଉ

ମହାଶୟ,

ଅନେକ ସମୟରେ ବିଭିନ୍ନ କର୍ମଚାରୀ ଓ ଅଫିସର ଭିଜିଲାନ୍ସ ହାତରେ ଧରାପଡୁଛନ୍ତି। ପୁଣି କିଛିଦିନ ପରେ ସେହି ଚୌକିରେ ବସି ରାଜ୍ କରୁଛନ୍ତି। ସରକାର ଏମାନଙ୍କୁ ଚାକିରିରୁ ବାହାର କରିଦେଲେ କ୍ଷତି କ'ଣ ? ଯିଏ ବି ଲାଞ୍ଚ ନେଉଛି ସେ ଉପର ହାକିମଙ୍କ ନାଁ କହି ନେଉଛି। ଉପର ହାକିମ ନେତା ଓ ମନ୍ତ୍ରୀଙ୍କୁ ଦେବା କଥା ବି ଆମେ ଗଣମାଧ୍ୟମ ଆଲୋଚନାରୁ ଶୁଣିଛୁ। ତେଣୁ ମନେହୁଏ ଏମାନେ ସମସ୍ତେ ଗୋଟିଏ ମାଳାରେ ଗୁନ୍ଥା। ମୁଣ୍ଡ ଠିକ୍ ହେଲେ ଗୋଡ଼ହାତ ଠିକ୍ ହୋଇଯିବ। ଯେତେ ଦୁର୍ନୀତି ହେଉଛି ନେତାମାନଙ୍କ ଜାଣତରେ ହିଁ ହେଉଛି। ଦୁର୍ନୀତିଗ୍ରସ୍ତଙ୍କୁ ନେତାଏ ସୁରକ୍ଷା ଦେଇଥାନ୍ତି। ବ୍ୟବସ୍ଥାରେ ପରିବର୍ତ୍ତନ ନ ଆସିଲେ ଏ ଦୁର୍ନୀତିକୁ ରୋକାଯାଇ ପାରିବ ନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଅନ୍ନଦାତାଙ୍କୁ ବୁଝିବା କେବେ

'ଅନ୍ନଦାତାଙ୍କୁ ବୁଝିବା କେବେ' ପ୍ରବନ୍ଧ ଲାଗି ପ୍ରାବନ୍ଧିକଙ୍କୁ ଅଜସ୍ର ଧନ୍ୟବାଦ। କଥାରେ ଅଛି ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ ? ଚାଷକୁ ଆମେ ନାକ ଟେକୁଛେ। କୃଷି ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ସ୍ନାତକଙ୍କର ପ୍ରଥମ ପସନ୍ଦ ବ୍ୟାଙ୍କ ନ ହେଲେ ଆଇଏଏସ୍, ଓଏଏସ୍। ଧାନଚାଷୀ ଅଭାବୀ ବିକ୍ରି କରେ, କିନ୍ତୁ ଚାଉଳ ମାଲିକ ନୁହେଁ। ଟମାଟୋ ଦର କମିଲେ ରାସ୍ତାରେ ଗଡେ। କିନ୍ତୁ ଟମାଟୋ ସସ୍ ହୁଏ। ଆଳୁ ଶୀତଳ ଭଣ୍ଡାର ଅଭାବରୁ ଶଢ଼ିଯାଏ। କିନ୍ତୁ ଆଳୁ ଚିପ୍ସ ନୁହେଁ। ଶାଗମାଛ ଦରରେ କିଣିନେଇ ମଲ୍‌ଟି ନ୍ୟାଶନାଲ କମ୍ପାନୀ ମାଲାମାଲ ହୁଏ। ସରକାରଙ୍କ 'କାଳିଆ' ଯୋଜନାରେ 'ବାଳିଆ' ପାଇବେ ବୋଲି ଚାଷୀ ଚାତକ ପରି ଅନେଇ ଜଳକା ହେବା ସାର ହେଉଛି।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଖୁବ୍‌ଶୀଘ୍ର ବିଏସ୍‌ଏଲ୍‌ସିରେ ଆରମ୍ଭ ହେବ ଖନନ ପ୍ରକ୍ରିୟା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୨।୭(ବ୍ୟୁରୋ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ବିର୍ସା ଷ୍ଟୋନ୍ ଲାଇମ୍ କମ୍ପାନୀ ଲିମିଟେଡ(ବିଏସ୍‌ଏଲ୍‌ସି)ରେ ଖନନ ପ୍ରକ୍ରିୟା କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଜଣାପଡିଛି । ଏଥିପାଇଁ ଭବିଷ୍ୟତରେ ଶ୍ରମିକ ଏବଂ ସଂଶ୍ଳିଷ୍ଟ ସଂସ୍ଥାଗୁଡିକ ପ୍ରଭାବିତ ହେବେ ନାହିଁ ବୋଲି ସୋମବାର ଇସ୍ପାତ୍ ମନ୍ତ୍ରଣାଳୟରେ ଧର୍ମେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକ ପରେ ସୂଚନା ଦିଆଯାଇଛି । ବୈଠକରେ ପରିଚାଳନା ସମ୍ବନ୍ଧିତ ବିଷୟର ସମାଧାନ କରାଯିବ ବୋଲି ସହମତି ପ୍ରକାଶ ପାଇଛି । ସେଲ୍ ଏବଂ ଆରଆଇଏନଏଲ ବିଏସ୍‌ଏଲ୍‌ସିରୁ ଅଗ୍ରୀମ ଭାବରେ ଡୋଲାମାଇଟ୍ ନେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏଥିପାଇଁ ଏକ ଦୀର୍ଘମିଆଦୀ ଯୋଜନା ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବ । ଏହି କାର୍ଯ୍ୟ ଚଳିତ ସପ୍ତାହ ମଧ୍ୟରେ ପୁଣି ଆରମ୍ଭ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି । ବୈଠକରେ ଇସ୍ପାତ୍ ରାଷ୍ଟ୍ରମନ୍ତ୍ରୀ ଫଗନ୍ ସିଂହ କୁଲସ୍ତେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଏବଂ ଇସ୍ପାତ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରକାଶ ଯେ, ରାଷ୍ଟ୍ରୀୟ ଇସ୍ପାତ୍ ନିଗମ ଲିମିଟେଡ୍‌ର ସହାୟକ କମ୍ପାନୀ ବିଏସ୍‌ଏଲ୍‌ସି ୧୯୧୦ରୁ ଓଡିଶାର ସୁନ୍ଦରଗଡ ଜିଲାରେ ଖନନ ଏବଂ ବିପଣନ ଚୂନ ପଥର ଓ ଡୋଲାମାଇଟର କାରବାର କରୁଛି । ବିଗତ କିଛିଦିନ ଧରି ବିଏସ୍‌ଏଲ୍‌ସିକୁ ପରିଚାଳନା ବନ୍ଦ କରିବାକୁ ପଡିଥିଲା । ଏହି ମାମଲାକୁ ଜୁଏଲ ଓରାମ ଏବଂ ବୀରମିତ୍ରପୁରର ବିଧାୟକ ଶଙ୍କର ଓରାମ ଏବଂ ପ୍ରଭାବିତ ଶ୍ରମିକ ଓ କର୍ମଚାରୀ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ଜୁଆ ଖେଳରୁ ଋଣଗ୍ରସ୍ତ ଶିକ୍ଷକଙ୍କ ଆତ୍ମହତ୍ୟା

**କବିସୂର୍ଯ୍ୟନଗର,୨୨।୭:** ପେଶାରେ ଶିକ୍ଷକ, ନିଶା ହେଉଛି ଆଇପିଏଲ ଓ ଜୁଆ ଖେଳ। ଧାର ଉଦ୍ଧାର କରି ଲକ୍ଷାଧିକ ଟଙ୍କା ଖେଳରେ ଉଡ଼ାଇ ଦେଇଥିଲେ। ପରିବାର ଲୋକେ ଅନେକଥର ଧାରକରଜ କରିଥିବା ଲକ୍ଷ ଲକ୍ଷ ଟଙ୍କା ଶୁଝିଥିଲେ। ଆଉ କେବେ ବି ନ ଖେଳିବାକୁ ଘର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେ ଅତ୍ୟଧିକ ଋଣଗ୍ରସ୍ତ ହେବା ପରେ ମାନସିକ ଭାରସାମ୍ୟ ହରାଇ ରବିବାର ଆତ୍ମହତ୍ୟା କରିଛନ୍ତି। ସେ ହେଉଛନ୍ତି କବିସୂର୍ଯ୍ୟନଗର ଏନ୍‌ଏସିର ଚିନ୍ନମ ମୋହନ ରାଓ। ମୋହନ କବିସୂର୍ଯ୍ୟନଗର ଥାନା ଭେଟସିଂ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ରାତିରେ ମୋହନ ଘରକୁ ଫେରି ନ ଥିଲେ। ସୋମବାର ସକାଳୁ ତାଙ୍କ ମୃତଦେହ ନୂଆଗାଁ ରାସ୍ତା କଡରେ ଥିବା କୁକୁଡ଼ାଫାର୍ମ ନିକଟ କାକପୋଇ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ତାଙ୍କ ବାପା ପୋଲିସରେ ଅଭିଯୋଗ ପରେ ଏକ ଅପମୃତ୍ୟୁ ମାମଲା ନଂ.୯/୧୯ରେ ମୃତଦେହ ଜବତ ପୋଲିସ କରି ଆସିକା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶଯେ, ରଥଯାତ୍ରା ଦିନ ନିମୁଣ୍ଡିଆ ଗ୍ରାମର ମିଥୁନ ସାହୁ ଆଇପିଏଲ ଖେଳରେ ଋଣଗ୍ରସ୍ତ ହୋଇ ବିଷ ପିଇବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

## ଭିଜିଲାନ୍ସ ଜାଲରେ କନିଷ୍ଠଯନ୍ତ୍ରୀ

ପାଟଣା/କେନ୍ଦୁଝର, ୨୨।୭(ସ୍ୱ.ପ୍ର.) କେନ୍ଦୁଝର ଜିଲା ପାଟଣା ଥାନା ମଲାରପଦରେ ନିର୍ମାଣାଧୀନ ଏକ କମ୍ୟୁନିଟି ସେଣ୍ଟରର ଶେଷ ପର୍ଯ୍ୟାୟ ବିଲ୍ ପାସ୍ କରାଇବା ଲାଗି ଲାଞ୍ଚ ନେଉଥିବା ବେଳେ ସାହାରପଡା ବ୍ଲକର କନିଷ୍ଠଯନ୍ତ୍ରୀ ବିଭୂତି ଭୂଷଣ ପ୍ରଧାନ ସୋମବାର ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି। ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇ କେନ୍ଦୁଝର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି କମ୍ୟୁନିଟି ସେଣ୍ଟର ବିଧାୟକ ହାତପାଣ୍ଠିରୁ ନିର୍ମାଣ କରାଯାଇଛି। ପୂର୍ବାହ୍ନରେ ସାହାରପଡାସ୍ଥିତ ସରକାରୀ ବାସଭବନରେ ଠିକାଦାର ହେମନ୍ତ ମହାନ୍ତଙ୍କଠାରୁ କନିଷ୍ଠଯନ୍ତ୍ରୀ ପ୍ରଧାନ ୭ହଜାର ୫ଶହ ଟଙ୍କା ଲାଞ୍ଚ ନେଉଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ଦେବଦତ୍ତ ସେଠଙ୍କ ନେତୃତ୍ୱରେ ଭଦ୍ରକ ଡିଏସପି ସଞ୍ଜୟ କୁମାର ଦାସ ମହାପାତ୍ର, କେନ୍ଦୁଝର ଭିଜିଲାନ୍ସ ଇନ୍ସପେକ୍ଟର ହେମାମାଳିନୀ ନାୟକ, ବାରିପଦା ଇନ୍ସପେକ୍ଟର ପ୍ରଦୀପ କୁମାର ସାମଲ, କେନ୍ଦୁଝର ଭିଜିଲାନ୍ସ କର୍ମଚାରୀ ସର୍ବେଶ୍ୱର ସାହୁ, ସୁରେନ୍ଦ୍ର କୁମାର ପାତ୍ର ଓ ରାଜଶ୍ରୀ ଷଡ଼ଙ୍ଗୀ ପ୍ରମୁଖ ଚଢାଉ କରିଥିଲେ।

### ବିଧାନସଭା ପ୍ରଶ୍ନକାଳରେ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଆଲୋଚନା

# ଡାକ୍ତର ଅଭାବ ଦୂର ପାଇଁ ମନ୍ତ୍ରୀ ଦେଲେ ପ୍ରତିଶ୍ରୁତି

ଭୁବନେଶ୍ୱର,୨୨।୭(ବ୍ୟୁରୋ)

ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ନାଁରେ ଏକ ମେଡିକାଲ କଲେଜ ଏବଂ ହସ୍ପିଟାଲ କରାଯାଇଛି। ହେଲେ ସେଠାରେ ସାମାନ୍ୟତମ ଚିକିତ୍ସା ସୁବିଧା କରା ନ ଯାଇ ଗରିବ ରୋଗୀଙ୍କୁ କଟକ ରେଫର କରିଦିଆଯାଉଛି। ଆର୍ଥିକ ଅବସ୍ଥା ଭଲ ନ ଥିବା କାରଣରୁ ସେମାନେ କଟକ ଆସି ହୀନସ୍ତା ହେଉଥିବା କଂଗ୍ରେସ ସଭ୍ୟ ପ୍ରଶ୍ନକାଳରେ କହିଛନ୍ତି।



ତାରା କହିଛନ୍ତି ଯେ, କୋରାପୁଟ ଜିଲାର ବହୁ ପିଏଚ୍‌ସି, ସିଏଚ୍‌ସିରେ ଡାକ୍ତର ଅଭାବ ରହିଛି। ନିକଟରେ ବିଶାଖାପାଟଣା ଯାଇଥିବା ଜଣେ ଗରିବ ଲୋକ ୩ ଲକ୍ଷ ଟଙ୍କା ଦେଇ ନ ପାରିବାରୁ ହଇରାଣ ହେଲା। କୋରାପୁଟ ଜିଲାପାଳ ସେଠାକାର ସ୍ଥାନୀୟ କଲେକ୍ଟରଙ୍କ ସହ କଥା ହେଲେ, ମାତ୍ର କୌଣସି ସୁଫଳ ମିଳିଲାନାହିଁ। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଧ୍ୟାନ ଦେବାକୁ ତାରା କହିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ନବ ଦାସ କହିଥିଲେ ଯେ, ଜୟପୁର ବିଧାୟକଙ୍କ ଦ୍ୱାରା ଅଣାଯାଇଥିବା ସମସ୍ତ ବିଷୟକୁ ଧ୍ୟାନ ଦିଆଯିବ। ନିକଟ ଭବିଷ୍ୟତରେ କୋରାପୁଟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମୀକ୍ଷା କରାଯିବ। ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ କିଛିବର୍ଷ ମଧ୍ୟରେ ଡାକ୍ତର ଅଭାବ ରହିବ ନାହିଁ। ପିଏଚ୍‌ସି ଏବଂ ସିଏଚ୍‌ସି ସମ୍ପର୍କରେ ଜିଲାୱାରି ସମୀକ୍ଷା ହେବା ନେଇ ମନ୍ତ୍ରୀ ସୂଚନା ଦେଇଥିଲେ। ଏହାପରେ ସନ୍ତୋଷ ସିଂ ସାଲୁଜା କଳିଙ୍ଗ ହସ୍ପିଟାଲ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ବଲାଙ୍ଗୀର ଏବଂ କଣ୍ଟାବାଞ୍ଜି ଅଞ୍ଚଳରେ ଥିବା ପିଏଚ୍‌ସି, ସିଏଚ୍‌ସିରେ ଡାକ୍ତର ଅଭାବ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏମ୍ସକୁ ଆସି ହଇରାଣ ହେଉଥିବା ରୋଗୀଙ୍କ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। କେବଳ କଳିଙ୍ଗ ହସ୍ପିଟାଲର ଓଏସ୍‌ଟିଏଫ୍ କାଟିଦେଲେ ହେବନାହିଁ। ଏମିତିରେ କଳିଙ୍ଗ ହସ୍ପିଟାଲକୁ ବିଶେଷ ଓଏସ୍‌ଟିଏଫ ପାଣ୍ଠି ଦିଆଯାଇନାହିଁ। ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ସୁର ଦାବି କରିଥିଲେ। ଏଥିସହିତ ଏମ୍ସରେ ଦେଖାଯାଉଥିବା ସମସ୍ୟାର ଦୂର ପାଇଁ ନିର୍ଦ୍ଦେଶକଙ୍କୁ ଡାକି ତୁରନ୍ତ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ମନ୍ତ୍ରୀ ଦାସ ମଧ୍ୟ ଏଥିରେ ସକାରାତ୍ମକ ଉତ୍ତର ପ୍ରଦାନ କରିଥିଲେ। ଏଥିସହିତ ପ୍ରାଥମିକ ଭାବେ କଳିଙ୍ଗ ହସ୍ପିଟାଲର ଓଏସ୍‌ଟିଏଫ୍ କଟାଯାଇଛି। ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ବିଚାର କରାଯାଉଥିବା ମନ୍ତ୍ରୀ ଉତ୍ତର ଦେଇଥିଲେ।

# ସରକାରୀ ନିଷ୍ପତ୍ତି ହୋଇନାହିଁ : ମନ୍ତ୍ରୀ

ଭୁବନେଶ୍ୱର,୨୨।୭(ବ୍ୟୁରୋ)

**ମଦ ଦୋକାନୀଙ୍କୁ ପୁରସ୍କାର ପ୍ରସଙ୍ଗ**

ଭଲ ରାଜସ୍ୱ ପ୍ରଦାନ କରୁଥିବା ମଦ ଦୋକାନୀଙ୍କୁ ପୁରସ୍କାର ଦେବା କଥା ନେଇ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି। ଷ୍ଟାଣ୍ଡିଂ କମିଟି ପକ୍ଷରୁ ଏନେଇ କେବଳ ସୁପାରିସ କରାଯାଇଛି ବୋଲି ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ବିଧାନସଭାରେ ଉତ୍ତର ରଖିଛନ୍ତି। ଅବକାରୀ ରାଜସ୍ୱ ବାବଦରେ ୨୦୧୮-୧୯ରେ ୨୧.୮୭ ପ୍ରତିଶତ ବୃଦ୍ଧି ପାଇଛି। ଅର୍ଥାତ୍ ଏହି ଆର୍ଥିକ ବର୍ଷରେ ୩୯୨୫.୪୧ କୋଟି ଟଙ୍କା ରାଜସ୍ୱ ମିଳିଛି। ଏହା ପୂର୍ବରୁ ୨୦୧୭-୧୮ରେ ଏହା ୩୨୨୧.୦୩ କୋଟି, ୨୦୧୬-୧୭ରେ ୨୭୮୬.୨୫ କୋଟି, ୨୦୧୫-୧୬ରେ ୨୫୬୮.୬୮ କୋଟି ଏବଂ ୨୦୧୪-୧୫ରେ ୨୦୩୮.୭୯ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲା। ୨୦୦୯-୧୦ରେ ୮୪୮.୯୬ କୋଟି, ୨୦୧୦-୧୧ରେ ୧୦୯୪.୩୮ କୋଟି, ୨୦୧୧-୧୨ରେ ୧୩୭୯ କୋଟି, ୨୦୧୨-୧୩ରେ ୧୪୯୯.୯୦ କୋଟି ଏବଂ ୨୦୧୩-୧୪ରେ ୧୭୮୦.୨୮ କୋଟି ଟଙ୍କା ଅବକାରୀ ରାଜସ୍ୱ ଭାବେ ସଂଗୃହୀତ ହୋଇଥିଲା।

ଗୃହରେ ବିରୋଧୀ ମୁଖ୍ୟ ସଚେତକ ମୋହନ ମାଝି ରାଜ୍ୟ ସରକାରଙ୍କ ଅବକାରୀ ନୀତିକୁ ସମାଲୋଚନା କରିଛନ୍ତି। ମୋହନ କହିଛନ୍ତି ଯେ, ଗୋଟିଏପଟେ ମଦକୁ ରୋକିବା ପାଇଁ ସରକାର କହୁଥିବା ବେଳେ ଅପରପକ୍ଷରେ ଷ୍ଟାଣ୍ଡିଂ କମିଟି ଅଧିକ ମଦ ବିକ୍ରି କରୁଥିବା ଦୋକାନୀଙ୍କୁ ପୁରସ୍କାର ପାଇଁ ସୁପାରିସ କରୁଛି। ରାଜ୍ୟ ସରକାର ମଦ ନୀତିକୁ ନେଇ ଦୋମୁହାଁ ରଣନୀତି ପ୍ରଦର୍ଶନ କରୁଛନ୍ତି। ମଦନୀତି ବାବଦରେ ସେ ପଚାରିଥିବା ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ମିଳି ନ ଥିବାରୁ ମୋହନ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ପରଜଙ୍ଗ ବିଧାୟକ ନୃସିଂହ ସାହୁ ଆମ୍ବପଳାସ ଗାଁରେ ଚୋରାମଦ କାରବାର ନେଇ ଅବକାରୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ସେଠାରେ ହେଉଥିବା ଧରପଗଡ଼ ଜିଲା ପ୍ରଶାସନ-ଅବକାରୀ ବିଭାଗର ସଲାସୁତୁରାରେ ହେଉଥିବା ଅଭିଯୋଗ କରିଥିଲେ। ତେଣୁ ରାଜ୍ୟସ୍ତରୀୟ ଅଧିକାରୀ ସେଠାକୁ ଯାଇ ଧରପଗଡ଼ କରନ୍ତୁ ବୋଲି ନୃସିଂହ ଅନୁରୋଧ କରିଥିଲେ। ଅବକାରୀ ମନ୍ତ୍ରୀ ପୂଜାରୀ ମଧ୍ୟ ଆବଶ୍ୟକ ପଦକ୍ଷେପ ନେଇ ପ୍ରତିଶ୍ରୁତି ଦେଇଥିଲେ। ମହିଳାମାନେ ବିଭିନ୍ନ ସମୟରେ ମଦ ବିରୋଧରେ ଆନ୍ଦୋଳନ କରୁଛନ୍ତି। ସେମାନଙ୍କ ଆନ୍ଦୋଳନ ପରେ ମଦ ଦୋକାନ ବନ୍ଦ ନେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିଜେଡି ବିଧାୟକ ପ୍ରତାପଦେବ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ପୂଜାରୀ ବିଭିନ୍ନ ନିୟମ ବିଷୟରେ ବର୍ଣ୍ଣନା କରିବା ସହ ନିର୍ଦ୍ଦିଷ୍ଟ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାସ ପାଣିଗ୍ରାହୀ, ସୌମ୍ୟରଞ୍ଜନ ପଟ୍ଟନାୟକ, ଶଶିଭୂଷଣ ବେହେରା ପ୍ରମୁଖ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ।





ବିଧାନସଭା ପରିସର ଗାନ୍ଧୀମୂର୍ତ୍ତି ନିକଟରେ ସୋମବାର ଅପରାହ୍ନରେ କଂଗ୍ରେସ ସଦସ୍ୟମାନେ ଧାରଣାରେ ବସିଛନ୍ତି ।

### ଗୃହରେ ଉତ୍ତର ରଖିଲେ ଅର୍ଥମନ୍ତ୍ରୀ

# ୪୫,୫୦୦ କୋଟି ରାଜସ୍ୱ ଆଦାୟ ଲକ୍ଷ୍ୟ

ଭୁବନେଶ୍ୱର,୨୨।୭(ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷ(୨୦୧୯-୨୦)ରେ ରାଜ୍ୟର ନିଜସ୍ୱ ରାଜସ୍ୱ ବାବଦକୁ ମୋଟ ୪୫,୫୦୦ କୋଟି ଟଙ୍କା ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ତନ୍ମଧ୍ୟରୁ ଟିକସ ବାବଦକୁ ୩୩,୦୦୦ କୋଟି ଓ ଅଣଟିକସ ବାବଦକୁ ୧୨,୫୦୦ କୋଟି ଟଙ୍କା ସଂଗ୍ରହ କରାଯିବ ବୋଲି ଅଟକଳ କରାଯାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ବିଧାନସଭାର ପ୍ରଶ୍ନକାଳରେ ଏହା କହିଛନ୍ତି। ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ତାରକା ପ୍ରଶ୍ନ ନଂ.୩୯୨ର ଉତ୍ତର ଦେଇ ମନ୍ତ୍ରୀ ପୂଜାରୀ ଏହି ତଥ୍ୟ ଦେଇଛନ୍ତି।

ସେହିପରି ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ନିଜସ୍ୱ ଟିକସ ଓ ଅଣଟିକସ ବାବଦକୁ ଯଥାକ୍ରମେ ୬,୯୪୩ କୋଟି ଏବଂ ୩୪୮୪ କୋଟି ଟଙ୍କା ସଂଗ୍ରହ କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ବେତନ, ଭତ୍ତା, ପେନ୍‌ସନ ଓ ଦପ୍ତର ପରିଚାଳନା ବାବଦରେ ୩୧,୭୯୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୧୮-୧୯ ସଂଶୋଧିତ ଅଟକଳ ଅନୁଯାୟୀ ଏ ବାବଦରେ ୩୯,୯୩୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷରେ ଏହି ସବୁ ଖର୍ଚ୍ଚ ପାଇଁ ୪୪,୬୧୩ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଥିବା ମନ୍ତ୍ରୀ ପୂଜାରୀ ଉତ୍ତର ଦେଇଛନ୍ତି। ୨୦୧୦-୧୧ରେ ୧୫,୦୦୫ କୋଟି, ୨୦୧୧-୧୨ରେ ୧୫,୮୧୫ କୋଟି, ୨୦୧୨-୧୩ରେ ୧୭,୩୫୫ କୋଟି, ୨୦୧୩-୧୪ରେ ୧୯,୨୬୦ କୋଟି, ୨୦୧୪-୧୫ରେ ୨୨,୪୧୦ କୋଟି, ୨୦୧୫-୧୬ରେ ୨୪,୪୩୨ କୋଟି ଏବଂ ୨୦୧୬-୧୭ରେ ୨୬,୫୦୭ କୋଟି ଟଙ୍କା ବେତନ, ଭତ୍ତା, ପେନ୍‌ସନ ଓ ଦପ୍ତର ପରିଚାଳନା ବାବଦକୁ ଖର୍ଚ୍ଚ ହୋଇଛି।

ସେହିଭଳି ୨୦୧୪-୧୫ ଆର୍ଥିକ ବର୍ଷରେ ୨୭,୮୯୯ କୋଟି, ୨୦୧୫-୧୬ରେ ୩୧,୨୩୮ କୋଟି, ୨୦୧୬-୧୭ରେ ୩୦,୮୯୫ କୋଟି, ୨୦୧୭-୧୮ରେ ୩୬,୩୧୨ କୋଟି ଏବଂ ୨୦୧୮-୧୯ରେ ୪୦,୫୦୦ କୋଟି ଟଙ୍କା ନିଜର ରାଜସ୍ୱ ସଂଗ୍ରହ କରାଯାଇଛି ବୋଲି ମନ୍ତ୍ରୀ ପୂଜାରୀ ତଥ୍ୟ ରଖିଛନ୍ତି ।

# 'ଆଇଏଏସ୍ ନୁହେଁ, ଯନ୍ତ୍ରୀ ହୁଅନ୍ତୁ ପୂର୍ତ୍ତ ସଚିବ'

ଭୁବନେଶ୍ୱର,୨୨।୭(ବ୍ୟୁରୋ)

ପୂର୍ତ୍ତ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ନିର୍ମାଣ ସମ୍ବନ୍ଧିତ ଏହି ବିଭାଗ ହୋଇଥିବାରୁ, ଏହାର ପ୍ରଶାସନିକ ମୁଖ୍ୟଭାବେ ଜଣେ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥାଏ। ହେଲେ ରାଜ୍ୟରେ କିଛିମାସ ହେବ ଜଣେ ଆଇଏଏସ୍ ଅଧିକାରୀ(ଡକ୍ଟର କ୍ରିଷନ୍ କୁମାର) ଏହି ଦାୟିତ୍ୱରେ ଅଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ତାଙ୍କୁ ଅପସାରଣ କରି ଜଣେ ଅଭିଜ୍ଞସମ୍ପନ୍ନ ଯନ୍ତ୍ରୀଙ୍କୁ ପୂର୍ତ୍ତ ସଚିବ କରନ୍ତୁ ବୋଲି ସନ୍ତୋଷ ସିଂ ସାଲୁଜା ପ୍ରଶ୍ନକାଳରେ କହିଛନ୍ତି। ସେହିପରି ସାଲୁଜା ଅଲଗା ଅଲଗା ଭାବେ ପୂର୍ତ୍ତ ବିଭାଗର ପ୍ରଶ୍ନ ପଚାରୁଥିଲେ ମଧ୍ୟ ବିଧାନସଭାରେ ପ୍ରଶ୍ନଗୁଡିକୁ ସମଷ୍ଟି କରିଦିଆଯାଉଥିବା ଅଭିଯୋଗ ହେଉଛି। ଯାହାଦ୍ୱାରା ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ମିଳୁ ନ ଥିବା ସାଲୁଜା ଅଭିଯୋଗ କରିଥିଲେ। ସାଲୁଜା କହିଥିଲେ ଯେ, ସବୁ ବିଭାଗର ଅଧିକାରୀ ଆଇଏଏସ୍ ହୋଇପାରିବେ। ହେଲେ ନିର୍ମାଣ ବିଭାଗରେ ଯନ୍ତ୍ରୀ ନିହାତି ଆବଶ୍ୟକ। କାରଣ କୌଣସି ହିସାବ ଯଦି ଭୁଲ ହୋଇଯିବ, ତେବେ ବଡ଼ ବଡ଼ ନିର୍ମାଣ ଭୁଶୁଡିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ସେହିଭଳି ସଚିବ ନିର୍ମାଣ ସମ୍ପର୍କରେ ଅନଭିଜ୍ଞ ହୋଇଥିବାରୁ କିଛି ଅଧିକାରୀ ଅସାଧୁ କାର୍ଯ୍ୟ କରିବାର ସୁଯୋଗ ପାଇବେ ବୋଲି ସାଲୁଜା କହିଥିଲେ। ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଉତ୍ତର ଦେଇ କହିଥିଲେ ଯେ, ଜଣେ ଅଧିକାରୀ ବର୍ତ୍ତମାନ ଦାୟିତ୍ୱରେ ଅଛନ୍ତି। ଜଣେ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦେବା ପାଇଁ ଚେଷ୍ଟା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ହେଲେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ହାଲୁକା ଭାବେ ସଚିବ ଫିଟ୍ ବୋଲି କହିଥିଲେ। ଯାହାକୁ ନେଇ ସାମାନ୍ୟ ହାସ୍ୟରୋଳ ହୋଇଥିଲା।

# ବିରୋଧୀଙ୍କ ଅନୁପସ୍ଥିତିରେ ଏସ୍‌ସି ଏସ୍‌ଟି ବିଭାଗ ଖର୍ଚ୍ଚ ଦାବି ଗୃହୀତ

ଭୁବନେଶ୍ୱର, ୨୨।୭(ବ୍ୟୁରୋ):

ବିଧାନସଭାରେ ସୋମବାର ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସିଏସ୍‌ଟି) ଉନ୍ନୟନ ବିଭାଗ ୨୦୧୯-୨୦ ଆର୍ଥିକବର୍ଷ ପାଇଁ ଖର୍ଚ୍ଚ ଦାବି ଗୃହୀତ କରିଛନ୍ତି। ବାରମ୍ବାର ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହ ମୁଲତବୀ ରହିବାପରେ ସନ୍ଧ୍ୟା ୬ଟା ୧୨ମିନିଟ୍‌ରେ ଏସ୍‌ସି, ଏସ୍‌ଟି ବିଭାଗ ଖର୍ଚ୍ଚ ଦାବି ଉପରେ ଆଲୋଚନା ହୋଇଥିଲା। ଏହି ସମୟରେ ମୁଖ୍ୟ ବିରୋଧୀ ଦଳ ଭାଜପା ରାଜ୍ୟରେ ବଢୁଥିବା ନାବାଳିକା ଅପହରଣ ଏବଂ ବଳାତ୍କାର ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତର ଦାବି କରିଥିଲେ। ଏହାସହ ବାଚସ୍ପତିଙ୍କ ପୋଡିୟମ ତଳେ ଭାଜପା ସଦସ୍ୟମାନେ ଧାରଣା ଦେଇଥିଲେ। ଅନ୍ୟପଟେ କଂଗ୍ରେସ ସଦସ୍ୟମାନେ ମଧ୍ୟ ସମାନ ଦାବି ନେଇ ଗୃହ ତ୍ୟାଗ କରିବା ସହ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ। ମାତ୍ର ଶାସକ ଦଳ ସଦସ୍ୟମାନେ ଖର୍ଚ୍ଚ ଦାବି ଆଲୋଚନା କରିବାପରେ ମନ୍ତ୍ରୀ ଜଗନ୍ନାଥ ସାରକା ଉତ୍ତର ରଖିଥିଲେ। ସାରକା କହିଥିଲେ ଯେ, ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପାଇଁ ବଜେଟରେ ମୋଟ କାର୍ଯ୍ୟକ୍ରମ ଓ ପ୍ରଶାସନିକ ବ୍ୟୟ ମିଶି ମୋଟ ୩୬୨୪ କୋଟି ୮୩ଲକ୍ଷ ୭୧ ହଜାର ଟଙ୍କା ଗୃହୀତ ହୋଇଛି। ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ବାବଦରେ ୧୫୮୨ କୋଟି ୪୯ଲକ୍ଷ ୭୩ ହଜାର ଟଙ୍କା, କେନ୍ଦ୍ର ସ୍ତରୀୟ କାର୍ଯ୍ୟକ୍ରମ ବାବଦରେ ୧୬୫କୋଟି ୧୩ଲକ୍ଷ ୭୩ ହଜାର ଟଙ୍କା ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ କାର୍ଯ୍ୟକ୍ରମ ବାବଦରେ ୧୧୨୩କୋଟି ୫୪ଲକ୍ଷ ୫୨ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହିପରି ମୋଟ ୨୮୭୧ କୋଟି ୧୭ଲକ୍ଷ ୯୮ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ପ୍ରଶାସନିକ ବ୍ୟୟ ବାବଦରେ ୭୫୩ କୋଟି ୬୫ଲକ୍ଷ ୭୩ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ଅନୁସୂଚିତ ଜନଜାତି ମାନଙ୍କ ଉନ୍ନୟନ ନିମନ୍ତେ ୧୭୩୪ କୋଟି ୮୬ଲକ୍ଷ ୩୩ହଜାର ଟଙ୍କା, ଅନୁସୂଚିତ ଜାତିମାନଙ୍କ ଉନ୍ନୟନ ନିମନ୍ତେ ୮୯୩କୋଟି ୬୯ଲକ୍ଷ ୫୯ ହଜାର ଟଙ୍କା, ଅନ୍ୟାନ୍ୟ ପଛୁଆ ବର୍ଗମାନଙ୍କ ଉନ୍ନୟନ ନିମନ୍ତେ ୧୨୭ କୋଟି ୬୯ଲକ୍ଷ ୬୩ ହଜାର ଟଙ୍କା, ସମ୍ପ୍ରଦାୟଙ୍କ ଉନ୍ନୟନ ନିମନ୍ତେ ୧୧୫ କୋଟି ୪୯ଲକ୍ଷ ୪୩ହଜାର ଟଙ୍କାର ଖର୍ଚ୍ଚ ଧାର୍ଯ୍ୟ କରାଯାଇଛି। ଏହି ଆଲୋଚନାରେ କେବଳ ଶାସକ ଦଳ ସଦସ୍ୟମାନେ ଭାଗ ନେଇଥିଲେ। ପ୍ରକାଶ ଚନ୍ଦ୍ର ମାଝୀ କହିଥିଲେ ଯେ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦିବାସୀ ବହୁଳ ଜିଲା ତଥା ଯେଉଁଠାରେ ୫୦ ପ୍ରତିଶତ ଏସ୍‌ସି/ଏସ୍‌ଟି ଲୋକ ଅଛନ୍ତି ସେମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଆଦିବାସୀ ବହୁଳ ଜିଲାରେ ଜଙ୍ଗଲ ଓ ଖଣି ରହିଛି। ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ଏମାନଙ୍କୁ ଦିଆଯିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେଣୁ ଜଳ, ଜମି ଏବଂ ଜଙ୍ଗଲର ବିକାଶ ହୋଇ ନ ପାରିଲେ ବିକାଶ ପ୍ରକ୍ରିୟାରେ ବାଧାପ୍ରାପ୍ତ ହେବ। ଆମ ଅଞ୍ଚଳରେ ଥିବା ନଦୀଗୁଡିକ ଶିଳ୍ପ ପାଇଁ ହେଉ ମନାନାହିଁ ହେଲେ ଆଦିବାସୀଙ୍କ ସମସ୍ୟା ଯେପରି ନ ରହେ ସେଥିପ୍ରତି ଧ୍ୟାନ ଦିଆଯାଉ। ଶାସକ ଦଳ ସଦସ୍ୟ ରମେଶ ଚନ୍ଦ୍ର ବେହେରା କହିଛନ୍ତି, ୨୦୦୭-୦୮ରେ ୧୦୦ ସିଟ୍ ବିଶିଷ୍ଟ ଏସ୍‌ଟି ବାଳିକା ହଷ୍ଟେଲ ଆରମ୍ଭ କରାଯାଇଥିଲା। ୬ହଜାର ୮ଶହ ହଷ୍ଟେଲରେ ୬ଲକ୍ଷରୁ ଅଧିକ ଛାତ୍ରୀଛାତ୍ରଙ୍କୁ ପଢାଯାଉଛି। ଏମାନଙ୍କ ଜୀବନ ଓ ଜୀବିକାର ସାମୂହିକ ବିକାଶକୁ ଗୁରୁତ୍ୱ ଦିଆଯାଉ ବୋଲି ସେ କହିଛନ୍ତି। ବର୍ତ୍ତମାନ ମହିଳାମାନଙ୍କ ସାକ୍ଷରତା ହାର ୮୦ପ୍ରତିଶତରେ ପହଞ୍ଚିଲାଣି। ଏହି ବିଭାଗ ରାଜ୍ୟର ୯୧ପ୍ରତିଶତ ଲୋକଙ୍କ କଥା ବୁଝୁଛି। ସାରା ଓଡିଶାର କଥା ବୁଝୁଥିବାରୁ ଏହାକୁ ଅଣଦେଖା କରାଯାଇ ନ ପାରେ। ଆଲୋଚନାରେ ଭାଗ ନେଇଥିଲେ ବିରୋଧୀଙ୍କ ଗରିମା ବଢିଥାଆନ୍ତା ବୋଲି ସେ କହିଛନ୍ତି।

### ଅନୁଗୋଳରେ ନାବାଳିକା ବଳାତ୍କାର ଘଟଣା

# ୧୫ ଲକ୍ଷ କ୍ଷତିପୂରଣ ପାଇଁ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର, ୨୨।୭(ବ୍ୟୁରୋ):

ପରିବାର ଲୋକଙ୍କ ସହ ଶୋଇଥିବା ଜଣେ ୮ ବର୍ଷୀୟା ନାବାଳିକାଙ୍କୁ ଉଠାଇ ନେଇ ବଳାତ୍କାର କରିବା ଘଟଣା ରବିବାର ଅନୁଗୋଳ ସହରକୁ ସ୍ତବ୍ଧ କରିଦେଇଥିଲା। ଏହି ଘଟଣାକୁ ନେଇ ସୋମବାର ବିଧାନସଭା ହୁଲସ୍ଥୁଲ ହୋଇଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ପୀଡ଼ିତାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଦାବିରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଅନ୍‌ଲାଇନ୍ ମାଧ୍ୟମରେ ଏହି ଅଭିଯୋଗ କରିଛନ୍ତି। ମାନବାଧିକାର ନିୟମ ଅନୁଯାୟୀ ପୀଡ଼ିତାଙ୍କ ପରିବାରକୁ ୪ସପ୍ତାହ ମଧ୍ୟରେ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ମୁଖ୍ୟ ଶାସନ ସଚିବ ଏବଂ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଡିଜିପିଙ୍କୁ ନିର୍ଦ୍ଦେଶ ଦେବାକୁ ସେ ତାଙ୍କ ପିଟିଶନ୍‌ରେ କମିଶନଙ୍କୁ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ମହାରାଷ୍ଟ୍ର ନାଗପୁର ଅଞ୍ଚଳର ଏକ ଶ୍ରମିକ ପରିବାର ଅନୁଗୋଳରେ କାମ କରିବା ସହ ବାଳସୁଧାର ଗୃହ ନିକଟରେ ରହୁଥିଲେ। ଶନିବାର ରାତିରେ ବର୍ଷା ହେବାରୁ ଘରକୁ ଯାଇ ନ ପାରି ବସ୍‌ଷ୍ଟାଣ୍ଡ ନିକଟ ଏକ ଦୋକାନ ବାରଣ୍ଡାରେ ଆଶ୍ରୟ ନେଇଥିଲେ। ସେଠାରୁ ଫାଣ୍ଡି ମାତ୍ର ୪ଶହ ମିଟର। ନାବାଳିକା ଜଣଙ୍କ ପରିବାର ଲୋକଙ୍କ ସହ ସେଠାରେ ଶୋଇଥିଲେ। ରାତି ପ୍ରାୟ ୨ଟାରେ କେହି ଦୁର୍ବୃତ୍ତ ନାବାଳିକାଙ୍କୁ ଉଠାଇ ନେଇ ଏକ ଆହାର କେନ୍ଦ୍ର ନିକଟରେ ବଳାତ୍କାର କରିଥିଲେ। ପରେ ତାଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ନାବାଳିକା ଜଣଙ୍କ ସଂଜ୍ଞାହୀନ ହୋଇପଡ଼ିବାରୁ ତାଙ୍କୁ ମୃତ ଭାବି ଅଳିଆ ଗଦାରେ ଫିଙ୍ଗିଦେଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ସକାଳେ ପରିବାର ଲୋକେ ଉଠିବା ପରେ ଝିଅକୁ ଦେଖିବାକୁ ପାଇ ନ ଥିଲେ। ସେମାନେ ଖୋଜାଖୋଜି କରିବା ବେଳେ ଅଳିଆଗଦାରେ ଝିଅ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କୁ ଅବଜରଭେଶନରେ ରଖାଯାଇ ଚିକିତ୍ସା କରାଯାଉଛି।

## କୁଜଙ୍ଗରେ ମରୁଡିର ପଦଧ୍ୱନୀ ତଳିକୁ ଦେଖି ଟଳିପଡ଼ିଲେ ଚାଷୀ

କୁଜଙ୍ଗ,୨୨।୭(ସ୍ୱ.ପ୍ର.):

ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ଅଞ୍ଚଳରେ ମରୁଡ଼ିର ପଦଧ୍ୱନୀ ଶୁଣାଗଲାଣି। ବହୁ କଷ୍ଟରେ ଚାଷୀ ଯେଉଁ ତଳି ପକାଇଥିଲେ ବର୍ଷା ଅଭାବରୁ ସେସବୁ ନଷ୍ଟ ହେବାକୁ ବସିଲାଣି। ଏଥିରେ ମ୍ରିୟମାଣ ହୋଇ ବାଲିଆ ପଞ୍ଚାୟତ ପାରିଅଙ୍ଗ ଗ୍ରାମର ଜଣେ ଚାଷୀଙ୍କ ସୋମବାର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ମହେଶ୍ୱର ନାୟକ (୬୧)। ନିଜ ବିଲରେ ତଳିଘେରା ନଷ୍ଟ ହେବାର ଦେଖି ବିଲରେ ହିଁ ହୃଦ୍‌ଘାତର ଶିକାର ହୋଇ ମହେଶ୍ୱର ଟଳିପଡିଲେ ବୋଲି ଗ୍ରାମବାସୀ କହିଛନ୍ତି। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ମହେଶ୍ୱର ନିଜ ତଳି ବିଲ ଦେଖିବାକୁ ଯାଇଥିଲେ। ବର୍ଷା ତଥା ଜଳସେଚନ ଅଭାବ ଓ ଗ୍ରୀଷ୍ମ ପ୍ରକୋପରେ ତାଙ୍କ ଜମିରେ ତଳି ସବୁ ଜଳିଯାଇଥିଲା। ଏହା ଦେଖି ସେ ସଂଜ୍ଞାହୀନ ହୋଇ ପଡିଥିଲେ। ନିକଟରେ ଚାଷ କରୁଥିବା ଅନ୍ୟ ଚାଷୀମାନେ ତାଙ୍କୁ ତୁରନ୍ତ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ୪୧ ଜଣ ସିଭିଲ ଜଜ୍ ନିଯୁକ୍ତ

ଭୁବନେଶ୍ୱର,୨୨।୭(ବ୍ୟୁରୋ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ସୋମବାର ୪୧ଜଣଙ୍କୁ ସିଭିଲ୍ ଜଜ୍ ଭାବେ ନିଯୁକ୍ତ କରିଛନ୍ତି। ସେମାନେ ଓଡ଼ିଶା ଜୁଡିସିଆଲ ସର୍ଭିସ୍ ପରୀକ୍ଷା-୨୦୧୮ରେ ଉତ୍ତୀର୍ଣ୍ଣ ହୋଇଥିଲେ। ନବନିଯୁକ୍ତ ସିଭିଲ ଜଜ୍‌ମାନେ ହେଲେ ଈପ୍‌ସିତା ଅଭିନନ୍ଦିତା ମିଶ୍ର, ତନ୍ମୟ ରଞ୍ଜନ ଦାସ, ଶ୍ରୁତକୀର୍ତ୍ତି ଆଚାର୍ଯ୍ୟ, ରୀତି ତ୍ରିପାଠୀ, ଚିନ୍ମୟ ଦାସ, ଶ୍ରୀମୟୀ ନନ୍ଦ, ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ, ରିତିକା ଗର୍ଗ, ପ୍ରକାଶ କୁମାର କର, ତସଲିମା ଦାସ, ଅଙ୍ଗସ୍ୱରୂପା ଚାଟାର୍ଜୀ, ତରୁଣ କୁମାର ସେଠୀ, ରିତିକା ଜେନା, ହିତାଶ୍ରୀ ବେହେରା, ଶୁଭଙ୍କର ମହାନ୍ତି, ପ୍ରଚେତା ପ୍ରିୟଦର୍ଶିନୀ ମହାପାତ୍ର, ପ୍ରବୀଣ କୁମାର ହୋତା, ଶ୍ରାବଣୀ ଆଚାର୍ଯ୍ୟ, ମନୋଜ କୁମାର ଦାସ ମହାପାତ୍ର, ପୂଜା ପ୍ରିୟଦର୍ଶିନୀ ପତି, ସତ୍ୟନାରାୟଣ ଦାଶ, ଦେବଶ୍ରୀ ଦାସ, ପଲ୍ଲବୀ ପ୍ରିୟଦର୍ଶିନୀ ଦାଶ, ହରିମୋହନ ଦାଶ, ପରିଣିତା ନାୟକ, ସ୍ମିତାଶ୍ରୀ ବାଣୀକଲ୍ୟାଣୀ ମିଶ୍ର, ପ୍ରଜ୍ଞାନ ରାଉତ, ଏ. ଅବିନାଶ ନାଇଡୁ, ପ୍ରେରଣାଶ୍ରୀ ଦେଓ, ସୌମ୍ୟାଶ୍ରୀ ମହାପାତ୍ର, ସୁମନ୍ତ କୁମାର ପଟ୍ଟନାୟକ, ନଜେଦା ଖାତୁନ, ମୋନାଲି ବେହେରା, ଅନୁସମ ଦାଶ, ପ୍ରଦୋଷ କୁମାର ଦାଶ, ସୋନ୍ନି ସେନାଇଲ, ସୋମେଶ ସୌମ୍ୟଜିତ୍ ପଣ୍ଡା, ସୋନାଲି ମହାନ୍ତି, ଶ୍ରେୟା ରିତୁପର୍ଣ୍ଣା ସାହୁ, ସୁଧା ଶ୍ରୀ ସୁରଖାଲିଆ ଓ ଅଶ୍ୱିନୀ କୁମାର ସାହୁ।

■ ହ୍ୱାଇଟ୍‌ହାଉସରେ ଟ୍ରମ୍ପ୍-ଇମ୍ରାନ୍ ଆଲୋଚନା

# କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ପ୍ରସ୍ତାବ

ୱାଶିଂଟନ,୨୨।୭(ପି.ଟି.)

କଶ୍ମୀର ପ୍ରସଙ୍ଗରେ ଭାରତ ଓ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ପ୍ରସ୍ତାବ ଦେଇଛନ୍ତି। ହ୍ୱାଇଟ୍ ହାଉସ୍‌ରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ସହ ଆଲୋଚନା ବେଳେ ଟ୍ରମ୍ପ୍ ଏହା କହିଛନ୍ତି। ଯଦି ଦୁଇ ଦେଶ ଚାହିଁବେ ତେବେ ସହାୟତା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଆମେରିକା ଗସ୍ତରେ ଯାଇଥିବା ଇମ୍ରାନ ଟ୍ରମ୍ପ୍‌ଙ୍କ ମନ୍ତବ୍ୟକୁ ସ୍ୱାଗତ କରିଛନ୍ତି। ଯଦି ଟ୍ରମ୍ପ୍ ମଧ୍ୟସ୍ଥତା ପାଇଁ ରାଜି ତେବେ ୧୦୦ କୋଟିରୁ ଅଧିକ ଲୋକଙ୍କ ପ୍ରାର୍ଥନା ତାଙ୍କ ସହିତ ରହିଛି ବୋଲି ଇମ୍ରାନ୍ କହିଛନ୍ତି। ତେବେ କଶ୍ମୀର ଦ୍ୱିପାକ୍ଷିକ ପ୍ରସଙ୍ଗ, ଏଥିରେ ତୃତୀୟ ପକ୍ଷର ସ୍ଥାନ ନାହିଁ ବୋଲି ଭାରତ ବାରମ୍ବାର କହିଆସୁଛି।

୨୦୧୬ ଜାନୁୟାରୀରେ ପଠାନକୋଟ୍ ଏୟାରବେସ୍‌ରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣ ପରଠାରୁ ଭାରତ ଇସ୍‌ଲାମାବାଦ ସହ ଆଲୋଚନା ବନ୍ଦ ରଖିଛି। ଆତଙ୍କବାଦ ଓ ଆଲୋଚନା ଏକତ୍ର ଚାଲିପାରିବ ନାହିଁ ବୋଲି ନୂଆଦିଲ୍ଲୀ କହିଆସୁଛି।

ଇମ୍ରାନଙ୍କ ସହ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ କମାର ଜାଭେଦ ବାଜୱା, ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ମୁଖ୍ୟ ଲ୍ୟୁଟନାଣ୍ଟ ଜେନେରାଲ ଫୈଜ୍ ହମିଦ ଏବଂ ବହିର୍ବ୍ୟାପାର ମନ୍ତ୍ରୀ ମେହମୁଦ୍ କୁରେଶି ଆମେରିକା ଯାଇଛନ୍ତି। ତେବେ ବିମାନ ବନ୍ଦରରେ ପହଞ୍ଚିବା ପରେ ଇମ୍ରାନଙ୍କୁ ଆମେରିକା ପକ୍ଷରୁ ଆନୁଷ୍ଠାନିକ ସ୍ୱାଗତ କରା ନ ଯିବା ତାଙ୍କ ପାଇଁ ଶକ୍ତ ଝଟ୍‌କା ବୋଲି କୁହାଯାଉଛି।

ଚଳିତ ବର୍ଷ ଫେବୃୟାରୀରେ ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ତୀବ୍ର ହୋଇଥିଲା। ଫେବୃୟାରୀ ୨୬ରେ ଭାରତୀୟ ବାୟୁସେନା ଏୟାରଷ୍ଟ୍ରାଇକ୍ କରି ବାଲାକୋଟ୍‌ରେ ଥିବା ଜେଇଏମ୍ ପ୍ରଶିକ୍ଷଣ ଶିବିରକୁ ଧ୍ୱଂସ କରିଦେଇଥିଲା। ତା ପରଦିନ ପାକିସ୍ତାନୀ ବାୟୁସେନା ଭାରତର ମିଗ୍-୨୧ ଯୁଦ୍ଧବିମାନକୁ ଖସାଇବା ସହ ପାଇଲଟ ଅଭିନନ୍ଦନଙ୍କୁ କାବୁ କରିନେଇଥିଲା। ଅନ୍ତର୍ଜାତୀୟ ଚାପ ଫଳରେ ମାର୍ଚ୍ଚ ୧ରେ ଇସ୍‌ଲାମାବାଦ ଅଭିନନ୍ଦନଙ୍କୁ ଭାରତକୁ ହସ୍ତାନ୍ତର କରିଥିଲା।


ଡୋନାଲ୍ଡ ଟ୍ରମ୍ପ୍ | ଇମ୍ରାନ୍ ଖାନ

## ସ୍ୱାଧୀନ ବେଲୁଚିସ୍ତାନ ସ୍ଲୋଗାନ

ୱାଶିଂଟନ,୨୨।୭(ପି.ଟି.)

ଆମେରିକାର ଏକ ଇନ୍‌ଡୋର ଷ୍ଟାଡିୟମ୍‌ରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଉଦ୍‌ବୋଧନ ଦେଉଥିବାବେଳେ କେତେକ ବ୍ୟକ୍ତି ହଠାତ୍ ଛିଡ଼ାହୋଇ ସେଠାରେ ସ୍ୱାଧୀନ ବେଲୁଚିସ୍ତାନ ସ୍ଲୋଗାନ ଦେଇଥିଲେ। ପାକିସ୍ତାନ ସୁରକ୍ଷା କର୍ମୀମାନେ ବେଲୁଚିସ୍ତାନରେ ମାନବାଧିକାର ଉଲ୍ଲଂଘନ କରିବା, ଅତ୍ୟାଚାର କରିବା ବିରୋଧରେ ସେମାନେ ମୁହଁ ଖୋଲିଥିଲେ। ପାକିସ୍ତାନ ବିରୋଧୀ ସ୍ଲୋଗାନ ଦେବା ପରେ ସେଠାରେ ନିୟୋଜିତ ସୁରକ୍ଷା କର୍ମୀମାନେ ସେମାନଙ୍କୁ ତଡ଼ି ଦେଇଥିଲେ। ଇମ୍ରାନଙ୍କ କେତେଜଣ ସମର୍ଥକ ମଧ୍ୟ ସେମାନଙ୍କୁ ଠେଲି ବାହାରକୁ ଚାଲିଯିବାକୁ କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କରତର ଘା ସହେ ଯେ**
**ଖଣ୍ଡ ଖଣ୍ଡ ମୁଣ୍ଡା ମୁଣ୍ଡା ଖାଏ ସେ ।**

ସିଦ୍ଧି ପାଇଁ ସାଧନା ଲୋଡ଼ା। ପରିଶ୍ରମର ଫଳ ସର୍ବଦା ମିଳିଥାଏ। କଷ୍ଟ ଅର୍ଜିତ ଧନ ଓ ପରିଶ୍ରମ କରି ପାଇଥିବା ସଫଳତା ଚିରଦିନ ପାଇଁ ମୁହଁରେ ହସ ଫୁଟାଇଥାଏ। ଯିଏ କଷ୍ଟ କରେ ସେ ତା' ଫଳ ଅବଶ୍ୟ ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହାର ଘର ପୋଡ଼େ**
**କିଏ ନିଆଁ ପୁହାଏ ।**

କ୍ଷେତ୍ରନେଇ ବସ୍ତୁର ଗୁଣ ପରିବର୍ତ୍ତନଶୀଳ। ଅବସ୍ଥାର ତାରତମ୍ୟ ପ୍ରତି ଉପଲକ୍ଷ। ଜଣକର ମନ୍ଦ ଘଟିଲା ବେଳେ ଆଉ ଜଣକର ଭଲ ବା ଫାଇଦା ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ଚେକ୍ ବାଉନ୍ସ ମାମଲା

# ଅଭିନେତ୍ରୀଙ୍କୁ ୬ ମାସ ଜେଲଦଣ୍ଡ

ମୁମ୍ବାଇ,୨୨।୭(ପି.ଟି.)



**କଟକ ରୋଡ/ନିମାପଡ଼ା, ୨୨।୭(ଡି.ଏନ୍.ଏ.):** ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ବଡ଼ଗଡ଼ ପୋଲିସ ସୋମବାର ମହିଁଷାଖାଲ ବସ୍ତିରେ ରହୁଥିବା ଅନିଲ ରାଓଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ୧୩ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଅଭିଯୁକ୍ତ ଅନିଲ ଦୀର୍ଘଦିନ ହେବ ବସ୍ତି ନିକଟରେ ଥିବା ବିଦ୍ୟୁତ୍ ଫ୍ୟୁଜ୍ ସେକ୍ସନ କାର୍ଯ୍ୟାଳୟ ନିକଟରେ ବ୍ରାଉନସୁଗାର ବିକୁଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ଏ ନେଇ ରବିବାର ରାତିରେ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ.୧୭୪/୧୯) ରୁଜୁ ହୋଇଛି। ସେହିପରି ବ୍ରାଉନସୁଗାର କାରବାର ଅଭିଯୋଗରେ ପୁରୀ ସ୍ପେଶାଲ ସ୍କ୍ୱାଡ୍ ଓ ନିମାପଡ଼ା ଥାନା ପୋଲିସ ଦୁଇ ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ନୁଆରକରି ଗ୍ରାମର ଝରଣା ପଣ୍ଡା ଓ ପାଟପୁର ନାୟକସାହି ଗ୍ରାମର ଲକ୍ଷ୍ମଣ ନାୟକ। ଏମାନଙ୍କଠାରୁ ୬ଗ୍ରାମ ବ୍ରାଉନସୁଗାର ସହ ୧୮ ହଜାର ଟଙ୍କା ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୬୦ହଜାର ଟଙ୍କା ହେବ ବୋଲି ଆଇଆଇସି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି। ଏନେଇ ଥାନାରେ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଦୁଇଟି ମାମଲା(୧୮୨,୧୮୩/୧୯) ରୁଜୁ ହୋଇଛି। ନିମାପଡ଼ା ଏସ୍‌ଡିପିଓ ଶରତ ମିଶ୍ରଙ୍କ ନେତୃତ୍ୱରେ ଆଇଆଇସି ଜନାର୍ଦ୍ଦନ ପାଢ଼ୀ, ଏସ୍‌ଆଇ ରଶ୍ମିରଞ୍ଜନ ପୃଷ୍ଟି, ଏସ୍‌ଆଇ ସନ୍ଧ୍ୟାରାଣୀ ବିଶ୍ୱାଳ ଓ ଏଏସ୍‌ଆଇ ପ୍ରମୋଦ କୁମାର ସେଠୀ, ଅବଦୁଲ ତସଲିମ ଖାନ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ଚିକିତ୍ସାଧୀନ ଅବସ୍ଥାରେ କର୍ମଚାରୀଙ୍କ ମୃତ୍ୟୁ

**କଣ୍ଟାପଡ଼ା,୨୨।୭(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ସ୍ମୃତି ରଞ୍ଜନ ପଣ୍ଡା। ସୂଚନା ଅନୁଯାୟୀ, ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ମୃତିରଞ୍ଜନ କିରାଣୀ ଭାବେ କାମ କରୁଥିବା ବେଳେ ଅପରାହ୍ନ ପ୍ରାୟ ୧ଟାରେ ଅସୁସ୍ଥ ହୋଇପଡିଥିଲେ। ସେଠାରେ ଉପସ୍ଥିତ ଅନ୍ୟ କର୍ମଚାରୀମାନେ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଅତଶପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁରେ କଣ୍ଟାପଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଓ ସାମାଜିକ ଅନୁଷ୍ଠାନ ଆମ ଅଧିକାର ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

### ହାଇଟେକ୍ ମେଡିକାଲ କଲେଜରେ ନାମଲେଖା ପ୍ରସଙ୍ଗ
### ସରକାରଙ୍କ ଚେତାବନୀ ପରେ ମୁଣ୍ଡ ନୁଆଁଇଲେ କଲେଜ କର୍ତ୍ତୃପକ୍ଷ

**ନାମ ଲେଖାଇଲେ ୫ ଛାତ୍ରୀଛାତ୍ର**

**ଭୁବନେଶ୍ୱର, ୨୨।୭(ବ୍ୟୁରୋ):** ଶେଷରେ ରାଜ୍ୟ ସରକାରଙ୍କ ଚେତାବନୀ ପରେ ହାଇଟେକ ମେଡିକାଲ କଲେଜ କର୍ତ୍ତୃପକ୍ଷ ମୁଣ୍ଡ ନୁଆଁଇଛନ୍ତି। ମେଡିକାଲ ପାଠ୍ୟକ୍ରମ ପାଇଁ ସୋମବାର ୫ଜଣ ଛାତ୍ରୀଛାତ୍ର ହାଇଟେକ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି। ପୂର୍ବରୁ ନିର୍ଦ୍ଧାରିତ ଥିବା ଫି' ଷ୍ଟ୍ରକଚର ଅନୁସାରେ ଏହି ଛାତ୍ରୀଛାତ୍ରମାନେ ନାମ ଲେଖାଇଛନ୍ତି। ଛାତ୍ରୀଛାତ୍ର ଓ ଅଭିଭାବକଙ୍କଠାରୁ ବର୍ଦ୍ଧିତ ଫି' ଆଦାୟ ନେଇ କୌଣସି ଅଣ୍ଡରଟେକିଂ ମଧ ନିଆଯାଇନାହିଁ। ସୂଚନାଯୋଗ୍ୟ, ଡାକ୍ତରୀ ନାମଲେଖାରେ ଅନିୟମିତତାକୁ ନେଇ ହାଇଟେକ ମେଡିକାଲ କଲେଜ ବିରୋଧରେ ବିଭିନ୍ନ ମହଲରୁ ଅଭିଯୋଗ ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଚେତାବନୀ ଦେଇଥିଲା। ଓଜେଇଇରେ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରୀଛାତ୍ରଙ୍କୁ ବର୍ଦ୍ଧିତ ଫି' ଆଳରେ ନାମଲେଖାରୁ ବାରଣ କଲେ ଏନଓସି ପ୍ରତ୍ୟାହାର କରାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଥିଲା। କଲେଜ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କ ତରଫରୁ ଧାର୍ଯ୍ୟ ହୋଇଥିବା ଫି' ଷ୍ଟ୍ରକଚରକୁ ମାନିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ
# ଦକ୍ଷତା ବିକାଶରେ ଓଡ଼ିଶା ୧ ନମ୍ବର

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ଆଜି ଦକ୍ଷତା ବିନା ମାନବ ସମ୍ବଳ କଥା ଚିନ୍ତା କରାଯାଇପାରିବ ନାହିଁ। ଦକ୍ଷତାର ଗୁଣାତ୍ମକ ବିକାଶ ଜରୁରୀ ଅଟେ। ଓଡ଼ିଆ କାରିଗରମାନଙ୍କ ଦକ୍ଷତା ଲାଗି ଓଡ଼ିଶା ଆଜି ଦେଶର ବହୁ ରାଜ୍ୟକୁ ପଛରେ ପକାଇ ଦକ୍ଷତା ବିକାଶ କ୍ଷେତ୍ରରେ ଶୀର୍ଷ ସ୍ଥାନ ହାସଲ କରିପାରିଛି, ଯାହାକି ଆମମାନଙ୍କ ଲାଗି ଗର୍ବର ବିଷୟ ବୋଲି କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସୋମବାର ଆୟୋଜିତ ଦକ୍ଷତା ବିକାଶ କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାହୁ କହିଥିଲେ, ସବୁବେଳେ ଓଡ଼ିଆମାନଙ୍କ ମଧ୍ୟରେ ଦକ୍ଷତା ରହିଆସିଛି। ହଜାର ବର୍ଷର ପୁରୁଣା କୋଣାର୍କ ମନ୍ଦିର ପ୍ରତି ଦୃଷ୍ଟି ପକାଇଲେ ଏହା ସ୍ୱତଃ ପ୍ରମାଣିତ ହୋଇଯାଏ। ସେତେବେଳେ କାରିଗରଙ୍କୁ କୌଣସି ଦକ୍ଷତା ବିକାଶ ତାଲିମ୍ ଦିଆଯାଉ ନ ଥିଲା। କିନ୍ତୁ ସେମାନଙ୍କ ନିପୁଣତା ତାଙ୍କ କାର୍ଯ୍ୟଶୈଳୀରେ ପରିଦର୍ଶିତ ହେଉଛି। ଏବେ ଆମେ କେବଳ ଦକ୍ଷତାକୁ ଏକ ନୂଆ ଢାଞ୍ଚା ଦେଉଛନ୍ତି, ତା' ଛଡ଼ା ଆଉ କିଛି ନୁହେଁ। ସେ ଆହୁରି କହିଥିଲେ, ଓଡ଼ିଶାରେ ଏବେ ବି ଆବଶ୍ୟକ ଦକ୍ଷ ଶ୍ରମିକ ତଥା କାରିଗର ନାହାନ୍ତି। ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟ ହାତକୁ ନିଆଯାଇଛି। ଯୁବପିଢିଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଯୁବବର୍ଗ ଏଥିରୁ ସମ୍ପୂର୍ଣ୍ଣ ଭାବେ ଉପକୃତ ହୋଇପାରିବେ। ସେମାନେ ଭବିଷ୍ୟତରେ କେବେ ନିଯୁକ୍ତି ସଂକ୍ରାନ୍ତ ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ମନ୍ତ୍ରୀ ସାହୁ ଆଶା ପ୍ରକାଶ କରିଛନ୍ତି।




ଦକ୍ଷତା ବିକାଶ କର୍ମଶାଳାକୁ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଉଦ୍‌ଘାଟନ କରୁଛନ୍ତି।

ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ଏହି ସମାରୋହରେ କୁଳପତି ପଦ୍ମଜା ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ସଭାପତି ମୁକ୍ତିକାନ୍ତ ମିଶ୍ର ଯୋଗଦେଇ ଅଭିଭାଷଣ ରଖିଥିଲେ। ରେଜିଷ୍ଟ୍ରାର ଈପ୍‌ସିତା ଦାସ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ସରିତା ସୂପକାର ପ୍ରାରମ୍ଭରେ ଅଭିଭାଷଣ ରଖିଥିବାବେଳେ ସଂଯୋଜକ ରାଜକୁମାର ଯୋଶୀ ଧନ୍ୟବାଦ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ସହାୟତାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୯୦ଲକ୍ଷ ଟଙ୍କା ବ୍ୟୟରେ ଏହି ଦକ୍ଷତା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରୀମାନଙ୍କୁ ବିଭିନ୍ନ ତାଲିମ୍ ଦିଆଯିବ। ଉକ୍ତ ଶିବିରରେ ଯୋଗଦେଇଥିବା ୪୨୦ ଜଣ ଛାତ୍ରୀଙ୍କୁ ୭ଟି ବିଷୟ ଯଥା- ମେଡିକାଲ ଲ୍ୟାବ ଟେକ୍‌ନୋଲୋଜି, ଡିଜିଟାଲ ଇଲେକ୍‌ଟ୍ରୋନିକ୍ସ, ଯୁନିଟ୍ ଗେମିଂ ଓ ଆନିମେଶନ, କମ୍ପ୍ୟୁଟର ଆକାଉଣ୍ଟାନ୍ସି, ରିଟେଲ ଓ ହସ୍‌ପିଟାଲିଟି, ଫ୍ୟାଶନ ଡିଜାଇନିଂ, ଐତିହ୍ୟ ଓ ଇକୋ ଟୁରିଜିମ୍ ଉପରେ ତାଲିମ୍ ମିଳିବ। ଦିନକୁ ୨ଘଣ୍ଟା ଧରି ଥିଓରି ଓ ପ୍ରାକ୍ଟିକାଲ ଦୁଇଟି ପର୍ଯ୍ୟାୟରେ ତାଲିମ୍ ଦିଆଯିବ। ଛାତ୍ରୀମାନେ ପାଠପଢା ପରେ ନିଜେ କିଛି କରିବା ସହ ନିଜ ଭବିଷ୍ୟତକୁ ସୁଦୃଢ଼ କରିପାରିବେ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଛି।

## ଅଗଷ୍ଟରେ ଆସିବେ ଆନାକୋଣ୍ଡା, ନାଇହର୍ନ କୁମ୍ଭୀର, ଜିରାଫ

**ନରାଜ,୨୨।୭(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ଅନେକ ନୂଆ ଅତିଥି ଆସିବେ। ସେଥିରୁ ଚେନ୍ନାଇର କ୍ରୋକୋଡାଇଲ ବ୍ୟାଙ୍କସ ଟ୍ରଷ୍ଟ ଚେନ୍ନାଇରୁ ଏକ ହଳ ସବୁଜ ଓ ଏକ ହଳ ହଳଦୀ ରଙ୍ଗର ଆନାକୋଣ୍ଡା ଅଣାଯିବ। ଗତ ୨୦୧୭ରୁ ଏହି ଯୋଜନା ଆରମ୍ଭ ହୋଇଥିଲେ ମଧ୍ୟ ନନ୍ଦନକାନନରେ ଏଭଳି ସାପ ରଖିବା ପାଇଁ କେତେକ ପ୍ରଶ୍ନ ସୃଷ୍ଟି କରି କେନ୍ଦ୍ରୀୟ ଚିଡିଆଖାନା ନିଷ୍ପତ୍ତି ନେବାରେ ବିଳମ୍ବ କରିଥିଲେ। ଶେଷରେ ୩ ବର୍ଷ ପରେ ଚଳିତ ମାସରେ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷ ନନ୍ଦନକାନନକୁ ୪ଟି ଆନାକୋଣ୍ଡା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଦେଶ ବିଦେଶରୁ ବିଭିନ୍ନ ଜନ୍ତୁ ଆସିବା ନେଇ କର୍ତ୍ତୃପକ୍ଷ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଅଗଷ୍ଟ ମାସ ଶେଷ ସପ୍ତାହରେ ୪ଟି ଆନାକୋଣ୍ଡା, ଏକ ହଳ ନାଇହର୍ନ କୁମ୍ଭୀର ଚେନ୍ନାଇରୁ ଅଣାଯିବ। ଏହାର ପ୍ରତି ବଦଳରେ ନନ୍ଦନକାନନକୁ କିଛି ଦେବାକୁ ପଡିବ ନାହିଁ। ଏଥିପୂର୍ବରୁ ଅଗଷ୍ଟ ପ୍ରଥମ ସପ୍ତାହରେ ମହୀଶୂର ଚିଡିଆଖାନାରୁ ଦୁଇଟି ପର୍ଯ୍ୟାୟରେ ଦୁଇଟି ଜିରାଫ ଅଣାଯାଇ ବଦଳରେ ଦୁଇଟି ସିମ୍ପାଜି ଦେବାକୁ ପଡିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

## ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ରାଜ୍ୟରେ କାର୍ଯ୍ୟରତ ଖବରଦାତାମାନଙ୍କୁ ବାରମ୍ବାର ଆକ୍ରମଣ ଓ ଦୁର୍ବ୍ୟବହାର କରାଯାଉଛି। ଏ ନେଇ ଦୃଢ଼ ସୁରକ୍ଷା ଆଇନ ପ୍ରଣୟନ ନିମନ୍ତେ ସୋମବାର କଳିଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଖବରଦାତାଙ୍କ ସୁରକ୍ଷା ଲାଗି ସ୍ୱତନ୍ତ୍ର ଆଇନ ପ୍ରଣୟନ ଲାଗି ଅନୁରୋଧ କରାଯାଇଛି। ରାଜ୍ୟପାଳ ଏହା ଉପରେ ତୁରନ୍ତ ହସ୍ତକ୍ଷେପ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି କାର୍ଯ୍ୟରତ ଖବରଦାତାଙ୍କୁ ମାଡ଼ ମାରିଥିବା କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ନିଲମ୍ବନ କରାଯିବାକୁ ରାଜ୍ୟପାଳଙ୍କ ନିକଟରେ ସଂଘ ଦାବି କରିଛି। ଏହି ଅବସରରେ କଳିଙ୍ଗ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଲିଙ୍ଗରାଜ ରାଉତ, ଉପସଭାପତି ନିରଞ୍ଜନ ରେଡ୍ଡୀ, ସ୍ୱରଜିତ୍ ଆର୍ଯ୍ୟଙ୍କ ନେତୃତ୍ୱରେ ରାଜ୍ୟ ଆବାହକ ସୁକାନ୍ତ ରାଉତ, ସମ୍ପାଦକ ବିଦ୍ୟାଧର ବାରିକ, କୋଷାଧ୍ୟକ୍ଷ ଗୌରୀ ପ୍ରସାଦ ମହାନ୍ତି, ଭୁବନେଶ୍ୱର ଜିଲା ସଭାପତି ମନୋରଞ୍ଜନ ମିଶ୍ର, ସମ୍ପାଦକ ସୌଭାଗ୍ୟ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

## ଗୁରୁ ଶିଷ୍ୟ ସମ୍ମାନ ଉଦ୍‌ଯାପିତ
# ଦର୍ଶକଙ୍କୁ ବିମୋହିତ କଲା ଭାରତନାଟ୍ୟମ୍

**ଭୁବନେଶ୍ୱର,୨୨।୭(ବ୍ୟୁରୋ)**

ଦେବଧାରା ନୃତ୍ୟ ପ୍ରତିଷ୍ଠାନ ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଦୁଇଦିନିଆ ଗୁରୁଶିଷ୍ୟ ସମ୍ମାନ ରବୀନ୍ଦ୍ର ମଣ୍ଡପଠାରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶୀ ନୃତ୍ୟ ଓ ଭାରତନାଟ୍ୟମ ପରିବେଷିତ ହୋଇଥିଲା। ସନ୍ଧ୍ୟାରେ ପ୍ରଥମେ ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ମଙ୍ଗଳାଚରଣ, ଦ୍ୱିତୀୟରେ ଏକକ ଓଡ଼ିଶୀ ନୃତ୍ୟରେ ଅଙ୍କିତା କୁମାରୀ 'କଲ୍ୟାଣ ପଲ୍ଲବୀ' ଓ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା 'ଓଡ଼ିଶୀ ନବରସ' ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ଗୁରୁ ସୁକାନ୍ତ କୁଣ୍ଡୁ, ଗୁରୁ ରାମକୃଷ୍ଣ ବେହେରା, ଜବାହର ମିଶ୍ର ଓ ନିର୍ମଳ ନାୟକ। ପଦ୍ମଭୂଷଣ ଡ. ସରୋଜ ବୈଦ୍ୟନାଥନ, ବିଦୂଷୀ ରାମ ବୈଦ୍ୟନାଥନ ଏବଂ ବିଦୂଷୀ ଦକ୍ଷିଣେ ବୈଦ୍ୟନାଥନ ବାଘେଲ ଭାରତନାଟ୍ୟମ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଆୟକର କମିଶନର ବି.ବି ମହାନ୍ତି, ନୃତ୍ୟଶିଳ୍ପୀ ଗୁରୁ ବିନାୟକ ପଣ୍ଡା, ମ୍ୟୁଜିକ୍ ସର୍କଲ ଅଧ୍ୟକ୍ଷ ଅରବିନ୍ଦ ବେହେରା, କ୍ଷୀରୋଦ ପଟ୍ଟନାୟକ ଓ ତ୍ରିଧାରା ଅନୁଷ୍ଠାନର ନୃତ୍ୟଶିଳ୍ପୀ ଗୁରୁ ଗଜେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।



ରବୀନ୍ଦ୍ର ମଣ୍ଡପରେ ତ୍ରିଧାରା ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

## ଏମାର ମଠ ପରିସରରେ ପାର୍କିଂ ଯୋଜନା
# ମଠ ଜମି ସମତୁଲ ନେଇ ବିବାଦ

**ପୁରୀ ଅଫିସ, ୨୨।୭**

**ଜୋରଜବରଦସ୍ତ କରାଯାଉଥିବା କହିଲେ ମହନ୍ତ**



ବିବାଦରେ ପ୍ରଶାସନର ସଂସ୍କାର। ଶ୍ରୀମନ୍ଦିର ଓ ବଡ଼ଦାଣ୍ଡର ଚିତ୍ର ବଦଳାଇବା ଲାଗି ଜିଲା ପ୍ରଶାସନ ଏକାଧିକ ସଂସ୍କାରର ସ୍କେଚ୍ ପ୍ରସ୍ତୁତ କରିଛି। ଏହାକୁ ବାସ୍ତବତାର ରୂପ ଦେବା ଲାଗି ଧୀରେ ଧୀରେ ଆଗକୁ ବଢୁଛି। ତେବେ ସୋମବାର ଏମାର ମଠର କିଛି ଅଂଶକୁ ପ୍ରଶାସନ ନିଜ ଦଖଲକୁ ନେବା ଘଟଣାକୁ ନେଇ ବିବାଦ ଘନଉଛି। ରବିବାର ରାତିରେ ଏମାର ମଠ ପାଚେରି ଭଙ୍ଗାଯାଇଥିବା ବେଳେ ଏହା ମଧ୍ୟରେ ଥିବା ଫାଙ୍କା ଜାଗାରେ ପାର୍କିଂ କରାଯିବା ଲାଗି ଯୋଜନା କରିଛି ପ୍ରଶାସନ। ଏହି ଅନୁଯାୟୀ ସୋମବାର ଜେସିବି ଏବଂ ଟ୍ରାକ୍ଟର ଲଗାଯାଇ ଏମାର ମଠ ପରିସର କିଛି ଜାଗାକୁ ସମତୁଲ କରାଯାଇଛି। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ମଠ ମହନ୍ତ। ଜୋର୍‌ଜବରଦସ୍ତ ପ୍ରଶାସନ ଏଭଳି କାର୍ଯ୍ୟ କରୁଛି ବୋଲି ଗଣମାଧ୍ୟମ ସମ୍ମୁଖରେ ମତ ରଖିଛନ୍ତି। ପାର୍କିଂ ପାଇଁ ଐତିହ୍ୟସମ୍ପନ୍ନ ମଠକୁ ଦଖଲ କରିବା ବେଆଇନ ବୋଲି ସେ କହିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। ତେଣୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଯିବା ଆସିବା ଲାଗି ଜିଲା ପ୍ରଶାସନ ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଏବଂ ନୋ ଭେଣ୍ଡିଂ ଜୋନ୍ କରି ଏ ଦିଗରେ ପଦକ୍ଷେପ ଆରମ୍ଭ କରିଦେଇଛି। ସେହିପରି ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳରେ କୌଣସି ଉଠାଦୋକାନୀ, ଭିକାରି ବସିବେ ନାହିଁ କିମ୍ବା ଗାଡ଼ି ପାର୍କିଂ କରାଯିବ ନାହିଁ। ପ୍ରଶାସନର ଏଭଳି ନିଷ୍ପତ୍ତି ଯୋଗୁ ବହୁ ଉଠାଦୋକାନୀ ପ୍ରଭାବିତ ହୋଇଥିବା ବେଳେ ସୋମବାର ଏମାର ମଠର କିଛି ଅଂଶକୁ ପ୍ରଶାସନ ଦଖଲକୁ ନେଇଛି। ମଠର ମଝି ଅଂଶ କିଛିବର୍ଷ ହେଲା ଫାଙ୍କା ପଡିଥିଲା। ଅଳିଆ ଆବର୍ଜନା ସହ ମଠର ଭଙ୍ଗାରୁଜା ଇଟାପଥର ପଡିରହିଥିଲା। ସୋମବାର ସେହି ସ୍ଥାନକୁ ଜେସିବି ଲଗାଇ ସମତୁଲ କରିଛି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ଯେଉଁ ସଂସ୍କାର ମୂଳକ କାର୍ଯ୍ୟ ଆରମ୍ଭ କରିଛି ସଥିପାଇଁ ଯଥେଷ୍ଟ ପାର୍କିଂର ଆବଶ୍ୟକତା ରହିଛି। ତେଣୁ ୪ ଦିନ ହେଲାଣି ଶ୍ରୀମନ୍ଦିର ଆଖପାଖ ବୁଲି ପାର୍କିଂ ପାଇଁ ଜାଗା ଖୋଜୁଛନ୍ତି ପ୍ରଶାସନିକ ଅଧିକାରୀ। ଏମାର ମଠରୁ ପାର୍କିଂ ଅଭିଯାନ ଆରମ୍ଭ କରିଛି ଜିଲା ପ୍ରଶାସନ। ତେବେ ମହନ୍ତଙ୍କ ଅସନ୍ତୋଷ ଉପରେ ଉପଜିଲାପାଳ ଭବତାରଣ ସାହୁ କିଛି କହି ନ ଥିବାବେଳେ ଭକ୍ତଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ କେତେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି।

## ଏସ୍‌ଭି ନିରତାର ନିର୍ଦ୍ଦେଶକଙ୍କୁ ଆକ୍ରମଣ ମାମଲା
# ସୁରକ୍ଷା ପାଇଁ ରାଜ୍ୟ ଗୃହ ବିଭାଗକୁ ଚିଠି

**କଣ୍ଟାପଡ଼ା,୨୨।୭(ଡି.ଏନ୍.ଏ.)**

ଓଲଟପୁରସ୍ଥିତ ଏସ୍‌ଭି ନିରତାର ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ଦାସଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ଅନୁଷ୍ଠାନରେ କାର୍ଯ୍ୟରତ ଅଧିକାରୀଙ୍କ ସୁରକ୍ଷାପାଇଁ ରାଜ୍ୟ ସରକାରଙ୍କ ଗୃହବିଭାଗକୁ ନିବେଦନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଉକ୍ତ ବିଭାଗର ଯୁଗ୍ମସଚିବ ଡା. ପ୍ରବୋଧ ସେଠ ଚିଠିନଂ ୧୩-୧୯/୨୦୧୯ରେ ଗତ ୯ତାରିଖରେ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟସଚିବ ଅସିତ କୁମାର ତ୍ରିପାଠୀଙ୍କ ନିକଟକୁ ଚିଠିଲେଖି ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଗତ ୩ତାରିଖ ଅପରାହ୍ନ ପ୍ରାୟ ୫ଟା ୩୦ରେ ନିରତାର ନିର୍ଦ୍ଦେଶକ ଡା. ଦାସ ଅଫିସ କାର୍ଯ୍ୟସାରି ଅନୁଷ୍ଠାନ କାରରେ କଟକ ଫେରୁଥିବାବେଳେ ଦାମୋଦରପୁର ନିକଟରେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ଉପରକୁ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ଏହି ଆକ୍ରମଣରେ ଡା. ଦାସ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହି ଘଟଣାରେ ପୋଲିସ ନିରତାରର ଜଣେ ସ୍ଥାୟୀ କର୍ମଚାରୀ ଓ ଜଣେ ଠିକା କର୍ମଚାରୀଙ୍କ ସମେତ ୩ଜଣ ସୁପାରୀ କିଲରଙ୍କୁ ଧରି କୋର୍ଟଚାଲାଣ କରିଥିଲା। ପୋଲିସ ତଦନ୍ତ ଚାଲୁ ଥିବାବେଳେ ନିର୍ଦ୍ଦେଶକ ଡା.ଦାସ ଜଣେ ଦେହରକ୍ଷୀଙ୍କୁ ବ୍ୟକ୍ତିଗତ ଭାବେ ନିଯୁକ୍ତ କରିଥିବା ଜଣାପଡିଛି।

## ଫଟୋରେ ଖବର




ଜାତୀୟ ଅଭିଭାବକ ଦିବସ ପାଳନ ଅବସରରେ ସୋମବାର ସୁଲୋଚନା ରାମକୃଷ୍ଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇଡ୍‌କଲ ଅଡିଟୋରିୟମରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ସୋମବାର ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାକାରଙ୍କ ପାଲା ପରିବେଷଣ।



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି
କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ପଣ୍ଡିତ ନୀଳକଣ୍ଠଙ୍କ ଜୀବନୀ ସଂକ୍ରାନ୍ତ ପ୍ରତିଯୋଗିତା ପ୍ରଥମ ୩ ସ୍ଥାନରେ ଆଶୁତୋଷ, ସିଜଲ, ପବିତ୍ର

**ଭୁବନେଶ୍ୱର,୨୨।୭(ବ୍ୟୁରୋ):** ବିଧାନସଭା ସଚିବାଳୟର ନୂତନ ସମ୍ମିଳନୀ କକ୍ଷରେ ରବିବାର ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୀବନୀ ସଂକ୍ରାନ୍ତ ବାଗ୍ମୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରସ୍ଥ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଚାରକ ମଣ୍ଡଳୀରେ ବିଧାନସଭା ସଚିବ ଦାଶରଥି ଶତପଥୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଆସୋସିଏଟ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଉପସ୍ଥିତ ଥିଲେ। ବିଜେଇଏମ ସ୍କୁଲର ଆଶୁତୋଷ କର, ଡିଏଭି ୟୁନିଟ-୮ର ସିଜଲ ସାହୁ ଓ ଭୀମଟାଙ୍ଗି ସରସ୍ୱତୀ ସ୍କୁଲର ପବିତ୍ର କୁମାର ପଣ୍ଡା ପ୍ରିଯୋଗିତାରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେମାନଙ୍କୁ ଆସନ୍ତା ମାସ ୫ ତାରିଖରେ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ଦ୍ୱାରା ପୁରସ୍କୃତ କରାଯିବ।

### ସେଣ୍ଟ୍ରାଲ ୟୁନିଭର୍ସିଟି ପକ୍ଷରୁ ଆଲୋଚନାଚକ୍ର

**ଭୁବନେଶ୍ୱର,୨୨।୭:** ସେଣ୍ଟ୍ରାଲ ୟୁନିଭର୍ସିଟି ଓଡ଼ିଶା(ସିଓୟୁ) ପକ୍ଷରୁ କୋରାପୁଟର ବିକାଶ ଏବଂ ସିଇୟୁ ଶୀର୍ଷକ ଏକ ଆଲୋଚନାଚକ୍ର ସୁନାବେଡାସ୍ଥିତ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏସ୍.କେ.ପାଲିତା ଏହାକୁ ଉଦଘାଟନ କରିଥିଲେ। କୋରାପୁଟ ବିକାଶ ଦିଗରେ ବିଶ୍ୱବିଦ୍ୟାଳୟର ଯୋଗଦାନ ଉପରେ କୁଳପତି ପାଲିତା ଏଥିରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଜିଲାର ସ୍ୱତନ୍ତ୍ରତା, ପ୍ରାକୃତିକ ସମ୍ବଳ, ଜନଜାତି ଭଳି ବିଭିନ୍ନ ପ୍ରସଙ୍ଗ ଆଲୋଚନାରେ ସାମିଲ ହୋଇଥିଲା। ପରିବର୍ତ୍ତିତ ସ୍ଥିତିରେ ଜିଲାର ବିକାଶ ଦିଗରେ ବିଶ୍ୱବିଦ୍ୟାଳୟର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଅତିଥିମାନେ ଏଠାରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଡ.କ୍ରିଷ୍ଣା କୁମାର କେ.ନଭାଲଦି, ଡ. ଏସ୍.ଏସ୍. ସାହୁ, ଡ.କାକୋଳି ବାନାର୍ଜି, ଡ.କପିଳ ଖେମୁଣ୍ଡୁ, ଡ.ଫଗୁନାଥ ଭୋଇ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

### ପୋର୍ ପିପୁଲ୍ ଏନର୍ଜି୨୦୧୮ ଆଉଟଲୁକ୍ ଉନ୍ମୋଚିତ

**ଭୁବନେଶ୍ୱର, ୨୨।୭(ବ୍ୟୁରୋ):** ପ୍ରାକ୍ଟିକାଲ ଆକ୍ସନ ଦ୍ୱାରା ପୋର୍ ପିପୁଲ ଏନର୍ଜି ଆଉଟଲୁକ୍ (ପିପିଇଓ) ସିରିଜ୍ର ପୋର୍ ପିପୁଲ ଏନର୍ଜି ଆଉଟଲୁକ୍-୨୦୧୮ ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ଓ ପ୍ରାକ୍ଟିକାଲ ଆକ୍ସନର ବିଶେଷଜ୍ଞମାନଙ୍କ ଉପସ୍ଥିତିରେ ଏହି ଗ୍ଲୋବାଲ ରିପୋର୍ଟ ଉନ୍ମୋଚିତ ହୋଇଥିଲା। ସମଗ୍ର ବିଶ୍ୱ ଶକ୍ତିର ସଦୁପଯୋଗ ତଥା ଠିକ୍ ନିୟନ୍ତ୍ରଣ କରିପାରିନାହିଁ। ୟୁନାଇଟେଡ୍ ନେଶନ୍ ଏଜେଣ୍ଡା ଫର୍ ସଷ୍ଟେନବଲ ଡେଭଲପ୍ମେଣ୍ଟ (ଏସ୍ଡିଜି) ଓ ପ୍ୟାରିସ୍ ଏଗ୍ରିମେଣ୍ଟ କ୍ଲାଇମେଟ୍ ଚେଞ୍ଜ ଅନୁସାରେ ଶକ୍ତିର ସଦୁପଯୋଗ ପାଇଁ ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱ ଠିକ୍ ଟ୍ରାକ୍କୁ ଆସିପାରିନାହିଁ ବୋଲି ମତପ୍ରକାଶ ପାଇଥିଲା। ଆଜି ବି ଅନେକ ଲୋକଙ୍କ ନିକଟରେ ବିଦ୍ୟୁତ୍ ପହଞ୍ଚି ପାରିନାହିଁ। ସମସ୍ତେ ପ୍ରଦୂଷଣ ମୁକ୍ତ ରୋଷେଇ କରିନାହାନ୍ତି। ଫଳସ୍ୱରୂପ ଏଠାରେ ଶକ୍ତି ସମ୍ପଦର ଅପଚୟ ଘଟିଛି ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି। ଏହି ସଭାରେ ଓୟୁଏଟିର କୁଳପତି ଡ. ପବନ କୁମାର ଅଗ୍ରୱାଲ, ପ୍ରାକ୍ଟିକାଲ ଆକ୍ସନ ଭାରତର ପ୍ରୋଗ୍ରାମ କୋଅର୍ଡିନେଟର ବିରୂପାକ୍ଷ ଦୀକ୍ଷିତ, ଦକ୍ଷିଣ ଏସିଆ ପ୍ରାକ୍ଟିକାଲ ଆକ୍ସନ ଶକ୍ତି ବିଭାଗର ପୂଜା ଶର୍ମା, ଦକ୍ଷିଣ ଏସିଆ ପ୍ରାକ୍ଟିକାଲ ଆକ୍ସନର ଆଞ୍ଚଳିକ ନିର୍ଦ୍ଦେଶକ ଅଚ୍ୟୁତ ଲ୍ୟୁଟେଲ, ଟାଟା ଷ୍ଟିଲ ଓଡ଼ିଶା ସିଏସ୍ଆର୍ ମୁଖ୍ୟ ଡ. ଅମ୍ବିକା ପ୍ରସାଦ ନନ୍ଦ, ଓଡିଶା ସରକାରଙ୍କ ଅଫିସ୍ ଅଫ୍ ଇଆଇସିର ମୁଖ୍ୟ ଯନ୍ତ୍ରୀ ପ୍ୟାରୀ ମୋହନ ମିଶ୍ର ଉପସ୍ଥିତ ଥିଲେ।

# ଲୋକଙ୍କ ଅକ୍ତିଆରରେ 'ମୋ ସାଇକେଲ'

■ ଜିପିଆରଏସ୍ରେ ଜାଣି ହେଉନି ସାଇକେଲ ଅଛି କେଉଁଠି
■ ଷ୍ଟାଣ୍ଡରେ କମ୍, ବାହାରେ ଅଧିକ ରହୁଛି

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ଭୁବନେଶ୍ୱରରେ ହକି ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ କ୍ୟାପିଟାଲ ରିଜିୟନ୍ ଅର୍ବାନ ଟ୍ରାନ୍ସପୋର୍ଟ ପକ୍ଷରୁ ମୋ ସାଇକେଲ ଓ ମୋ ବସ୍କୁ ଉଦ୍ଘାଟନ କରାଯାଇଥିଲା। ସହରବାସୀଙ୍କୁ ସୁସ୍ଥ ରଖିବା ସହ ବାହାରୁ ଆସିଥିବା ବିଦେଶୀ ପର୍ଯ୍ୟଟକଙ୍କ ସ୍ୱାଧୀନତାର ସହ ଯାତାୟାତ କରିବା ଲାଗି ମୋ ସାଇକେଲକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥିଲା। ହେଲେ ଏହି ସାଇକେଲ ଶେୟାରିଂ ସିଷ୍ଟମ ଏବେ ଠିକ୍ ରୂପେ କାର୍ଯ୍ୟକାରୀ ହେଉନାହିଁ। କେତେଗୋଟି ରାସ୍ତା କଡ଼ରେ ପଡ଼ି ରହୁଛି ତ ଆଉ କେହି ଲୋକ ତାକୁ ନିଜ ଘରେ ନଜର ବନ୍ଦୀ କରି ରଖୁଛନ୍ତି। ଜିପିଆରଏସ୍ରେ ଚାଲୁଥିବା ଏହି ସାଇକେଲଗୁଡ଼ିକ କେମିତି ବିଭାଗୀୟ ଅଧିକାରୀଙ୍କ ଆଖି ଆଢୁଆଳରୁ ଦୂରରେ ରହୁଛି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ତେବେ ପ୍ରଦୂଷଣ ମାତ୍ରା ହ୍ରାସ ଓ ଟ୍ରାଫିକ୍ ସମସ୍ୟାରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ସ୍ମାର୍ଟସିଟି ମିଶନରେ ରାଜଧାନୀରେ 'ମୋ ସାଇକେଲ' ବ୍ୟବସ୍ଥା ଆରମ୍ଭ ହୋଇଥିଲା। ନଭେମ୍ବର ୨୮ରେ ହକି ବିଶ୍ୱକପ୍ ପୂର୍ବରୁ ବହୁ ଆଡ଼ମ୍ବରରେ ମୋ ସାଇକେଲ ଉଦ୍ଘାଟନ ହେଲା। ଏବେ ଲୋକେ ମୋ ସାଇକେଲରୁ ମୁହଁ ଫେରାଇ ନେଉଛନ୍ତି। 'ଫନୀ' ପରେ ସହରରେ ଏବେ ମୋ ସାଇକେଲ ଚାଲୁଥିବା ଆଉ ପୂର୍ବପରି ଦେଖିବାକୁ ମିଳୁନି। ପୂର୍ବପରି ସାଇକେଲଗୁଡ଼ିକ ମଧ୍ୟ ଷ୍ଟାଣ୍ଡରେ ରହୁନାହିଁ। ଅଧିକାଂଶ ଷ୍ଟାଣ୍ଡ ଏବେ ଫାଙ୍କା ପଡ଼ିଛି। ସାଇକେଲ ଲୋକେ ଚଳାଇ ସାରିବା ପେର ଯେଉଁଠି ଇଚ୍ଛା ସେଠି ପକାଇ ଚାଲି ଯାଉଛନ୍ତି।



ମୋ ସାଇକେଲ ରକ୍ଷଣାବେକ୍ଷଣ ପାଇଁ ୩ଟି ସଂସ୍ଥାକୁ ୫ ବର୍ଷ ଦାୟିତ୍ୱ ଦିଆଯାଇଥିଲା। ହେଲେ ସେମାନେ କ'ଣ କରୁଛନ୍ତି ତାହା ଏବେ ସହରର ଗଳିକନ୍ଦିରେ ପଡିଥିବା ସାଇକେଲରୁ ଅନୁମେୟ। ଯେଉଁ ଉଦ୍ଦେଶ୍ୟ ରଖି ଏହି ଯୋଜନା ଆରମ୍ଭ ହୋଇଥିଲା ତାହା କେତେ କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ କେବଳ ଅଧିକାରୀମାନେ ଜାଣିଥିବେ ବୋଲି ଅଭିଯୋଗ ହେଉଛି।

ରାଜଧାନୀ ଭୁବନେଶ୍ୱର ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ଏଠାରେ ବିଭିନ୍ନ ସ୍ମାର୍ଟ ଯୋଜନା ହାତକୁ ନିଆଯାଉଛି। ବିଏମ୍ସି ଓ ବିଡିଏ ସହ ସ୍ମାର୍ଟସିଟି ଲିମିଟେଡ ଏହି ଯୋଜନାକୁ ରାଜ୍ୟରେ ଲାଗୁ କରୁଛି। ମାତ୍ର ଯୋଜନା ଆରମ୍ଭ କରି ବିଭାଗ ନିଘୋଡ଼ ନିଦ୍ରାରେ ଶୋଇପଡୁଛି। ଯୋଜନାକୁ ସଫଳ ରୂପାୟନ କରିବାକୁ କେଉଁ କେଉଁ ପନ୍ଥା ଆପଣାଇବା ଆବଶ୍ୟକ ସେ ସମ୍ପର୍କରେ ଅଧିକାରୀମାନେ ଯେମିତି ଚିନ୍ତା କରୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ବିଭାଗୀୟ ଅଧିକାରୀ ଦୀପ୍ତି ମହାପାତ୍ର କହିଛନ୍ତି, ମୋ ସାଇକେଲକୁ ପୂର୍ବପରି ହିଁ ଷ୍ଟାଣ୍ଡରେ ରଖାଯାଉଛି। ବାସ କେଉଁଠି କମ୍ ତ କେଉଁଠି ଅଧିକ, କିନ୍ତୁ ସହରର ସମସ୍ତ ସ୍ଥାନରେ ଏହା ଉପଲବ୍ଧ ଅଛି। ହେଲେ ଯେଉଁମାନେ ମୋ ସାଇକେଲର ବ୍ୟବହାର କରୁଛନ୍ତି ସେମାନେ ଏଥିପ୍ରତି ସଚେତନ ହେଉନାହାନ୍ତି। ଏଣେ ତେଣେ ଫିଙ୍ଗି ଦେଉଛନ୍ତି। ପରେ କର୍ମଚାରୀମାନେ ତାକୁ ଟ୍ରାକ୍ କରି ଉଦ୍ଧାର କରୁଛନ୍ତି ବୋଲି ସେ କହିଛନ୍ତି।



ଜବତ ଗୋରୁ ବୋଝେଇ କଣ୍ଟେନର।

## ■ ଗୋରୁ ବୋଝେଇ କଣ୍ଟେନର ଜବତ
# ୫୭ ଗୋରୁ ଉଦ୍ଧାର, ୧୨ ଗିରଫ

ଚୌଦ୍ୱାର,୨୨।୭(ଡି.ଏନ୍.ଏ.)

୫୫ନଂ. ଜାତୀୟ ରାଜପଥର ନୁନ୍ଟିକିରୀ ଛକ ନିକଟରୁ ରବିବାର ଚୌଦ୍ୱାର ପୋଲିସ ଓ ଏସ୍ଟିଏଫ୍ ଟିମର ମିଳିତ ଚଢ଼ାଉରେ ଏକ ଗୋରୁ ବୋଝେଇ କଣ୍ଟେନରକୁ ଜବତ କରାଯାଇଛି। ଉକ୍ତ ଗୋଚାଲାଣ କାରବାରରେ ସମ୍ପୃକ୍ତ ଥିବା ୧୨ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରଛି। ଅଭିଯୁକ୍ତମାନେ ହେଲେ ଟିଗିରିଆ ଥାନା କରଡାପଲ୍ଲି ଗ୍ରାମର ଇମ୍ରାନ ଖାନ, ରଫିକ୍ ଖାନ୍, ମହମ୍ମଦ ଇମାନ, ନୁରୋଦ୍ଦିନ ଖାନ, ଆଜାର ଅହମ୍ମଦ ଖାନ୍, ଶରତ ବେହେରା, ରେହେମାନ କାଲିଆ, ୟାକୁବ୍ ଖାନ୍, ସୁବାସ ମହାରଣା, ଭଦ୍ରକ ଥାନା ପୁରୁଣା ବଜାରର ମଙ୍ଗୁଲୁ ଖାନ, ଦଶପଲାର ମୁସ୍ତାକ ମହମ୍ମଦ ଓ ଚୌଦ୍ୱାର ଥାନା ବାଣିପଦା ପଞ୍ଚାୟତ ଚାଙ୍ଗୁଡିଆ ଗ୍ରାମର ଅଶୋକ ନାୟକ। ଗୋରୁ ବୋଝେଇ ହୋଇଥିବା କଣ୍ଟେନରକୁ ଏସ୍କର୍ଟ କରି ନେଉଥିବା ଗୋଟିଏ ବୋଲେରୋ, ଗୋଟିଏ ସ୍କର୍ପିଓ, ଗୋଟିଏ ବାଇକ୍କୁ ଏସ୍ଟିଏଫ୍ ଟିମ୍ ଜବତ କରିବା ସହିତ ୧ଲକ୍ଷ ୮୨ହଜାର ଟଙ୍କା ଓ ୧୪ଟି ମୋବାଇଲ ଫୋନ ଜବତ କରିଛି। ଜବତ କଣ୍ଟେନରରେ ଥିବା ବଳଦ, ଗାଈ ଓ ବାଛୁରି ସମେତ ୫୭ଗୋରୁଙ୍କୁ ସ୍ଥାନୀୟ ମଙ୍ଗରାଜପୁର ପଞ୍ଚାୟତ ବେରେଣାସ୍ଥିତ ନନ୍ଦଗାଁ ଗୋ ଆଶ୍ରମରେ ଛଡାଯାଇଛି।

ତଦନ୍ତକାରୀ ଅଧିକାରୀ ବିପିନ୍ ବିହାରୀ ହୋତାଙ୍କ ସୂଚନା ଅନୁଯାୟୀ, ଟିଗିରିଆ ଓ ଆଠଗଡ ଥାନା ଅଞ୍ଚଳରୁ ଏକ କଣ୍ଟେନରରେ କଲିକତା ଅଭିମୁଖେ ଗୋଚାଲାଣ ହେଉଥିବା ଏସ୍ଟିଏଫ୍ ଟିମ ଖବରପାଇଥିଲେ। ଏସ୍ଟିଏଫ୍ ଟିମ ରବିବାର ରାତିରେ ଚୌଦ୍ୱାର ପୋଲିସ ସହିତ ୫୫ନଂ. ଜାତୀୟ ରାଜପଥର ଧୁମାବତୀ ଛକ ନିକଟରେ ଜଗିରହିଥିଲେ। ରାତି ପ୍ରାୟ ୩ଟା ୪୫ ରେ କଣ୍ଟେନର ଧୁମାବତୀ ଛକରେ ପହଞ୍ଚିବା କ୍ଷଣି ପୋଲିସ ଟିମ୍ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କଣ୍ଟେନର ଓ ଆଗପଛ ସୁରକ୍ଷା ଦେଉଥିବା ଗାଡି ତିନୋଟି ପୋଲିସ୍କୁ ଚକମା ଦେଖାଇ ଦ୍ରୁତ ଗତିରେ ମଙ୍ଗୁଳି ଆଡ଼କୁ ପଳାଇଥିଲେ। ପୋଲିସ୍ ଟିମ୍ ସେମାନଙ୍କ ପିଛାକରି ନୁନ୍ଟିକିରି ଛକ ନିକଟରେ ଗାଡିଗୁଡ଼ିକୁ ଅଟକାଇବାରେ ସଫଳ ହୋଇଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୨୨୭/୧୯) ରୁଜୁ ହୋଇଛି। ଚୌଦ୍ୱାର ଥାନାର ଏଏସ୍ଆଇ ରାଧା ମୋହନ ସେଠୀ ଓ ମାନସ କୁମାର ମହାରଣାଙ୍କ ସମେତ ବହୁ ଏପିଆର ଫୋର୍ସ ଏହି ଚଢ଼ାଉରେ ସାମିଲ ହୋଇଥିଲେ।



ଭାରତରେ ଅବସ୍ଥାପିତ ସୁଇଜରଲାଣ୍ଡ ରାଷ୍ଟ୍ରଦୂତ ଏବଂ ମିଶନ୍ ମୁଖ୍ୟ ଡ. ଆନେଡ୍ରେସ୍ ବମ୍ ଉଦ୍ବୋଧନ ଦେଉଛନ୍ତି।

# ଶିକ୍ଷା ସବୁ ସମସ୍ୟାର ସମାଧାନ

ଭୁବନେଶ୍ୱର,୨୨।୭(ବ୍ୟୁରୋ)

ଶିକ୍ଷା ସମସ୍ତ ସମସ୍ୟାର ସମାଧାନ କରିପାରେ। ଉପଯୁକ୍ତ ଶିକ୍ଷା ପାଇପାରିଲେ ଜୀବନରେ ଶାନ୍ତି ଓ ସଫଳତା ମିଳେ। ଶିକ୍ଷା ସମସ୍ତଙ୍କର ଅଧିକାର ବୋଲି କହିଛନ୍ତି ଭାରତରେ ଅବସ୍ଥାପିତ ସୁଇଜରଲାଣ୍ଡ ରାଷ୍ଟ୍ରଦୂତ ଏବଂ ମିଶନ୍ ମୁଖ୍ୟ ଡ. ଆନେଡ୍ରେସ୍ ବମ୍। ସୋମବାର କିସ୍ ଓ କିଟ୍ ପରିଦର୍ଶନ କରିବାକୁ ଆସିଥିବା ଅବସରରେ କିସ୍ର ୨୭ହଜାର ଛାତ୍ରୀଛାତ୍ରଙ୍କୁ ଉଦ୍ବୋଧନ ଦେଇ ସେ କହିଥିଲେ, ଅନ୍ୟକୁ ଅନୁକରଣ କରିବା ଉଚିତ୍ ନୁହେଁ। ନିଜର ସୃଜନଶୀଳତା ଉପରେ ଅଧିକ ଗୁରୁତ୍ୱ ଦେବା ସହ ଛାତ୍ରୀଛାତ୍ରମାନେ ଭଦ୍ର ଓ ଶୃଙ୍ଖଳିତ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ କିଟ୍ର ବିଭିନ୍ନ କ୍ୟାମ୍ପସ୍ ଓ କିସ୍ର ବିଭିନ୍ନ ୟୁନିଟ୍ ବୁଲି ଦେଖିଥିଲେ। ଅନ୍ୟତମ ଅତିଥି ଭାବେ ସୁଇଜରଲାଣ୍ଡ ସାଂସଦ ନିକୋଲାସ୍ ସାମୁଏଲ ଗଗର୍ କିସ୍ ପରିଦର୍ଶନ କରିଥିଲେ। କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣରେ ସୁଇଜରଲାଣ୍ଡ ରାଷ୍ଟ୍ରଦୂତ ଏବଂ ସାଂସଦ କିଟ୍ ଓ କିସ୍ର ପରିଦର୍ଶନ କରିଥିବାରୁ ଛାତ୍ରୀଛାତ୍ରମାନେ ବେଶ୍ ଉତ୍ସାହିତ ହୋଇଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ କିସ୍ର ସମ୍ପାଦକ ଆର୍.ଏନ୍. ଦାଶ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ପ୍ରଶାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ମୋବାଇଲ ଫୋନ ଜବତ, ଜଣେ ଗିରଫ

**କଟକ ରୋଡ,୨୨।୭(ଡି.ଏନ୍.ଏ.):** ଘରେ ପଶି ମୋବାଇଲ ଫୋନ ଚୋରି ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଜିନ୍ତାମଣିଶ୍ୱର ଶବରସାହିରେ ରହୁଥିବା ଆଜାଦ ଖାନ। ତାଙ୍କଠାରୁ ୩ଟି ମୋବାଇଲ ଫୋନ ଜବତ ହୋଇଛି।

## ଚିତ୍ରକଳା ପ୍ରଦର୍ଶନୀ 'ଆକ୍ୱାରିଲ୍' ଉଦ୍ଘାଟିତ

ଭୁବନେଶ୍ୱର,୨୨।୭(ବ୍ୟୁରୋ)

ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀରେ ଜଳରଙ୍ଗ ଚିତ୍ର ପ୍ରଦର୍ଶନୀ ଉଦ୍ଘାଟିତ ହୋଇଛି। ଖଣ୍ଡଗିରିସ୍ଥିତ ବି.କେ. ଚାରୁକଳା ମହାବିଦ୍ୟାଳୟର ୩ୟ ବର୍ଷ ଚିତ୍ରକଳା ବିଭାଗ ଛାତ୍ର ଅଜୟ କୁମାରଙ୍କ ଦ୍ୱାରା 'ଆକ୍ୱାରିଲ୍' ଶୀର୍ଷକ ଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଜଳରଙ୍ଗରେ ପ୍ରସ୍ତୁତ ୪୦ଟି ଆକର୍ଷଣୀୟ ଚିତ୍ରକଳା ପ୍ରଦର୍ଶନ କରାଯାଇଥିଲା। ପ୍ରକୃତି ଓ ମନୁଷ୍ୟର ବିଭିନ୍ନ ଅବସ୍ଥାର କଥାକୁ ରଙ୍ଗବିନ୍ୟାସରେ ଶିଳ୍ପୀ ପ୍ରକାଶ କରିଥିଲେ। ଜଳରଙ୍ଗ ପ୍ରୟୋଗ ଚିତ୍ରକଳାର ଏକ ପୁରାତନ ପ୍ରଥା ଓ ଶୈଳୀ। ଏହାର ଉପଯୋଗ କରି ଅଜୟ ଆକର୍ଷଣୀୟ ଚିତ୍ରକଳା ସୃଷ୍ଟି କରିଥିବା ଅତିଥିମାନେ କହିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଆୟକର କମିଶନର ଧୀରେନ୍ଦ୍ର କୁମାର ରାୟ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବି.କେ. ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ମହାପାତ୍ର ଯୋଗଦେଇଥିଲେ।



ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ଯୁବତୀ।

# ଶିକ୍ଷାର ଉନ୍ନତି ପାଇଁ ଭାରତକୁ ସହଯୋଗ କରିବ ଚାଇନା



ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ଚାଇନାର କନସୁଲ୍ ଜେନେରାଲ୍ ଝା ଲିଉ ଓ ତାଙ୍କର ପତ୍ନୀ ଝେଙ୍ଗ ହୁଇକୁନ୍ ସୋମବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପରିଦର୍ଶନ କରିଛନ୍ତି। ସାଇ ଇଣ୍ଟରନ୍ୟାଶନାଲ୍ର ଫାଉଣ୍ଡର ଡ. ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଝା ଲିଉ କହିଥିଲେ, ଚାଇନାର ପ୍ରମୁଖ ବିଶ୍ୱବିଦ୍ୟାଳୟ ଏବଂ ଖ୍ୟାତନାମା କମ୍ପାନୀଗୁଡ଼ିକ ସହ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବ। ଏଥିସହ ସମର କ୍ୟାମ୍ପ ମାଧ୍ୟମରେ ଦୁଇ ଦେଶର ଛାତ୍ରୀଛାତ୍ରମାନେ ପରସ୍ପର ଯୋଡ଼ି ହୋଇ ଖେଳ, ଭାଷା ଓ ସଂସ୍କୃତି ବିଷୟରେ ଜାଣିବାର ସୁଯୋଗ ପାଇବେ। ଝା ଲିଉ ଆହୁରି କହିଥିଲେ, ଓଡ଼ିଶା ବୌଦ୍ଧ ଧର୍ମର ଜନ୍ମସ୍ଥାନ। ଏହା ଚାଇନା ପାଇଁ ଭାରତର ଏକ ବଡ଼ ଉପହାର ସଦୃଶ। ତେଣୁ ଶିକ୍ଷାର ଉନ୍ନତି ପାଇଁ ଭାରତକୁ ସହଯୋଗର ହାତ ବଢ଼ାଇବ ଚାଇନା। ଉଭୟ ଦେଶର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବବିନିମୟ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଭାରତର ପ୍ରଥମ ସ୍କୁଲ ଭାବେ ଚାଇନା ସହ ଯୋଡ଼ିହୋଇଛି। ଏହି ଅବସରରେ ସ୍କୁଲର ଭାଇସ୍ ଚେୟାରପର୍ସନ୍ ଡ. ଶିଳ୍ପୀ ସାହୁ, ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ■ ପ୍ରଶାସନ ପକ୍ଷରୁ ୨ୟ ପର୍ଯ୍ୟାୟ ଉଚ୍ଛେଦ
# ମାଟିରେ ମିଶିଲା ଛୋଟାଙ୍କ ଆଉ ୨୪ ବଖରା

ଖୋର୍ଦ୍ଧା ଅଫିସ,୨୨।୭

ବ୍ରାଉନସୁଗାର ଓ ପଥର ବ୍ୟବସାୟୀ ସୁଧାଂଶୁ ପରିଡା ଓରଫ ଛୋଟା ଏସଟିଏଫ ରିମାଣ୍ଡ ଅବଧି ସରିଲା ପରେ ଏବେ ଖୋର୍ଦ୍ଧା ସବ୍ଜେଲରେ ଅଛନ୍ତି। ଏଭଳିସ୍ଥଳେ ପ୍ରଥମ ପର୍ଯ୍ୟାୟରେ ଛୋଟାଙ୍କ ୧୪ ବଖରା ଉଚ୍ଛେଦ ହୋଇଥିବାବେଳେ ୨ୟ ପର୍ଯ୍ୟାୟ ସୋମବାର ଆଉ ୨୪ ବଖରା ଅର୍ଦ୍ଧନିର୍ମିତ ଘରକୁ ପ୍ରଶାସନ ଭାଙ୍ଗିଛି। ଭାରପ୍ରାପ୍ତ ଉପଜିଲାପାଳ ତଥା ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦୁ ସାମଲଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ହୋଇଥିଲା। ଖୋର୍ଦ୍ଧା ଏସଡିପିଓ ସୁଶୀଲ ମିଶ୍ର ଓ ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସି ଉମାପ୍ରସାଦ ସିଂ ଉପସ୍ଥିତ ଥିଲେ। ଏହି ଅର୍ଦ୍ଧନିର୍ମିତ ଘରଗୁଡ଼ିକ ବିଶ୍ୱସ୍ତ ସହଯୋଗୀଙ୍କ ପାଇଁ ନିର୍ମାଣ କରାଯାଉଥିଲା। ଏଥିସହ ସ୍ଥାନୀୟ ଅଞ୍ଚଳରେ ସରକାରୀ ଜମିରେ ବହୁ ବେଆଇନ ଘର ମଧ୍ୟ ରହିଛି। ଏ ନେଇ ତହସିଲଦାରଙ୍କୁ ପଚାରିବାରୁ ଜିଲାପାଳଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସହଯୋଗୀଙ୍କ ପାଇଁ ନିର୍ମିତ ହୋଇଥିଲା



ବୁଲ୍ଡୋଜର ସାହାଯ୍ୟରେ ଛୋଟାଙ୍କ ଘର ଭଙ୍ଗାଯାଉଛି।

### ଫନୀ ପ୍ୟାକେଜ୍

ଫନୀ ବାତ୍ୟାରେ ଘର ଭାଙ୍ଗି ଯାଇଥିବା ଓ କ୍ଷତିଗ୍ରସ୍ତ ହୋଇଥିବା ବିପନ୍ନ ପରିବାରକୁ ଛୋଟା ପ୍ୟାକେଜ ଦେଇଥିଲା। ତେବେ ଛୋଟା ଆଧାର କାର୍ଡର ଜେରକ୍ସ ନେଇ ପରିବାର ପିଛା ୨ ହଜାର ଟଙ୍କା ଦେଇଥିଲେ। ଯେଉଁମାନଙ୍କର ଅଧିକ କ୍ଷତି ହୋଇଥିଲା ୫ ହଜାର ଟଙ୍କା ଦେଇଥିଲା। ଘର ତିଆରି ପାଇଁ ଛୋଟା ଶ୍ରମିକ ଓ ରାଜମିସ୍ତ୍ରି ଯୋଗାଇ ଦେଇଥିଲା। ମିସ୍ତ୍ରିକୁ ଦିନକୁ ୧ ହଜାର ଟଙ୍କା, ଖାଇବା ଓ ଶ୍ରମିକଙ୍କୁ ଖାଇବା ସହ ୫୦୦ ଟଙ୍କା ଦେଉଥିଲା। ଫଳରେ ସେ ସମୟରେ ଶ୍ରମିକ ଓ ରାଜମିସ୍ତ୍ରିମାନେ ଅନ୍ୟ କାହାରି କାମ ନ କରି କେବଳ ଛୋଟାଙ୍କ କାମ କରୁଥିଲେ।

### ଗୁରୁଜଙ୍ଗରେ ବ୍ୟବସାୟ ପାଇଁ ଛୋଟାଙ୍କୁ ଅଫର

ବ୍ରାଉନସୁଗାର କାରବାର କରିବାକୁ ଛୋଟାଙ୍କୁ ଗୁରୁଜଙ୍ଗ ଆମନ୍ତ୍ରଣ କରାଯାଇଥିଲା। ସ୍ୱଳ୍ପ ଦାମରେ ସରକାରୀ ଜମି ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ସହ ଉଚ୍ଛେଦ ହେବନାହିଁ ବୋଲି କୁହାଯାଇଥିଲା। ଏପରିକି ବ୍ରାଉନସୁଗାର ବ୍ୟବସାୟରେ ଆଞ୍ଚ ଆସିବନି, ଅବାଧରେ କାରବାର ଚାଲିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଅଫର ଛୋଟାଙ୍କୁ ପୂର୍ବତନ କାଉନସିଲର ଦେଇଥିଲେ। ଛୋଟା ଜମି କିଣି ଘର କରିବା ସମୟରେ ପୂର୍ବତନ କାଉନସିଲର ସମସ୍ତ ପ୍ରକାରର ସହଯୋଗ କରିଥିଲେ। ପ୍ରାୟ ୨ କୋଟି ଟଙ୍କାର ଘର ନିର୍ମାଣ ସମୟରେ ରାଜସ୍ୱ ବିଭାଗ କେବଳ ନୋଟିସ୍ କରି ଦେଇ ଚୁପ ରହିଥିଲା। ଅନ୍ୟପକ୍ଷେ ବ୍ୟବସାୟକୁ ଭୟ ନ ଥିଲା। ପ୍ରତିବଦଳରେ ଛୋଟା ପୂର୍ବତନ କାଉନ୍ସିଲରଙ୍କୁ ମାସକୁ ଦରମା ଦେବା ସହ ବିଭିନ୍ନ ସମୟରେ ଭଲ ପ୍ୟାକେଜ୍ ଦେଇଥିଲେ। ତେବେ କ୍ରାଇମବ୍ରାଞ୍ଚର ଏସ୍ଟିଏଫ୍ ଚଢ଼ାଉର ସାମ୍ନା କରି ପାରି ନ ଥିଲେ ପୂର୍ବତନ କାଉନସିଲର। ସମସ୍ତ ପ୍ରକାରର ରାଜନୈତିକ ପ୍ରୋତ୍ସାହନ ଏସ୍ଟିଏଫ୍ ଆଗରେ ହାର ମାନିଥିଲା। ଶେଷରେ ଛୋଟାଙ୍କୁ ଆତ୍ମସମର୍ପଣ କରିବାକୁ ପୂର୍ବତନ କାଉନ୍ସିଲର କହିଥିଲେ। ଏପରିକି କୋର୍ଟରେ ଯେତେବେଳେ ଏସ୍ଟିଏଫ୍ ପହଞ୍ଚି ଛୋଟାଙ୍କୁ ଗିରଫ କରିବାକୁ ଉଦ୍ୟମ କରିଥିଲା ସେତେବେଳେ ପୂର୍ବତନ କାଉନସିଲର ସହଯୋଗ କରି କିଛି ଆଇନଜୀବୀଙ୍କ ମାଧ୍ୟମରେ ରକ୍ଷା ପାଇ ଯାଇଥିଲେ। ଏବେ ଏସ୍ଟିଏଫ୍ ପଞ୍ଝାରୁ ଖସାଇ ନେବାକୁ ଉଦ୍ୟମ ଅବ୍ୟାହତି ରଖିଛନ୍ତି। କୋର୍ଟରୁ କିପରି ଛୋଟା ଜାମିନ ପାଇବେ ସେନେଇ ପୂର୍ବତନ କାଉନସିଲର ଲାଗି ପଡିଛନ୍ତି।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡିଥାଏ ।

-ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଏକ କୁଇଣ୍ଟାଲ ତାର, ଟାଟା ଏସିଇ ଜବତ: ଜଣେ ଗିରଫ

**ବାଲକାଟୀ,୨୨।୭(ଡି.ଏନ୍.ଏ.):** ବାଲକାଟୀ ଫାଣ୍ଡି ପୋଲିସ ସୋମବାର ଏକ କୁଇଣ୍ଟାଲ ବିଦ୍ୟୁତ୍ ତାର ବୋଝେଇ ଏକ ଟାଟା ଏସିଇ ଜବତ କରିବା ସହ ଚୋରା ତାରର ମାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ରଥିଜେମା ତିରିଶି ଘର ସାହିର ୬୮ ବର୍ଷୀୟ ବୃଦ୍ଧ ବାସୁଦେବ ସାହୁ। ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ବାସୁଦେବ ତାଙ୍କ ଘର ବାରିପଟେ ଚୋରା ତାର ଟାଟା ଏସିଇ ଗାଡ଼ିରେ ଅନଲୋଡ କରୁଥିବା ସମ୍ପର୍କରେ କୌଣସିସୂତ୍ରରୁ ପୋଲିସ ସୂଚନା ପାଇଥିଲା। ଖବରପାଇ ବାଲକାଟୀ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏହି ଚୋରା ବିଦ୍ୟୁତ ତାର ସହ ଗାଡ଼ିକୁ ଜବତ କରି ବାସୁଦେବଙ୍କୁ ଫାଣ୍ଡିକୁ ଆଣି ପଚରାଉଚୁରା କରିଥିଲା। ତେବେ ବାସୁଦେବ ଏହି ତାର ଜଣେକ କବାଡିଆଠାରୁ କାଗଜପତ୍ରରେ କିଣିଥିବା ପୋଲିସକୁ କହିଥିଲେ। କିନ୍ତୁ ପୋଲିସ ଉକ୍ତ କାଗଜପତ୍ର ଯାଞ୍ଚ କରିବା ସହ ତାର ଦେଇଥିବା କବାଡିଆଙ୍କୁ ଡାକି ପଚାରିବାରୁ ସେ ତାର ସବୁ ଆମର ନାହିଁ ବୋଲି କହିଥିଲେ। ପରେ ଉକ୍ତ ତାରଗୁଡିକ ବିଦ୍ୟୁତ ବିଭାଗର ଜାଣିବା ପରେ ବାସୁଦେବଙ୍କୁ ବାଲିଅନ୍ତା ଥାନାରେ ନଂ ୧୭୯/୧୯ରେ ମାମଲା ରୁଜୁ କରି ଗିରଫ କରିଥିଲା।

### ବ୍ୟାଗ୍ ଚୋରି କରି ୨ ଗିରଫ

**ଭୁବନେଶ୍ୱର, ୨୨।୭(ବ୍ୟୁରୋ):** ଭୁବନେଶ୍ୱର ରେଳ ଷ୍ଟେଶନରୁ ରବିବାର ସକାଳ ୬ଟାରେ ଏକ ବ୍ୟାଗ ଚୋରି କରି ନେବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଜିଆରପି ଗିରଫ କରିଛି। ସୋନପୁରର ଆକାଶ ବାରିକ ସୂଚନା କେନ୍ଦ୍ରରେ କଥା ହେଉଥିବା ବେଳେ ଦୁଇ ଦୁର୍ବୃତ୍ତ ତାଙ୍କ ବ୍ୟାଗ ନେଇ ଯାଇଥିଲେ। ଜିଆରପିରେ ଏତଲା ଦେବା ପରେ ଆରପିଏଫର ସ୍ପେଶାଲ ସ୍କ୍ୱାଡ ଓ ଜିଆରପି ଉଭୟ ମିଶି ରେଡ କରି ଦୁଇ ଅଭିଯୁକ୍ତଙ୍କୁ ଧରିଥିଲେ। ଧରାପଡିବା ପରେ ଅଭିଯୁକ୍ତ ଦୁଇଜଣଙ୍କ ବିରୋଧରେ ନଂ.୧୧୮/୧୯ରେ ମାମଲା ରୁଜୁ ହୋଇଥିଲା। ସେମାନଙ୍କଠାରୁ ଚୋରି ବ୍ୟାଗ ଜବତ ହୋଇଛି। ସେଥିରେ ଦୁଇ ମୋବାଇଲ, ୩୮୦୦ ଟଙ୍କା ଓ କେତେକ ଜରୁରୀ କାଗଜପତ୍ର ରହିଥିଲା। ଅଭିଯୁକ୍ତ ଦୁଇଜଣ ହେଉଛନ୍ତି ଢେଙ୍କାନାଳର ସୁଶାନ୍ତ ପ୍ରଧାନ ଓ ଗଞ୍ଜାମର ଶ୍ରୀକାନ୍ତ ତ୍ରିପାଠୀ।

### ୬ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ବାଲିଅନ୍ତା,୨୨।୭(ଡି.ଏନ୍.ଏ.):** ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ସୋମବାର ବାଲିଅନ୍ତା ଥାନା ପୋଲିସ ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ଆମପୋର ଗ୍ରାମର ପବିତ୍ର ସ୍ୱାଇଁ(୫୧)। ପୋଲିସ ତାଙ୍କଠାରୁ ୬ଗ୍ରାମ ବ୍ରାଉନସୁଗାର ସହ ନଗଦ ୯୦୦ ଟଙ୍କା ଓ ଏକ ବାଇକକୁ ଜବତ କରିଛି। ସୂଚନା ଅନୁଯାୟୀ, ପବିତ୍ର ଭୁବନେଶ୍ୱର ଓ ଜଟଣୀ ଅଞ୍ଚଳରୁ ବ୍ରାଉନସୁଗାର ଆଣି ବାଲିଅନ୍ତା, ନିମାପଡ଼ା ଅଞ୍ଚଳରେ ବିକ୍ରି କରୁଥିଲେ। ରବିବାର ବାଲିଅନ୍ତା ସାଇଫନ ଛକ ନିକଟ କୁଶଭଦ୍ରା ନଦୀକୂଳସ୍ଥିତ ଏକ ମନ୍ଦିର ପଛପଟେ ପବିତ୍ର ବ୍ରାଉନସୁଗାର ବିକ୍ରି କରୁଥିବବାର କୌଣସିସୂତ୍ରରୁ ପୋଲିସ ଖବରପାଇ ତାଙ୍କୁ ଧରିଥିଲା। ପବିତ୍ରଙ୍କ ନାମରେ ୨୧(ବି) ଏନଡିପିଏସ ଆକ୍ଟରେ ଏକ ମାମଲା( ନଂ ୧୭୮/୧୯)ରେ ରୁଜୁ ହୋଇଛି।

### ଜାତୀୟ ଶିକ୍ଷା ନୀତି ଚିଠା ପ୍ରସ୍ତୁତ

**ଭୁବନେଶ୍ୱର,୨୨।୭(ବ୍ୟୁରୋ):** ଜାତୀୟ ଶିକ୍ଷା ନୀତି ୨୦୧୯ ସଂକ୍ରାନ୍ତ ଏକଦିବସୀୟ ଆଲୋଚନାଚକ୍ର ସୋମବାର ଭୁବନେଶ୍ୱରସ୍ଥିତ ଷ୍ଟୁଆର୍ଟ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଟକ ଡାୟୋସିସ୍, ଉତ୍କଳ ଖ୍ରୀଷ୍ଟିଆନ ପରିଷଦ ଏବଂ ଓଡ଼ିଶା ସଂଖ୍ୟାଲଘୁ ସଂଗଠନ ଦ୍ୱାରା ଏହି ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ କଟକ ଡାୟୋସିସ୍‌ର ଆଚାର୍ଯ୍ୟ ଏସ୍.କେ. ନନ୍ଦ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଦୀପକ କୁମାର ବେହେରା ଯୋଗଦେଇଥିଲେ। ସୁପ୍ରିମକୋର୍ଟ ଆଇନଜୀବୀ ବିଭୂଦତ୍ତ ଦାସ, ଆଞ୍ଚଳିକ ଶିକ୍ଷା ପରିଷଦର ସହ ପ୍ରାଧାପିକା ଡ. ଏଲିଜାବେଥ୍ ଗାଙ୍ଗମାଇ, ୟୁସିସିର ସମ୍ପାଦିକା ଜ୍ୟୋତ୍ସାରାଣୀ ପାତ୍ର ପ୍ରମୁଖ ଯୋଗଦେଇ ଜାତୀୟ ଶିକ୍ଷାନୀତି ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷାବିତ୍‌ମାନେ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୧୯ର ଚିଠା ପ୍ରସ୍ତୁତ କରିଥିଲେ।

■ ଶ୍ରାବଣ ମାସ ପ୍ରଥମ ସୋମବାର

# ଶ୍ରୀଲିଙ୍ଗରାଜଙ୍କ ପୀଠରେ ୩ ହଜାର କାଉଡ଼ିଆ

**ପୁରୁଣା ଭୁବନେଶ୍ୱର,୨୨।୭(ଡି.ଏନ.ଏ.)**



ଜଳଲାଗି ପାଇଁ ଆସିଥିବା କାଉଡିଆମାନେ।

ଶ୍ରାବଣ ମାସର ପ୍ରଥମ ସୋମବାରରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କୁ ପ୍ରାୟ ୩ ହଜାର ୪୦ ଜଣ କାଉଡ଼ିଆ ଜଳଲାଗି କରିଥିବା ପ୍ରଶାସନ ସୂତ୍ରରୁ ପ୍ରକାଶ। ଶ୍ରାବଣ ୪ ପାଳି ପାଇଁ ପ୍ରସ୍ତୁତ ହୋଇଥିବା ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଅନୁଯାୟୀ ଭୋର ସାଢେ ୩ଟାରେ ମଙ୍ଗଳ ଆଳତି ଓ ଅବକାଶ ନୀତି ସମ୍ପୂର୍ଣ୍ଣ ହୋଇଥିଲା। ପରେ ପ୍ରାତଃ ୪ ଟାରେ ସାହାଣମେଲା ଦର୍ଶନ ଜାରି ରହିଥିଲା। ଏହି ଅବସରରେ ରାତିରୁ ରାଜ୍ୟ ଏବଂ ବାହାରୁ ଆସି ଧାଡ଼ିରେ ଅପେକ୍ଷା କରିଥିବା କାଉଡ଼ିଆ ଭକ୍ତମାନେ ଜଳଲାଗି କରିଥିଲେ। ତେଣୁ ସୋମବାର ଏତଦ୍‌ବ୍ୟତୀତ ଅନ୍ୟ ମନ୍ଦିରଗୁଡିକରେ ମଧ କେତେଜଣ ବୋଲବମ୍ ଭକ୍ତ ଜଳଲାଗି କରିଥିବା ଦେଖିବାକୁ ମିଳିଥିଲା। ସୂଚନାଥାଉ କି ଏହି ଭକ୍ତମାନଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ୧୦ ଟଙ୍କାର ଟିକେଟ୍ କାଟିବା ପରେ ଜଳ ଲାଗି କରିବାକୁ ଦିଆଯାଇଥିଲା।

### ମନ୍ଦିରକୁ ମନା ଦୋକାନୀଙ୍କୁ କ୍ଷମା

ଶ୍ରୀଲିଙ୍ଗରାଜ ମନ୍ଦିରକୁ ଆସୁଥିବା କାଉଡ଼ିଆମାନେ ପ୍ଲାଷ୍ଟିକ ଢାଳରେ ଜଳ ଲାଗି କରିବାକୁ ଯିବା ସମୟରେ ମନ୍ଦିର ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲା। ପରେ ଭକ୍ତମାନେ ଏଥିରୁ ନିବୃତ୍ତ ରହିଥିଲେ। ହେଲେ ମନ୍ଦିର ସମ୍ମୁଖରେ ଦୋକାନୀଭାଇମାନେ ପ୍ଲାଷ୍ଟିକ୍ ଢାଳ ବିକ୍ରି କରିବା ଉପରେ କୌଣସି ରୋକ ଲଗାଯାଇ ନ ଥିଲା। ଖୋଲା ବଜାରରେ ଦୋକାନ ସମ୍ମୁଖରେ ପ୍ଲାଷ୍ଟିକ୍ ପଦାର୍ଥ ବିକ୍ରି କରିବାର ଦେଖିବାକୁ ମିଳିଥିଲା। ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରାଗଲେ ମନ୍ଦିର ଭିତରକୁ ଆମୀଷ ନିଷେଧ ଥିବାବେଳେ ମନ୍ଦିର ଚତୁଃପାର୍ଶ୍ୱରେ ଫାଷ୍ଟ ଫୁଡ଼ ଦୋକାନରେ ଆମିଷ ବିକ୍ରି କରିବା କେତେଦୂର ଯଥାର୍ଥ ସେଭଳି ଉଦାହରଣରେ ପ୍ଲାଷ୍ଟିକ୍ ଦ୍ରବ୍ୟ ବିକ୍ରି କରିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଶ୍ରୀଲିଙ୍ଗରାଜ ଟ୍ରଷ୍ଟବୋର୍ଡ଼ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରୁ ମନ୍ଦିର ଭିତରକୁ ପ୍ଲାଷ୍ଟିକ୍ ଦ୍ରବ୍ୟ ବା ପଲିଥିନ ବିଏମ୍‌ସି ପକ୍ଷରୁ ବନ୍ଦ କରାଯାଇଛି। ଏଥିରେ ଆମେ କିଛି କରିପାରିବୁ ନାହିଁ।

### ଅଚେତ ହେଲେ ନାବାଳିକା କାଉଡ଼ିଆ

ଶ୍ରୀଲିଙ୍ଗରାଜ ମନ୍ଦିରକୁ ଜଳଲାଗି କରିବାକୁ ଆସିଥିବା କଟକ ବକ୍ସିବଜାର ଅଞ୍ଚଳର ବି. ରେଖା (୧୪) ହଠାତ୍ ମନ୍ଦିର ଭିତରେ ମୂର୍ଚ୍ଛା ହୋଇଥିଲେ। ପ୍ରବଳ ଗୁଳୁଗୁଳି ଖରା ଯୋଗୁ ମୂର୍ଚ୍ଛା ଯାଇଥିବା ଏହି ନାବାଳିକା ଭକ୍ତଙ୍କୁ ମନ୍ଦିର ଭିତରେ ସଫେଇ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କରୁଥିବା ପ୍ରଦୀପ ସେବା ଟ୍ରଷ୍ଟ ସଦସ୍ୟାସଦସ୍ୟମାନେ ତାଙ୍କୁ ଗହଳିରୁ ଉଦ୍ଧାର କରି ନିକଟସ୍ଥ ବିଏମସି ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ।

### ଜଗିଲେ ୧୨ ପ୍ଲାଟୁନ ଫୋର୍ସ

ପ୍ରାୟ ୩ ହଜାର ୪୦ କାଉଡ଼ିଆ ଏବଂ ୪ ହଜାର ସାଧାରଣ ଭକ୍ତ ପାଇଁ ଶ୍ରାବଣର ପ୍ରଥମ ସୋମବାର ଭିଡ଼କୁ ନିୟନ୍ତ୍ରଣ କରିବାକୁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ୧୨ ପ୍ଲାଟୁନ ପୋଲିସ୍ ଫୋର୍ସ ଏଥିପାଇଁ ମନ୍ଦିର ଏବଂ ବାହାରେ ବିଭିନ୍ନ ଟ୍ରାଫିକ୍ ସ୍ଥଳରେ ନିୟୋଜିତ ହୋଇଥିଲେ। ୫୨ ଜଣ ଏଏସ୍ଆଇ, ୧୦ ଇନ୍ସପେକ୍ଟର, ୫ ଜଣ ଏସିପି ୨ଜଣ ଡିସିପି, ୬୦ ଜଣ ହୋମଗାର୍ଡ଼, ୫୦ ଜଣ କନଷ୍ଟେବଳ ନିୟୋଜିତ ଥିଲେ ବୋଲି ଲିଙ୍ଗରାଜ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

■ ନାଗ ଫଣାକୁ ଚୁମ୍ବନ ପ୍ରସଙ୍ଗ

# ଭିଡିଓ ଶେୟାରିଂ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ବରଗଡ଼ରେ ନାବାଳିକା ଓ ଯୁବତୀମାନଙ୍କ ବିଷଧର ନାଗ ସାପ ଫଣାରେ ଚୁମ୍ବନ ଦେବା ଭିଡିଓ ଭାଇରାଲ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ। ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ସୋସିଆଲ ମିଡିଆରେ ସାପ ଭିଡିଓ ଅପଲୋଡ଼ କରି ଟଙ୍କା ରୋଜଗାର କରୁଥିବା ଓଡ଼ିଶାର ୨ଜଣ ସାପ ଧରାଳି ରୋହିତ ମେହେର ଓ ଶେଖ ମିର୍ଜାଙ୍କ ବିରୋଧରେ କେନ୍ଦ୍ରୀୟ ୱାଇଲ୍ଡ ଲାଇଫ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି) ତଥା ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱବଧାରକଙ୍କ ନିକଟରେ ଶୁଭେନ୍ଦୁ ଅଭିଯୋଗ କରିଥିଲେ। ବରଗଡ଼ ଡିଏଫ୍‌ଓଙ୍କ ଦ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ରୋହିତ ମେହେର ଓରଫ ଅଶୋକ ମେହେରଙ୍କୁ ଗିରଫ କରାଯାଇଛି। ତେବେ ଯେଉଁ ଅପରାଧରେ ରୋହିତ ଗିରଫ ହୋଇଛନ୍ତି ସେହି ଅପରାଧ ପାଇଁ ଆର୍ଥିକ ପ୍ରୋତ୍ସାହନ ଦେଉଥିବା ଭିଗୋ ଭିଡିଓ କମ୍ପାନୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶୁଭେନ୍ଦୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରାର୍ଥନା କରିଛନ୍ତି। ୭ରୁ ୧୫ ବର୍ଷର ନାବାଳିକାଙ୍କୁ ନାଗ ସାପ ଫଣାରେ ଚୁମ୍ବନ କରେଇ ଭିଡିଓ ସୁଟିଂ କରି ଭାଇରାଲ କରେଇ ଟଙ୍କା ଉପାର୍ଜନ ଘଟଣା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସୂଚନାଯୋଗ୍ୟ, ୨୦୧୪ ଡିସେମ୍ବର ୩୦ରୁ କୌଣସି ବନ୍ୟପ୍ରାଣୀଙ୍କ ସହ ଫଟୋ କିମ୍ବା ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ ନ କରିବା ପାଇଁ ଡବ୍ଲ୍ୟୁସିସିବି ତରଫରୁ ଏକ ଆଡ଼ଭାଇଜରି ଜାରି ହୋଇଥିଲା।




ଭାଷା ସଂସ୍କୃତି ସମାଜ ପକ୍ଷରୁ ୟୁନିଟ-୩ସ୍ଥିତ ରାଜଧାନୀ କଳାସଂସଦ ସଭାଗୃହରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଜଙ୍ଗଲ ଅଧିକାର ଆଇନ ଉଲ୍ଲଂଘନ ପ୍ରତିବାଦରେ ବିକ୍ଷୋଭ




ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ଜଙ୍ଗଲ ଅଧିକାର ଆଇନ୍ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିବା ଓ ସୁପ୍ରିମକୋର୍ଟଙ୍କୁ ଭୁଲ୍ ତଥ୍ୟ ଦେବା ନେଇ 'ରାଜ୍ୟସ୍ତରୀୟ ଗ୍ରାମସଭା ସମୂହ, 'ମର୍ଯ୍ୟାଦାର ସହ ବଞ୍ଚିବାର ଅଭିଯାନ ଓଡ଼ିଶା (ସିଏସ୍‌ଡି)' ଏବଂ 'ଭୂମି ଅଧିକାର ଆନ୍ଦୋଳନ' ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଲୋୟର ପିଏମ୍‌ଜିରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ସାଧାରଣ ସଭା ଆୟୋଜିତ ହୋଇଯାଇଛି। ମାଷ୍ଟର କ୍ୟାଣ୍ଟିନ ଛକଠାରୁ ପ୍ରତିବାଦ ଶୋଭାଯାତ୍ରା ବାହାରି ପିଏମ୍‌ଜି ଛକଠାରେ ପହଞ୍ଚିଥିଲା। ସେଠାରେ ଭୂମି ଅଧିକାର ଆନ୍ଦୋଳନ ତଥା ସିଏସ୍‌ଡି କାର୍ଯ୍ୟକର୍ତ୍ତା ନରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସିଏସ୍‌ଡି ରାଜ୍ୟ ଆବାହକ ଗୋପୀନାଥ ମାଝୀ, ଲୋକଶକ୍ତି ଅଭିଯାନର ପ୍ରଫୁଲ୍ଲ ସାମନ୍ତରା, ଓଡ଼ିଶା କୃଷକ ସଭାର ସୁରେଶ ପାଣିଗ୍ରାହୀ, ଆଦିବାସୀ ନେତ୍ରୀ ଆନ୍ନା କୁଜୁର, ସିଏସ୍‌ଡି ରାଜ୍ୟ ଆବାହକ ମଣ୍ଡଳୀ ସଦସ୍ୟ ପ୍ରଦୀପ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇ ଜଳ, ଜମି, ଜଙ୍ଗଲ ଓ ଜୀବନ ଜୀବିକା ସଂଗ୍ରାମକୁ ଅଧିକ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ପରେ ଦୁଇଟି ପ୍ରତିନିଧି ଦଳ ରାଜ୍ୟପାଳ ଓ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଡେଲ୍‌ଟା ଛକରେ ଯୁବତୀଙ୍କ ଉନ୍ମତ୍ତକାଣ୍ଡ

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ଖଣ୍ଡଗିରି ଥାନା ଅଧୀନ ଡେଲଟା ଛକରେ ସୋମବାର ରାତିରେ ଜଣେ ଯୁବତୀଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ଯୁବତୀ ଜଣଙ୍କ ନିଶାଗ୍ରସ୍ତ ଅବସ୍ଥାରେ ସେଠାରେ ହୋହଲ୍ଲା କରିବା ସହ ଏକ ପ୍ରକାର ଆତଙ୍କ ଖେଳାଇଥିଲେ। ସେହିବାଟ ଦେଇ ଯାଉଥିବା ଲୋକଙ୍କୁ ସେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଅଶ୍ଳୀଳ ଆଚରଣ କରୁଥିଲେ। ଏହାଦେଖି କେତେକ ଲୋକ ପୋଲିସକୁ ଫୋନ୍ କରି ଜଣାଇଥିଲେ। ଖଣ୍ଡଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ପୂର୍ବରୁ ତାଙ୍କୁ ଅନେକ ଥର ଏଭଳି ଅବସ୍ଥାରେ ପୋଲିସ ଉଦ୍ଧାର କରି ଶର୍ଟ୍ ଷ୍ଟେ ହୋମ୍‌ରେ ଛାଡ଼ିଥିଲା। ସେଠାରୁ ଆସିବା ପରେ ସେ ପୁଣି ପୁରୁଣା କାରନାମା ଆରମ୍ଭ କରି ଦେଇଛନ୍ତି। ତାଙ୍କୁ ପୁନର୍ବାର ଶର୍ଟ୍ ଷ୍ଟେ ହୋମ୍‌ରେ ଛଡ଼ାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

### ପାଚିକା, ସହାୟିକା ସଂଘର ବିକ୍ଷୋଭ

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ସିଆଇଟିୟୁସି ନେତୃତ୍ୱରେ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକା ସଂଘ ପକ୍ଷରୁ ସୋମବାର ବିଧାନସଭା ସମ୍ମୁଖରେ ବିକ୍ଷୋଭ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ୨୦୧୮ ଜାନୁୟାରୀଠାରୁ ୨ହଜାର ଟଙ୍କା ଭତ୍ତା, ଛଟେଇ ପାଚିକାଙ୍କୁ ପୁନଃନିଯୁକ୍ତି, ୨୮ମାସର ବକେୟା ଭତ୍ତା, ଇପିଏଫ୍ ଆଦି ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ରାଧାରମଣ ଷଡଙ୍ଗୀ, ରାଜ୍ୟ ସମ୍ପାଦିକା ଈଶାନ ଷଡଙ୍ଗୀ, କ୍ଷୀରମଣି ମହନ୍ତ, କନକ ଦାସ, ପୂର୍ଣ୍ଣିମା ବେହେରା ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏଥିରେ ବହୁ ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକା ଯୋଗଦେଇଥିଲେ।

### ୭ ଦଫା ଦାବିରେ ବିକ୍ଷୋଭ

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ଅଲ ଓଡ଼ିଶା ଅନ୍‌ଏମ୍ପ୍ଲୋୟେଡ୍ ଓଲ୍ଡ ସିଟି/ବିଇଡି ଶିକ୍ଷକ ଆସୋସିଏଶନ୍ ପକ୍ଷରୁ ୭ ଦଫା ଦାବି ନେଇ ସୋମବାର ବିକ୍ଷୋଭ ହୋଇଛି। ସଭାପତି ଗୋପବନ୍ଧୁ ମୁଦୁଲି, ସମ୍ପାଦକ ବାବାଜୀ ଚରଣ ବାରିକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ୧୯୯୦-୯୧ରୁ ୨୦୦୦-୦୧ ଶିକ୍ଷାବର୍ଷ ସୁଦ୍ଧା ସେମାନଙ୍କୁ ନିଯୁକ୍ତି, ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ବନ୍ଦ ଏବଂ ବିଭିନ୍ନ ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପାଳନ ପାଇଁ ଦାବି ହୋଇଛି।

■ ନୂଆଗାଁ ମ୍ୟୁନିସିପାଲିଟି ରାସ୍ତା ଶୋଚନୀୟ

# ଗଣଧାରଣା ପାଇଁ ପୋଲିସ ଦେଲାନି ଅନୁମତି

**ପୁରୁଣା ଭୁବନେଶ୍ୱର, ୨୨।୭ (ଡି.ଏନ.ଏ.)**

ରାସ୍ତା ଘାଟ, ମଠ, ମନ୍ଦିରର ପୁନରୁଦ୍ଧାର ପାଇଁ ଅର୍ଥ ବ୍ୟୟ ବରାଦ ହେଉଛି। ତେବେ ଏହି ଯୋଜନାଗୁଡିକ ସୁଦୂର ଉପାନ୍ତ ଅଞ୍ଚଳକୁ ଅପହଞ୍ଚ କଥା ରାଜଧାନୀରେ ମଧ ଦେଖାଦେଇଛି। ବିଏମ୍‌ସିର ୱାର୍ଡ ନଂ. ୫୯ ଏବଂ ଭୁବନେଶ୍ୱର ବ୍ଲକର ନୂଆଗାଁ ମ୍ୟୁନିସିପାଲିଟି ରାସ୍ତା ଉଦାହରଣ ଅଟେ। ବର୍ଷାଦିନ କେବଳ ନୁହଁ ବର୍ଷର ଅନ୍ୟ ସମୟଗୁଡିକରେ ଅସରାଏ ବର୍ଷାରେ ଏଠାରେ କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି ହୁଏ। ଏହି ରାସ୍ତାରେ କଲୋନୀ ବାସିନ୍ଦାଙ୍କ ସମେତ ଇଟିପୁର, ଟିକରପଡା, ଲିଙ୍ଗିପୁର ଆଦି ଅଞ୍ଚଳର ହଜାର ହଜାର ଜନସାଧାରଣ ଯାତାୟାତ କରିଥାନ୍ତି। ଶହଶହ ଯାନବାହାନ ମଧ ଏହି ବାଟ ଦେଇ ଯାଇଥାଏ। ବର୍ଷ ବର୍ଷ ଧରି ରାସ୍ତାଟି ବିପର୍ଯ୍ୟସ୍ତ ହେବା ଖବର ସ୍ଥାନୀୟ ଜନପ୍ରତିନିଧି ଜାଣିଥିଲେ ହେଁ ଅଣଦେଖା କରିବା ନେଇ ଅଞ୍ଚଳବାସୀ ରବିବାର ରାସ୍ତାରେ ଗଣଧାରଣ ଦେବା ପାଇଁ ପ୍ରସ୍ତୁତ ହେଉଥିଲେ। କୌଣସି ସୂତ୍ରରୁ ଖବରପାଇ, ପୋଲିସ ରାଜନୈତିକ ଲୋକଙ୍କ ମାଧମରେ ଧାରଣାକୁ ବନ୍ଦ କରାଯାଇଥିଲେ। ରାସ୍ତାରୋକୋ, ଧାରଣା ପାଇଁ ୩ ଦିନ ଆଗରୁ ପରମିଶନ ନିଆଯିବା କଥା କହି ପୋଲିସ ବନ୍ଦ କରିଥିଲା। ପରେ ଆଞ୍ଚଳିକ ବିକାଶ ପରିଷଦ ଆବାହକରେ ସକାଳ ୯ଟାରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମୁରବି, ଯୁବବର୍ଗମାନେ ନାଥପୁର ସିଦ୍ଧିମଣ୍ଡପଠାରେ ଏକ ଗଣ ବୈଠକ ଡକାଯାଇଥିଲା। ଏଥିରେ ଦୁଇଦିନ ମଧରେ ଡ୍ରେନଜ ସଫେଇକୁ ପ୍ରାଥମିକତା ଦିଆଯାଇଥିଲା। ପରେ ରାସ୍ତା ଟେଣ୍ଡର କରାଯାଇ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ବୈଠକରେ ଜନପ୍ରତିନିଧି ପ୍ରତିଶ୍ରୁତି ଦେବା ପରେ ଲୋକ ଶାନ୍ତ ପଡିଥିଲେ। ବୈଠକରେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର ସାହୁ, ମାଗୁଣି ଚରଣ ଦାସ, ବିଷ୍ଣୁଚରଣ ବିଶ୍ୱାଳ, ବୃନ୍ଦାବନ ସାହୁ, ଅକ୍ଷୟ ସ୍ୱାଇଁ, ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଓୟୁଏଟି କର୍ମଚାରୀଙ୍କ ଆନ୍ଦୋଳନ ଜାରି



**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ଓୟୁଏଟିରେ ୨୫ରୁ ୩୦ ବର୍ଷ ଧରି କାମ କଲା ପରେ ମଧ ସରକାର ଅସ୍ଥାୟୀ କର୍ମଚାରୀ ଭାବେ ବେତନ ଦେଉଛନ୍ତି। ନା ଅଛି ସ୍ଥାୟୀ ନିଯୁକ୍ତି ନା ମିଳୁଛି ୭ମ ବେତନ ଆଧାରରେ ବେତନ। ଏ ନେଇ ବାରମ୍ବାର ସରକାରଙ୍କୁ କର୍ମଚାରୀମାନେ ଅବଗତ କରାଇବା ପରେ ମଧ କିଛି ସୁଫଳ ମିଳୁନାହିଁ। ସୂଚନାଯୋଗ୍ୟ, ଓୟୁଏଟିରେ କାର୍ଯ୍ୟରତ କର୍ମଚାରୀମାନେ କଠିନ ପରିଶ୍ରମ ଯୋଗୁ ବିଭିନ୍ନ ଉନ୍ନତ କୃଷି ଜାତୀୟ ଫସଲର ବୈଜ୍ଞାନିକ ପଦ୍ଧତିରେ ଗବେଷଣା ଓ ଉତ୍ପାଦନ ବୃଦ୍ଧି ପାଇଛି। କିନ୍ତୁ ଉକ୍ତ କାର୍ଯ୍ୟକୁ କରିଥିବା ଶ୍ରମିକମାନେ ଆଇନଗତ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ଏଯାବତ୍ ସ୍ଥାୟୀ ଶ୍ରମିକ ଭାବେ ନିଯୁକ୍ତ କରାଯାଇନାହିଁ। କର୍ତ୍ତୃପକ୍ଷମାନେ ସେମାନଙ୍କୁ ଶୋଷଣ କରିବା ସହ ଗୋଟି ଶ୍ରମିକ ଭାବେ ଖଟାଉଛନ୍ତି। ସମାନ କାମକୁ ସମାନ ଦରମା ଦେବାରେ ମଧ ସେମାନେ ପଛଘୁଞ୍ଚା ଦେଉଛନ୍ତି। ଏ ନେଇ ଓୟୁଏଟି କର୍ମଚାରୀମାନେ ଏବେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନକୁ ସେମାନେ ଜାରି ରଖିଥିବା ବେଳେ ଏଯାବତ୍ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି।

# ବେଆଇନ ମୋବାଇଲ ଟାୱାରକୁ ବିରୋଧ

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**



ଥାନା ପରିସରେ ବସିଥିବା ବରିଷ୍ଠ ନାଗରିକ।

■ ବରିଷ୍ଠ ନାଗରିକଙ୍କୁ ଥାନାରେ ଅଣଦେଖା

■ ବିଏମ୍‌ସି କମିଶନର ଓ ଡିସିପିଙ୍କୁ ଭେଟିବେ

ଜିଜିପି କଲୋନୀ ମଳୟବିହାର ଅଞ୍ଚଳରେ ଛାତ ଉପରେ ମୋବାଇଲ ଟାୱାର ବସିବାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଓ ବରିଷ୍ଠ ନାଗରିକମାନେ ସୋମବାର ମଞ୍ଚେଶ୍ୱର ଥାନାର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ପୋଲିସ ସେମାନଙ୍କୁ ସହଯୋଗ କରୁ ନ ଥିବା ବେଳେ ଟାୱାର ବସାଉଥିବା ବ୍ୟକ୍ତି ବରିଷ୍ଠ ନାଗରିକମାନଙ୍କୁ ଧମକ ଚମକ ଦେଉଥିବା ନେଇ ଗଣମାଧମ ନିକଟରେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଯେଉଁଠାରେ ମୋବାଇଲ ଟାୱାର ବସାଯିବ ସେଠାରେ ସ୍ଥାନୀୟ ବାସିନ୍ଦାଙ୍କ ଅନୁମତି ନିହାତି ଆବଶ୍ୟକ। ସ୍ଥାନୀୟ ବାସିନ୍ଦା କୌଣସି ସମସ୍ୟା ନ ଥିବା ନେଇ ଅନୁମତି ଦେବା ପରେ ବିଏମ୍‌ସି ଟାୱାର ବସାଇବା ନେଇ ଅନୁମତି ପ୍ରଦାନ କରେ। ମାତ୍ର ଜନବସତି ଅଞ୍ଚଳ ଭିତରେ ମୋବାଇଲ ଟାୱାର ଛାତ ଉପରେ ବସାଇବା ଦ୍ୱାରା ଏହାର ରାଡିଏଶନ ଛୋଟ ପିଲା ଏବଂ ବୃଦ୍ଧଙ୍କ ଉପରେ କୁପ୍ରଭାବ ପକାଇଥାଏ। ତେଣୁ ମଳୟବିହାର ଅଞ୍ଚଳରେ ଛାତ ଉପରେ ଟାୱାର ବସାଇବାକୁ ସ୍ଥାନୀୟ ଲୋକ ବିରୋଧ କରୁଛନ୍ତି। ଯାହାକି ବିଗତଦିନରେ ସ୍ଥାନୀୟ ବାସିନ୍ଦାଙ୍କ ଦସ୍ତଖତକୁ ଜାଲିଆତି କରି ଟାୱାର ବସାଇବା ନେଇ ବିଏମ୍‌ସିରୁ ଅନୁମତି ଅଣାଯାଇଥିବା ବେଳେ ତଦନ୍ତ ପରେ ତାହାକୁ ବନ୍ଦ କରି ଦିଆଯାଇଥିଲା। ବର୍ତ୍ତମାନ ପୁଣି ଥରେ ଆଉ ଏକ ଟାୱାର ଛାତ ଉପରେ ବସାଯାଉଛି। ଏ ନେଇ ଥାନା ଅଧିକାରୀ ଜତିନ୍ଦ୍ରନାଥ ସେଠୀଙ୍କୁ ଶନିବାର ଲିଖିତ ଅଭିଯୋଗ କରିବା ସହ ଜନବସତି ସ୍ଥାନରେ ମୋବାଇଲ ଟାୱାର ବସାଇବାର ଏକ ନିୟମାବଳୀ ମଧ ଦେଇଥିଲେ। ରବିବାର ସକାଳ ପ୍ରାୟ ୧୧ଟାରେ ମଳୟବିହାରର ବାସିନ୍ଦା ଏବଂ ବରିଷ୍ଠ ନାଗରିକମାନେ ଥାନା ଅଧିକାରୀଙ୍କୁ ଏ ନେଇ ଆଲୋଚନା କରିବାକୁ ଭେଟିବାକୁ ଯାଇଥିଲେ। ମାତ୍ର ୩ ଘଣ୍ଟା ଧରି ଅପେକ୍ଷା କରି ଥାନା ଅଧିକାରୀଙ୍କୁ ଭେଟି ନ ପାରି ବରିଷ୍ଠ ନାଗରିକମାନେ ଫେରି ଆସିଥିବା ଅଭିଯୋଗ କରିଛନ୍ତି। ସେଠାରେ ଥିବା ପୋଲିସ ବାବୁମାନେ କହିଥିଲେ ଟାୱାର କାର୍ଯ୍ୟ ବନ୍ଦ କରିବା ପୋଲିସର କାମ ନୁହେଁ। ସେମାନଙ୍କ ନିକଟରେ ଟାୱାର ବସାଇବାର ଅନୁମତି ରହିଛି। ଏ ନେଇ ବିଏମ୍‌ସି କମିଶନରଙ୍କୁ ଦେଖା କରିବାକୁ କହି ସେମାନଙ୍କୁ ପଠାଇ ଦେଇଥିଲେ। ମୋବାଇଲ ଟାୱାର ବସାଇବା ନେଇ ବିଏମ୍‌ସିରୁ ଅନୁମତି ଆଣିବାରେ ଅନେକ ଅନିୟମିତତା କରାଯାଇଛି। ସେଠାରେ ଟାୱାର ହେବା ପରେ ଅନେକ ବିପଦ ସୃଷ୍ଟି ହେଉଛି। ପୋଲିସ ଏଥିରେ ହସ୍ତକ୍ଷେପ ନ କରିବାରୁ ଟାୱାର କାର୍ଯ୍ୟ ବନ୍ଦ ହେବା ବଦଳରେ ଦ୍ରୁତଗତିରେ ଚାଲୁଛି। ଏହାକୁ ବିରୋଧ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଟାୱାର ବସାଉଥିବା ଲୋକମାନେ ଦେଖାଇ ଶିଖାଇ ଗାଳିଗୁଲଜ କରୁଛନ୍ତି। ଏ ନେଇ ବିଏମ୍‌ସି କମିଶନର ଏବଂ ପୋଲିସ ଡିସିପିଙ୍କୁ ମଙ୍ଗଳବାର ବରିଷ୍ଠ ନାଗରିକ ଏବଂ ସ୍ଥାନୀୟ ବାସିନ୍ଦାମାନେ ଭେଟି ଜଣାଇବେ ବୋଲି କହିଛନ୍ତି। ଆଗାମୀ ଦିନରେ ଯଦି କାହାର ସହଯୋଗ ନ ମିଳେ ତେବେ ସେମାନେ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହେବେ ବୋଲି ଗଣମାଧମକୁ ଜଣାଇଛନ୍ତି।



“ଅନ୍ୟର କଲ୍ୟାଣ କରିବା ଠାରୁ ବଡ ଧର୍ମ କିଛି ନାହିଁ କି ଅନ୍ୟକୁ ପୀଡାଦେବା ସମାନ ପାପ କିଛି ନାହିଁ।
- ଶ୍ରୀଚୈତନ୍ୟ



# ପାଳନ ହେଉନି ଘରୋଇ ହଷ୍ଟେଲ ନିୟମାବଳୀ

- ଅସୁରକ୍ଷିତ ଛାତ୍ରୀଛାତ୍ର
- ଲାଗୁନି ସିସିଟିଭି, ରହୁନାହାନ୍ତି ସୁରକ୍ଷା କର୍ମୀ
- ମନଇଚ୍ଛା ଚାଲିଛି କାରବାର
- ହେଉନି ଯାଞ୍ଚ, ଚୁପ୍ ବସିଛି ପୋଲିସ

କଟକ ଅଫିସ,୨୨।୭

ଯୁକ୍ତ ଦୁଇ ଠାରୁ ଆରମ୍ଭ କରି ପିଜି, ବୈଷୟିକ ଶିକ୍ଷା, ଇଞ୍ଜିନିୟରିଂ ପଢିବା ଓ ଚାକିରୀ କରିବା ଉଦ୍ଦେଶ୍ୟରେ ଓଡ଼ିଶାର କୋଣ ଅନୁକୋଣରୁ ଛାତ୍ରୀଛାତ୍ରମାନେ ଦ୍ୱୈତ୍ୟ ନଗରୀ ଭୁବନେଶ୍ୱର ଏବଂ କଟକ ଆସୁଛନ୍ତି। ସେମାନଙ୍କ ରହିବା ପାଇଁ ଏହି ଦ୍ୱୈତ୍ୟ ନଗରୀରେ ବହୁସଂଖ୍ୟାରେ ଘରୋଇ ହଷ୍ଟେଲ ନିର୍ମାଣ ହୋଇଛି। ହେଲେ ଏହି ହଷ୍ଟେଲଗୁଡିକରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ହଷ୍ଟେଲର ମାଲିକମାନେ ମାସିକ ଭଡା ବାବଦକୁ ଛାତ୍ରୀଛାତ୍ରଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା କମାଉଥିଲେ ମଧ୍ୟ ସେମାନଙ୍କ ସୁରକ୍ଷା ପ୍ରତି ଆଦୌ ଦୃଷ୍ଟି ଦେଉ ନାହାନ୍ତି। ଅତୀତରେ କିଛି ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଥିଲା। ଏହାପରେ କମିଶନରେଟ ପୋଲିସ ଘରୋଇ ହଷ୍ଟେଲ କରିବା ପାଇଁ ୨୦୧୬ରେ ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ ସେକ୍ସନ ୨୮ ଅନୁସାରେ ଏକ ନିୟମାବଳୀ ପ୍ରସ୍ତୁତ କରିବା ସହ ନୋଟିସ ଜାରି କରିଥିଲା। ହଷ୍ଟେଲ ଖୋଲିବା, ପରିଚାଳନା ଠାରୁ ଆରମ୍ଭ କରି ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଏହି ନିୟମ ପ୍ରସ୍ତୁତ ହୋଇଥିଲା। ହେଲେ ଏହି ନିୟମ ଠିକ୍ ଭାବେ ପାଳନ ହେଉ ନ ଥିବାରୁ ଏବେ ଛାତ୍ରୀଛାତ୍ରଙ୍କ ଜୀବନ ବାଜି ଲାଗିବା ଭଳି ମନେ ହେଉଛି।

ନିୟମ ଅନୁଯାୟୀ, ଏକ ହଷ୍ଟେଲ ଖୋଲିବା ପାଇଁ ପ୍ରଥମେ ହଷ୍ଟେଲର ମାଲିକଙ୍କୁ ଜମି ମାଲିକ, ସ୍ଥାନୀୟ ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ, ପୂର୍ତ୍ତ ବିଭାଗ, ମ୍ୟୁନିସିପାଲ କର୍ପୋରେଶନ, ସ୍ଥାନୀୟ ଥାନାର ଅଧିକାରୀଙ୍କଠାରୁ ନୋ ଅବ୍‌ଜେକ୍ସନ୍ ସାର୍ଟିଫିକେଟ(ଏନ୍‌ଓସି) ଆଣିବାକୁ ନିର୍ଦ୍ଦେଶ ରହିଥିଲା। ହଷ୍ଟେଲଟି ମଦ ଦୋକାନ ଠାରୁ ୨୦୦ ମିଟର ଦୂରରେ ରହିବା, ହଷ୍ଟେଲର ନୋଟିସ୍ ବୋର୍ଡରେ ହଷ୍ଟେଲର ଲାଇସେନ୍ସ, ରହୁଥିବା ଛାତ୍ରୀଛାତ୍ରଙ୍କୁ ତାଲିକା ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷକରି ଛାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ହଷ୍ଟେଲର ପାଚେରି ନିର୍ମାଣ କରିବା, ସୁରକ୍ଷା ଗାର୍ଡ ମୁତୟନ କରିବା, ସିସିଟିଭି ଲଗାଇବା, ହଷ୍ଟେଲରେ ମହିଳାମାନଙ୍କ ଦ୍ୱାରା ଆଭ୍ୟନ୍ତରଣୀୟ କାର୍ଯ୍ୟ ତଦାରଖ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ହଷ୍ଟେଲର ଏକ ରେଜିଷ୍ଟର ବନାଇବା ସହ ହଷ୍ଟେଲକୁ ଯିବା ଆସିବା କରୁଥିବା ଲୋକମାନଙ୍କ ଠିକଣା ରଖିବାକୁ କୁହାଯାଇଥିଲା। ହଷ୍ଟେଲର ଲାଇସେନ୍ସ ଅବଧି ଶେଷ ହେବାର ୧ ମାସ ପୂର୍ବରୁ ଏହାର ନବୀକରଣ କରିବାକୁ ନର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏହି ନିୟମଗୁଡିକୁ ଶତକଡା ୯୦ ଭାଗ ହଷ୍ଟେଲ ପାଳନ କରୁନାହାନ୍ତି। ସବୁଠୁ ଦୁଃଖର ବିଷୟ ଏଥିପାଇଁ ଯାଞ୍ଚ କରିବାକୁ କେହି ନାହାନ୍ତି। ପୋଲିସ ଠାରୁ ଆରମ୍ଭ କରି ଅଗ୍ନିଶମ, ମ୍ୟୁନିସିପାଲଟି, ପୂର୍ତ୍ତ ବିଭାଗ କେହିଁ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି।

ମାଲିକମାନେ ମନଇଚ୍ଛା ହଷ୍ଟେଲ ନିର୍ମାଣ କରି ଭଡାରେ ଲଗାଉଛନ୍ତି। ଏଥିପାଇଁ ସେମାନେ କୌଣସି ଗୋଟିଏ ବିଭାଗରୁ ମଧ୍ୟ ଲାଇସେନ୍ସ ଆଣୁ ନାହାନ୍ତି। ଅଧିକାଂଶ ହଷ୍ଟେଲରେ ସିସିଟିଭି କିମ୍ବା ସୁରକ୍ଷାକର୍ମୀ ମୁତୟନ କରାଯାଉନାହିଁ। ଏପରି କି କେତେକ ଛାତ୍ରୀ ହଷ୍ଟେଲ ମଧ୍ୟ ଅଛି ଯେଉଁଥିରେ ପାଚେରି ନାହିଁ। ଛାତ୍ରୀ ହଷ୍ଟେଲରେ ପୁରୁଷ ଲୋକ କାର୍ଯ୍ୟ କରୁଛନ୍ତି। ମଦଦୋକାନ ଠାରୁ ମାତ୍ର ୫୦ ମିଟର ଦୁରରେ ହଷ୍ଟେଲମାନ ଖୋଲା ଯାଇଥିବା ଦେଖିବାକୁ ମିଳୁଛି। କେତେକ ହଷ୍ଟେଲ ଏପରି ନିର୍ମାଣ କରାଯାଇଛି ଯେ ଅଘଟଣ ବେଳେ ହଷ୍ଟେଲରୁ ବାହାରିବାକୁ ବାଟ ନାହିଁ। ଏପରି ସ୍ଥଳେ କେତେବେଳେ ଅଘଟଣ ଘଟିବ କିଛିକିଛି କହିହେବ ନାହିଁ। ତେଣୁ ଏବେଠୁ ଯଦି ପ୍ରଶାସନ ଏବଂ ପୋଲିସ ସଚେତନ ନ ହୁଏ ଆଗାମୀ ଦିନରେ ଏହା ବଡ ବିପଦ ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

### ପାଚେରି, ସିସିଟିଭି, ସୁରକ୍ଷା ଗାର୍ଡ ନାହାନ୍ତି



ମୁଁ ବାଦାମବାଡି ଅରୁଣଦୋୟ ମାର୍କେଟରେ ଏକ ଘରୋଇ ହଷ୍ଟେଲରେ ରହି ଡାକ୍ତରୀ ପରୀକ୍ଷା ପାଇଁ କୋଚିଂ ନେଉଛି। ଆମ ହଷ୍ଟେଲରେ ସୁରକ୍ଷା କହିଲେ କିଛି ନାହିଁ। ସିସିଟିଭି, ସୁରକ୍ଷା କର୍ମୀଙ୍କ କଥା ଚାଡ, ହଷ୍ଟେଲରେ ପାଚେରି ମଧ ନାହିଁ। ପାଚେରି ନ ଥିବା ଯୋଗୁ ରାସ୍ତା ଦେଇ ଯାଉଥିବା ଅସାମାଜିକ ଯୁବକମାନେ କମେଣ୍ଟ ମାରୁଛନ୍ତି।

-ପୂର୍ଣ୍ଣାଷା ମିଶ୍ର, ଛାତ୍ରୀ, ବାଦାମବାଡି

### ଭଗବାନଙ୍କ ଭରସାରେ ରହୁଛୁ



ବାଣୀବିହାରରେ ପିଜି ସାରିବା ପରେ ମୁଁ ଆଚାର୍ଯ୍ୟ ବିହାର ଅଞ୍ଚଳରେ ଥିବା ଏକ ଘରୋଇ ହଷ୍ଟେଲରେ ରହି ୟୁପିଏସି ପରୀକ୍ଷା ପାଇଁ କୋଚିଂ ନେଉଛି। ଆମ ହଷ୍ଟେଲରେ ୫୦ରୁ ଅଧିକ ପିଲା ରହି ପାଠ ପଢୁଛନ୍ତି। କିନ୍ତୁ ହଷ୍ଟେଲରେ ସୁରକ୍ଷା କର୍ମୀ ନାହାନ୍ତି କି ସିସିଟିଭି ନାହିଁ। ହଷ୍ଟେଲ କାର୍ଯ୍ୟ ବୁଝାବୁଝି ମଧ ପୁରୁଷ ଲୋକ କରୁଛନ୍ତି। କୌଣସି ରେଜିଷ୍ଟର ମଧ ଏଠାରେ ନାହିଁ। ଆମେମାନେ ଭଗବାନଙ୍କ ଭରଷାରେ ଏଠାରେ ରହୁଛୁ।

-ବିଶ୍ୱବନ୍ଦିତା ପ୍ରିୟଦର୍ଶନୀ, ଛାତ୍ରୀ, ଆଚାର୍ଯ୍ୟ ବିହାର

### ଅପରାଧ କରି ଲୋକେ ଏଠାରେ ଲୁଚୁଛନ୍ତି



ମୁଁ ୨୦୧୬ରୁ ରସୁଲଗଡସ୍ଥିତ ଏକ ହଷ୍ଟେଲରେ ରହି ବ୍ୟାଙ୍କିଙ୍ଗ୍ ପରୀକ୍ଷା ପାଇଁ କୋଚିଂ ନେଉଛି। ଆମେ ଏଠାରେ ୭୦ରୁ ଅଧିକ ପିଲା ରହୁଛୁ। ହେଲେ ଆମ ହଷ୍ଟେଲର କିଛି ନିୟମକାନୁନ ନାହିଁ। ଯାହା ଇଚ୍ଛା ଯେତେବେଳେ ଆସିବ ଯିବ କୌଣସି ଅସୁବିଧା ନାହିଁ। ରେଜିଷ୍ଟରରେ ଲେଖାଯାଉ ନ ଥିବା ଯୋଗୁ ବେଳେବେଳେ ଅପରାଧ କରି ପୋଲିସ କବଳରୁ ବର୍ଞ୍ଚିବା ପାଇଁ ଲୋକେ ଏଠାରେ ଆସି ରହୁଛନ୍ତି।

-ଜ୍ୟୋତି ପ୍ରକାଶ ସାମଲ, ଛାତ୍ର, ରସୁଲଗଡ

### ଯାଞ୍ଚ ପ୍ରକ୍ରିୟା କଡାକଡି ହେବ



କମିଶନରେଟ ପୋଲିସ ପକ୍ଷରୁ ପ୍ରଥମେ ତାହା ଉପରେ ଜନସାଧାରଣଙ୍କ ଅବଗତ ନିମନ୍ତେ ନୋଟିସ ଜାରି କାରାଯାଇଥିଲା। ଏହା ଉପରେ ଯାଞ୍ଚ କରିବାକୁ ସବୁ ଥାନା ଅଧିକାରୀଙ୍କୁ ନୋଟିସ ଜାରି କରାଯାଇଛି। ଆଗାମୀ ଦିନରେ ଯାଞ୍ଚ ପ୍ରକ୍ରିୟା କଡାକଡି ହେବ। ହେଲେ ଯେଉଁଠି ହଷ୍ଟେଲରେ ଅସୁବିଧା ରହିଛି ଅବା ନିୟମ ପାଳନ କରାଯାଉନାହିଁ, ଜନସାଧାରଣଙ୍କ ପକ୍ଷରୁ ଏ ନେଇ ଅଭିଯୋଗ ଆସିଲେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

-ସତ୍ୟଜିତ୍ ମହାନ୍ତି, ପୋଲିସ କମିଶନର



କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ କଟକ ଗଡ଼ଗଡ଼ିଆ ମହାନଦୀ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

## କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ରମାଦେବୀଙ୍କ ଶ୍ରାଦ୍ଧବାର୍ଷିକୀ

କଟକ ଅଫିସ,୨୨।୭

ସ୍ଥାନୀୟ ମର୍କତନଗର ଠାରେ ସାମାଜିକ ଅନୁଷ୍ଠାନ ସମିଚୀନ ପକ୍ଷରୁ ସୋମବାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓ ରମାଦେବୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳ ସମ୍ମିଳନୀର ସଭାପତି ଡା. ରବି ରଞ୍ଜନ ସାହୁ ଯୋଗଦେଇ କହିଥିଲେ, ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମା’ ରମାଦେବୀ। ସେହିଭଳି କାଳୀଚରଣ ପଟ୍ଟନାୟକ ଏକାଧାରାରେ ଜଣେ କବି, ଲେଖକ, ନାଟ୍ୟକାର ଓ ପ୍ରସିଦ୍ଧ ଓଡ଼ିଶୀ ଗବେଷକ ଥିଲେ। ମୁଖ୍ୟବକ୍ତା ଭାବେ ଡ. ପରିଣୀତା ଦାସ ଯୋଗଦେଇ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓ ରମାଦେବୀଙ୍କ ଉପରେ ବହୁ ତଥ୍ୟ ପ୍ରଦାନ କରିଥିଲେ। ଏଥିରେ ଡ. ପବିତ୍ର ମହାନ୍ତି, ସଂଯୁକ୍ତା ବେହେରା, ସୋନାଲି ବେହେରାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ସସ୍ମିତା ଜେନା ଧନ୍ୟବାଦ ଦେଇଥିଲେ।

- ବିବେକାନନ୍ଦଙ୍କ ଉପରକୁ ଗୁଳିମାଡ ଘଟଣା

## ଡିଜିପିଙ୍କୁ ଭେଟିଲା ଧର୍ମ ରକ୍ଷା ସେନା




କଟକ ଅଫିସ, ୨୨।୭

କେନ୍ଦ୍ରାପଡା ସହରରେ ଗତ ୧୩ ତାରିଖ ରାତିରେ କେନ୍ଦ୍ରାପଡା ଜିଲା ଧର୍ମ ଜାଗରଣ ସମନ୍ୱୟର ସଂଯୋଜକ ବିବେକାନନ୍ଦ ମହାରଣାଙ୍କ ଉପରକୁ କେତେଜଣ ଦୁର୍ବୃତ୍ତ ଗୁଳି ମାଡ କରିଥିଲେ। ଏଥିରେ ମହାରଣା ଗୁରୁତର ହେବାରୁ ଚିକିତ୍ସା ଲାଗି କଟକ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଏହାର ପ୍ରତିବାଦ କରି କଟକ ଧର୍ମ ରକ୍ଷା ସେନାର କାର୍ଯ୍ୟକର୍ତ୍ତାମାନେ ସୋମବାର ପୋଲିସ ମୁଖ୍ୟାଳୟରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ରାଜ୍ୟ ପୋଲିସ ସକ୍ରିୟ ଏବଂ କଠୋର ହେଲେ କେନ୍ଦ୍ରାପଡ଼ା ତଥା ରାଜ୍ୟର ଅନ୍ୟ ଅଞ୍ଚଳରେ ମଧ୍ୟ ହତ୍ୟା, ଲୁଣ୍ଠନ, ଅତ୍ୟାଚାର, ମାରପିଟ୍ ଏବଂ ଅଶାନ୍ତ ପରିବେଶକୁ ରୋକାଯାଇପାରିବ ବୋଲି କର୍ମକର୍ତ୍ତାମାନେ ଡିଜିପିଙ୍କୁ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମ ଜାଗରଣର ପୂର୍ବ ଭାରତ କ୍ଷେତ୍ର ପ୍ରମୁଖ ବିନୟ ଭୂୟାଁ, ପୂର୍ବ ଓଡ଼ିଶା ସହ ସଂଯୋଜକ ଚନ୍ଦ୍ରକାନ୍ତ ପ୍ରଧାନ, ପ୍ରାନ୍ତ ସହନିଧି ପ୍ରମୁଖ ଜ୍ଞାନେନ୍ଦ୍ର ସ୍ୱାଇଁ, କଟକ ମହାନଗର ପ୍ରମୁଖ ମନୋହର ମହନ୍ତ, ଅଖିଳ ଭାରତୀୟ ବ୍ୟବସାୟୀ ମହାସଂଘ ସମ୍ପାଦକ ପ୍ରହଲ୍ଲାଦ ଖଣ୍ଡେଲୱାଲ, ଧର୍ମ ରକ୍ଷା ସେନାର ପୂର୍ବ ଓଡ଼ିଶା ପ୍ରମୁଖ ଉମେଶ ଦାସ, ଆଶିଷ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଭାଗ ନେଇଥିଲେ।

## ସଂକ୍ଷେପରେ

### ଶିକ୍ଷକ ଓ ଅଭିଭାବକ ବୈଠକ

### କଲେଜରେ ୭୫% ଉପସ୍ଥାନ ବାଧତାମୂଳକ

**କଟକ ଅଫିସ,୨୨।୭:** ଖ୍ରୀଷ୍ଟ କଲେଜରେ ଶିକ୍ଷକ ଓ ଅଭିଭାବକମାନଙ୍କୁ ନେଇ ତିନ ଦିନ ଧରି ଚାଲିଥିବା ବୈଠକ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଅଧକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁ ଓ ଉପାଧକ୍ଷ ଡ. ଗଦାଧର ରାଉତଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁସାରେ ଛାତ୍ରୀଛାତ୍ରମାନଙ୍କ ପାଇଁ ୭୫% ଉପସ୍ଥାପନ ବାଧତାମୂଳକ। ଯଦି ୭୫% ଉପସ୍ଥାପନରୁ କମ୍ ରହେ ତେବେ ଛାତ୍ରୀଛାତ୍ରମାନେ ଶେଷ ପରୀକ୍ଷା ଦେବାରୁ ବଞ୍ଚିତ ହେବେ। ଏହି ନିୟମ ଆସନ୍ତା ମାସଠାରୁ ଲାଗୁ ହେବ। ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ଅଭିଭାବକମାନଙ୍କୁ ଏହି ବୈଠକରେ ଅବଗତ କରାଯାଇଥିଲା। ଏଭଳି ନିଷ୍ପତ୍ତି ଛାତ୍ରୀଛାତ୍ରମାନଙ୍କ ଉନ୍ନତ ଭବିଷ୍ୟତ ପାଇଁ ନିଆଯାଇଛି ବୋଲି ଅଧକ୍ଷ ସାହୁ କହିଛନ୍ତି।

### ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**କଟକ ଅଫିସ, ୨୨।୭:** ଓଡ଼ିଶା ରାଜ୍ୟ କର୍ମଚାରୀ ସମନ୍ୱୟ ସମିତି କଟକ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଖାଲି ପଡ଼ିଥିବା ପଦବୀଗୁଡ଼ିକ ସ୍ଥାୟୀ ଭାବେ ପୂରଣ କରିବା, ୨୦୧୬ ଜାନୁୟାରୀଠାରୁ ସଂଶୋଧିତ ନୂତନ ଘରଭଡ଼ା ଭତ୍ତା ପ୍ରଦାନ କରିବା, ବର୍ଦ୍ଧିତ ଦରମାର ଗଚ୍ଛିତ ଅଂଶ ୬୦ ପ୍ରତିଶତ ପ୍ରଦାନ କରିବା, ଏନ୍‌ଏଚ୍‌ଏମ୍ କଣ୍ଟ୍ରାକ୍‌ଚୁଆଲ ଓ ଡାଟାଏଣ୍ଟ୍ରି ଅପରେଟରମାନଙ୍କୁ ସ୍ଥାୟୀ ଭାବେ ନିଯୁକ୍ତି ଦେବା, ସପ୍ତମ ବେତନ କମିଶନଙ୍କ ସୁପାରିସ ଆଧାରରେ ଦରମା ପ୍ରଦାନ କରିବା, ଅସ୍ଥାୟୀ, ଛଟେଇ ଓ ଆଉଟସୋସିଂ କର୍ମଚାରୀମାନଙ୍କୁ ଖାଲି ପଡ଼ିଥିବା ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା, ସ୍ଥିରୀକୃତ ପେନସନ ପ୍ରଦାନ କରିବା ଆଦି ଦାବି ନେଇ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ଜିଲା ଶାଖା ପକ୍ଷରୁ ଲିଙ୍ଗରାଜ ମହାନ୍ତି, ଜ୍ୟୋସ୍ନାମୟୀ ଦେଈ, ପୂର୍ଣ୍ଣଚନ୍ଦ୍ର ନାୟକ, ବିଶ୍ୱମୋହନ ମହାପାତ୍ର, ଶାନ୍ତିଲତା ସାହୁ, ଗୋପୀନାଥ ବାରିକ, ସନ୍ତୋଷ ମୋହନ ତ୍ରିପାଠୀ, ଶରତ ଚନ୍ଦ୍ର ମାରାଣ୍ଡି, ବସନ୍ତ ବେହେରା, କୃପାସିନ୍ଧୁ ବେହେରା ପ୍ରମୁଖ ଯୋଗଦେଇଥିଲେ।




ଉତ୍ତରପ୍ରଦେଶରେ ଆଦିବାସୀ ଗଣହତ୍ୟା ବିରୋଧରେ ଓଡ଼ିଶା କୃଷକ ସଭା ଓ ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ସୋମବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ଦାଦାବଟିଂକୁ କେନ୍ଦ୍ରକରି ଠିକା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ଶହୀଦନଗର ଥାନା ଅଞ୍ଚଳରେ ସୋମବାର ଦୁର୍ବୃତ୍ତମାନେ ଦାଦାବଟିଂକୁ କେନ୍ଦ୍ରକରି ଜଣେ କଣ୍ଟ୍ରାକ୍ଟର ଏବଂ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ଦୁର୍ଗାମାଧବ ମହଲ ଓ ଶୈଳଶ୍ରୀ ବିହାର ଅଞ୍ଚଳରେ ରହୁଥିବା ସୁରେଶ ମହାନ୍ତି।

ସୋମବାର ଭୋର ଏଲ୍‌ଆଣ୍ଡଟି ଠିକାଦାର କମ୍ପାନୀ ପକ୍ଷରୁ ଡିସିପିଙ୍କ ଅଫିସ ନିକଟରେ ମାଟି ତଳେ କେବୁଲ ବିଛାଇବା ସହ ବାଲି ପକାଇବା କାର୍ଯ୍ୟ ଚାଲିଥିଲା। ଭୋର ପ୍ରାୟ ସାଢେ ୩ଟା ବେଳକୁ ବାଇକ୍‌ରେ ୫ରୁ ୬ ଜଣ ଦୁର୍ବୃତ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଟଙ୍କା ନ ଦେଇ କାହା ଅନୁମତିରେ ଏଠାରେ କାମ ଚାଲିଛି କହି ଧମକ ଦେଇଥିଲେ। ବାଉଁଶ ମୂଳି ଏବଂ ଭୁଜାଲିରେ ଆକ୍ରମଣ କରିବା ସହ ସେଠାରେ ଠିକାଦାର ଏବଂ କର୍ମଚାରୀଙ୍କର ଗାଡିକୁ ଭଙ୍ଗାରୁଜା କରି ଫେରାର ହୋଇଯାଇଥିଲେ। ମାଡରେ ଠିକାଦାର ମୁକୁଲ ପ୍ରସାଦଙ୍କ ଦୁଇହାତ ଭାଙ୍ଗିଯିବା ସହ ଶରୀରରେ ଅନେକ ସ୍ଥାନରେ କ୍ଷତ ହୋଇଛି। ତାଙ୍କୁ ଚିକିତ୍ସା ନିମନ୍ତେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଥିସହ ସେଠାରେ ଉପସ୍ଥିତ ଥିବା ସୀମାଞ୍ଚଳ ରାଉତରାୟ, ଉମାଶଙ୍କର କର, ଅରୁଣ କୁମାର ସାହୁ ଓ ରଞ୍ଜନ କୁମାର ଦାସ ପ୍ରମୁଖ ଆକ୍ରମଣ ଶିକାର ହୋଇଥିଲେ। ଏ ନେଇ ଏଲଆଣ୍ଡଟି ଠିକା ସଂସ୍ଥାର ସହକାରୀ ପରିଚାଳକ ଶିବ ପ୍ରସାଦ ଶତପଥୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୩୩୬/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ନେଇ ତଦନ୍ତ ଆରମ୍ଭ କରିଥିଲା। ଦୁଇଟି ଭିନ୍ନ ସ୍ଥାନରେ ଚଢାଉ କରି ପୋଲିସ ଅଭିଯୁକ୍ତ ଦୁର୍ଗା ଏବଂ ସୁରେଶଙ୍କୁ ଗିରଫ କରିଥିଲା। ସେମାନଙ୍କୁ ସୋମବାର ପଚରାଉଚରା ପରେ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୨ ଅଭିଯୁକ୍ତଙ୍କଠାରୁ ମିଳିଥିବା ତଥ୍ୟକୁ ଆଧାର କରି ଅନ୍ୟମାନଙ୍କୁ ଧରିବା ନେଇ ପୋଲିସ ଚଢାଉ ଜାରି ରଖିଛି।

## ସ୍କୁଟି, ୩ କେଜି ଗଞ୍ଜେଇ ଜବତ: ୨ ଗିରଫ

କଟକ ଅଫିସ, ୨୨।୭

ବେଆଇନ ଗଞ୍ଜେଇ ଚାଲାଣ ହେଉଥିବାବେଳେ ମର୍କତନଗର ପୋଲିସ ଚଢାଉ କରି ସୋମବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ପୀଠାପୁର ଅଞ୍ଚଳର ଗୁରୁ ବରାଳ ଓ ବାଦାମବାଡ଼ି ଥାନା ଅଧୀନ ଦୋଳମୁଣ୍ଡାଇ ଅଞ୍ଚଳର ପ୍ରଶାନ୍ତ ଦାସ। ପୋଲିସ ସେମାନଙ୍କଠାରୁ ୩ କେଜି ୩୦୦ ଗ୍ରାମ ଗଞ୍ଜେଇ, ଗୋଟିଏ ସ୍କୁଟି (ଓଆର୍‌୦୫ଏଏସ୍-୨୪୫୪) ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୧୦/୧୯) ରୁଜୁ ହୋଇଛି। ରବିବାର ରାତିରେ ଅଭିଯୁକ୍ତ ଦ୍ୱୟ ଉକ୍ତ ସ୍କୁଟିରେ ଗଞ୍ଜେଇ ନେଇ ବାଦାମବାଡ଼ି ପଟୁ ସିଡିଏ ଆଡକୁ ଆସୁଥିବା ପୋଲିସ ସୂଚନା ପାଇଥିଲା। ପରେ ପୋଲିସର ଏକ ଟିମ୍ ମହାନଦୀ ରିଂବନ୍ଧ ଅଞ୍ଚଳରେ ଚଢାଉ କରି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।

## ଯୁଗ୍ମ ସଚିବଙ୍କ ପଢିହାରୀ ପାଠାଗାର ପରିଦର୍ଶନ

କଟକ ଅଫିସ, ୨୨।୭

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ସଚିବ ଶୁଭେନ୍ଦ୍ର କୁମାର ନାୟକ ସୋମବାର ଅପରାହ୍ନରେ ପଢିହାରୀ ପାଠାଗାର ପରିଦର୍ଶନ କରିଥିଲେ। ସେଠାରେ ଥିବା ଇ-ଲାଇବ୍ରେରୀ ପରିଚାଳନା ଏବଂ ଶିଶୁ ଓ ମହିଳା ଶାଖା ବୁଲି ଦେଖିଥିଲେ। ପଢିହାରୀ ପାଠାଗାରକୁ ଆସୁଥିବା ପାଠିକାପାଠକମାନଙ୍କ ସୁବିଧା ନିମନ୍ତେ, ସେମାନଙ୍କର ପରିଚୟପତ୍ର ଯଥା ଅଧାର କାର୍ଡ, ଫଟୋ ପରିଚୟପତ୍ର ରଖି ତାଙ୍କୁ ଆବଶ୍ୟକ ପୁସ୍ତକ ଯୋଗାଇ ଦେବାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ଯୁଗ୍ମ ସଚିବ ନାୟକ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରି କାର୍ଯ୍ୟାଳୟ ଓ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ।

- ସିଏମ୍‌ସି ଅଭିଯୋଗ ପ୍ରକୋଷ୍ଠ

## ୨୯ ଦିନରେ ୧୦୦ ଅଭିଯୋଗ ଦାଖଲ

କଟକ ଅଫିସ,୨୨।୭

**ସମାଧାନ ହୋଇଛି ୪୦**

କଟକ ମହାନଗର ନିଗମ (ସିଏମସି)ରେ ଡ୍ରେନେଜ, ପାନୀୟଜଳ ଓ ସ୍ୱାସ୍ଥ୍ୟ ସମସ୍ୟା ଭଳି ବିଭିନ୍ନ ସମସ୍ୟା ଲାଗି ରହିଛି। ଏହାର ସମାଧାନ ନିମନ୍ତେ ସିଏମସି ପକ୍ଷରୁ ଅଭିଯୋଗ ପ୍ରକୋଷ୍ଠ ଆରମ୍ଭ ହୋଇଥିଲା। କିନ୍ତୁ ଏହା କାର୍ଯ୍ୟକାରୀ ହୋଇ ନ ଥିଲା। ସହରବାସୀଙ୍କ ସମସ୍ୟାକୁ ଆଖିଆଗରେ ରଖି କମିଶନର ଅନନ୍ୟା ଦାସ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଏବେ ସକ୍ରିୟ ହୋଇଉଠିଛି। ଜୁନ୍ ୨୪ରେ ଅନ୍‌ଲାଇନ ମାଧ୍ୟମରେ ଅଭିଯୋଗ ଗ୍ରହଣ ଆରମ୍ଭ ହୋଇଥିଲା। ସୋମବାର ସୁଦ୍ଧା ଏଠାରେ ୧୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ହୋଇଛି। ଜୁନ୍ ୨୪ରେ ୨୦ଟି, ଜୁଲାଇ ୧ରେ ୧୫, ଜୁଲାଇ ୮ରେ ୨୫, ଜୁଲାଇ ୧୫ରେ ୧୮, ଜୁଲାଇ ୨୨ରେ ୨୫ ଅଭିଯୋଗ ସିଏମ୍‌ସିକୁ ଆସିଛି ବୋଲି ସିଏମ୍‌ସି ସେକ୍ରେଟାରୀ ଲତାଶ୍ରୀ ବାଗ କହିଛନ୍ତି। ଏଥିମଧ୍ୟରୁ ୪୦ଟି ସମାଧାନ ହୋଇଥିବାବେଳେ ବଳକା ଅଭିଯୋଗ କେବେ ସମାଧାନ ହେବ ସେ ନେଇ ସୋମବାର ସିଏମସି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ କମିଶନର ଅନନ୍ୟା ଦସ ସିଏମ୍‌ସି ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ କମିଶନର ପରିଦର୍ଶନ କରିଥିବା ସମସ୍ତ ଅଞ୍ଚଳରେ କେତେ ଉନ୍ନତି ହୋଇଛି, ଯାହା ନିର୍ଦ୍ଦେଶ ଦିଆଯାଇଥିଲା ତାହା ପାଳନ ହୋଇଛିକି ନାହିଁ, ସହରରେ କେତେ କାର୍ଯ୍ୟ ହୋଇଛି ସେ ନେଇ ବୈଠକରେ ଆଲୋଚନା କରିଥିଲେ। ସହରବାସୀ ଅଭିଯୋଗ କରିଥିବା ସମସ୍ତ କାର୍ଯ୍ୟ କେତେଦୁର ପୁରଣ ହୋଇଛି ସେ ସମ୍ପର୍କିତ ରିପୋର୍ଟ ସୋମବାର ଠାରୁ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ବାସିନ୍ଦା କରିଥିବା ଅଭିଯୋଗଗୁଡିକ କେଉଁ ବିଭାଗ ଦାୟିତ୍ୱରେ ରହିଛି ଏବଂ କେଉଁ ଅଧିକାରୀ ଏହି ଦାୟିତ୍ୱ ନେଇଛନ୍ତି, ଅଭିଯୋଗ କେତେଦୂର ପୂରଣ ହୋଇଛି ଏହିସବୁ ତଥ୍ୟ ପ୍ରଦାନ କରାଇବା ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଅଧିକାରୀ ସମସ୍ତ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଛନ୍ତି ସେମାନଙ୍କ ପରଫରମାନ୍ସ ରିପୋର୍ଟ ସରକାରଙ୍କ ପାଖକୁ ପଠାଯିବ ବୋଲି ସେକ୍ରେଟାରୀ ବାଗ କହିଛନ୍ତି।



କଟକ ସାରଳା ଭବନରେ ସୋମବାର ସାରଳା ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ତଥା ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କୁ ଗାନ୍ଧୀ ସେବା ସମ୍ମାନ ପ୍ରଦାନ କରାଯାଉଛି।

# ବର୍ଷାଦିନେ ତ୍ୱଚାର ଯତ୍ନ

ସୌନ୍ଦର୍ଯ୍ୟ



■ ଏହିଦିନେ ଅଧିକ ମେକ୍ ଅପ୍ ନିଅନ୍ତୁ ନାହିଁ। କାରଣ ବର୍ଷାରେ ଭିଜିଲେ ମେକ୍‌ଅପ୍ ଖରାପ ହେବା ସମ୍ଭାବନା ରହିଛି।

■ ଯଦି ଆପଣଙ୍କ ତ୍ୱଚା ଅଧିକ ଶୁଷ୍କ, ତେବେ ଅନ୍ତତଃ ଥରେ ମଶ୍ଚରାଇଜର ଲଗାଇବାକୁ ଭୁଲନ୍ତୁ ନାହିଁ। ରାତିରେ ଏହାକୁ ଲଗାଇଲେ ତ୍ୱଚା ନମନୀୟ ରହିଥାଏ।

■ ଅଏଲି ସ୍କିନ୍ ପ୍ରଡକ୍ଟ ଲଗାନ୍ତୁ ନାହିଁ। ତ୍ୱଚାରେ ଅଧିକ ମଶ୍ଚରାଇଜର, କ୍ରିମ୍ ବେସ୍ ଫାଉଣ୍ଡେଶନ କିମ୍ବା କନ୍‌ସିଲର ବ୍ୟବହାର କରନ୍ତୁ ନାହିଁ। ଆପଣ ଚାହିଁଲେ ମେକ୍ ଅପ୍ ନେବା ପୂର୍ବରୁ କାଲାମାଇନ୍ ଲୋଶନ ଲଗାଇପାରିବେ, ଯାହାକି ତ୍ୱଚାକୁ ଅଧିକ ଅଏଲି କରିବ ନାହିଁ।

■ ଟୋନର ତ୍ୱଚାକୁ ପରିଷ୍କାର ଓ ନମନୀୟ ରଖିଥାଏ। ମୁହଁ ଧୋଇବା ପୂର୍ବରୁ ପ୍ରତିଦିନ ଟୋନର ବ୍ୟବହାର କରନ୍ତୁ। ଏହା ତ୍ୱଚାର ରନ୍ଧ୍ରକୁ ବନ୍ଦ କରିଥାଏ।

■ ଏହିଦିନେ ଷ୍ଟ୍ରବେରି, ଆମ୍ବ, ପିଚ୍ ଏବଂ ଅମୃତଭଣ୍ଡା ଆଦି ଫ୍ରୁଟ୍‌ର ଫେସ୍ ପ୍ୟାକ୍ ବ୍ୟବହାର ତ୍ୱଚା ପାଇଁ ଭଲ। ଦିନକୁ ୨ ଥର ଏହି ପ୍ୟାକ୍ ଲଗାନ୍ତୁ। ଏହା ତ୍ୱଚାର ରନ୍ଧ୍ରକୁ ବନ୍ଦ କରିଥାଏ।

■ ଦିନକୁ ୮-୧୦ ଗ୍ଲାସ୍ ପାଣି ପିଅନ୍ତୁ। ଏହାଦ୍ୱାରା ତ୍ୱଚା ହାଇଡ୍ରେଟ୍ ରହିବା ସହ ଚମକ ବି ଆସିଥାଏ।

**ବର୍ଷାଦିନେ ତ୍ୱଚାରେ ବିଭିନ୍ନ ସମସ୍ୟା ଦେଖାଯାଏ, ଯାହାର ସମାଧାନ ନିହାତି ଜରୁରୀ। ଜାଣନ୍ତୁ ଏ ନେଇ କିଛି ଟିପ୍ସ...**



# ମନ୍‌ସୁନ୍ ଡାଏଟ୍

ମନ୍‌ସୁନ୍ ଡାଏଟ୍‌କୁ ଟାଇଟ୍ ରଖିବା ନିହାତି ଜରୁରୀ। କାରଣ ବର୍ଷାରେ ଗରମରୁ ମୁକ୍ତି ମିଳିଥାଏ ସତ, କିନ୍ତୁ ସଂକ୍ରମଣର ଆଶଙ୍କା ବଢ଼ିଯାଏ। ଏହି ଋତୁରେ ଖାଦ୍ୟ ଠିକ୍ ଭାବେ ହଜମ ହୋଇ ନ ଥାଏ। ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପଡ଼େ। ସାମାନ୍ୟ ଅସାବଧାନତାରୁ ଭାଇରାଲ୍ ଫିଵର, ଝାଡ଼ା, ବାନ୍ତି, ଟାଇଫଏଡ୍, ଥଣ୍ଡା, କାଶ ଆଦି ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହେବାକୁ ପଡ଼ିଥାଏ। ଏହିଦିନେ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆ ବାସିଖାଦ୍ୟ ଓ ଦୂଷିତ ପାନୀୟ ଯୋଗୁ ନିଜର ବଂଶବିସ୍ତାର କରିଥାଆନ୍ତି। ସେଗୁଡ଼ିକ ଆମ ଶରୀରରେ ପ୍ରବେଶକରି ବିଭିନ୍ନ ରୋଗର କାରଣ ସାଜିଥାଆନ୍ତି।

**ଡାଲି ଜାତୀୟ ଖାଦ୍ୟ**

ଗହମ, ମକା, ଭଜା ବୁଟ, ଡାଲି ଆଦିକୁ ଖାଦ୍ୟତାଲିକାରେ ସାମିଲ କରନ୍ତୁ, ଯାହାକି ସ୍ୱାସ୍ଥ୍ୟ ପ୍ରତି ଲାଭପ୍ରଦ। ପ୍ରୋଟିନ୍, ଲୌହ ଏବଂ ମ୍ୟାଗ୍ନେସିୟମ୍‌ଯୁକ୍ତ ଖାଦ୍ୟପଦାର୍ଥ ସେବନ ଦ୍ୱାରା ଶରୀରରେ ଇମ୍ୟୁନିଟି ପାୱାରରେ ସୁଧାର ଆସିଥାଏ।

**ସୁପାଚ୍ୟ ପନିପରିବା**

ବର୍ଷାଦିନେ ସବୁଜ ପନିପରିବା ବଦଳରେ ହାଲ୍‌କା ସୁପାଚ୍ୟ ପନିପରିବା ଯେପରିକି ଲାଉ, ଜହ୍ନି, ଛଚିନ୍ଦ୍ରା, ଭେଣ୍ଡି, ଫ୍ରେଞ୍ଚ୍ ବିନ୍ସ ଆଦି ସେବନ କଲେ ପେଟ ସମ୍ବନ୍ଧିତ ସମସ୍ୟା ରହି ନ ଥାଏ। କଲରା, ମୂଳା, ମେଥି ଆଦି ପନିପରିବା ସଂକ୍ରମଣରୁ ରକ୍ଷା କରିଥାଏ। ଖାଦ୍ୟରେ ଅଦା, ରସୁଣ, ପୋଦିନା, ଧନିଆ, ଗୋଲମରିଚ, ହଳଦୀ, ହେଙ୍ଗୁ, ମେଥିଦାନା ଆଦିର ବ୍ୟବହାର ପାଚନ ଶକ୍ତି ବଢ଼ାଇଥାଏ। ପିଜୁଳି, ନାସ୍‌ପାତି, ଅମୃତଭଣ୍ଡା, ଷ୍ଟ୍ରବେରି, ଆମ୍ବ, ସେଓ, ଡାଳିମ୍ବ, କଦଳୀ ଭଳି ଭିଟାମିନ୍ 'ସି'ଯୁକ୍ତ ଫଳମୂଳ ଖାଆନ୍ତୁ। ଏଥିରେ ମହଜୁଦ ଥିବା ନ୍ୟୁଟ୍ରିସନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଶରୀରକୁ ସଂକ୍ରମଣରୁ ରକ୍ଷାକରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

**ଦୂଷିତ ଜଳ ପିଅନ୍ତୁ ନାହିଁ**

ଦୂଷିତ ପାଣି ପିଇବା ଦ୍ୱାରା ବର୍ଷାଦିନେ ଖୁବ୍ ଶୀଘ୍ର ରୋଗ ବ୍ୟାପିଥାଏ। ଜଳରେ ଥିବା ବ୍ୟାକ୍ଟେରିଆ ଆମ ଶରୀରରେ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ତେଣୁ ଫିଲ୍‌ଟର ହୋଇଥିବା ପାଣି ବା ଫୁଟାପାଣି ବ୍ୟବହାର କରନ୍ତୁ। ଏହିଦିନେ ତମ୍ବାପାତ୍ରରେ ପାଣି ରଖି ପିଇବା ବେଶ୍ ଲାଭଜନକ। ଅତ୍ୟଧିକ ପାଣି ପିଅନ୍ତୁ। ଏହାଦ୍ୱାରା ଡିହାଇଡ୍ରେସନ୍ ଏବଂ ଡାଇରିଆ ଭଳି ରୋଗରୁ ମୁକ୍ତି ମିଳିଥାଏ ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିଯାଇଥାଏ।









**କ'ଣ କରନ୍ତି ଏମାନେ...**



ଅଭିଲିପ୍ସା

ମୁଁ ବର୍ଷାଦିନେ ବାହାର ଖାଦ୍ୟକୁ ଆଭଏଡ୍ କରେ। ତ୍ୱଚା ପ୍ରତି ଖୁବ୍ ସଚେତନ ଥାଏ। ହର୍ବାଲ ଟି, କଫି, ଭେଜିଟେବୁଲ୍ ସୁପ୍ ଆଦିକୁ ଗୁରୁତ୍ୱ ଦିଏ। ଭିଟାମିନ୍ ସି ଯୁକ୍ତ ଫଳମୂଳ ଖାଇଥାଏ। କାରଣ ଏଥିରେ ମହଜୁଦ ଥିବା ନ୍ୟୁଟ୍ରିସନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଶରୀରକୁ ସଂକ୍ରମଣରୁ ରକ୍ଷା କରିଥାଏ। *- ଅଭିଲିପ୍ସା ମହାପାତ୍ର, ସାଲେପୁର, କଟକ*



ସୌଦାମିନୀ

ଏହିଦିନେ ଖାଦ୍ୟ ପ୍ରସ୍ତୁତି ସମୟରେ ସଫାସୁତୁରା ପ୍ରତି ବିଶେଷ ଧ୍ୟାନ ଦେଇଥାଏ। ଫଳ ଏବଂ ପନିପରିବାକୁ ଗରମ ପାଣିରେ ଧୋଇବା ପରେ ଖାଇଥାଏ। ତାଜା ଏବଂ ଗରମ ଥିବା ଖାଦ୍ୟ ଖାଏ। ଏହିଦିନେ ଭାଇରାଲ୍ ଫିଵର, ଝାଡ଼ା, ବାନ୍ତି, ଟାଇଫଏଡ୍, ଥଣ୍ଡା, କାଶ ଆଦି ବିଭିନ୍ନ ରୋଗ ବ୍ୟାପିଥାଏ। ସେଥିପାଇଁ ଡାକ୍ତରଙ୍କ ପରାମର୍ଶରେ ଘରେ ମେଡିସିନ୍ ଷ୍ଟକ୍ ରଖିଥାଏ।

*- ସୌଦାମିନୀ ପଟ୍ଟନାୟକ, ରାଉରକେଲା*

**ସାବଧାନତା**

**ବର୍ଷାଦିନେ ସ୍ୱାସ୍ଥ୍ୟ ପ୍ରତି ସାମାନ୍ୟ ଅବହେଳା ଅନେକ ସମସ୍ୟାକୁ ଡାକିଆଣେ। ତେଣୁ କିଛିଟା ସାବଧାନତା ଜରୁରୀ। ଜାଣନ୍ତୁ ସେ ସମ୍ପର୍କରେ...**

- ଏହିଦିନେ ଖାଦ୍ୟ ପ୍ରସ୍ତୁତି ସମୟରେ ସଫାସୁତୁରା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଫଳଚୋପାରେ ଥିବା ବ୍ୟାକ୍ଟେରିଆ ଶରୀର ପାଇଁ କ୍ଷତିକାରକ। ତେଣୁ ଫଳ ଏବଂ ପନିପରିବାକୁ ଗରମପାଣିରେ କିଛି ସମୟ ପକାଇ ଭଲ ଭାବେ ଧୋଇବା ପରେ ଖାଆନ୍ତୁ।
- ଭୋକ ଲାଗୁ ନ ଥିଲେ ଆଦୌ ଖାଆନ୍ତୁ ନାହିଁ। ନଚେତ୍ ବଦହଜମି, ପେଟରେ ସଂକ୍ରମଣ ଏବଂ ଜଣ୍ଡିସ୍ ଆଦି ରୋଗ ହେବା ସମ୍ଭାବନା ଥାଏ।
- ବର୍ଷାଦିନେ ତାଜା ଥିବା ଫଳ ଖାଆନ୍ତୁ। ଫାଟିଯାଇଥିବା ଫଳକୁ ଖାଆନ୍ତୁ ନାହିଁ। କାରଣ ଏହା ବିଷାକ୍ତ ହେବା ସହ ପାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ଫଳର ଚୋପା ଛଡ଼ାଇ ଖାଆନ୍ତୁ।
- ତରଭୁଜ ଭଳି ଅଧିକ ଜଳୀୟ ଅଂଶ ଥିବା ଫଳ ସେବନ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ବ୍ୟାକ୍ଟେରିଆ ହେବାର ସମ୍ଭାବନା ରହିଛି।
- ଖୋଲା ସ୍ଥାନରେ କଟାହୋଇ ବିକ୍ରି ହେଉଥିବା ଫଳ ଓ ଏହାର ଜୁସ୍ ପିଅନ୍ତୁ ନାହିଁ। ଅଧିକ ସମୟ ରହିଯାଇଥିବା ଜୁସ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଘରେ ତିଆରି ହୋଇଥିବା ଫ୍ରୁଟ୍ ଜୁସ୍ ପିଅନ୍ତୁ।
- ଏକାଥରେ ପେଟପୂରା ନ ଖାଇ ସମୟ ଅନ୍ତରାଳରେ ଫଳ କିମ୍ବା ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଶରୀରରେ ପାଚନ କ୍ରିୟାରେ କୌଣସି ଅସୁବିଧା ହୋଇ ନ ଥାଏ।
- ବର୍ଷାଦିନେ ଅଧିକ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ।
- ତାଜା ଏବଂ ଗରମ ଥିବା ଖାଦ୍ୟ ଖାଆନ୍ତୁ। ଯଦି ବଳକା ଖାଦ୍ୟ ରହୁଛି ତେବେ ଏହାକୁ ଏୟାର ଟାଇଟ୍ କଣ୍ଟେନରରେ ଫ୍ରିଜ୍‌ରେ ରଖନ୍ତୁ। ବାସିଖାଦ୍ୟ ଆଦୌ ଖାଆନ୍ତୁ ନାହିଁ।
- ଆଇସ୍‌କ୍ରିମ୍, ଦହି, କୁଲ୍‌ଫି ଆଦି ଖାଇଲେ ଭାଇରାଲ୍ ଫିଵର ହେବା ସମ୍ଭାବନା ରହିଛି। ତେଣୁ ଏହା ବଦଳରେ ଭେଜିଟେବୁଲ୍ ସୁପ୍ ପିଅନ୍ତୁ। ଏଥିରେ ମହଜୁଦ ଥିବା ଭିଟାମିନ୍ ଏବଂ ମିନେରାଲ୍ସ ବର୍ଷାଦିନେ ଶରୀରରେ ଇମ୍ୟୁନ୍ ସିଷ୍ଟମକୁ ମଜଭୁତ ରଖିଥାଏ।

**କ'ଣ ଖାଇବେ**

- ହର୍ବାଲ ଟି, କଫି, ଭେଜିଟେବୁଲ୍ ସୁପ୍ ଭଳି ଗରମ ପାନୀୟର ସେବନ ଶରୀରକୁ ବ୍ୟାକ୍ଟେରିଆ ଏବଂ ଭାଇରସ୍‌ରୁ ବଞ୍ଚାଇଥାଏ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।
- ଆପଣଙ୍କ ଖାଦ୍ୟରେ ଫ୍ରାଏଡ୍ ଫୁଡ୍ ବଦଳରେ ଗ୍ରୀଲ୍‌ଡ ଏବଂ ତନ୍ଦୁରି ଫୁଡ୍‌ର ମାତ୍ରା ଅଧିକ ରଖନ୍ତୁ।
- ବର୍ଷାଦିନେ ଶରୀରରେ ଡିହାଇଡ୍ରେସନ୍ ହେଲେ କୋଲ୍ଡ୍ରିଙ୍କ୍‌ସ ବଦଳରେ ପଇଡ଼ପାଣି ଏବଂ ଘରେ ପ୍ରସ୍ତୁତ ଫଳରସ ପିଇବା ଲାଭଦାୟକ। ଏହା ବ୍ଲଡ୍ ପ୍ଲେଟେଡ୍ ତିଆରି କରିଥାଏ ଏବଂ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ।
- ଏହିଦିନେ ପାଚନ କ୍ରିୟାକୁ ଠିକ୍ ରଖିବା ପାଇଁ ଗରମକ୍ଷୀର ପିଇବା ଲାଭଦାୟକ।

**ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଅନ୍ତୁ**

*(ଡା. ନିତ୍ୟାନନ୍ଦ ସ୍ୱାଇଁ, ପୁଷ୍ଟିବିଜ୍ଞାନୀ)*

ବର୍ଷାଦିନେ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆ ଖାଦ୍ୟ ଓ ପାନୀୟ ଉଭୟକୁ ସଂକ୍ରମିତ କରିଥାଏ, ଯାହା କି ଝାଡ଼ା, ବାନ୍ତି, ଟାଇଫଏଡ୍, ଥଣ୍ଡା, କାଶ ଆଦି ବିଭିନ୍ନ ରୋଗର କାରଣ ସାଜିଥାଏ। ତେଣୁ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବା ନିହାତି ଜରୁରୀ। ନର୍ଦ୍ଦମାଜଳଠାରୁ ଦୂରରେ ରୁହନ୍ତୁ। ଖାଇବା ପୂର୍ବରୁ ହାତକୁ ଭଲଭାବେ ଧୁଅନ୍ତୁ। ଷ୍ଟ୍ରିଟ୍ ଫୁଡ୍ ଆଦୌ ଖାଆନ୍ତୁ ନାହିଁ। ପରିଷ୍କାର ଓ ଫୁଟାପାଣି ବା ଆକ୍ୱାଗାର୍ଡ ପାଣି ପିଅନ୍ତୁ। ବାସିଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ସବୁବେଳେ ଉଷୁମ ଖାଦ୍ୟ ଖାଆନ୍ତୁ।

# ଷ୍ଟାଇଲିସ୍ ଲୁକ୍ ପାଇଁ

**ବର୍ଷାଦିନେ ପ୍ରଫେସନାଲ ଏବଂ ଷ୍ଟାଇଲିଶ ଲୁକ୍ ପାଇବା ପାଇଁ ଆପଣାନ୍ତୁ କିଛି ଫ୍ୟାଶନ ଟିପ୍ସ...**

- ବର୍ଷାଦିନେ ନୀଳ, ଲାଲ୍, କମଳା ରଙ୍ଗର କପଡ଼ା ପିନ୍ଧନ୍ତୁ। ଧଳାରଙ୍ଗର ଡ୍ରେସ୍ ପିନ୍ଧନ୍ତୁ ନାହିଁ। ବର୍ଷାରେ ଏହା ଖୁବ୍ ଶୀଘ୍ର ନଷ୍ଟହେବା ସମ୍ଭାବନା ଥାଏ।
- ଲମ୍ବା ପ୍ୟାଣ୍ଟ ଏହିଦିନେ ପିନ୍ଧନ୍ତୁ ନାହିଁ। ଯଦି ପିନ୍ଧୁଛନ୍ତି ତେବେ ଆପଣ ଚାହିଁଲେ ଏହାକୁ ଆପଣଙ୍କ ସୁବିଧା ଅନୁସାରେ ତଳୁ ମୋଡ଼ିପାରିବେ। ଏହିଦିନେ ସ୍ମାର୍ଟ ଫର୍ମାଲ ସ୍କର୍ଟ ବି ଆପଣେଇପାରିବେ।
- ୱେଷ୍ଟର୍ନ ଗେଟ୍‌ଅପ୍‌ରେ ଆପଣ ବର୍ଷାଦିନିଆ କୋଟ୍ ବା ଜ୍ୟାକେଟ୍ ପିନ୍ଧିପାରିବେ।
- ଯଦି ବର୍ଷାଦିନେ ପାରମ୍ପରିକ ଭାରତୀୟ ପରିଧାନକୁ ପ୍ରାଥମିକତା ଦେଉଛନ୍ତି ତେବେ ସାଲୱାର ଏବଂ ପଟିଆଲା ବଦଳରେ ସର୍ଟ କୁର୍ତ୍ତି ସହ ଲେଗିଙ୍ଗ୍‌ସ ବା ଚୁଡିଦାର ପିନ୍ଧିପାରିବେ। ଏହିଦିନେ ବଡ଼ ଦୁପଟା ବଦଳରେ ସ୍କାର୍ଫ ବା ଷ୍ଟଲ୍ ବ୍ୟବହାର କରନ୍ତୁ। ରଙ୍ଗ ଛାଡୁଥିବା ଡ୍ରେସ୍‌କୁ ଏହିଦିନେ ଆଦୌ ପିନ୍ଧନ୍ତୁ ନାହିଁ, ନଚେତ୍ ବର୍ଷାରେ ଭିଜିଲେ ଏଥିରୁ ରଙ୍ଗ ଛାଡ଼ିବ।
- ଚମଡ଼ା ଜୋତା ବା ସାଣ୍ଡାଲ ପିନ୍ଧନ୍ତୁ ନାହିଁ। କାରଣ ଏହା ଶୀଘ୍ର ଖରାପ ହୋଇଯାଏ ଏବଂ ଶୁଖିବାକୁ ଅଧିକ ସମୟ ଲାଗିଥାଏ। ଜେଲି ସୁଜ୍, ବିନା ହିଲ୍ ଥିବା ଚପଲ ବା ଜୋତା ପିନ୍ଧନ୍ତୁ।
- ୱାଟରପ୍ରୁଫ୍ କାଜଲ ଏବଂ ଆଇ ଲାଇନର ଲଗାନ୍ତୁ। ଏହିଦିନେ ଫାଉଣ୍ଡେଶନ ବ୍ୟବହାର କରନ୍ତୁ ନାହିଁ। ଯଦି ଅତି ଜରୁରୀ ତେବେ ହାଲ୍‌କା ଫାଉଣ୍ଡେଶନ ଲଗାନ୍ତୁ।



ଫ୍ୟାଶନ





- କେଶକୁ ଖୋଲା ନ ରଖି ଖୋସା କରନ୍ତୁ।
- ବର୍ଷାଦିନେ ଡେନିମ୍‌କୁ ସମ୍ପୂର୍ଣ୍ଣ ଭୁଲିଯାଆନ୍ତୁ। କାରଣ ଏହା ଓଦାହେଲେ ଶୁଖିବାକୁ ଅଧିକ ସମୟ ଲାଗିଥାଏ।



# ଗଛର ନିଅନ୍ତୁ ଯତ୍ନ

**ଋତୁ ଅନୁସାରେ ଆମକୁ ଗଛର ଯତ୍ନନେବାକୁ ପଡ଼ିଥାଏ। ତେବେ ବର୍ଷାଦିନେ କିଭଳି ଯତ୍ନନେବା ଜାଣନ୍ତୁ ସେ ସମ୍ପର୍କରେ...**

□ ବର୍ଷାଦିନେ ଜୈବିକ ସାର ପ୍ରୟୋଗ କରନ୍ତୁ। ବର୍ଷାଦିନେ ଏହି ସାର ଗଛ ପାଇଁ ବେଶ୍ ଉପକାରୀ ହୋଇଥାଏ। ଗଛର ଉତ୍ତମ ବୃଦ୍ଧି ପାଇଁ ମାସରେ ଅନ୍ତତଃ ୨ ଥର ସାର ବଦଳାନ୍ତୁ।

□ ପ୍ରତିଦିନ ସନ୍ଧ୍ୟାରେ ଗଛରେ ପାଣି ଦିଅନ୍ତୁ। ଦ୍ୱିପ୍ରହର ସମୟରେ ପାଣି ଦିଅନ୍ତୁ ନାହିଁ। କାରଣ ଏହି ସମୟରେ ପାଣି ଦେଲେ ଗଛ ମରିଯିବା ଆଶଙ୍କା ଥାଏ।

□ ଏହିଦିନେ ଟେରାସ୍ ଗାର୍ଡେନିଂ କରିବା ଲାଭଦାୟକ। ବର୍ଷା ହେବା ଦ୍ୱାରା ମାଟି ଭଲ ରହିଥାଏ ଏବଂ ଗଛର ବୃଦ୍ଧି ଠିକ୍ ଭାବେ ହୋଇଥାଏ। କନ୍ଦମୂଳ, ଆଳୁ, ଗାଜର ଆଦି ଗଛକୁ ଟେରାସ୍ ଗାର୍ଡେନରେ ଲଗାନ୍ତୁ ନାହିଁ। କାରଣ ଏପରି କଲେ ବିଲ୍‌ଡିଂ ପ୍ରତି ବିପଦ ଥାଏ।

□ ଏହି ଋତୁରେ ଗଛ ଖୁବ୍ ଶୀଘ୍ର ବଢ଼ିଥାଏ। ତେଣୁ ଏହାର ଅଗଗୁଡ଼ିକୁ ଅଳ୍ପ କାଟି ଦିଅନ୍ତୁ।

□ ସମୟ ସମୟରେ କୀଟନାଶକ ପକାନ୍ତୁ। ଏହାଦ୍ୱାରା ଗଛର ଉପଯୁକ୍ତ ବୃଦ୍ଧିରେ କୌଣସି ଅସୁବିଧା ରହିବ ନାହିଁ। ଚାରା ଲାଗିଥିବା ସ୍ଥାନରେ ପାଣି ଜମା କରି ରଖନ୍ତୁ ନାହିଁ। ନଚେତ୍ ଗଛ ପଚିଯିବା ଆଶଙ୍କା ରହିଛି।



“ଇଣ୍ଡୋନେସିଆ ଓପନରେ ଟାଇଟଲ ଜିତିପାରି ନ ଥିଲେ ମଧ୍ୟ ଟୁର୍ନାମେଣ୍ଟରେ ମୋ ପ୍ରଦର୍ଶନ ନେଇ ମୁଁ ସନ୍ତୁଷ୍ଟ ।

–ପି.ଭି. ସିନ୍ଧୁ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



“ୟୁରୋପରେ ୩ ସପ୍ତାହ ମଧ୍ୟରେ ୫ଟି ସ୍ୱର୍ଣ୍ଣ ପଦକ ଜିତିବା ଦ୍ୱାରା ଷ୍ଟାର ସ୍ପ୍ରିଣ୍ଟର ହିମା ଦାସ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନର ନିକଟତର ହୋଇଛନ୍ତି ।

–ଭୋଲକର ହରମ୍ୟାନ
ଇଣ୍ଡିଆନ ଆଥଲେଟିକ୍ସ ହାଇପରଫର୍ମାନ୍ସ ଡାଇରେକ୍ଟର

## ଜୀବନର ସବୁଠୁ ବଡ଼ ମୁହୂର୍ତ୍ତ କଟକରେ ପାଇଲି



ଆଜି ଯାଏ ଜାତୀୟ ଟିଟି ଟୁର୍ନାମେଣ୍ଟ ଜିତି ପାରି ନ ଥିଲି। ଗତ ଜାନୁୟାରୀରେ ଏଠାରେ ହୋଇଥିବା ଜାତୀୟ ଟୁର୍ନାମେଣ୍ଟରେ କ୍ୱାର୍ଟର ଫାଇନାଲରେ ଭଲ ଖେଳି ସେମିଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହେବା ଯୋଗୁ ମନଦୁଃଖ ହୋଇଥିଲା । ଏହି ଟୁର୍ନାମେଣ୍ଟରେ ବାପା, ମା ମୋ ଖେଳ ଦେଖିବାକୁ ଗ୍ୟାଲେରୀରେ ପ୍ରତିଦିନ ଉପସ୍ଥିତ ଥିଲେ । ଏକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରେ ବାପା, ମାଙ୍କ ସମ୍ମୁଖରେ ଚାମ୍ପିୟନ ହେବାର ଖୁସି କଟକରୁ ପାଇଛି । ଯାହା ସାରା ଜୀବନ ମନେ ରହିବ ।

–ଆହିକା ମୁଖାର୍ଜୀ, ଖେଳାଳି

## ଲୋକଙ୍କ ଭଲ ପାଇବା ଭୁଲି ହେବନି



ଟୁର୍ନାମେଣ୍ଟରେ ଭାରତ ଯେପରି ପ୍ରଦର୍ଶନ କରିଛି ତାହା ସମସ୍ତଙ୍କୁ ଚକିତ କରିଥିଲା । ଘରୋଇ ପରିବେଶରେ ଭାରତ ଏପରି ପ୍ରଦର୍ଶନ କରିବ ବୋଲି ପୂର୍ବରୁ ଆଶା କରାଯାଉଥିଲା। କିଛି ଦିନ ଭିତରେ ଲୋକଙ୍କ ଭଲପାଇବା ବହୁତ ମିଳିଛି। ଏଠାକାର ପ୍ରଶଂସକମାନେ ମଧ୍ୟ ଏନର୍ଜିଟିକ। ଏ ପରିବେଶରେ ଖେଳିବାର ମଜା ନିଆରା ଥିଲା। ସବୁବେଳେ ଏହି ଟୁର୍ନାମେଣ୍ଟ କଥା ମନରେ ରହିବ ।

–ଆଲାନ କୁକ, କୋଚ୍‌, ଇଂଲଣ୍ଡ ଦଳ

## ଟୁର୍ନାମେଣ୍ଟର ସଫଳ ଆୟୋଜନ



ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ଘୋଷଣା ଦିନଠାରୁ ବହୁ ଚିନ୍ତିତ ଥିଲୁ । ବିଦେଶୀ ଖେଳାଳିଙ୍କୁ ଆମନ୍ତ୍ରଣ କରି ଏଠାରେ ସେମାନଙ୍କ ସୁବିଧା ସୁଯୋଗ ଯୋଗାଇ ଦେଇ ଏହି ବଡ଼ ଟୁର୍ନାମେଣ୍ଟ କିପରି କରିବୁ ତାହା ଚିନ୍ତାରେ ଥିଲୁ । ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ସବୁ ସଫଳ ହୋଇଛି । ଆୟୋଜନ ନେଇ ଭାରତୀୟ ଟିଟି ମହାସଂଘ ଓ ରାଜ୍ୟ ଟିଟି ସଂଘର ସମସ୍ତ କର୍ମକର୍ତ୍ତାଙ୍କ ପରିଶ୍ରମ ସାର୍ଥକ ହୋଇଛି ।

– ରବୀନ୍ଦ୍ର କୁମାର ପରିଡ଼ା,
ସମ୍ପାଦକ, ରାଜ୍ୟ ଟିଟି ସଂଘ

(ରିପୋର୍ଟ: କୁମାରଶ୍ରୀ)

# କଟକରେ ରେକର୍ଡ ରଚିଲା ଭାରତୀୟ ଟିଟି

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକରେ କ୍ଲିନ୍ ସୁଇପ୍

କଟକ ଅଫିସ,୨୨।୭

ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ (ଟିଟି) ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟର ସମସ୍ତ ୭ଟି ଯାକ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଭାରତ କ୍ଲିନ୍ ସୁଇପ୍ କରିଛି । ଏଥିସହ ଭାରତୀୟ ଟେବୁଲ ଟେନିସ ନୂତନ ରେକର୍ଡ ସୃଷ୍ଟି କରିଛି । ପୂର୍ବରୁ ୨୦୧୫ରେ ସୁରଟରେ ହୋଇଥିବା ରାଜ୍ୟଗୋଷ୍ଠୀ ଟିଟିରେ ଭାରତ ସର୍ବାଧିକ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲା । କଟକର ଏହି ଭେନ୍ୟୁରେ ସ୍ୱର୍ଣ୍ଣ ପଦକ ପୋଛି ନେଇଥିବା ଭାରତୀୟ ଦଳ ମୋଟ ୧୫ଟି ପଦକ ବିଜୟୀ ହୋଇଛି । ଏହା ମଧ୍ୟରେ ୫ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ମଧ୍ୟ ରହିଛି । ଇଂଲଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି । ଏହି ଦଳ ମୋଟ ୫ଟି ପଦକ ବିଜୟୀ ହୋଇଥିବା ବେଳେ ଏହା ମଧ୍ୟରେ ୨ଟି ରୌପ୍ୟ, ୩ଟି ବ୍ରୋଞ୍ଜ ସାମିଲ ରହିଛି । ସିଙ୍ଗାପୁର ୬ଟି ବ୍ରୋଞ୍ଜ, ମାଲେସିଆ ଓ ନାଇଜେରିଆ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ରାଜ୍ୟରେ କ୍ରୀଡ଼ାର ଏହି ବିକାଶ ଆଗାମୀ ଦିନରେ ବ୍ୟାପକ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଅତିଥିଭାବେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ପୋଲିସ କମିଶନର ସତ୍ୟଜିତ ମହାନ୍ତି, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ରାଜ୍ୟ କ୍ରୀଡ଼ା ଓ ଯୁବ ବିଭାଗ ସଚିବ ବିଶାଳ କୁମାର ଦେବ, ନିର୍ଦ୍ଦେଶକ ଭିନିଲ କ୍ରୀଷ୍ଣା, ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଫେଡେରେଶନ ଅଧ୍ୟକ୍ଷ ବିବେକ କୋହଲି, ଭାରତୀୟ ଟିଟି ମହାସଂଘ ସାଧାରଣ ସମ୍ପାଦକ ଏମ୍.ପି. ସିଂ, ରାଜ୍ୟ ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ଟୁର୍ନାମେଣ୍ଟରେ ପୂର୍ବରୁ ମହିଳା ଦଳଗତ, ପୁରୁଷ ଦଳଗତ ଓ ମିକ୍ସଡ ଡବଲ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ଉଦ୍‌ଯାପନୀ ଦିବସରେ ୪ଟି ଇଭେଣ୍ଟର ଫାଇନାଲ ମୁକାବିଲା ଥିଲା। ସମସ୍ତ ବିଭାଗର ଫାଇନାଲକୁ କେବଳ ଭାରତୀୟ ମାନେ ହିଁ ଉତ୍ତୀର୍ଣ୍ଣ ହୋଇଥିଲେ । ଏଣୁ ଫାଇନାଲ ମୁକାବିଲା ପୂର୍ବରୁ ଭାରତ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରି ସାରିଥିଲା । ମହିଳା ଡବଲ୍ସ ଫାଇନାଲରେ ପୂଜା ସହସ୍ରବୁଦ୍ଧି–କୃତିକା ସିହ୍ନା ରାୟଙ୍କର ମୁକାବିଲା ହୋଇଥିଲା ଶ୍ରୀଜା ଆକୁଲା–ମୌସୁମୀ ପଲଙ୍କ ସହ । ଫାଇନାଲରେ ପୂଜା–କୃତିକାଙ୍କ ଯୋଡ଼ି ୧୧–୯, ୧୧–୮, ୯–୧୧, ୧୨–୧୦ରେ ବିଜୟୀ ହୋଇଥିଲେ । ପୁରୁଷ ଡବଲ୍ସ ଫାଇନାଲରେ ଏ.ଅମଲରାଜ ଓ ମାନଭ ଠାକର ହରାଇଥିଲେ ଭାରତର ଭେଟେରାନ ଯୋଡ଼ି ଏ.ଶରଥ କମଲ ଓ ଜି. ସାଥିୟାଁଙ୍କୁ। ୮–୧୧ଗେମରେ ପ୍ରଥମ ପରାଜୟ ପରେ ଅମଲରାଜ–ମାନଭ ପରବର୍ତ୍ତୀ ୩ଟି ଯାକ ଗେମକୁ ୧୧–୬, ୧୩–୧୧, ୧୨–୧୦ରେ ଜିତିଛନ୍ତି। ମହିଳା ସିଙ୍ଗଲ୍ସରେ ଭାରତର ଆହିକା ମୁଖାର୍ଜୀ ନିଜ ଦଳର ସିନିୟର ଖେଳାଳି ମଧୁରିକା ପାଟେକରଙ୍କୁ ୧୧–୬, ୧୧–୪, ୧୧–୯, ୧୯–୧୭ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଯୁବ ପ୍ରତିଭା ହରମିତ ଦେଶାଇ ଜି. ସାଥିୟାଁଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ଟି ସବୁଠାରୁ ରୋମାଞ୍ଚକର ଥିଲା। ୯–୧୧, ୬–୧୧ ଗେମରେ ପ୍ରଥମେ ହରମିତ ପରାସ୍ତ ହୋଇଥିଲେ। ପରବର୍ତ୍ତୀ ୩ଟି ଯାକ ଗେମରେ ହରମିତଙ୍କ ବିଜୟ ହୋଇଥିଲା। ୧୧–୫, ୧୧–୮, ୧୭–୧୫ ଗେମରେ ସେ ଜିତିଥିଲେ। ୬ଷ୍ଠ ଗେମକୁ ସାଥିୟାଁ ୭–୧୧ରେ ଜିତିବା ପରେ ନିର୍ଣ୍ଣାୟକ ଗେମରେ ହରମିତ ୧୧–୯ରେ ବିଜୟୀ ହୋଇଥିଲେ।



ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ପୁରୁଷ ସିଙ୍ଗଲ୍ସ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରୁଛନ୍ତି। ନିକଟରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥିବୃନ୍ଦ ଉପସ୍ଥିତ ଅଛନ୍ତି।

### ସ୍ୱର୍ଣ୍ଣ ବିଜୟୀ

ମହିଳା ଦଳଗତ– ଅର୍ଚ୍ଚନା କାମଥ, ମନିକା ବାତ୍ରା, ମାଧୁରିକା ପାଟେକର
ପୁରୁଷ ଦଳଗତ: ଶରଥ କମଲ, ଜି ସାଥିୟାଁ, ହରମିତ ଦେଶାଇ
ମହିଳା ସିଙ୍ଗଲ୍ସ– ଆହିକା ମୁଖାର୍ଜୀ
ପୁରୁଷ ସିଙ୍ଗଲ୍ସ– ହରମିତ ଦେଶାଇ
ମହିଳା ଡବଲ୍ସ– ପୂଜା ସହସ୍ରବୁଦ୍ଧି, କୃତିକା ସିହ୍ନା
ପୁରୁଷ ଡବଲ୍ସ– ଏ.ଅମଲରାଜ, ମାନଭ ଠାକର
ମିକ୍ସଡ ଡବଲ୍ସ– ଜି ସାଥିୟାଁ, ଅର୍ଚ୍ଚନା କାମଥ

### ପଦକ ତାଲିକା

ଭାରତ: ୭ ସ୍ୱର୍ଣ୍ଣ, ୫ ରୌପ୍ୟ, ୩ ବ୍ରୋଞ୍ଜ
ଇଂଲଣ୍ଡ: ୨ ରୌପ୍ୟ, ୩ ବ୍ରୋଞ୍ଜ
ସିଙ୍ଗାପୁର: ୬ ବ୍ରୋଞ୍ଜ
ମାଲେସିଆ: ୧ ବ୍ରୋଞ୍ଜ
ନାଇଜେରିଆ: ୧ ବ୍ରୋଞ୍ଜ

## ଯୁବ ପ୍ରତିଭାଙ୍କ ଚମକ

ରାଜ୍ୟଗୋଷ୍ଠୀ ଟିଟି କ୍ରୀଡ଼ାରେ ଚମକ ସୃଷ୍ଟି କରିଛନ୍ତି ଯୁବ ପ୍ରତିଭା। ସୋମବାର ଖେଳାଯାଇଥିବା ୪ଟି ଯାକ ଫାଇନାଲ ମୁକାବିଲାରେ ଭେଟେରାନ ଖେଳାଳିଙ୍କୁ ମାତ ଦେଇ ଫାଇନାଲରେ ଯୁବ ପ୍ରତିଭାମାନେ ହିଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଦମଦାର ମୁକାବିଲା ହୋଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ବିଜୟୀ ହୋଇଥିଲେ ଗୁଜରାଟର ପ୍ରତିଭାବାନ ହରମିତ ଦେଶାଇ। ହରମିତ ପରାସ୍ତ କରିଥିଲେ ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ୨୪ତମ ସ୍ଥାନରେ ଥିବା ଭାରତୀୟ ଭେଟେରାନ ଖେଳାଳି ଜି ସାଥିୟାଁଙ୍କୁ। ସେହିପରି ସିଙ୍ଗଲ୍ସ ଫାଇନାଲରେ କଲିକତାର ଆହିକା ମୁଖାର୍ଜୀ ଦୀର୍ଘବର୍ଷର ଅଭିଜ୍ଞତା ରଖିଥିବା ମହାରାଷ୍ଟ୍ରର ମଧୁରିକା ପାଟେକରଙ୍କୁ ମାତ୍ ଦେଇଥିଲେ। ମଧୁରିକା ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ଆହିକା ଏ ପର୍ଯ୍ୟନ୍ତ ଜାତୀୟ ସ୍ତରର ଟୁର୍ନାମେଣ୍ଟରେ କେବେ ସ୍ୱର୍ଣ୍ଣ ପଦକ ଜିତି ନଥିଲେ। ନିଜ ପ୍ରତିକ୍ରିୟାରେ ଆହିକା କହିଥିଲେ, ଫାଇନାଲରେ ମଧୁରିକାଙ୍କୁ ପରାସ୍ତ କରିବି ବୋଲି ଭାବି ନଥିଲି । ନିଜର ଶ୍ରେଷ୍ଠ ପ୍ରଦର୍ଶନର ଏହା ଫଳ । ପୁରୁଷ ଡବଲ୍ସରେ ଆଣ୍ଟୋନୀ ଅମଲରାଜ ଓ ମାନଭ ଠାକର ବିପର୍ଯ୍ୟୟ ସୃଷ୍ଟି କରିଥିଲେ । ଏହି ଯୋଡ଼ି ପରାସ୍ତ କରିଥିଲେ ଭାରତର ଶ୍ରେଷ୍ଠ ଦୁଇ ଖେଳାଳି ଶରଥ କମଲ ଓ ଜି ସାଥିୟାଁଙ୍କୁ। ମହିଳା ଡବଲ୍ସରେ ସ୍ୱର୍ଣ୍ଣ ଜିତିଥିବା ପୂଜା ସହସ୍ରବୁଦ୍ଧି ଓ କୃତିକା ସିହ୍ନା ମଧ୍ୟ ପ୍ରଥମ ଥର ନିମନ୍ତେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଚମକିଛନ୍ତି।

## ୨୦୦ ସ୍ଥାନରେ ପଡ଼ିବ ଟିଟି ଟେବୁଲ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେବା ଅବସରରେ ଏକ ନୂତନ ଘୋଷଣା କରିଛନ୍ତି । ରାଜ୍ୟର ୨୦୦ଟି ସ୍ଥାନରେ ଟେବୁଲ ଟେନିସର କ୍ରୀଡ଼ା ଉପକରଣ ଯୋଗାଇ ଦିଆଯିବ। ନିୟମିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବା ସହ ଜିଲା ସ୍ତରରେ ଟିଟିର ବିକାଶ ପାଇଁ କାର୍ଯ୍ୟ ହାତକୁ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯୁବ ଖେଳାଳିଙ୍କ ବିକାଶ କରାଯିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ।



ମହିଳା ଡବଲ୍ସରେ ଯଥାକ୍ରମେ ରୌପ୍ୟ, ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ବିଜୟୀ ପ୍ରତିଯୋଗୀମାନେ ପୋଡିୟମ ଉପରେ ପଦକ ପ୍ରଦର୍ଶନ କରୁଛନ୍ତି।



ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିବାପରେ ଖୁସି ମନାଉଛନ୍ତି ଭାରତର ଆହିକା ମୁଖାର୍ଜୀ।



ପୁରୁଷ ଡବଲ୍ସ ଚାମ୍ପିୟନ ଏ.ଅମଲରାଜ ଓ ମାନଭ ଠାକର।



ଦର୍ଶକଭରା ଗ୍ୟାଲେରି। (ଫଟୋ: ରାଜକିଶୋର ମହାନ୍ତି)

## ୫ଜଣ ହେଲେ ବ୍ରାଣ୍ଡ୍ ଆମ୍ବାସାଡର

ରାଜ୍ୟଗୋଷ୍ଠୀ ଟିଟି ଫେଡେରେଶନ ପକ୍ଷରୁ ଟୁର୍ନାମେଣ୍ଟରୁ ୫ଜଣ ଖେଳାଳିଙ୍କୁ ବଛାଯାଇ ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରାଯାଇଛି । ୫ଜଣଙ୍କ ମଧ୍ୟରେ ୨ଜଣ ଭାରତୀୟ ରହିଛନ୍ତି । ଏମାନେ ହେଲେ ଶରଥ କମଲ ଓ ମନିକା ବାତ୍ରା । ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ନାଇଜେରିଆର ଜଣେ ଜଣେ ଖେଳାଳି ରହିଛନ୍ତି । ଅନ୍ୟପକ୍ଷରେ ଶ୍ରୀଜା ଆକୁଲାଙ୍କୁ ଫେୟାର ପ୍ଲେ ଆୱାର୍ଡ ଦିଆଯାଇଥିଲା ।

# ଫିଫାକୁ ଚିଠି ଲେଖିଲେ ୬ ଆଇ-ଲିଗ୍ କ୍ଲବ

**ନୂଆଦିଲ୍ଲୀ, ୨୨।୭ (ପି.ଟି.)**

ଭାରତୀୟ ଫୁଟ୍‌ବଲ ଏବେ ସଂକଟରେ ଦର୍ଶାଇ ସହାୟତା ପାଇଁ ଫିଫା (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ)ର ସହଯୋଗ ଲୋଡ଼ିଛନ୍ତି ମିନର୍ଭା ପଞ୍ଜାବ, ମୋହନ ବାଗାନ ଏବଂ ଇଷ୍ଟବେଙ୍ଗଲ ଭଳି ଆଇ-ଲିଗ୍‌ର କେତେକ ଟପ୍ ଫୁଟ୍‌ବଲ କ୍ଲବ। ଏହି ମର୍ମରେ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କୁ ଯେଉଁ ୬ଟି କ୍ଲବ ଚିଠି ଲେଖିଛନ୍ତି, ସେମାନଙ୍କ ମଧ୍ୟରେ ଚର୍ଚ୍ଚିଲ ବ୍ରଦର୍ସ, ଆଇଜଲ ଏଫ୍‌ସି ଏବଂ ଗୋକୁଲମ୍ କେରଳ ଏଫ୍‌ସି ମଧ୍ୟ ରହିଛନ୍ତି। ମିନର୍ଭା ପଞ୍ଜାବ ମାଲିକ ରଣଜିତ୍ ବଜାଜ ଏହି ଚିଠିରେ ସ୍ୱାକ୍ଷର କରିଛନ୍ତି। ନିକଟ ଭବିଷ୍ୟତରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଦେଶର ଶ୍ରେଷ୍ଠ ପ୍ରଫେଶନାଲ ଫୁଟ୍‌ବଲ ଲିଗ୍ ମାନ୍ୟତା ପ୍ରଦାନ କରିବାକୁ ଯାଉଥିବା ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ନିକଟରେ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛି। ଏହା

## ସଙ୍କଟରେ ଭାରତୀୟ ଫୁଟ୍‌ବଲ

ଯଦି କାର୍ଯ୍ୟକାରୀ ହୁଏ ତେବେ ୨୦୦୭ରେ ଦେଶର ପ୍ରଥମ ପ୍ରଫେଶନାଲ ଫୁଟ୍‌ବଲ ଲିଗ୍‌ର ମାନ୍ୟତା ପାଇ ଆସିଥିବା ଆ-ଲିଗ୍‌କୁ ଦ୍ୱିତୀୟ ପାହ୍ୟା ଲିଗ୍ ବୋଲି ବିବେଚନା କରାଯିବ। ଆଇଏସ୍ଏଲର ଜନ୍ମ କିନ୍ତୁ ୨୦୧୩ରେ। ଏଆଇଏଫ୍ଏଫ୍ ଏବଂ ଆଇଏମ୍‌ଜି ରିଲାଏନ୍ସ ମଧ୍ୟରେ ୨୦୧୦ରେ ଏକ ମାଷ୍ଟର ରାଇଟ୍ ଏଗ୍ରିମେଣ୍ଟ ଚୁକ୍ତି ସ୍ୱାକ୍ଷର ହୋଇଛି। ତଦନୁସାରେ ଫୁଟବଲ ମହାସଂଘ ଆଇଏସ୍ଏଲ୍‌କୁ ଦେଶର ଏକ ନମ୍ବର ପ୍ରଫେଶନାଲ ଫୁଟ୍‌ବଲ ଲିଗ୍‌ର ମାନ୍ୟତା ଦେବାକୁ ବିଚାର କରୁଛି। ଭାରତୀୟ ଫୁଟ୍‌ବଲ କିପରି ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଛି ତାହା ବର୍ଣ୍ଣନା କରି ଏହି ଅସନ୍ତୁଷ୍ଟ ଆଇ-ଲିଗ୍ କ୍ଲବଗୁଡ଼ିକ କିଛି ଦିନ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଚିଠି ଲେଖିଥିଲେ।

ଏବେ ସେମାନେ ଏଆଇଏଫ୍ଏଫ୍ ଯେଉଁ ଢଙ୍ଗରେ କାର୍ଯ୍ୟକରୁଛି ତାହାର ଏକ ତଦନ୍ତ କରାଯିବା ଲାଗି ଇନ୍‌ଫାଣ୍ଟିନୋଙ୍କୁ ଅନୁରୋଧ କରିଛନ୍ତି। ଫୁଟ୍‌ବଲ ଭାରତ ସମେତ ସମଗ୍ର ବିଶ୍ୱରେ ଏକ ଅନ୍ୟତମ ସବୁଠାରୁ ଲୋକପ୍ରିୟ ଖେଳ। ଜାତୀୟ ମହାସଂଘରେ ସୁ ପ୍ରଶାସନର ଅଭାବ ଯୋଗୁ ଦିନକୁ ଦିନ ଭାରତୀୟ




ଫୁଟ୍‌ବଲର ଅଧୋପତନ ଘଟିବାରେ ଲାଗିଛି। ବୋଲି ଚିଠିରେ ଲେଖାଯାଇଛି। ଫ୍ରାଞ୍ଚାଇଜ୍ ଭିତ୍ତିକ ଲିଗ୍ ସମ୍ପର୍କରେ ଦର୍ଶାଇବାକୁ ଯାଇ କ୍ଲବଗୁଡ଼ିକ କହିଛନ୍ତି, ଆଇଏସଏଲ ହେଉଛି ସମ୍ପୂର୍ଣ୍ଣ ଏକ ବ୍ୟବସାୟିକ ଉଦ୍ୟୋଗ। ଏହାର କୌଣସି ପ୍ରାସଙ୍ଗିକତା ନାହିଁ। ଆଇଏସ୍ଏଲ୍‌ରେ ବହୁ ସଂଖ୍ୟାରେ ୩୫ବର୍ଷରୁ ଊର୍ଦ୍ଧ୍ୱ ବୟସର ଖେଳାଳି ଖେଳିଥାନ୍ତି। ବିଦେଶରେ ଯେଉଁ ଖେଳାଳିମାନେ ଅଲୋଡ଼ା ହୋଇପଡ଼ନ୍ତି ସେମାନଙ୍କୁ ଏହି ଟୁର୍ନାମେଣ୍ଟ ଲାଗି ଅନୁବନ୍ଧିତ କରାଯାଇଥାଏ। ଆଇଏସ୍ଏଲ ହେଉଛି ଫୁଟ୍‌ବଲରେ ଆଇପିଏଲ୍ ଭଳି। ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଫୁଟ୍‌ବଲର ସ୍ଥାନ ବହୁ ନିମ୍ନରେ ରହିଛି। ଏପରି ସ୍ଥଳେ ଏକ ସମ୍ପୂର୍ଣ୍ଣ କମର୍ସିଆଲ ଲିଗ୍‌କୁ ଦେଶର ସବୁଠାରୁ ସିନିୟର ଲିଗ୍‌ର ମାନ୍ୟତା ପ୍ରଦନା କରାଯିବା କେତେଦୂର ଯଥାର୍ଥ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ମାସ ପ୍ରାରମ୍ଭରେ ଏଆଇଏଫ୍ଏଫ୍ ସଭାପତି ପ୍ରଫୁଲ୍ଲ ପଟେଲ ଅସନ୍ତୁଷ୍ଟ ଆଇ-ଲିଗ୍ କ୍ଲବଗୁଡ଼ିକୁ ପ୍ରତିଶ୍ରୁତି ଦେଇ କହିଥିଲେ, ସେମାନଙ୍କ ଭବିଷ୍ୟତ ସୁରକ୍ଷିତ। ଆଇଏସ୍ଏଲ୍ ସହିତ ଆଇ-ଲିଗ୍ ଯେପରି ଆହୁରି ୨ରୁ ୩ ବର୍ଷ ବର୍ଷ ପର୍ଯ୍ୟନ୍ତ ଏକ ସଙ୍ଗେ ଚାଲିବ ସେନେଇ ଅନୁମତି ପାଇଁ ଏସିଆନ୍ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି)କୁ ସେ ଅନୁରୋଧ କରିବେ।

Birthday Wish



Divyashree Debarehana
(D.D., Dhana, Guduni)
Khandagiribari, BBSR
Happy birthday to our precious daughter, you are loved today, tomorrow and always !
Best Wishes:
Bou- Minakumari, Maa- Binapani and Mama, Mami.
D-13428

୧୪ତମ ଜନ୍ମଦିନ ଶୁଭେଚ୍ଛା



ସ୍ୱାଗତ ଷଡ଼ଙ୍ଗୀ
ବିଶ୍ୱନାଥପୁର, ସାକ୍ଷୀଗୋପାଳ, ପୁରୀ
ଜଗତର ନାଥ ଜଗନ୍ନାଥଙ୍କର ପାଖରେ ଏତିକି ଅଳି, "ଗୁଣ୍ଟୁ" ଚଲାପଥ କୁସୁମିତ ହେଉ ଦିଅନ୍ତୁ ଆଶିଷ ଢାଳି।
ଶୁଭେଚ୍ଛାସହ:
ସାଙ୍ଗସାଥି, ବନ୍ଧୁ ଓ ପରିବାରବର୍ଗ
ଧ-୧୩୫୪୩

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଆୟେଶା ରାଉତ
ଭୁବନେଶ୍ୱର
ଆଜି ପ୍ରଥମ ଜନ୍ମଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଦୀର୍ଘ ଓ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛୁ।
ଆଶୀର୍ବାଦ ସହ:
ଜେଜେ ବାପା ଓ ଜେଜେ ମା'
ଧ-୬୭୦୨୧

# ମୁରଲୀଧରନଙ୍କ ବାୟୋପିକ୍ '୮୦୦'ରେ ବିଜୟ

**ନୂଆଦିଲ୍ଲୀ, ୨୨।୭ (ପି.ଟି.)**



ବିଜୟ ସେଥୁପାଥି, ମୁଥୟା ମୁରଲୀଧରନ।

କିମ୍ବଦନ୍ତୀ ଶ୍ରୀଲଙ୍କା ସ୍ପିନର ମୁଥୟା ମୁରଲୀଧରନଙ୍କ ଆତ୍ମଜୀବନୀ ଉପରେ ଏକ ଫିଲ୍ମ ପ୍ରସ୍ତୁତ ହେବାକୁ ଯାଉଛି, ଯାହାର ଟାଇଟଲ୍ '୮୦୦' ରଖାଯାଇଛି। ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରିର ସୁପର୍ ଷ୍ଟାର୍ ବିଜୟ ସେଥୁପାଥି ଏଥିରେ ମୁରଲୀଧରନଙ୍କ ଭୂମିକାରେ ଅବତୀର୍ଣ୍ଣ ହେବେ ବୋଲି କେତେକ ଶ୍ରୀଲଙ୍କା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ୪୭ ବର୍ଷୀୟ ଏହି ଭେଟେରାନ ସ୍ପିନର ଟେଷ୍ଟ କ୍ୟାରିୟରରେ ମୋଟ୍ ୮୦୦ ଉଇକେଟ୍ ଅକ୍ତିଆର କରିଥିବାରୁ ଫିଲ୍ମର ନାମକରଣ ଏହିଭଳି କରାଯାଇଛି।

୧୯୭୨ରେ କାଣ୍ଡିରେ ଜନ୍ମଗ୍ରହଣ କରିଥିବା ମୁଥୟା ଦୁଇ ଦଶନ୍ଧିର ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟରରେ ୧୩୩ ଟେଷ୍ଟ, ୩୫୦ ଦିନିକିଆ ଓ ୧୨ ଟି୨୦ରେ ଶ୍ରୀଲଙ୍କା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ବିଶ୍ୱର ଶ୍ରେଷ୍ଠ ସ୍ପିନର ଆଖ୍ୟା ପାଇଥିବା ମୁରଲୀଧରନ ଟେଷ୍ଟରେ ୮୦୦ ଉଇକେଟ୍ ଅକ୍ତିଆର କରି ସର୍ବକାଳୀନ ଶ୍ରେଷ୍ଠ ବୋଲର ଆଖ୍ୟା ପାଇଛନ୍ତି। ସେହିଭଳି ଦିନିକିଆରେ ୫୩୪ ଓ ଟି୨୦ରେ ୧୩ ସହ ୩ଟି ଯାକ ଫର୍ମାଟ୍‌ରେ ମୋଟ୍ ଉପରେ ସେ ୧,୨୪୭ ଉଇକେଟ୍ ଅକ୍ତିଆର କରିଛନ୍ତି। ୧୯୯୬ରେ ଶ୍ରୀଲଙ୍କାକୁ ବିଶ୍ୱ ବିଜୟୀ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏହି ଫିଲ୍ମର ଶୁଟିଂ ଆସନ୍ତା ଡିସେମ୍ବରରୁ ଶ୍ରୀଲଙ୍କା ସମେତ ଭାରତ, ଇଂଲଣ୍ଡ ସମେତ ବିଶ୍ୱର ଅନ୍ୟକିଛି ସ୍ଥାନରେ ହେବ ବୋଲି ଏହି ରିପୋର୍ଟରେ ଉଲ୍ଲେଖ ରହିଛି।

# ଅନ୍‌ଅଫିସିଆଲ ସିରିଜ ଜିତିଲା ଭାରତ-ଏ

**ଆଣ୍ଟିଗୁଆ, ୨୨।୭**



ଟ୍ରଫି ସହ ସପୋର୍ଟ ଷ୍ଟାଫଙ୍କ ଗହଣରେ ଭାରତ-ଏ ଦଳ।

ରବିବାର ଖେଳାଯାଇଥିବା ଅନ୍ତିମ ତଥା ୫ମ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ଭାରତ ଏ' ଦଳ ୮ ଉଇକେଟରେ ୱେଷ୍ଟଇଣ୍ଡିଜ ଏ'କୁ ହରାଇ ଦେଇଛି। ଏଥିସହିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜକୁ ଭାରତ-ଏ ଦଳ ୪-୧ ବ୍ୟବଧାନରେ ଜିତିନେଇଛି। ୨୩୭ ରନ୍‌ର ଟାର୍ଗେଟ୍‌କୁ ପିଛା କରୁଥିବା ଭାରତ-ଏ ଦଳ ଲାଗି ଋତୁରାଜ ଗାଏକ୍ୱାଡ ଓ ଶୁବମନ ଗିଲ୍‌ଙ୍କ ଓପନିଂ ଯୋଡ଼ି ୧୧.୩ ଓଭରରେ ୧୧୦ ରନ୍ କରିଥିଲେ। କିନ୍ତୁ ଗିଲ୍ (୬୯)ଙ୍କୁ ଆଉଟ୍ କରି ୱେଷ୍ଟଇଣ୍ଡିଜ-ଏ ଦ୍ରୁତ ବୋଲର କିମୋ ପଲ୍ ଭାରତୀୟ ଦଳକୁ ଝଟକା ଦେଇଥିଲେ। ଏହାପରେ ଗାଏକ୍ୱାଡଙ୍କ ସହ ଶ୍ରେୟାସ ଆୟାର ଦ୍ୱିତୀୟ ଉଇକେଟ ପାଇଁ ୧୧୨ ରନ୍ ଭାଗୀଦାରି କରି ବିଜୟକୁ ସହଜ କରି ଦେଇଥିଲେ। ଗାଏକ୍ୱାଡ (୯୯) ଶତକଠାରୁ ଏକ ରନ୍ ଦୂରରେ ଥିବାବେଳେ ଆଉଟ୍ ହୋଇଥିଲେ। ପରେ ଆୟାର ଓ ଅଧିନାୟକ ମନୀଷ ପାଣ୍ଡେ ଭ୍ରମଣକାରୀ ଦଳକୁ ବିଜୟୀ କରାଇଥିଲେ। ଆୟାର ୬୧ ଓ ପାଣ୍ଡେ ୭ ରନ୍ କରି ଅପରାଜିତ ଥିଲେ। ପୂର୍ବରୁ ଦ୍ରୁତ ବୋଲର ନବଦୀପ ସାଇନି, ଦୀପକ ଚହର ଓ ରାହୁଲ ଚହରଙ୍କ ମାପଚୁପ ବୋଲିଂ ଯୋଗୁ ୱେଷ୍ଟଇଣ୍ଡିଜ-ଏ ୨୩୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଘରୋଇ ଦଳ ପକ୍ଷରୁ ସୁନୀଲ ଆମ୍ବ୍ରିସ ୬୧ ଓ ଶେର୍ଫାନେ ରଦରଫର୍ଡ ୬୫ ରନ୍ କରିଥିଲେ। ଭାରତ ଏ' ଲାଗି ଦୀପକ, ରାହୁଲ ଓ ନବଦୀପ ୨ ଲେଖାଏ ଉଇକେଟ ନେଇଥିଲେ।

# ପ୍ରଥମ ଥର ଭାରତୀୟ ଦଳରେ ୩ ରାଜସ୍ଥାନ ଖେଳାଳି

**ଜୟପୁର, ୨୨।୭:** ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ଭାରତୀୟ ଦଳ ଘୋଷଣା ହୋଇସାରିଛି। ଏହି ଦଳରେ ପ୍ରଥମ ଥର ପାଇଁ ୩ ଜଣ ରାଜସ୍ଥାନ ଖେଳାଳି ସ୍ଥାନ ପାଇଛନ୍ତି। ବାମହାତୀ ପେସର ଖଲିଲ ଅହମ୍ମଦ, ଡାହାଣହାତୀ ସିମର ଦୀପକ ଚହର ଓ ଲେଗ୍ ସ୍ପିନର ରାହୁଲ ଚହର ଭାରତୀୟ ଟି୨୦ ଦଳରେ ସ୍ଥାନ ହାସଲ କରିଛନ୍ତି। ମୋତେ ସୁଯୋଗ ମିଳିଥିବାରୁ ମୁଁ ବହୁତ ଖୁସି। ମୁଁ ଏହାକୁ ଦୀର୍ଘମିଆଦି ସୁଯୋଗ ଭାବେ ଦେଖୁଛି। ଆଗାମୀ ୧୦ବର୍ଷ ପାଇଁ ଭାରତୀୟ ଦଳରେ ସ୍ଥାନ ପକ୍କା କରିବାକୁ ଉଦ୍ୟମ କରିବେ ବୋଲି ଖଲିଲ ଆଣ୍ଟିଗୁଆରୁ ଫୋନ ଯୋଗେ କହିଛନ୍ତି। ସେଠାରେ ସେ ଭାରତ ଏ' ସଦସ୍ୟ ଭାବେ ୱେଷ୍ଟଇଣ୍ଡିଜ ଏ' ବିପକ୍ଷରେ ଅନ୍‌ଅଫିସିଆଲ ସିରିଜ ଖେଳୁଛନ୍ତି। ଦୀପକ ଓ ରାହୁଲ ମଧ୍ୟ ଏହି ଦଳର ଅଂଶ। ୧୯ ବର୍ଷୀୟ ରାହୁଲ ଭାରତୀୟ ଦଳରେ ନୂଆ ମୁହଁ ଭାବେ ସ୍ଥାନ ପାଇଛନ୍ତି। ଏହା ଚହରଙ୍କ ପରିବାର ଲାଗି ବଡ଼ ଗର୍ବର ବିଷୟ। ଆମେ ମନୋନୀତ ହୋଇଛୁ। ଦୀର୍ଘ ସମୟ ଧରି ଆମେ ଏଥିଲାଗି ଅପେକ୍ଷା କରିଥିଲୁ। ଏବେ ଆମ ଅପେକ୍ଷା ଶେଷ ହେଲା ବୋଲି ଦୀପକଙ୍କ ଭଉଣୀ ମାଳତି ଚହର କହିଛନ୍ତି।

# ଅନ୍ତର୍ଜାତୀୟ ଦିନିକିଆରୁ ଅବସର ନେବେ ମାଲିଙ୍ଗା

**କଲମ୍ବୋ, ୨୨।୭ (ଏଏଫ୍‌ପି):** ଶ୍ରୀଲଙ୍କାର ଭେଟେରାନ ପେସ୍ ବୋଲର ଲସିଥ ମାଲିଙ୍ଗା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ଅବସର ନେବେ। ବାଂଲାଦେଶ ବିପକ୍ଷରେ ଖେଳାଯିବାକୁଥିବା ୩ମ୍ୟାଚ ବିଶିଷ୍ଟ ସିରିଜ ଅନ୍ତର୍ଗତ ପ୍ରଥମ ମ୍ୟାଚ ଖେଳି ସାରିବାପରେ ସେ ଦିନିକିଆ କ୍ରିକେଟ ଛାଡ଼ିବେ। ଶ୍ରୀଲଙ୍କା ଅଧିନାୟକ ଦିମୁଥ କରୁଣାରତ୍ନେ ସୋମବାର ଏହି ସୂଚନା ଦେଇଛନ୍ତି। ଦିନିକିଆ ସିରିଜର ମ୍ୟାଚଗୁଡ଼ିକ ଜୁଲାଇ ୨୬, ୨୮ ଓ ୩୧ରେ ଆର୍. ପ୍ରେମାଦାସା ଷ୍ଟାଡିୟମରେ ଖେଳାଯିବ। ଏଥିପାଇଁ ଶ୍ରୀଲଙ୍କାର ୨୨ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ ପାଇଛି। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ୩୫ ବର୍ଷୀୟ ମାଲିଙ୍ଗା ହେଉଛନ୍ତି ଶ୍ରୀଲଙ୍କାର ତୃତୀୟ ସର୍ବାଧିକ ଉଇକେଟ ହାସଲକରୀ ବୋଲର। ସେ ୨୧୯ ଇନିଂସରୁ ୩୩୫ ଉଇକେଟ ଅକ୍ତିଆର କରିଛନ୍ତି। ଶ୍ରୀଲଙ୍କାର ଅନ୍ୟ ଦୁଇ ଶ୍ରେଷ୍ଠ ବୋଲର ହେଲେ ମୁଥୟା ମୁରଲୀଧରନ (୫୨୩) ଏବଂ ଚାମିଣ୍ଡା ଭାସ (୩୯୯)। ମାଲିଙ୍ଗା



ଆହୁରିମଧ୍ୟ ଗତ ଆଇସିସି ବିଶ୍ୱକପ୍‌ରେ ଶ୍ରୀଲଙ୍କାର ସବୁଠାରୁ ସଫଳ ବୋଲର ଭାବେ ୧୩ ଉଇକେଟ ଅକ୍ତିଆର କରିଥିଲେ। ମାଲିଙ୍ଗା ୨୦୧୧ରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। କିନ୍ତୁ ଏହାପରଠାରୁ ସେ ଅନ୍ୟ ଫର୍ମାଟ ପାଇଁ ଉପଲବ୍ଧ ଥିଲେ।

# ଉମେଶ ମେମୋରିଆଲ ଚେସ୍ ୨୭ରୁ

**ଭୁବନେଶ୍ୱର, ୨୨।୭ (କ୍ରୀଡ଼ା ପ୍ରତିନିଧି):** ଉମେଶ ଚନ୍ଦ୍ର ମିଶ୍ର ମେମୋରିଆଲ ଚେସ୍‌ର ୭ମ ସଂସ୍କରଣ ଚଳିତମାସ ୨୭ ତାରିଖରୁ ଆରମ୍ଭ ହେବ। ଚେସ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତା ପାଇଁ ୨୫୦ ଟଙ୍କାର ଏଣ୍ଟ୍ରି ଫି ରଖା ଯାଇଛି। ଆଗ୍ରହୀ ପ୍ରତିଯୋଗୀମାନେ ମଙ୍ଗଳବାରଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ଆୟୋଜନସ୍ଥଳ ହୋଟେଲ ଅନ୍ନପୂର୍ଣ୍ଣାଠାରେ ନାମ ପଞ୍ଜୀକରଣ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ସବିତା ତ୍ରିପାଠୀ ପ୍ରକାଶ କରିଛନ୍ତି। ପ୍ରଦର୍ଶନ ଭିତ୍ତିରେ ମୋଟ ୨୫ ଜଣଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଚାମ୍ପିୟନ, ରନର୍ସଅପ୍ ଓ ତୃତୀୟ ସ୍ଥାନ ହାସଲକାରୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫,୦୦୦, ୪୦୦୦ ଓ ୩୦୦୦ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ୧୦, ୧୪ ଓ ୧୬ ବର୍ଷରୁ କମ୍ ଶ୍ରେଷ୍ଠ ୩ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ। ଶ୍ରେଷ୍ଠ ଭେଟେରାନ ଏବଂ ମହିଳା ଖେଳାଳିଙ୍କୁ ମଧ୍ୟ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି।

# କୋଚ୍ ନ ଥିବାରୁ ପ୍ରଦର୍ଶନ ପ୍ରଭାବିତ ହୋଇଛି

**ନୂଆଦିଲ୍ଲୀ, ୨୨।୭ (ପିଟି):** ଟୋକିଓ ଅଲିମ୍ପିକ୍ସକୁ ପୂର୍ବରୁ ଭାରତୀୟ ଟେବୁଲ ଟେନିସ ଦଳ ହାତରେ ପ୍ରସ୍ତୁତି ପାଇଁ ଆଉ ମାତ୍ର ବର୍ଷେ ସମୟ ରହିଛି। କିନ୍ତୁ ଦଳର ନୂଆ ବିଦେଶୀ କୋଚ୍ ଡେଜାନ ପାପିକ ଏପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳି ନାହାନ୍ତି। ଏହା ଭାରତୀୟ ଦଳର ଅଲିମ୍ପିକ୍ସ ଇଭେଣ୍ଟ ପ୍ରସ୍ତୁତିରେ ବାଧା ସାଜିଛି। ମାର୍ଚ୍ଚରେ ଭାରତୀୟ ଟେବୁଲ ଟେନିସ ଫେଡେରେଶନ (ଟିଟିଏଫ୍ଆଇ) ପାପିକ୍‌ଙ୍କୁ ନୂଆ ବିଦେଶୀ କୋଚ୍ ଭାବେ ନିଯୁକ୍ତ କରିଥିଲା। ତାଙ୍କ ପୂର୍ବରୁ ମାସିମୋ କୋନ୍‌ଷ୍ଟାଣ୍ଟିନି ଏହି ଦାୟିତ୍ୱରେ ଥିଲେ। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଗତ ବର୍ଷ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ କାର୍ଯ୍ୟକାଳରେ ଭାରତ ଐତିହାସିକ ପ୍ରଦର୍ଶନ କରିଥିଲା। ଗୋଲ୍ଡକୋଷ୍ଟଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଜାକର୍ତ୍ତା ଏସିଆନ୍ ଗେମ୍ସରେ ଭାରତ ୬୦ ବର୍ଷର ଅପେକ୍ଷାର ଅନ୍ତ କରିଥିଲା। ମାସିମୋ ପାରିବାରିକ ସମସ୍ୟା ଯୋଗୁ ସ୍ୱଦେଶ ଫେରିଗଲେ। ତାଙ୍କ ପରେ ଜଣେ କୋଚ୍‌ଙ୍କୁ ନିଯୁକ୍ତ କରାଯାଇଛି, ହେଲେ ସେ କେବେ ଜାତୀୟ ଦଳରେ ଯୋଗଦେବେ ଆମକୁ ଜଣା ନାହିଁ। ଜଣେ କୋଚ୍‌ଙ୍କ ବିନା ଅଲିମ୍ପିକ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ଲାଗି ପ୍ରସ୍ତୁତ ହେବା କଷ୍ଟକର। ଜି. ସାଥିୟାଁ ଓ ମନିକା ବାତ୍ରା ଭଲ ପ୍ରଦର୍ଶନ କରୁଛନ୍ତି। ଆମେ ନିଜେ ଟ୍ରେନିଂ କରୁଛୁ। ତେବେ ଡବଲ୍ସ ବର୍ଗ ପାଇଁ ଆମକୁ ସ୍ପେଶାଲିଷ୍ଟ କୋଚ ଦରକାର। ମିକ୍ସଡ୍ ଡବଲ୍ସ ଆମ ପାଇଁ ସମସ୍ୟା ହୋଇଯାଇଛି ବୋଲି ବୋଲି ଦେଶର ଅଗ୍ରଣୀ ଟିଟି ଖେଳାଳି ଏ. ଶରଥ କମାଲ କହିଛନ୍ତି।

# ଫ୍ୟାମିଲି କୋର୍ଟକୁ ବର୍ଷେ ସମୟ ଦେଲେ ସୁପ୍ରିମକୋର୍ଟ

## ପେସ୍-ରେହା ଭରଣପୋଷଣ ମାମଲା

**ନୂଆଦିଲ୍ଲୀ, ୨୨।୭(ପି.ଟି.):** ଭେଟେରାନ ଟେନିସ୍ ତାରକା ଲିଆଣ୍ଡର ପେସ୍ ଓ ତାଙ୍କ ପୂର୍ବତନ ଲିଭ୍-ଇନ୍ ପାର୍ଟନର ରେହା ପିଲାଇଙ୍କ ଭରଣପୋଷଣ ମାମଲା ଆଗାମୀ ୧ ବର୍ଷ ମଧ୍ୟରେ ଶେଷ କରିବାକୁ ସୁପ୍ରିମକୋର୍ଟ ସୋମବାର ଫ୍ୟାମିଲି କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଫ୍ୟାମିଲି କୋର୍ଟ ବିଚାରପତି ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଏହି ମାମଲାର ପ୍ରୋସିଡ଼ିଂ ଶେଷ କରିବା ପାଇଁ ଅଧିକ ସମୟ ଦେବାକୁ ଚିଠି ଲେଖିଥିଲେ। ଜଷ୍ଟିସ ୟୁ ୟୁ ଲଳିତ ଏବଂ ଭିନିତ ଶରଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ଜୁନ୍ ୨୦୧୮ରେ ମାମଲା ଶେଷ କରିବାକୁ ଗୋଟିଏ ବର୍ଷ ସମୟ ଦେଇଥିଲେ। ତେବେ ପୁନର୍ବାର ସୁପ୍ରିମକୋର୍ଟ ଫ୍ୟାମିଲି କୋର୍ଟଙ୍କୁ ଦ୍ୱିତୀୟ ଥର ପ୍ରୋସିଡ଼ିଂ ଶେଷ କରିବା ପାଇଁ ସମୟ ବୃଦ୍ଧି କରିଛନ୍ତି। ଗତବର୍ଷ ମାର୍ଚ୍ଚ ୧୬ରେ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ଶେଷ କରିବା ପାଇଁ ଫ୍ୟାମିଲି କୋର୍ଟଙ୍କୁ ୩ ମାସ ସମୟ ଦେଇଥିଲେ। ମାତ୍ର ଏହି ସମୟ ମଧ୍ୟରେ ଉକ୍ତ ମାମଲାର ବିଚାର ଶେଷ ହୋଇପାରି ନ ଥିଲା। ୨୦୧୪ରୁ ଏହି ଦମ୍ପତି ଭରଣପୋଷଣ ଏବଂ ଝିଅକୁ ନେବା ଲାଗି ଆଇନର ସହାୟତା ନେଇଥିଲେ। ଅନ୍ୟପକ୍ଷରେ ପିଲାଇ ପେସ୍ ଓ ତାଙ୍କ ବାପାଙ୍କ ବିରୋଧରେ ଘରୋଇ ହିଂସା ଏବଂ ଉତ୍ପୀଡ଼ନ ମାମଲା ଦାଏର କରିଥିଲେ। ସୁପ୍ରିମକୋର୍ଟ ଉଭୟଙ୍କୁ ସେମାନଙ୍କ ମଧ୍ୟରେ ରହିଥିବା ବିବାଦର ଆପୋଷ ବୁଝାମଣା କରିବା ଲାଗି ୬ ମାସ ସମୟ ଦେଇଥିଲେ।

■ ଦୃଷ୍ଟିହୀନ କ୍ରିକେଟ, ଭାରତ ସିରିଜ ବିଜୟୀ

# ଅଜୟଙ୍କ ଦ୍ୱିଶତକ, ଦୁର୍ଗାଙ୍କ ଶତକ



ଅଜୟ ରେଡ୍ଡୀ



ଦୁର୍ଗା ରାଓ

**ଭୁବନେଶ୍ୱର, ୨୨।୭(କ୍ରୀଡ଼ା ପ୍ରତିନିଧି)**

କାରିବିୟନ ଗସ୍ତରେ ଥିବା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳର ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରହିଛି। ଅଧିନାୟକ ଅଜୟ ରେଡ୍ଡୀଙ୍କ ଅପରାଜିତ ଦ୍ୱିଶତକ ଏବଂ ଦୁର୍ଗା ରାଓଙ୍କ ଅପରାଜିତ ଶତକ ସହାୟତାରେ ଭାରତ ସୋମବାର ଅନୁଷ୍ଠିତ ଦ୍ୱିତୀୟ ଦୃଷ୍ଟିହୀନ କ୍ରିକେଟ ମ୍ୟାଚରେ ଜାମାଇକାକୁ ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ଏଥିସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ହୋଇ ଭାରତ ସିରିଜ ବିଜୟୀ ହୋଇଛି। ଟସ୍ ଜିତି ଜାମାଇକା ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଜାମାଇକା ବୋଲରମାନେ ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଶୀଘ୍ର ୨ଟି ଉଇକେଟ ଖସାଇ ଦେଇଥିଲେ। ମାତ୍ର ଅଧିନାୟକ ଅଜୟ ରେଡ୍ଡୀ ୧୧୨ ବଲ୍‌ରୁ ୨୧୪ ଏବଂ ଦୁର୍ଗା ରାଓ ୮୭ ବଲ୍‌ରୁ ୧୩୪ ରନ ସଂଗ୍ରହ କରିବା ସହ ଅପରାଜିତ ରହି ଅସମାପ୍ତ ୩ୟ ଉଇକେଟରେ ୩୯୩ ରନ ଯୋଗକରି ୩୩ ଓଭରରେ ଭାରତୀୟ ସ୍କୋରକୁ ୪୧୫ରେ ପହଞ୍ଚାଇ ଦେଇଥିଲେ। ୪୧୬ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଜାମାଇକା ୩୧.୫ ଓଭରରେ ୨୩୬ ରନ କରି ଅଲଆଉଟ ହୋଇ ଯାଇଥିଲା। ଫଳରେ ଭାରତ ୧୭୯ ରନରେ ବିଜୟୀ ହୋଇଥିଲା। ଜାମାଇକା ପକ୍ଷରୁ ଶିମ୍ ସର୍ବାଧିକ ୪୭ ଓ ଷ୍ଟିୱାର୍ଟ ୪୦ ରନ ସ୍କୋର କରିଥିଲେ। ଦିନିକିଆ ସିରିଜରେ ଆଉ ଗୋଟିଏ ମ୍ୟାଚ ବାକିଥିବାବେଳେ ୨ ଦିନର ବିଶ୍ରାମ ପରେ ଉଭୟ ଦଳ ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ ଅନୁଷ୍ଠିତ ହେବ।

### ସଂକ୍ଷିପ୍ତ ସ୍କୋର

- ଭାରତ ୩୩ ଓଭରରେ ୪୧୫/୨(ଅଜୟ ରେଡ୍ଡୀ-୨୧୪*, ଦୁର୍ଗା ରାଓ-୧୩୪*, ଷ୍ଟିୱାର୍ଟ-୧/୪୦)।
- ଜାମାଇକା ୩୧.୫ ଓଭରରେ ୨୩୬/ଅଲଆଉଟ(ଶିମ୍-୪୭, ଷ୍ଟିୱାର୍ଟ-୪୦, ରିକେଟ୍ସ-୩୪, ଅଜୟ-୪/୨୯, ସୁନୀଲ-୧/୧୨, ଅମୋଲ-୧/୨୫, ଜାଫର-୧/୨୪)।

ମ୍ୟାନ ଅଫ୍ ଦି ମ୍ୟାଚ ଅଜୟ ରେଡ୍ଡୀ

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କେଦାରନାଥ ମିଶ୍ର
ଶିରିପୁର, ଭୁବନେଶ୍ୱର
ଆବିର୍ଭାବ: ୨୮।୧୦।୧୯୩୮
ତିରୋଧାନ: ୦୨।୦୮।୨୦୧୮
ହେ ପୁଣ୍ୟାତ୍ମା, ଆପଣଙ୍କ ଆକସ୍ମିକ ବିୟୋଗରେ ଆମେ ଅତୀବ ମର୍ମାହତ। ଆପଣଙ୍କ ଉଚ୍ଚ ଜୀବନାଦର୍ଶ, ସାମାଜିକ ଓ ସାଂସ୍କୃତିକ ଜୀବନ ଚୀର ଜାଜ୍ଜ୍ୱଲ୍ୟମାନ। ଆଜି ପବିତ୍ର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ସହ ପ୍ରଭୁ ଆପଣଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ- ଶାନ୍ତିଲତା, ପୁତ୍ର- ବାବୁ, ବୋହୂ- ଶତରୂପା, କନ୍ୟା- ମାମା, ଜାମାତା- ନୃସିଂହ, ନାତୁଣୀ- ପେପି, କୁନୁ, ମୁନୁ, ନାତି- ବୁବୁଙ୍କ ସହ ବନ୍ଧୁ ଓ ପରିବାରବର୍ଗ
ଧ-୧୩୫୫୧

ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଆର୍ତ୍ତ ପଣ୍ଡା
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ
ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା, ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୫୯୮୬୪

ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ମନମୋହନ ପଟ୍ଟନାୟକ
ଜଗନ୍ନାଥବିହାର, ବରମୁଣ୍ଡା, ଭୁବନେଶ୍ୱର
ତିରୋଧାନ: ୧୬।୦୭।୨୦୦୬
(ଶ୍ରାବଣ କୃଷ୍ଣପକ୍ଷ ଷଷ୍ଠୀ ତିଥି)
ସମୟର ସ୍ରୋତରେ ଚାହୁଁ ଚାହୁଁ ୧୩ବର୍ଷ ବିତିଗଲା, ଆପଣଙ୍କର ଦିବ୍ୟ ସତ୍ତାକୁ ଅନୁଭବ କରି ଆଜି ସପରିବାର ଆପଣଙ୍କର ଆଶିଷ ଭିକ୍ଷା କରି ଅଶ୍ରୁଳ ଶ୍ରଦ୍ଧାସୁମନ ଅର୍ପଣ କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ସ୍ତ୍ରୀ- ଝୁନୁ, ପୁଅ- ଟାଟୁ, ସାନୁ, ନାନୁ, ବୋହୂ- ରୁନୁ, କିନୁ, ଲିନୁ ଏବଂ ନାତୁଣୀନାତିମାନେ।
ଧ-୬୭୦୨୦

୭ମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦଣ୍ଡପାଣି ନାୟକ
ପ୍ରଧାନ ଶିକ୍ଷକ, ହରିସହଦେବ ଉ:ପ୍ରା. ବିଦ୍ୟାଳୟ, ଶୀତଳପଦା, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୧୦।୦୧।୧୯୬୭
ତିରୋଧାନ: ୨୩।୦୭।୨୦୧୨
ଦୀର୍ଘ ସାତବର୍ଷ ହେଲା ଆମକୁ ଛାଡ଼ି ଚାଲିଗଲ। ପ୍ରତିଟି ମୁହୂର୍ତ୍ତରେ ତୁମ ସ୍ମୃତି ମନେପଡି ବେସାହାରା ଲାଗୁଛି। ପ୍ରଭୁଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ଆଲଫା, ବିଟା, ହରିସହଦେବ ଉ:ପ୍ରା. ସ୍କୁଲର ଶିକ୍ଷକ, ଶିକ୍ଷିକା ଓ ଛାତ୍ର ଛାତ୍ରୀ
ଧ-୬୩୭୮୫




■ ଜେଇ ୱିଲିସନ ଇଣ୍ଟରନ୍ୟାଶନାଲ ସିରିଜ

# ଓଡ଼ିଶାର ରତ୍ନପର୍ଣ୍ଣାଙ୍କୁ ଡବଲ୍ ଟାଇଟଲ୍

**ନୂଆଦିଲ୍ଲୀ, ୨୨।୭ (ପି.ଟି.)**

ଉଦୀୟମାନ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ଓଡ଼ିଆ ଝିଅ ରତ୍ନପର୍ଣ୍ଣା ପଣ୍ଡା ଘାନାର ଆକ୍ରାଠାରେ ଅନୁଷ୍ଠିତ ଜେଇ ୱିଲସନ ଇଣ୍ଟରନ୍ୟାଶନାଲ ସିରିଜରେ ଡବଲ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରତ୍ନପର୍ଣ୍ଣା ମିକ୍ସଡ୍ ଡବଲ୍ସ ଓ ମହିଳା ଡବଲ୍ସରେ ଟାଇଟଲ୍ ଜିତି ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେହିଭଳି ଶ୍ଳୋକ ରାମଚନ୍ଦ୍ରନ ମଧ୍ୟ ପୁରୁଷ ଓ ମିକ୍ସଡ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି।

ମିକ୍ସଡ୍ ଡବଲ୍ସ ଫାଇନାଲରେ ରତ୍ନପର୍ଣ୍ଣା ଓ ଶ୍ଳୋକ ଯୋଡ଼ି ୨୧-୧୯, ୨୧-୧୫ ସିଧାସଳଖ ଗେମ୍‌ରେ ଅନ୍ୟତମ ଭାରତୀୟ ଯୋଡ଼ି ଏମ୍‌ଆର୍ ଅର୍ଜୁନ ଓ କେ. ମନୀଷାଙ୍କୁ ପରାସ୍ତ କରିଥିଲେ। ସେହିଭଳି ମହିଳା ଡବଲ୍ସ ଫାଇନାଲରେ ରତ୍ନପର୍ଣ୍ଣା



ମନୀଷାଙ୍କୁ ସାଥୀ କରି ୨୧-୧୧, ୨୧-୧୧ ଗେମ୍‌ରେ ନାଇଜେରିଆର ଡୋରକାସ ଅଜୋକ ଆଡେସୋକାନ ଓ ଉଚେଚୁକ୍ୟୁ ଡେବୋରା ଇକେ ଯୋଡ଼ିଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ପୁରୁଷ ଡବଲ୍ସରେ ଟପ୍ ସିଡ୍ ଶ୍ଳୋକ ଓ ଅର୍ଜୁନ ୨୧-୧୧, ୨୧-୧୨ରେ ନାଇଜେରିଆନ୍ ଯୋଡ଼ି ଗଡ୍‌ୱିନ ଓଲୋଫୁଆ ଓ ଅନୁଓଲୁୱାପୋ ଜୁୱେନଙ୍କୁ ମାତ୍ ଦେଇ ଟାଇଟଲ୍ ହାସଲ କରିଥିଲେ। ଅପରପକ୍ଷରେ କଡ଼ା ସଂଘର୍ଷପୂର୍ଣ୍ଣ ପୁରୁଷ ସିଙ୍ଗଲ୍ସ ଟାଇଟଲ୍ ଲଢ଼େଇରେ କିରନ ଜର୍ଜ ୨୫-୨୩, ୨୧-୧୯ରେ ଆଜରବୈଜାନର ଆଡେ ରେସ୍କି ଡ୍ୱିଚାଓଙ୍କୁ ହରାଇଛନ୍ତି। କିନ୍ତୁ ଭାରତର ମୁଗ୍ଧା ଏଗରେ ମହିଳା ସିଙ୍ଗଲ୍ସ ଫାଇନାଲରେ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି। ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ସଂସ୍କରଣ ୨୦୧୮ରେ ଭାରତୀୟ ପ୍ରତିଯୋଗୀ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଜିତି ଟେବୁଲ ତାଲିକାର ଶୀର୍ଷରେ ରହିଥିଲା।

## କେଶବ, ପ୍ରସୁନଙ୍କୁ ମୋହନ ବାଗାନ ରତ୍ନ ସମ୍ମାନ

**କୋଲକାତା, ୨୨।୭ (ପି.ଟି.):** ଜୁଲାଇ ୨୯ରେ ମୋହନ ବାଗାନ କ୍ଲବର ବାର୍ଷିକ ଉତ୍ସବରେ ଦୁଇଥର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା କେଶବ ଦତ୍ତ ଏବଂ ପୂର୍ବତନ ଭାରତୀୟ ଫୁଟ୍‌ବଲ ଅଧିନାୟକ ପ୍ରସୁନ ବାନାର୍ଜୀ ମୋହନ ବାଗାନ ରତ୍ନରେ ସମ୍ମାନିତ କରାଯିବ। ୨୦୧୯ ଆଇସିସି ବିଶ୍ୱକପ୍‌ରେ ହ୍ୟାଟ୍ରିକ୍ ନେଇଥିବା ମହମ୍ମଦ ସାମିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ଅଶୋକ ଚାଟାର୍ଜୀଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ଓ ସୌରଭ ଗାଙ୍ଗୁଲି ପ୍ରମୁଖଙ୍କୁ ଏହି ଉତ୍ସବରେ ଆଜୀବନ ସଦସ୍ୟତା ପ୍ରଦାନ କରାଯିବ। ୯୪ ବର୍ଷୀୟ ଦତ୍ତ ବର୍ତ୍ତମାନ ଜୀବିତ ଥିବା ଦେଶର ସବୁଠାରୁ ବୟସ୍କ ହକି ଅଲିମ୍ପିଆନ। ୧୯୪୮ ଲଣ୍ଡନ ଗେମ୍ସରେ ସେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ।, ଯେଉଁଥିରେ ସ୍ୱାଧୀନତା ପୂର୍ବରୁ ଭାରତ ପ୍ରଥମ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା।

## ପୂର୍ବତନ ଅଷ୍ଟ୍ରେଲୀୟ ଟେନିସ ଖେଳାଳିଙ୍କ ପରଲୋକ

**ସିଡ୍‌ନୀ, ୨୨।୭ (ଏଏଫ୍‌ପି):** ଅଷ୍ଟ୍ରେଲିଆର ପୂର୍ବତନ ଡେଭିସ୍ କପ୍ ଖେଳାଳି ତଥା ୱିମ୍ବେଲଡନ ଡବଲ୍ସ ଚାମ୍ପିୟନ ପିଟର୍ ମ୍ୟାକ୍‌ନାମରଙ୍କ ସୋମବାର ପରଲୋକ ଘଟିଛି। କ୍ୟାନସର୍ ସହ ସଂଘର୍ଷ କରୁଥିବା ପିଟରଙ୍କୁ ମୃତ୍ୟୁବେଳକୁ ୬୪ ବର୍ଷ ହୋଇଥିଲା। ପିଟର୍ କ୍ୟାରିୟରରେ ପାଞ୍ଚଟି ସିଙ୍ଗଲ୍ସ ଟାଇଟଲ୍ ଜିତିଛନ୍ତି। ୧୯୮୦ ଓ ୧୯୮୨ରେ ଦୁଇଥର ୱିମ୍ବେଲଡନ ଡବଲ୍ସ ଏବଂ ୧୯୭୯ରେ ଅଷ୍ଟ୍ରେଲିଆନ୍ ଓପନ୍ ଡବଲ୍ସ ଟାଇଟଲ୍ ହାସଲ କରିଥିଲେ।

# ପାନ୍ଥର୍ସ, ଷ୍ଟିଲର୍ସ ବିଜୟୀ

**ହାଇଦ୍ରାବାଦ,୨୨।୭(ପି.ଟି.)**

ପ୍ରୋ-କବାଡି ଲିଗ୍‌ର ସିଜନ୍-୭ରେ ଜୟପୁର ପାନ୍ଥର୍ସ ଓ ହରିୟାଣା ଷ୍ଟିଲର୍ସ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସ୍ଥାନୀୟ ଗାଚିବାଓ୍ୱଲି ଇନ୍‌ଡୋର ଷ୍ଟାଡ଼ିୟମରେ ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଜୟପୁର ଟିମ ୟୁ ମୁମ୍ବା ବିପକ୍ଷରେ ବଡ଼ ବିଜୟ ହାସଲ କରିଛି। ଏହି ମ୍ୟାଚକୁ ଜୟପୁର ୪୨-୨୩ ପଏଣ୍ଟରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଦୀପକ ହୁଦା ସୁପର-୧୦ ପଏଣ୍ଟ ହାସଲ କରିଥିବାବେଳେ ଦୀପକ ନରୱାଲ ଓ ନିତିନ ରାଓ୍ୱଲ ଦଳ



ହରିୟାଣା ଷ୍ଟିଲର୍ସ ଓ ପୁନେରୀ ପଲଟନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ପାଇଁ ଯଥାକ୍ରମେ ୬ ଓ ୭ ପଏଣ୍ଟ ହାସଲ କରିଥିଲେ। ୟୁ ମୁମ୍ବା ଏହି ମ୍ୟାଚରେ ଟ୍ୟାକେଲରେ ଦୁର୍ବଳ ରହିଥିଲା। ସେହିପରି ଦିନର ଦ୍ୱିତୀୟ ମ୍ୟାଚରେ ହରିୟାଣା ଷ୍ଟିଲର୍ସ ୩୪-୨୪ ପଏଣ୍ଟରେ ପୁନେରୀ ପଲଟନ୍‌କୁ ପରାସ୍ତ କରିଛି। ଏହି ମ୍ୟାଚରେ ହରିୟାଣା ପକ୍ଷରୁ ନବୀନ ସର୍ବାଧିକ ୧୪ ପଏଣ୍ଟ ପାଇ ସୁପର ଟେନ

**ପ୍ରୋ-କବାଡ଼ି ଲିଗ**

ହାସଲ କରିଥିଲେ। ନବୀନ ରେଡ୍‌ରୁ ୧୨ ଓ ଟ୍ୟାକେଲରୁ ୨ ପଏଣ୍ଟ ହାସଲ କରିଥିଲେ। ଅନ୍ୟପକ୍ଷରେ ପୁନେରୀ ପଲଟନ୍ ପକ୍ଷରୁ ପୱନ କୁମାର କାଦିଆନ ୮ ରେଡ୍ ପଏଣ୍ଟ ଓ ୨ଟି ବୋନସ୍ ପଏଣ୍ଟ ସହ ମୋଟ ୧୦ ପଏଣ୍ଟ ପାଇ ସୁପର ଟେନ୍ ହାସଲ କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିଙ୍କୁ ବିପଦରୂପକ ଶସ୍ୟ କାଟିବାକୁ ପଡିଥାଏ।
-ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### ବକେୟା ଦରମା ଦାବିରେ ପମ୍ପ୍ ଡ୍ରାଇଭରଙ୍କ ଅନଶନ

ବଡମ୍ବା,୨୨।୭(ଡି.ଏନ.ଏ.): ବଡ଼ମ୍ବା ବ୍ଲକ କୋଲେଶ୍ୱର ପଞ୍ଚାୟତ ଅଧୀନ ସୁନାପାଳର ଏସଇଏମ୍ ତଥା ପମ୍ପ୍ ଡ୍ରାଇଭର ଦିବାକର ବେହେରା ଦୀର୍ଘ ୮ ମାସ ହେବ ଦରମା ପାଇନାହାନ୍ତି। ଏହାର ପ୍ରତିବାଦରେ ସେ ସୋମବାର ବ୍ଲକ କାର୍ଯ୍ୟାଳୟଠାରେ ଆମରଣ ଅନଶନ କରିଛନ୍ତି। ବକେୟା ଦରମା ନ ପାଇବା ପର୍ଯ୍ୟ ଆନ୍ଦୋଳନ ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି। ଖବର ଲେଖା ହେବାବେଳକୁ ଆନ୍ଦୋଳନକାରୀଙ୍କ ନିକଟରେ କୌଣସି ପଦାଧିକାରୀ ପହଞ୍ଚି ନ ଥିବା ଜଣାପଡ଼ିଛି।

### ବିଏସ୍ଏନ୍ଏଲ୍ ଇଣ୍ଟରନେଟ୍ ସେବା ବାଧାପ୍ରାପ୍ତ

ସାଲେପୁର,୨୨।୭(ଡି.ଏନ.ଏ.): ସାଲେପୁରରେ ଦୀର୍ଘଦିନ ହେବ ବିଏସ୍ଏନ୍ଏଲ୍‌ର ଇଣ୍ଟରନେଟ୍ ସେବା ବାଧାପ୍ରାପ୍ତ ହୋଇଛି। ଏଥିଯୋଗୁ ଅଞ୍ଚଳର ଉପଭୋକ୍ତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏହାକୁ ନେଇ ଉପଭୋକ୍ତାଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଏସ୍ଏନ୍ଏଲର ସାଲେପୁର କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଏଠାରେ କାର୍ଯ୍ୟ କରୁଥିବା ପ୍ରାୟ ୨୨ଜଣ ଅସ୍ଥାୟୀ କର୍ମଚାରୀ ଦୀର୍ଘଦିନ ଧରି ଦରମା ପାଇ ନ ଥିବାରୁ କାର୍ଯ୍ୟରେ ଯୋଗ ଦେଉନାହାନ୍ତି।

### ବଡ଼ମ୍ବା ପ୍ରାଣଯୋଗ ପ୍ରତିଷ୍ଠାନର ମାସିକ ଆଲୋଚନାଚକ୍ର

ବଡମ୍ବା,୨୨।୭(ଡି.ଏନ.ଏ.): ବଡ଼ମ୍ବା ପ୍ରାଣଯୋଗ ପ୍ରତିଷ୍ଠାନର ମାସିକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଆଡ଼ିଆ ମହାଦେବ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ପ୍ରତିଷ୍ଠାତା କବି ଚନ୍ଦ୍ରଶେଖର ମହାନ୍ତି ପୌରୋହିତ୍ୟ କରିଥିଲେ। ଏଥିରେ ବୈଦିକ ଆଚାର୍ଯ୍ୟାୟନଠାରୁ ଆରମ୍ଭ କରି ଆଧୁନିକ ଶିକ୍ଷକାୟନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗୋପୀନାଥପୁର ବୈଦିକ ସତ୍‌ସଙ୍ଗ ସଂସଦ ସଭାପତି ପଣ୍ଡିତ ଭୀମସେନ ଶାସ୍ତ୍ରୀ ଏବଂ କଟକ ଜିଲା ଆର୍ଯ୍ୟ ସଙ୍ଗଠନର ଉପସଭାପତି ପ୍ରମୋଦ ମହାରଣା ବେଦପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ବଡ଼ମ୍ବାର ବରିଷ୍ଠ ଆଇନଜୀବୀ ସନ୍ତୋଷ ପଟ୍ଟନାୟକ ଓ ମୁଖ୍ୟବକ୍ତା ନରସିଂହପୁର କଲେଜ ପ୍ରାକ୍ତନ ଅଧ୍ୟକ୍ଷ କୁଳମଣି ବାରିକ ଯୋଗଦେଇ ଆଚାର୍ଯ୍ୟମାନଙ୍କ ଦକ୍ଷତା, ନିୟମାନୁବର୍ତ୍ତିତା, ସମୟାନୁବର୍ତ୍ତିତା, ନିପୁଣତା ଆଦି ଶିକ୍ଷାଦାନ ପ୍ରଣାଳୀ ଯୋଗୁ ଶିଷ୍ୟ ସଫଳତାର ଶେଷ ସୋପାନରେ ପହଞ୍ଚିଥାନ୍ତିବୋଲି ମତବ୍ୟକ୍ତ କରିଥିଲେ। କବି ଦୁର୍ଯ୍ୟୋଧନ ବରାଳ, ସନାତନ ବେହେରା, ବିପିନ ବିହାରୀ ମହାନ୍ତି, ବଡ଼ମ୍ବା ମାଧମିକ ଶିକ୍ଷକ ସଂଘ (ଓଷ୍ଟା)ସଭାପତି ଶ୍ରୀନିବାସ ପ୍ରଧାନ ପ୍ରମୁଖ ଆଲୋଚକ ରୂପେ ଯୋଗଦେଇଥିଲେ। ସେବା ନିବୃତ୍ତ ଶିକ୍ଷକ ଧନେଶ୍ୱର ସ୍ୱାଇଁଙ୍କୁ ପ୍ରତିଷ୍ଠାନ ତରଫରୁ ଶିକ୍ଷକ ରଞ୍ଜନ ବେଣୁଧର ଧଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମାଣିଆବନ୍ଧ ଆର୍ଯ୍ୟ ସମାଜର ବାଉରୀବନ୍ଧୁ ଦାସ ଓ ବାଲୁଙ୍କେଶ୍ୱର ରାଉତ ଶାନ୍ତିପାଠ କରିଥିବାବେଳେ ପ୍ରତିଷ୍ଠାନର ସଞ୍ଚାଳିକା ପ୍ରବିଣା ମହାନ୍ତି ଧନ୍ୟବାଦ ଦେଇଥିଲେ।

■ ଶ୍ରାବଣରେ ଟାଇଁଟାଇଁ ଖରା

# ତଳିଘେରା ଫାଟି ଆଁ, କେନାଲରେ ପାଣି ନାହିଁ

ନିଶ୍ଚିନ୍ତକୋଇଲି,୨୨।୭(ସ୍ୱ.ପ୍ର.)

ଶ୍ରାବଣ ମାସରେ ଦିନ ରାତି ବର୍ଷା ଲାଗି ରହିବା କଥା। ହେଲେ ଏବେ ବର୍ଷା ବଦଳରେ ଟାଇଁ ଟାଇଁ ଖରା ଦେଖିବାକୁ ମିଳୁଛି। ଯାହାଫଳରେ ବର୍ଷା ଉପରେ ନିର୍ଭର କରୁଥିବା ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବିଲବାଡ଼ି ସୁଖିଲା ପଡ଼ିଛି। ଏପରି କି କହିବାକୁ ଗଲେ ଜଳ ସଙ୍କଟ ଦେଖାଦେଇଛି। ବର୍ଷା ନ ହେଲେ ଚାଷୀ କେନାଲ ପାଣି ଉପରେ ନିର୍ଭର କରୁଥିଲେ ମଧ ଠିକରେ କେନାଲ ସଫେଇ ହୋଇ ନ ଥିବାରୁ କେନାଲ ଶେଷ ମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚି ପାରୁନାହିଁ। ସେହିପରି ଅନେକ କେନାଲ ଏଯାବତ୍ ସଫେଇ ହୋଇ ନ ଥିବାରୁ କେନାଲକୁ ପାଣି ଛଡାଯାଇନାହିଁ। ଯଦ୍ୱାରା ଚଳିତ ବର୍ଷ ଚାଷ କାର୍ଯ୍ୟ ବିଳମ୍ବ ହେବା ସହ ଧାନ ତଳି ଘେରା ଜଳ ଅଭାବରୁ ଫାଟି ଆଁ କଲାଣି। ଯଦି ଆଉ କିଛି ଦିନ ବର୍ଷା ନ ହୁଏ କିମ୍ବା କେନାଲରେ ପାଣି ନ ଆସେ ତେବେ ମରୁଡି ହେବା ସୁନିଶ୍ଚିତ। ଚଳିତ ବର୍ଷ ବିଳମ୍ବରେ ମୌସୁମୀ ଆସିଥିବାରୁ ଭଲ ବର୍ଷା ହେବା ଆଶଙ୍କା କରାଯାଉଥିଲା। ହେଲେ ସେଥିରେ ବ୍ୟତିକ୍ରମ ଘଟିଛି। ଧାନ ବିଲ ଏବେ ପଡିଆପଡିଛି। ଏଭଳି ଘଟଣା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ବ୍ଲକ ଅଞ୍ଚଳର ଅଧିକାଂଶ ସ୍ଥାନରେ ବିଲ ଫାଟି ଆଁ କରିଛି। ବିଲରେ କେବେ ପାଣି ହେବ ଓ ଚାଷ କାମ ଆରମ୍ଭ ହେବ ସେ ସମୟକୁ ଚାଷୀ ପ୍ରତିକ୍ଷା କରି ବସିଛନ୍ତି। ବ୍ଲକରେ ଚଳିତବର୍ଷ ମୋଟ ୧୨ ହଜାର ୭୯୦ ହେକ୍ଟର ଜମିରେ ଧାନ ଚାଷ ପାଇଁ ଧାର୍ଯ୍ୟ କରାଯାଇଛି। ସେଥିରୁ ୯ ହଜାର ୫ଶହ ଜଳ ସେଚିତ ଜମିରେ ଧାନ ଚାଷ କରାଯାଉଥିବା ବେଳେ ୩ହଜାର ୨୯୦ ହେକ୍ଟର ଅଣ ଜଳସେଚିତ ଜମିରେ ଧାନ ଚାଷ କରାଯାଉଛି। ସରକାର ଚାଷୀଙ୍କ ପାଇଁ ସମବାୟ ସମିତି ମାଧମରେ ୩ଶହ ୭୦ କୁଇଣ୍ଟାଲ ଧାନ ବିହନ ଯୋଗାଇଥିବା ବେଳେ ବେସରକାରୀ ଏଜେଣ୍ଟଙ୍କ ଦ୍ୱାରା ୧୩୦ କୁଇଣ୍ଟାଲ ଧାନ ବିହନ ଯୋଗାଇ ଦେଇଛନ୍ତି। ୪ ପଞ୍ଚାୟତରେ ଶ୍ରୀପଦ୍ଧତିରେ ଧାନ ଚାଷ କରିବା ପାଇଁ ୨୪୦ କୁଇଣ୍ଟାଲ ବିହନ ଯୋଗାଇ ଦିଆଯାଇଛି। ଏ ସବୁ ସତ୍ତ୍ୱେ ଚାଷକାର୍ଯ୍ୟ ଆଗେଇ ପାରୁନାହିଁ। ସମୟ ଗଡି ଯାଉଥିବାରୁ ଚଳିତ ବର୍ଷ ଖରିଫ ଫସଲ ପ୍ରଭାବିତ ହେବା ଆଶଙ୍କା କରାଯାଇଛି।

ବର୍ଷା ଉପରେ ନିର୍ଭର କରୁଥିବା ଅଣ ଜଳସେଚିତ ଜମିରେ କିଭଳି ଖରିଫ ଚାଷ କରାଯିବ ସେନେଇ ମଧ ଚାଷୀ ଚିନ୍ତାରେ ରହିଛନ୍ତି। ଅପରପକ୍ଷରେ ଜଳ ସେଚିତ ଜମିକୁ ପାଣି ଯିବା ପାଇଁ କେନାଲ ସଫେଇ ଓ କେନାଲର ଖନନର ଆବଶ୍ୟକତା ଥିବାବେଳେ ଏପର୍ଯ୍ୟନ୍ତ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ୮(ଇ) ଓ ଶାଖା କେନାଲରେ ପାଣି ଆସିନାହିଁ। ଏହି କେନାଲ ଉପରେ ନିଶ୍ଚିନ୍ତକୋଇଲି ଓ ଓଥକା ପଞ୍ଚାୟତର ଚାଷୀ ନିର୍ଭର କରିଥାନ୍ତି। ଜଳସେଚନ ବିଭାଗର ମନମୁଖୀ କାର୍ଯ୍ୟ ପାଇଁ ଚାଷୀ ଏବେ ପ୍ରମାଦ ଗଣୁଛନ୍ତି। ତୁରନ୍ତ ସମସ୍ତ କେନାଲ ସଫେଇ କରି ଶେଷ ମୁଣ୍ଡରେ ପାଣି ପହଞ୍ଚାଇବା ପାଇଁ ଚାଷୀ ମହଲରେ ଦାବି ହୋଇଛି। ଏ ସମ୍ପର୍କରେ କୃଷକ ନେତା ଷ୍ଟାଲିନ ରାଉତ କୁହନ୍ତି, ଚଳିତ ବର୍ଷ ବାତ୍ୟାରେ ଚାଷୀ ପ୍ରଭାବିତ ହୋଇଥିଲେ। ଏଯାବତ୍ ସେମାନଙ୍କୁ କ୍ଷତିପୂରଣ ମିଳିନି। ଶ୍ରାବଣରେ ମୁଣ୍ଡଫଟା ଖରା ସାଙ୍ଗକୁ କେନାଲର ଶେଷ ମୁଣ୍ଡରେ ପାଣି ନ ପହଞ୍ଚିଥିବାରୁ ଫସଲ ପ୍ରଭାବିତ ହେବା ନିସନ୍ଦେହ। ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ କେନାଲ ପାଣି ବିଲ ମୁଣ୍ଡରେ ପହଞ୍ଚାଇବାର ତୁରନ୍ତ ସୁବ୍ୟବସ୍ଥା କରିବା ଦରକାର। ବ୍ଲକ କୃଷି ଅଧିକାରୀ ସୀଦ୍ଧାର୍ଥ ସାରଥି ବେହେରା କୁହନ୍ତି, ସମସୟ ସମୟରେ ବର୍ଷା ହେଉଛି। ତେଣୁ ଏବେ ତଳିର କୌଣସି କ୍ଷତି ହୋଇନାହିଁ। ଏଭଳି ପରିସ୍ଥିତି ଲାଗି ରହିଲେ ପ୍ରଭାବିତ ହେବା ଆଶଙ୍କା କରାଯାଇପାରେ। କେନ୍ଦୁପାଟଣା ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ମନୋଜ ବେହେରା କୁହନ୍ତି, ମୁଖ୍ୟ କେନାଲରେ ପାଣି ଛଡାଯାଇଛି। ଶାଖା କେନାଲ ସଫେଇ କାର୍ଯ୍ୟ ତ୍ୱରାନିତ ହୋଇଛି। ଦିନେ ଦୁଇ ଦିନ ମଧରେ ସମସ୍ତ କେନାଲର ଶେଷ ମୁଣ୍ଡରେ ପାଣି ପହଞ୍ଚିବା ପାଇଁ ବ୍ୟବସ୍ଥା କରାଯାଉଛି।



ବର୍ଷା ଅଭାବରୁ କେନାଲ ପାଣି ଆସୁନାହିଁ। ତଳି ଘେରା ଫାଟି ଆଁ କରିଛି।

■ଚାଷକାର୍ଯ୍ୟ ବିଳମ୍ବ, ଚିନ୍ତାରେ ଚାଷୀ
■ଜଳସମ୍ପଦ ବିଭାଗ ଦୃଷ୍ଟିଦେବାକୁ ଦାବି
■ବିଳମ୍ବରେ ମୌସୁମୀ ଆସିଥିବାରୁ ଭଲ ବର୍ଷା ହେବା ଆଶଙ୍କା କରାଯାଉଥିଲା

### ସର୍ବଦଳୀୟ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ ଜାରି

ବଡମ୍ବା,୨୨।୭(ଡି.ଏନ.ଏ.)

ବଡ଼ମ୍ବାରେ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା, ବଡ଼ମ୍ବାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା, ମାଣିଆବନ୍ଧ ଫାଣ୍ଡିକୁ ଥାନା ମାନ୍ୟତା ପ୍ରଦାନ ଦାବି ସହିତ ସରକାରଙ୍କ ପ୍ରସ୍ତାବିତ ବଡ଼ମ୍ବା ଉପକାରାଗାରକୁ ବନ୍ଦ କରାଯିବାକୁ ବିରୋଧ କରି ବଡ଼ମ୍ବା ସର୍ବଦଳୀୟ କ୍ରିୟାନୁଷ୍ଠାନ କମିଟିର ଚାଲିଥିବା ଆନ୍ଦୋଳନ ଜାରି ରହିଛି। ପ୍ରତ୍ୟହ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କମିଟି କର୍ମକର୍ତ୍ତା ଧାରଣାଦେବବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଅନ୍ୟପକ୍ଷରେ ଆନ୍ଦୋଳନ ଦୀର୍ଘଦିନ ଧରି ଜାରି ରହିଥିଲେ ମଧ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନର ଅବହେଳାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଦୁଇଦିନ ତଳେ ହୋଇଥିବା ବୈଠକରେ ଉପସ୍ଥିତ କର୍ମକର୍ତ୍ତା ପ୍ରକାଶ କରିଥିଲେ। ସେହିପରି ଏହାର କଠୋର ନିଷ୍ପତ୍ତି ପାଇଁ ବୁଧବାର ଚୂଡାନ୍ତ ବୈଠକ ଡକାଯାଇଥିବା ସର୍ବଦଳୀୟ କମିଟି ସଭାପତି କୈଳାସଚନ୍ଦ୍ର ଜେନା ଓ ସମ୍ପାଦକ ପରେଶ ମହାନ୍ତି ସୂଚନା ଦେଇଛନ୍ତି।

## ଧବଳେଶ୍ୱରଙ୍କୁ ଜଳ ଲାଗିକଲେ ୭ହଜାର କାଉଡ଼ିଆ

ଖୁଣ୍ଟୁଣୀ,୨୨।୭(ଡି.ଏନ୍.ଏ.)

ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାରରେ ଆଠଗଡ଼ର ଐତିହାସିକ ଶୈବ ପୀଠ ଧବଳେଶ୍ୱରଙ୍କ ଠାରେ ପ୍ରାୟ ୭ହଜାର କାଉଡ଼ିଆ ଜଳଲାଗି କରିଥିବା ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ରାତି ପ୍ରାୟ ୨ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି, ସ୍ନାନ ନୀତି ଓ ଅନ୍ୟ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଏହା ପରେ ୩ଟା ରୁ ଭକ୍ତମାନଙ୍କ ଦର୍ଶନ ଲାଗି ଦ୍ୱାର ଖୋଲାଯାଇଥିଲା ବୋଲି ନୀତି ପାଳିଆ ସେବାୟତ ଅଭିରାମ ପତ୍ରୀ କହିଛନ୍ତି। ଚଳିତବର୍ଷ ଆଠଗଡ ଦେବୋତ୍ତର ପ୍ରଶାସନ ପକ୍ଷରୁ ପ୍ରଥମଥର କାଉଡିଆଙ୍କ ବାହୁଙ୍ଗି ରଖିବାକୁ ଖୁଲା ପୋଲ ବାହାରେ ବ୍ୟବସ୍ଥା କରାଯାଇଥିଲା। ମାତ୍ର କେତେଜଣ କାଉଡିଆ ଏହି ନିୟମ ନ ମାନି ଖୁଲା ପୋଲରେ ବାହୁଙ୍ଗି ନେଇଯାଉଥିବା ଦେଖାଯାଇଥିଲା। କାଉଡିଆମାନେ ଧାଡ଼ିରେ ଯାଇ ମନ୍ଦିର ବାହାରେ ଥିବା ଲିଙ୍ଗରେ ଜଳଲାଗି କରିଥିଲେ। ପ୍ରତିବର୍ଷ ଅପରାହ୍ନ ପ୍ରାୟ ୩ଟା ପର୍ଯ୍ୟନ୍ତ କାଉଡିଆଙ୍କ ଭିଡ ଲାଗି ରହୁଥିବା ବେଳେ ଚନ୍ଦ୍ରଗ୍ରହଣ ସପ୍ତାହ ଯୋଗୁ ପୂର୍ବାହ୍ନ ୧୦ଟା ରୁ ଭିଡ଼ ଦେଖିବାକୁ ମିଳି ନ ଥିଲା। ଶାନ୍ତିଶୃଙ୍ଖଳା ପାଇଁ ଗୁରୁଡିଝାଟିଆ ଥାନା ଅଧିକାରୀ ବିଜୟ କୁମାର ବିସି, ଧବଳେଶ୍ୱର ଫାଣ୍ଡି ଅଧିକାରୀ ଶଙ୍କର୍ଷଣ ମିଶ୍ର, ଥାନାର ସମସ୍ତ କର୍ମଚାରୀଙ୍କ ସମେତ ୧ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ପୀଠରେ ଆଠଗଡ ସହକାରୀ ଉପଜିଲାପାଳ ଶିବାଶିଷ ପରିଡା, ଅତିରିକ୍ତ ତହସିଲଦାର ସୁଧାଂଶୁ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସୋମବାର ତିଗିରିଆ ବ୍ଲକ ଐଶାନେଶ୍ୱର ଶୈବପୀଠ ସମ୍ମୁଖ ମହାନଦୀରୁ କାଉଡ଼ିଆମାନେ ଜଳ ଉଠାଇବା ପାଇଁ ପୂଜାର୍ଚ୍ଚନା କରୁଛନ୍ତି।

## କଂଗ୍ରେସର ସମୀକ୍ଷା ବୈଠକ




ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀ ।

ଲଳିତଗିରି,୨୨।୭(ସ୍ୱ.ପ୍ର.)

ଓଳାଶୁଣି ପୀଠ ପରିସରରେ ମାହାଙ୍ଗା କଂଗ୍ରେସର ଏକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଦେବେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥିଭାବେ ପିସିସି ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ବେଉରା ଯୋଗଦେଇ ଦଳର ପରାଜୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା କଂଗ୍ରେସ ଉପସଭାପତି ପ୍ରବୀଣ କାନୁନ୍‌ଗୋ, ସମ୍ପାଦକ ଭାସ୍କର ଚନ୍ଦ୍ର ବେହେରା, ଆଇନଜୀବୀ ଚିତ୍ତରଞ୍ଜନ ରାଉତରାୟ, ପ୍ରଦୀପ୍ତ ଭୂୟାଁ, ରଘୁନାଥ ଶତପଥୀ, ଜୋନ କଂଗ୍ରେସ ସଭାପତି ବିଜୟ ମହାପାତ୍ର, ଅଲେଖ ପ୍ରସାଦ ସ୍ୱାଇଁ ଓ ଦେବେନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଦଳ କିପରି ସୁଦୃଢ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିବା ସହ ପରାଜୟ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଯୁବ, ଛାତ୍ର, ମହିଳା, ଦଳିତ ଓ ସଂଖ୍ୟା ଲଘୁଙ୍କୁ ଗୁରୁତ୍ୱ ଦେବା ଓ ପ୍ରତି ପଞ୍ଚାୟତରେ କମିଟି ଗଠନ କରିବା ପାଇଁ ବୈଠକରେ ମତପ୍ରକଶ ପାଇଥିଲା। ଏଥିରେ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

### କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ

ବାଙ୍କୀ,୨୨।୭(ସ୍ୱ.ପ୍ର.)

ବାଙ୍କୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ୪୨ତମ ଶ୍ରାଦ୍ଧ ଦିବସ ପ୍ରତିଭା ବିକାଶ କେନ୍ଦ୍ରର କବିଚନ୍ଦ୍ର ଭବନଠାରେ ସୋମବାର ପାଳିତ ହୋଇଛି। ପ୍ରଥମେ ପରିଷଦ ପରିସରରେ ସ୍ଥାପିତ କବିଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ପରେ ଏକ ଶ୍ରଦ୍ଧାଞ୍ଜଳି ସଭା ପରିଷଦ କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉପସଭାପତି ପ୍ରାଧ୍ୟାପକ ମନୋଜ ମହାପାତ୍ର କବିଚନ୍ଦ୍ରଙ୍କ ଓଡ଼ିଶୀ ନୃତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥିଭାବେ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ବେଣୁଧର କର, ବିଜୟ ଦୀକ୍ଷିତ, କବି ନବକିଶୋର ମହାରଣା, ଦୀପକ ସାମନ୍ତରା, ସତ୍ୟବ୍ରତ ବେହେରା, କମଳକାନ୍ତ ପ୍ରହରାଜ, ଅମୂଲ୍ୟ ପ୍ରଧାନ ପ୍ରମୁଖ ଯୋଗଦାନ କରି କବିଚନ୍ଦ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନୃତ୍ୟ ଶିକ୍ଷକ ମହେଶ ନାୟକ ଧନ୍ୟବାଦ ଦେଇଥିଲେ।

## ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଦିଗହରା

ସାଲେପୁର,୨୨।୭(ଡି.ଏନ.ଏ.)

ଗ୍ରାମାଞ୍ଚଳ ଗୋଚାଷୀଙ୍କୁ ୨୪ ଘଣ୍ଟିଆ ଚିକିତ୍ସା ସୁବିଧା ଯୋଗାଇଦେବାକୁ ସରକାର ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା ସାଲେପୁର ବ୍ଲକରେ ଦିଗହରା ହୋଇଛି। ଏପରି କି ସାଲେପୁର ପ୍ରାଣୀଧନ ଚିକିତ୍ସାଳୟକୁ ଯୋଗାଇ ଦିଆଯାଇଥିବା ମୋବାଇଲ୍ ଭ୍ୟାନ୍ ଠିକ୍ ସମୟରେ ଗୋଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ଫଳରେ ଚାଷୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ କେତେଜଣ ବିଭାଗୀୟ ଅଧିକାରୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ଯୋଜନା ଦିଗହରା ହୋଇଥିବା ଅଭିଯୋଗ ହୋଇଛି। ବ୍ଲକର ଦୁର୍ଗମ ଅଞ୍ଚଳ ଏବଂ ଯେଉଁ ସବୁ ଅଞ୍ଚଳରେ ପ୍ରାଣୀ ସହାୟକ କେନ୍ଦ୍ର ନ ଥିବ ସେହିସବୁ ଅଞ୍ଚଳକୁ ମୁଖ୍ୟମନ୍ତ୍ରୀଙ୍କ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ଗାଡ଼ିଯାଇ ଗାଈ, ଗୋରୁ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁଙ୍କୁ ସେବା ଯୋଗାଇ ଦେବା କଥା। ହେଲେ ଏଠାରେ ତାହା ହୋଇ ପାରୁନାହିଁ। ଭ୍ରାମ୍ୟମାଣ ଗାଡ଼ି ପ୍ରତି ମାସରେ ୨୦ଦିନ ଦୁର୍ଗମ ଅଞ୍ଚଳ ଗସ୍ତକରି ସେବା ଯୋଗାଇବା ନିୟମ ଥିଲାବେଳେ ଉକ୍ତ ଗାଡ଼ି ବହୁ ସମୟ ଧରି ପ୍ରାଣୀଧନ ଚିକିତ୍ସାଳୟ କେନ୍ଦ୍ରରେ ରହୁଛି। ଏପରି କି ଅନେକ ଗୋଚାଷୀ ଏହି ଯୋଜନା ବିଷୟରେ ଜାଣି ନ ଥିବା ଅଭିଯୋଗ କରିଛନ୍ତି। ଏହି ସେବା ବାବଦରେ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିଲେ ମଧ ତାହା ଲୋକଙ୍କ କାମରେ ଆସୁନାହିଁ। କେବଳ କାଗଜ କଲମରେ ଯୋଜନା ଚାଲୁଥିବା ଜଣାପଡ଼ିଛି। ତେଣୁ ଉକ୍ତସେବାକୁ ଠିକ୍‌ରେ କାର୍ଯ୍ୟକାରୀ କରିବାକୁ ସାଲେପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଦିଲୀପ ଦାଶଙ୍କ ସମେତ ଅନେକ ଗୋଚାଷୀ ବିଭାଗୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ସାଲେପୁର ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ବିବେକାନନ୍ଦ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଯେଉଁ ଅଭିଯୋଗ ହୋଇଛି ତାହା ଠିକ୍ ନୁହେଁ। ଭ୍ରାମ୍ୟମାଣ ଗାଡ଼ି ଠିକ୍‌ରେ ସେବା ଯୋଗାଉଛି।




ପ୍ରାଣୀ ଚିକିତ୍ସା ପାଇଁ ଥିବା ମୋବାଇଲ୍ ଭ୍ୟାନ୍।

## ଗ୍ରୀନ୍ ଭିଜନ୍‌ର ପରିବେଶ, ସାଂସ୍କୃତିକ ମହୋତ୍ସବ

ସାଲେପୁର,୨୨।୭(ଡି.ଏନ.ଏ.)

ସାଲେପୁର ଗ୍ରୀନ୍ ଭିଜନ ପକ୍ଷରୁ ମଧୁସ୍ମୃତି ମଣ୍ଡପଠାରେ ପରିବେଶ ଓ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ବଳରାମ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତି ଯୋଗଦେଇ ଗାନ୍ଧୀଙ୍କ ବଳିଦାନ ସମ୍ପର୍କରେ ବିଭିନ୍ନ ଅନୁଷ୍ଠାନ ପତ୍ରପତ୍ରିକା ପ୍ରକାଶନ କରି ବିଦ୍ୟାଳୟ ଏବଂ କଲେଜ ପାଠାଗାରକୁ ପ୍ରଦାନ କଲେ ଆସନ୍ତା ପିଢ଼ି ଦେଶପ୍ରେମରେ ଉଦ୍‌ବେଳିତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଅକ୍ଷୟ ଦାଶ, ସମ୍ମାନିତ ଅତିଥି ଭବାନୀ ପ୍ରସାଦ ପଣ୍ଡା, ଡ. ପୂର୍ଣ୍ଣଚନ୍ଦ୍ର ଓଝା, କଟକ ଜିଲା ବିଜ୍ଞାନ ନିରୀକ୍ଷକ ଅକ୍ଷୟ ଷଡ଼ଙ୍ଗୀ, ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରୀ ଜଗବନ୍ଧୁ ଶତପଥୀ, ରଜନୀକାନ୍ତ ଦାଶ ଯୋଗଦେଇ ଗ୍ରୀନ ଭିଜନର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ 'ସବୁଜ କଲ୍ଲୋଳ – ଗାନ୍ଧୀ–୧୫୦'ପୁସ୍ତକ ଲୋକାର୍ପଣ କରାଯାଇଥିଲା। ବିପିନ ବିହାରୀ କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୁସ୍ତକର ସହସମ୍ପାଦକ ପ୍ରମୋଦ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସ୍ମୃତିରଞ୍ଜନ ପଟ୍ଟନାୟକ, ବିଶ୍ୱରଞ୍ଜନ ସାହୁ, ଦେବେନ୍ଦ୍ରନାଥ ନାୟକ, ଭାବଗ୍ରାହୀ ରାଉତ, ପଣ୍ଡିତ ରବିନାରାୟଣ ମିଶ୍ରଙ୍କ ସମେତ ବହୁ ଶିକ୍ଷାବିତ୍ ଏବଂ ପରିବେଶପ୍ରେମୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ନିରଞ୍ଜନ ବେହେରା, ରବିନ୍ଦ୍ରନାଥ ସେଠୀ, ବଳରାମ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି 'ସବୁଜ କଲ୍ଲୋଳ – ଗାନ୍ଧୀ–୧୫୦'ପୁସ୍ତକ ଲୋକାର୍ପଣ କରୁଛନ୍ତି।

## ୧୬୧ ଅଭିଯୋଗ ଶୁଣିଲେ ଜିଲାପାଳ

ବାଙ୍କୀ,୨୨।୭(ସ୍ୱ.ପ୍ର./ବି.ପ୍ର.)

ବାଙ୍କୀ ଉପଖଣ୍ଡ ଅଧୀନ ଡମପଡ଼ା ବ୍ଲକ ସଭାଗୃହରେ ସୋମବାର କଟକ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନି ଯୋଗଦେଇ ୧୬୧ଟି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗ୍ରାମ୍ୟ ପାନୀୟ ଜଳ, ନଳକୂପ ସ୍ଥାପନ, ବିଦ୍ୟୁତ୍ ଯୋଗାଣ,ରାସ୍ତା ନିର୍ମାଣ, ରାଶନ କାର୍ଡ଼, ଡାକ୍ତରଖାନାରେ ଡାକ୍ତର ନ ଥିବା, ମହାନଦୀ ବନ୍ଧକୁ ସୁଦୃଢ଼ କରିବା, ବାସହୀନଙ୍କୁ ଜମି ପ୍ରଦାନ, ଦିବ୍ୟାଙ୍ଗଙ୍କୁ ଭତ୍ତା ଓ ଫନୀ ବାତ୍ୟାର ଘରଭଙ୍ଗା ସହାୟତା ସମ୍ପର୍କିତ ଅଭିଯୋଗ ଆସିଥିଲା।

ଅଭିଯୋଗ ପାଇବାର ୧୫ଦିନ ଭିତରେ ଅଭିଯୋଗକାରୀଙ୍କୁ ସେମାନଙ୍କ ଅଭିଯୋଗ ସମ୍ପର୍କରେ ଉତ୍ତର ଦେବାପାଇଁ ଜିଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖାଲି ଚିଠି ଲେଖିଦେଇ ଅଧିକାରୀମାନେ ନିଶ୍ଚିତ ନ ହୋଇ ଚିଠିକୁ ତଦ୍‌ବିର କରି ଅଭିଯୋଗକାରୀଙ୍କ ସମସ୍ୟା ସମାଧାନ କରିବା ପାଇଁ ତାଗିଦ କରିଛନ୍ତି। ଶିବିରରେ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ, ବାଙ୍କୀ ତହସିଲଦାର ପଦ୍ମଲୋଚନ ସାହୁ, ଡମପଡ଼ା ତହସିଲଦାର ଇନ୍ଦିରା ସାହୁ, କଟକ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତ ରାୟ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହମଦ୍ ଅବ୍ ଦଲ୍ ଅକ୍ମାଦ୍, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଭୁତି ଭୂଷଣ ନାୟକ, ଡମପଡ଼ା ବ୍ଲକ ଚେୟାରମ୍ୟାନ ଶଶାଙ୍କ ଶେଖର ସ୍ୱାଇଁ, ବାଙ୍କୀ ବିଡିଓ ପ୍ରଭାତ ଚନ୍ଦ୍ର ସାହୁ, କଟକ ଗ୍ରାମାଞ୍ଚଳ ଏସ୍.ପି ରାଧାବିନୋଦ ପାଣିଗ୍ରାହୀ, ବାଙ୍କୀ ସମବାୟ ସର୍କଲ ଏଆରସିଏସ୍ ସରୋଜ କାନ୍ତ ଜେନା, ଉପଖଣ୍ଡ ପୋଲିସ୍‌ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ବାଙ୍କୀ ଏନ୍.ଏ.ସି କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟ ମହପାତ୍ର, ଉପଖଣ୍ଡ ଚିକିତ୍ସା ଅଧିକାରୀ ଧୂଳେଶ୍ୱର ପ୍ରଧାନଙ୍କ ସମେତ ଉପଖଣ୍ଡର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଡମପଡ଼ା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା ଓ ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡମପଡ଼ା ବ୍ଲକ ଅତିରିକ୍ତ ଉନ୍ନୟନ ଅଧିକାରୀ ପ୍ରଦୀପ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣାଣି କରୁଛନ୍ତି।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡିଥାଏ ।

-ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଆମ୍ବେଡକର ଉନ୍ନୟନ ପରିଷଦର ଧାରଣା

**କଟକ ସଦର,୨୨।୭(ଡି.ଏନ୍.ଏ.):** ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ସୁବ୍ରାଜ ଆଚାର୍ଯ୍ୟଙ୍କ ପରିବାରକୁ କ୍ଷତିପୂରଣ ଦାବିରେ କଟକ ସଦର ଆମ୍ବେଡକର ଉନ୍ନୟନ ପରିଷଦ ପକ୍ଷରୁ ସୋମବାର ଠାରୁ ବେଣ୍ଟକାର ସେସୁ ସେକ୍‌ସନ ଅଫିସ ଆଗରେ ଗଣ ଧାରଣା ଆରମ୍ଭ ହୋଇଛି। ଏହି ଧାରଣା ଦାବି ପୂରଣ ହେବା ପର୍ଯ୍ୟନ୍ତ ଚାଲିବ ବୋଲି ପରିଷଦ ସଭାପତି ଡା. ଅଜୟ୍ କୁମାର ପତି, ଉପସଭାପତି ପ୍ରଭାତ କମାର ଖଟୁଆ, ସାଧାରଣ ସମ୍ପାଦକ ପ୍ରାଣକୃଷ୍ଣ ଭୋଇ, ହେମଲତା ଭୋଇ, ପଦ୍ମଲୋଚନ ସାହୁ ପ୍ରମୁଖ କହିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଧାରଣାସ୍ଥଳକୁ ସେସୁର କୌଣସି ଯନ୍ତ୍ରୀ ଆସି ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ସେସୁ ନାମରେ କଟକ ସଦର ଥାନାରେ ଏକ ମାମଲା(ନଂ.୨୯୪/୧୪) ରୁଜୁ ହୋଇଥିବାରୁ ଅଦାଲତର ଚୂଡାନ୍ତ ରାୟକୁ ଅପେକ୍ଷା କରିବାକୁ ପଡିବ ବୋଲି ସହକାରୀ ସାଧାରଣ ପରିଚାଳକଙ୍କ କାର୍ଯ୍ୟାଳୟର ଜନୈକ ଯନ୍ତ୍ରୀ ନିଜର ନାମ ଗୋପନ ରଖି କହିଛନ୍ତି।

### ଜନ ଅଭିଯୋଗ ଶୁଣାଣି ଶିବିର

**ଚୌଦ୍ୱାର,୨୨।୭(ଡି.ଏନ୍.ଏ.):** ଟାଙ୍ଗି-ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସାଧାରଣ ଅଭିଯୋଗ ଓ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗି-ଚୌଦ୍ୱାର ବ୍ଲକ ବିଡିଓ ବିନୋଦ ସେନାପତି, ସମବାୟ ସମ୍ପ୍ରସାରଣ ଅଧିକାରୀ ରମେଶ ଚନ୍ଦ୍ର ଦଲାଲ, ଯୋଗାଣ ଅଧିକାରୀ ବିବେକାନନ୍ଦ ସାହୁ ଓ ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀ ଦୀପକ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ପଞ୍ଚାୟତବାସୀଙ୍କ ବିଭିନ୍ନ ଅଭିଯୋଗ ଶୁଣିବା ସହିତ ହିତାଧିକାରୀଙ୍କ ଲିଖିତ ଆପତ୍ତି ଅଭିଯୋଗ ଗ୍ରହଣ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଠିକ୍ ସମୟରେ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁ ନ ଥିବା ବହୁ ଲୋକ ଅଭିଯୋଗ କରିଥିଲେ।

### ୪୨ ମୌଜା ବିକାଶ ପରିଷଦ ବୈଠକ

**କଟକ ସଦର,୨୨।୭(ଡି.ଏନ୍.ଏ.)-** ୪୨ମୌଜା ବିକାଶ ପରିଷଦର ସାଧାରଣ ବୈଠକ ରବିବାର ଧୂଳେଶ୍ୱର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଆଇନଜୀବୀ କେଶବ ଚନ୍ଦ୍ର କରଙ୍କ ପୌରହତ୍ୟରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଅଞ୍ଚଳର ଉନ୍ନତି ପାଇଁ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମେଧା ପ୍ରତିଭା ସମ୍ମାନର ସଫଳତା ଉପରେ ଆଲୋଚନା କରାଯିବା ସହ ସମସ୍ତ ଜାତୀୟ ଦିବସକୁ ପାଳନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ଶିଳ୍ପୀ ସତ୍ୟରଞ୍ଜନ ମୁଦୁଲିଙ୍କୁ ସମ୍ମାନିତ କରାଯାଇଥିଲା। ପରିଷଦ ସମ୍ପାଦକ ସନ୍ତୋଷ ପତି, ଗୌତମ ପରିଡା, ସୁରେଶ ଦେବତା, ଅଶୋକ ବିଶ୍ୱାଳ, ସେକ କଲିମୁଲା, ସ୍ୱାଧୀନ ଶେଖର ଷଡଙ୍ଗୀ, ଗଣେଶ୍ୱର ଦାଶ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ଫାଟିଲା ଟ୍ରକ୍ ଚକା, ଯୁବକ ଗୁରୁତର

**ଚୌଦ୍ୱାର,୨୨।୭(ଡି.ଏନ୍.ଏ.):** ୫୫ନଂ. ଜାତୀୟ ରାଜପଥର ଚୌଦ୍ୱାର ସହରାଞ୍ଚଳ ଗାନ୍ଧୀଛକଠାରେ ସୋମବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଏହା ସହ କାରରେ ବସିଥିବା ଜଣେ ମହିଳା ଆହତ ହୋଇଥିବା ଜଣାପଡ଼ିଛି। ଉଭୟ ଗୁରୁତର ଓ ଆହତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ମଙ୍ଗୁଳି ପଟୁ ଅନୁଗୋଳ ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ଓଆର ୦୫ ଏସି ୩୩୨୩)ର ଆଗପଟ ଡାହାଣ ଚକା ଗାନ୍ଧୀଛକଠାରେ ହଠାତ୍ ଫାଟିଯିବାରୁ ଡାହାଣ ପଟକୁ ମାଡ଼ିଯାଇ ରାସ୍ତା ପାର୍ଶ୍ୱ ଛିଡ଼ା ହୋଇଥିବା ଏକ କାର୍‌କୁ ଧକ୍କା ଦେଇଥିଲା। ଫଳରେ କାର ପ୍ରାୟ ୧୦୦ମିଟର ପଛକୁ ଗଡ଼ି ଯାଇଥିଲା। କାରରେ ବସିଥିବା ନିକଟସ୍ଥ କୁଜିବର ଗ୍ରାମର ଗୀତାରାଣୀ ଦାସ(୫୫) ଆହତ ହୋଇଥିଲେ। ଏହି ସମୟରେ ରାସ୍ତା କଡ଼ରେ ସାଇକେଲରେ ଯାଉଥିବା ମୁଣ୍ଡମାଳ ଗ୍ରାମର ଆଦିତ୍ୟ ବେହେରାଙ୍କୁ ଉକ୍ତ ଗାଡ଼ି ଧକ୍କା ଦେବାରୁ ସେ ସାଇକେଲରୁ ଖସି ଗୁରୁତର ହୋଇଥିଲେ। ଧକ୍କାରେ କାରର ଆଗପଟ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଖବରପାଇ ପୋଲିସ ପହଞ୍ଚିବା ସହ ଘଟଣାର ତଦନ୍ତ ଚଳାଇଛି।

# ବିଳମ୍ବରେ ବିଲ୍ ଆଦାୟ କରି ଠକୁଛି ସେସୁ

- ହିତାଧିକାରୀଙ୍କ ଉପରେ ଦେୟ ବଢ଼ିବାରେ ଲାଗିଛି
- ବରିଷ୍ଠ ନାଗରିକ ଓ ମହିଳା ବିଲ୍ ପୈଠରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି

**ଚୌଦ୍ୱାର, ୨୨।୭(ଡି.ଏନ୍.ଏ.)**

ଚାରବାଟିଆ, ହାଉସିଂବୋର୍ଡ଼, ଟେନାମେଣ୍ଟ, ବିରାଟ ବଜାର ପ୍ରଭୃତି ଅଞ୍ଚଳରୁ ଗତ ୩ମାସ ହେବ ବିଦ୍ୟୁତ୍ ବିଲ୍ ଆଦାୟ ହେଉନାହିଁ। ଫଳରେ ହିତାଧିକାରୀଙ୍କ ଉପରେ ଦେୟ ଦିନକୁ ଦିନ ବଢ଼ି ଚାଲିଥିବାରୁ ସେମାନେ ଚିନ୍ତାରେ ରହିଛନ୍ତି। ଏହି ସବୁ ଅଞ୍ଚଳରେ ବିଦ୍ୟୁତ୍ ଲାଇନ୍ ମେଣ୍ଟେନାନ୍ସ, ମିଟର ରିଡିଂ, ବିଦ୍ୟୁତ୍ ଦେୟ ବିଲିଂ ଓ ବିଲ୍ ଆଦାୟ କରୁଥିବା ଆରୟୁପିଏଲ୍ (ରିଭର ସାଇଡ଼ ୟୁଟିଲିଟି ପ୍ରାଇଭେଟ ଲିମିଟେଡ଼) ସଂସ୍ଥାର କାର୍ଯ୍ୟକାଳ ଗତ ମାର୍ଚ୍ଚ ୩୧ ତାରିଖରେ ଶେଷ ହୋଇଯିବା ପରେ ସେସୁ ଏସବୁ ଦାୟିତ୍ୱ ତୁଲାଉଛି। ଲଗାତାର ଭାବେ ୨ରୁ ୩ମାସ ଅନ୍ତରାଳରେ ଏପରି କରି ବିଳମ୍ବରେ ବିଲ୍ ଆଦାୟ କରି ସେସୁ ଉପଭୋକ୍ତା ମାନଙ୍କୁ ବିଭିନ୍ନ ଉପାୟରେ ଠକୁଥିବା ସାଧାରଣରେ ଅଭିଯୋଗ ହେଉଛି।

ସେସୁ ତରଫରୁ ଅପ୍ରେଲ ମାସଠାରୁ ଲୋକ ମାନଙ୍କ ଘରେ ବସିଥିବା ମିଟର ରିଡିଂ ନିୟମିତ ଭାବେ କରା ନ ଯାଇ ୨/୩ ମାସ ଅନ୍ତରରେ କରାଯାଉଛି। ୩ମାସରୁ ଉର୍ଦ୍ଧ୍ୱହେବ ହିତାଧିକାରୀଙ୍କ ଠାରୁ ବିଲ୍ ଆଦାୟ କରାଯାଇ ନାହିଁ। ଫଳରେ ହିତାଧିକାରୀଙ୍କ ଉପରେ ବିଦ୍ୟୁତ୍ ଦେୟ ବଢ଼ିବାରେ ଲାଗିଛି। ନିୟମ ଅନୁସାରେ ମାସକୁ ୫୦ ୟୁନିଟରୁ କମ୍ ବିଦ୍ୟୁତ୍ ବ୍ୟବବହାର କେଲେ ୟୁନିଟ ପିଛା ୨ଟଙ୍କା ୫୦ ପଇସା, ୫୦ରୁ ୧୦୦ୟୁନିଟ ପାଇଁ ୪ଟଙ୍କା ୬୦ ପଇସା ଏବଂ ତାଠାରୁ ଅଧିକ ୟୁନିଟ ବିଦ୍ୟୁତ୍ ବ୍ୟବହାର ପାଇଁ ୟୁନିଟ୍ ପିଛା ୫ଟଙ୍କା ୫୦ ପଇସା ଉପଭୋକ୍ତାଙ୍କୁ ଦେବାକୁ ପଡ଼ିଥାଏ। ସେସୁ ତରଫରୁ ୨/୩ ମାସରେ ଥରେ ମିଟର ରିଡିଂ କରାଯାଉଥିବାରୁ ବିଲ୍‌ରେ ମୋଟ ୟୁନିଟ ୫୦ ୟୁନିଟରୁ ଅଧିକ ହୋଇ ଯାଉଥିବାରୁ ୨ଟଙ୍କା ୫୦ କିମ୍ବା ୪ଟଙ୍କା ୬୦ ଠାରୁ ଅଧିକ ଦେୟ ଉପଭୋକ୍ତାଙ୍କଠାରୁ ଆଦାୟ କରାଯାଉଥିବା ବହୁ ଉପଭୋକ୍ତା ଅଭିଯୋଗ କରିଛନ୍ତି। ଆରୟୁପିଏଲର କର୍ମଚାରୀ ମାନେ ଘର ମାନଙ୍କରେ ମିଟର ରିଡିଂ ଓ ବିଲିଂ କରି ଉପଭୋକ୍ତାଙ୍କ ଘରୁ ବିଲ୍ ଆଦାୟ କରୁଥିଲେ। ଏବେ ସେସୁ ଅଫିସରେ ବିଲ ପୈଠ କରିବାକୁ କୁହାଯାଇଥିବାରୁ ବହୁ ବରିଷ୍ଠ ନାଗରିକ ଓ ମହିଳା ଉପଭୋକ୍ତା ବିଲ୍ ପୈଠ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେସୁ ଅଫିସକୁ ବିଲ ପୈଠ କିମ୍ବା ବିଦ୍ୟୁତ୍ ସମ୍ପର୍କିତ କୌଣସି ଅଭିଯୋଗ ପାଇଁ ଯିବାକୁ ହେଲେ ଗେଟରେ ଆଧାର କିମ୍ବା ଭୋଟ ପରିଚୟ ପତ୍ର ଏବଂ ସେସୁ ଅଫିସକୁ ଯିବାପାଇଁ ପ୍ରାମାଣିକ ତଥ୍ୟ ନ ଦେଲେ ଉପଭୋକ୍ତାଙ୍କୁ ଛଡ଼ା ଯାଉ ନ ଥିବାବାରୁ ସେମାନେ ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି। ସେସୁ କର୍ତ୍ତୃପକ୍ଷ ତୁରନ୍ତ ଏସବୁ ଦିଗରେ ଉଚିତ୍ ପଦକ୍ଷେପ ନେଇ ଉପଭୋକ୍ତା ମାନଙ୍କୁ ଶୋଷଣରୁ ମୁକ୍ତ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି। ଏନେଇ ଚାରବାଟିଆ ସେସୁ ଦାୟିତ୍ୱରେ ଥିବା ଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ରଙ୍କୁ ପଚାରିବାରେ ସମସ୍ୟ ସମ୍ପର୍କରେ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଇବେ ବୋଲି କହିଥିଲେ ।

# କଟକ ଯୁବ ସ୍ୱେଚ୍ଛାସେବୀଙ୍କ ଚାରା ରୋପଣ ଅଭିଯାନ



**କଟକ, ୨୨।୭**

କଟକସ୍ଥିତ ସତ୍ୟବ୍ରତ ଷ୍ଟାଡିୟମଠାରେ ଯୁବ ସ୍ୱେଚ୍ଛାସେବୀଙ୍କ ଉଦ୍ୟମରେ ଦ୍ୱିତୀୟ ପର୍ଯ୍ୟାୟ ଚାରା ରୋପଣ ଅଭିଯାନ ଆରମ୍ଭ ହୋଇଛି। ଓଲିଉଡ ଅଭିନେତା ଅରିନ୍ଦମ ରୟ ଏହାର ଶୁଭାରମ୍ଭ କରିଛନ୍ତି। ରୟ ସ୍ୱେଚ୍ଛାସେବୀଙ୍କ ସହ ମିଶି ଷ୍ଟାଡିୟମ ପରିସରରେ ଚାରା ରୋପଣ କରିବା ସହ ଏହାର ରକ୍ଷଣାବେକ୍ଷଣ ନେଇ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ସଞ୍ଜୟ ଦାସ, ଶିବ ଶଙ୍କର ସିଂହ, ସନ୍ତୋଷ ସାହୁ, ସୁଧାସୁଂ ସ୍ୱାଇଁ, ସଂଗ୍ରାମ, ଆଦିତ୍ୟ ମହାରଣା, ଟୁନା ସାହୁ, ନୁର ଅଲ୍ଲୀ, ହାପି ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଚୋରି ହୋଇଥିବା ଯନ୍ତ୍ରପାତି ଉଦ୍ଧାର ପାଇଁ ସ୍ମାରକପତ୍ର

**କଟକ ଅଫିସ, ୨୨।୭**



କଂଗ୍ରେସ ପକ୍ଷରୁ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଏସ୍‌ସିବି ମେଡିକାଲ ଓ କଲେଜରେ ୭ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ଅଡିଟୋରିୟମ ହଲ୍ ଏବଂ ଏଥିରେ ୧ କୋଟି ଟଙ୍କା ବ୍ୟୟରେ ସାଉଣ୍ଡ ସିଷ୍ଟମ ଲଗାଯିବା ନିମନ୍ତେ ଦିଲ୍ଲୀର ଏକ ଘରୋଇ ଠିକା ସଂସ୍ଥାକୁ ଟେଣ୍ଡର ଦିଆଯାଇଥିଲା। କଲେଜର ଜିଇଡି କର୍ତ୍ତୃପକ୍ଷ ଠିକା ସଂସ୍ଥାକୁ କାମ କରିବା ଲାଗି ଚାବି ହସ୍ତାନ୍ତର କରିଥିଲେ। ହେଲେ ସେ କୌଣସି କାମ ନ କରି ରହି ଯାଇଥିଲା। ଏଥିମଧ୍ୟରେ ଅଡିଟୋରିୟମରୁ ୩୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଯନ୍ତ୍ରପାତି ଚୋରି ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାର ୩ ଦିନ ପରେ କଲେଜ କର୍ତ୍ତୃପକ୍ଷ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରି ଚୁପ ହୋଇ ବସି ରହିଛନ୍ତି। ଏ ନେଇ ପୋଲିସ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କୁ ଗିରଫ କରିବା, ଅଡିଟୋରିୟମ ହଲ୍ ଓ ସାଉଣ୍ଡ ସିଷ୍ଟମ୍‌କୁ କାର୍ଯ୍ୟକାରୀ କରିବାକୁ ଦାବି ଜଣାଇ କଂଗ୍ରେସ ପକ୍ଷରୁ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ସୁରେଶ ମହାପାତ୍ର, ବାଙ୍କନିଧି ବେହେରା, ଲିଙ୍ଗରାଜ ସାହୁ, ବିପନ ପଶାୟତ, ରାଜେନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ତାଲିମ ସେବା ଶିବିର

**କଟକ ଅଫିସ, ୨୨।୭**

ସରଭେଣ୍ଟ ଅଫ ଇଣ୍ଡିଆ ସୋଶାଇଟିଠାରେ ଉତ୍କଳ ସେବକ ସମାଜ ଓ ବେସିକ ନିଡ୍ସ ଇଣ୍ଡିଆ ସଙ୍ଗଠନର ମିଳିତ ସହଯୋଗରେ ରବିବାର ଗ୍ରାମୀଣ ଯୁବ ଗୋଷ୍ଠୀ ମନୋବୈଜ୍ଞାନିକ ତାଲିମ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ-ଚୌଦ୍ୱାର, ସାଲେପୁର ଓ ନିଆଳି ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଯୁବ ସାମାଜିକ କର୍ମୀ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଶିଶୁ ମଙ୍ଗଳ ସମିତିର ସଭାନେତ୍ରୀ ମନ୍ଦାକିନି ଜେନା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତୀ ମହାନ୍ତି, ସରଭେଣ୍ଟ ଅଫ ଇଣ୍ଡିଆ ସୋଶାଇଟିର ସଭାପତି ଦାମୋଦର ସାହୁ ଉପସ୍ଥିତ ଥିଲେ। ଫନୀ ପ୍ରଭାବିତ ଲୋକମାନେ କିଭଳି ମାନସିକ ଚାପରୁ ବାହାରି ସାଧାରଣ ଜୀବନଯାପନ କରିପାରିବେ ସେ ନେଇ ଯୁବ ସାମାଜିକ କର୍ମୀମାନଙ୍କର ଜ୍ଞାନ ଓ ଦକ୍ଷତା ବୃଦ୍ଧି କରାଯାଇଥିଲା। ରାଜାରାମ ସୁବିୟାନ ଯୋଗଦେଇ ସାମାଜିକ କର୍ମୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରକୁ ଅନ୍ୱୟ ଅଭିନବ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମଳୟ କୁମାର ଷଡଙ୍ଗୀ ଓ ପ୍ରମୋଦ କୁମାର ଓଝା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧବଳେଶ୍ୱରଙ୍କୁ ଜଳଲାଗି କଲେ ୭ହଜାର କାଉଡ଼ିଆ

**ଖୁଣ୍ଟୁଣୀ,୨୨।୭(ଡି.ଏନ୍.ଏ.)**



ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାରରେ ଆଠଗଡ଼ର ଐତିହାସିକ ଶୈବ ପୀଠ ଧବଳେଶ୍ୱରଙ୍କ ଠାରେ ପ୍ରାୟ ୭ହଜାର କାଉଡ଼ିଆ ଜଳଲାଗି କରିଥିବା ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ରାତି ପ୍ରାୟ ୨ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି, ସ୍ନାନ ନୀତି ଓ ଅନ୍ୟ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଏହା ପରେ ୩ଟା ରୁ ଭକ୍ତମାନଙ୍କ ଦର୍ଶନ ଲାଗି ଦ୍ୱାର ଖୋଲାଯାଇଥିଲା ବୋଲି ନୀତି ପାଳିଆ ସେବାୟତ ଅଭିରାମ ପତ୍ରୀ କହିଛନ୍ତି। ଚଳିତବର୍ଷ ଆଠଗଡ ଦେବୋତ୍ତର ପ୍ରଶାସନ ପକ୍ଷରୁ ପ୍ରଥମଥର କାଉଡିଆଙ୍କ ବାହୁଙ୍ଗି ରଖିବାକୁ ଖୁଲା ପୋଲ ବାହାରେ ବ୍ୟବସ୍ଥା କରାଯାଇଥିଲା। ମାତ୍ର କେତେଜଣ କାଉଡିଆ ଏହି ନିୟମ ନ ମାନି ଖୁଲା ପୋଲରେ ବାହୁଙ୍ଗି ନେଇଯାଉଥିବା ଦେଖାଯାଇଥିଲା। କାଉଡିଆମାନେ ଧାଡ଼ିରେ ଯାଇ ମନ୍ଦିର ବାହାରେ ଥିବା ଲିଙ୍ଗରେ ଜଳଲାଗି କରିଥିଲେ। ପ୍ରତିବର୍ଷ ଅପରାହ୍ନ ପ୍ରାୟ ୩ଟା ପର୍ଯ୍ୟନ୍ତ କାଉଡିଆଙ୍କ ଭିଡ ଲାଗି ରହୁଥିବା ବେଳେ ଚନ୍ଦ୍ରଗ୍ରହଣ ସପ୍ତାହ ଯୋଗୁ ପୂର୍ବାହ୍ନ ୧୦ଟା ରୁ ଭିଡ଼ ଦେଖିବାକୁ ମିଳି ନ ଥିଲା। ଶାନ୍ତିଶୃଙ୍ଖଳା ପାଇଁ ଗୁରୁଡିଝାଟିଆ ଥାନା ଅଧିକାରୀ ବିଜୟ କୁମାର ବିସି, ଧବଳେଶ୍ୱର ଫାଣ୍ଡି ଅଧିକାରୀ ଶଙ୍କର୍ଷଣ ମିଶ୍ର, ଥାନାର ସମସ୍ତ କର୍ମଚାରୀଙ୍କ ସମେତ ୧ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ପୀଠରେ ଆଠଗଡ ସହକାରୀ ଉପଜିଲାପାଳ ଶିବାଶିଷ ପରିଡା, ଅତିରିକ୍ତ ତହସିଲଦାର ସୁଧାଂଶୁ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶୋଚନୀୟ ଅବସ୍ଥାରେ ଗୋଷ୍ଠୀ ଶୌଚାଳୟ

**କଟକ ଅଫିସ, ୨୨।୭**

କଟକ ମହାନଗର ନିଗମ (ସିଏମ୍‌ସି)ରେ ନିର୍ମିତ ହୋଇଥିବା ବିଭିନ୍ନ ଶୌଚାଳୟ ଏବେ ଶୋଚନୀୟ ସ୍ଥିତିରେ ପଡିରହିଛି। କଟକ ହେବ ସ୍ୱଚ୍ଛ ଆଉ ସୁସ୍ଥ ସହର ତାହା କାଗଜକଲମରେ ସୀମିତ ହୋଇ ରହିଯାଇଛି। ଫନୀର ଅଢେଇ ମାସ ପରେ ବି ସହରରେ ଥିବା ଏକାଧିକ ଶୌଚାଳୟ ବନ୍ଦ ହୋଇପଡ଼ିଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ୧୬ନଂ. ୱାର୍ଡର ୨ଟି ଗୋଷ୍ଠୀ ଶୌଚାଳୟ। ଖାଲି ୧୬ନଂ. ନୁହେଁ ବିଭିନ୍ନ ୱାର୍ଡରେ ଥିବା ଶୌଚାଳୟଗୁଡିକର ଗୋଟିଏ ସ୍ଥିତି ଦେଖିବାକୁ ମିଳିଥିଲା। ଏହି ଶୌଚାଳୟଗୁଡିକରେ ପାଣିର ବ୍ୟବସ୍ଥା ନ ଥିବାବେଳେ ନାହିଁ। ଶୌଚାଳୟ କବାଟ ଭାଙ୍ଗିରୁଜି ଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ୱାର୍ଡ ବାସିନ୍ଦାଙ୍କ କହିବା ଅନୁଯାୟୀ, ୱାର୍ଡରେ ଶୌଚାଳୟ ନିର୍ମିତ ହୋଇଛି। କିନ୍ତୁ ଏହା ଫନୀ ପରଠାରୁ କାର୍ଯ୍ୟକାରୀ ହୋଇପାରୁ ନାହିଁ। କୌଣସି ପ୍ରଶାସନିକ କିମ୍ବା ସିଏମ୍‌ସି ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ବୋଲି କହିଛନ୍ତି। ସହରରେ ଥିବା ୭୨ଟି ଶୌଚାଳୟ ମଧ୍ୟରୁ ୨୯ଟି ଦେୟଯୁକ୍ତ ଥିବାବେଳେ ୪୩ଟି ଦେୟମୁକ୍ତ ରହିଛି। ତେବେ ସହରକୁ ଖୋଲା ଶୌଚାଳୟମୁକ୍ତ କରିବା ପାଇଁ ସିଏମ୍‌ସି ପକ୍ଷରୁ ଯୋଜନା ପରେ ଯୋଜନା ହେଉଛି। କିନ୍ତୁ ତାହା ଫେଲ ମାରିଥିବା ଏଥିରୁ ଜଣାପଡୁଛି। ଅନ୍ୟପକ୍ଷରେ ଏ ନେଇ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ଶୌଚାଳୟ ପୁନରୁଦ୍ଧାର ନିମନ୍ତେ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ କ୍ଷୟକ୍ଷତି ରିପୋର୍ଟ ଦେବା ପରେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

## ଆଇନଜୀବୀ ସଂଘ ପକ୍ଷରୁ ସ୍ମୃତିସଭା

**କଟକ ଅଫିସ,୨୨।୭:**

ଆଇନଜୀବୀ ଦେବଦତ୍ତ ଦାସଙ୍କ ବିୟୋଗରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ସଂଘ ପକ୍ଷରୁ ସୋମବାର ସଭାପତି ଗୋପାଳ କୃଷ୍ଣ ମହାନ୍ତିଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ମୃତିସଭାରେ ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ସଂଘର ଯୁଗ୍ମ ସମ୍ପାଦକ ଜଟେଶ୍ୱର ନାୟକ, ସହସମ୍ପାଦିକା ପଦ୍ମାଳୟା ମହାପାତ୍ର, ଶୋମନାଥ ଶତପଥୀ, କାର୍ଯ୍ୟନିର୍ବାହୀ ସଦସ୍ୟା ସଦସ୍ୟ ମାନସୀ ଦାସ, ଅଧିରାଜ ମହାନ୍ତି, ଶାରଦା ତ୍ରିପାଠୀ, ଆଦିତ୍ୟ ପରିଡ଼ା, ସୁଜିତ କୁମାର ଦାସ, ଦେବାଶିଷ ମିଶ୍ର, ଆଶିଷ କୁମାର ମିଶ୍ର, ବିଭୁଦତ୍ତ ବାରିକ, ମାନସ ରଞ୍ଜନ ନାୟକ, ଆଇନଜୀବୀ ବିଶ୍ୱଜିତ ପରିଡ଼ା, ଅରୁଣ କୁମାର ବୁଦ୍ଧିଆ, ବିଭୁପ୍ରସନ୍ନ ମହାପାତ୍ର, ତାପସ କୁମାର ଦ୍ୱିବେଦୀ, ପ୍ରଣୟ କୁମାର ସ୍ୱାଇଁ ଓ ବହୁ ଆଇନଜୀବୀ ଉପସ୍ଥିତ ରହି ଦେବଦତ୍ତଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ।

# କମରପଦା-କିଶୋରନଗର ଆର୍‌ଡି ରାସ୍ତା ଦବିଲା



ବାଙ୍କାବଜାରଠାରେ ରାସ୍ତା ଦବିଯାଇଛି।

**କଟକ ସଦର, ୨୨।୭(ଡି.ଏନ୍.ଏ.)**

କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅନ୍ତର୍ଗତ କମରପଦା-କିଶୋରନଗର ଆର୍‌ଡି ରାସ୍ତାର ବାଙ୍କାବଜାର ନିକଟରେ ୧୫ଫୁଟ ଲମ୍ବ ପିଚୁ ରାସ୍ତା ସୋମବାର ସକାଳେ ଦବିଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହି ବାଟରେ ଯାଉଥିବା ଜଣେ ବାଇକ୍ ଆରୋହୀ ଖାଲରେ ପଡି ଆହାତ ହୋଇଥିବା ଜଣାପଡ଼ିଛି। ରାସ୍ତାର ଉତ୍ତର ପଟେ ଶୁକ ପାଇକାନାଳ ଓ ଦକ୍ଷିଣ ପଟେ ଶୁକ ପାଇକା ନଦୀ ରହିଛି। ରାସ୍ତା ଦବିବାର କାରଣ କଣାପଡିନାହିଁ। ସ୍ଥାନୀୟଲୋକଙ୍କ କହିବାନୁଯାୟୀ, ୧୯୯୮ ରେ ଏହି ରାସ୍ତା ନିର୍ଦ୍ଦିଷ୍ଟ ସ୍ଥାନରେ ଦବିଥିଲା। ଫଳରେ ଏକ ମାସ ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା।

# ଧାନର ପ୍ରାପ୍ୟ ପାଇଁ ରାସ୍ତାରେ ବସିଲେ ଚାଷୀ

**ନିଆଳି, ୨୨।୭(ଡି.ଏନ୍.ଏ.)**

ଫନୀ ବାତ୍ୟାରେ ନିଆଳି ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ସାହାଯ୍ୟ ଦିଆଯାଇ ନାହିଁ। ଚାଷ କାମ ଆରମ୍ଭ ହେଉଥିବା ବେଳେ ଚାଷୀମାନେ ଦେଇଥିବା ଧାନର ମୂଲ୍ୟ ଏ ପର୍ଯ୍ୟନ୍ତ ଚାଷୀମାନେ ପାଇ ନାହାନ୍ତି। ଏହାର ପ୍ରତିବାଦରେ ସୋମବାର ପୂର୍ବାହ୍ନ ୧୧ଟା ରୁ ନିଆଳି-ନଖରା ରାଜ୍ୟ ରାଜପଥର ଜଲ୍ଲାରପୁର ଛକଠାରେ ରାସ୍ତା ଅବରୋଧ ସହ ଧାରଣାରେ ବସିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ନିଆଳି ପୋଲିସ ଓ ସ୍ଥାନୀୟ ତହସିଲଦାର ରଞ୍ଜନ କୁମାର ଜେନା ପହଞ୍ଚି ଧାରଣାକାରୀ ଚାଷୀଙ୍କ ସହ ଆଲୋଚନା କରିବା ସହ ୭ଦିନ ମଧ୍ୟରେ ଚାଷୀମାନଙ୍କୁ ତାଙ୍କର ପ୍ରାପ୍ୟ ଦିଆଯିବ ବୋଲି ପ୍ରତଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଅଭିଯୋଗରୁ ପ୍ରକାଶ ଯେ, ଜଲ୍ଲାରପୁର ପଞ୍ଚାୟତର ୭୦ରୁ ଉର୍ଦ୍ଧ୍ୱ ଚାଷୀ ଗତ ୩ମାସ ପୂର୍ବେ ନିଆଳି ସେବା ସମବାୟ ସମିତିର ଧାନ ମଣ୍ଡିରେ ପ୍ରାୟ ୮ଶହ କୁଇଣ୍ଟାଲ ଧାନ ଦେଇଥିଲେ। ଧାନ ଦେବାର ୩ ମାସ ବିତିଯାଇଥିଲେ ମଧ୍ୟ ଉକ୍ତ ଚାଷୀମାନେ ନିଜର ପ୍ରାପ୍ୟ ପାଇଁ ବାରମ୍ବାର ବ୍ୟାଙ୍କ ଏବଂ ସୋସାଇଟ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ଫଳରେ ସୋମବାର ଚାଷୀମାନେ ରାଜରାସ୍ତାରେ ଧାରଣା ଦେଇଥିଲେ।

# ବିଦ୍ୟାର୍ଥୀ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

**ଚୌଦ୍ୱାର,୨୨।୭(ଡି.ଏନ୍.ଏ.)**

ଟାଙ୍ଗି-ଚୌଦ୍ୱାର ବ୍ଲକ କଖଡ଼ି ନୋଡାଲ ହାଇସ୍କୁଲରେ ବିଦ୍ୟାର୍ଥୀ ବିକାଶ କାର୍ଯ୍ୟକ୍ରମ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ରାମକୃଷ୍ଣ ସେବା ସଂଘ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସେବା ସଂଘର ସ୍ୱାମୀ ସୁଦର୍ଶନାନନ୍ଦ, ରବି ନାରାୟଣ ମହାନ୍ତି, ଶିକ୍ଷାବିତ୍ ସୁକାନ୍ତ ମହାନ୍ତି, ଅକ୍ଷୟ ମିଶ୍ର, ମହେଶ୍ୱର ଦଳବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସେବାସଂଘ ପକ୍ଷରୁ ବିଦ୍ୟାଳୟ ପାଇଁ ବିଭିନ୍ନ ଉପାଦେୟ ପୁସ୍ତିକା ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ପତି ଗ୍ରହଣ କରିଥିଲେ। ଶେଷରେ ରଣଜିତ୍ ମହାନ୍ତି ଧନ୍ୟବାଦ ଦେଇଥିଲେ। ସୁକାନ୍ତ ନାୟକ, ହେମନ୍ତ ସାହୁ, ବୃନ୍ଦାବନ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

**କଟକ ଅଫିସ, ୨୨।୭**

କଟକ ମହାନଗର ନିଗମ ତରଫରୁ 'ପ୍ୟାରେଣ୍ଟ ଏ ଟ୍ରି' କାର୍ଯ୍ୟକ୍ରମ ଏବଂ ବନମହୋତ୍ସବ ଅବସରରେ ସୋମବାର କଟକ ଗୋପବନ୍ଧୁ ପାର୍କରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ସିଏମ୍‌ସି କମିଶନର ଅନନ୍ୟା ଦାସ ଚାରା ଚାରାରୋପଣ କରି ଏହି ମହତ କାର୍ଯ୍ୟକ୍ରମରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀଙ୍କ ସମେତ ସ୍ଥାନୀୟ ଶିକ୍ଷାବିତ୍, ସାମାଜିକ କର୍ମୀ ଓ ସିଏମସିର ସମସ୍ତ ଅଧିକାରୀ, ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ ।

# ଗୋଚର ଜମିରେ ଶୌଚାଳୟ ନିର୍ମାଣକୁ ବିରୋଧ

**ଖୁଣ୍ଟୁଣୀ, ୨୨।୭(ଡି.ଏନ୍.ଏ.)**

ଗୋଚର ଜମି କେବଳ ଗାଇଗୋରୁଙ୍କ ଚାରଣ ଭୂମି ଭାବେ ସଂରକ୍ଷିତ। ଏହା ଉପରେ କୌଣସି ନିର୍ମାଣ କିମ୍ବା ଏହାକୁ ବେଆଇନ ଦଖଲ କରାଯାଇ ପାରିବ ନାହିଁ। ଏହା ସତ୍ତ୍ୱେ ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ପଞ୍ଚାୟତର ପଥରକଟାଠାରେ ଥିବା ମୌଜା ଖୁଣ୍ଟୁଣୀର ଖାତା ନଂ-୨୨୬, ପ୍ଲଟ ନଂ-୭୮୫ ଓ ୭୯୧ ଏବଂ ମୌଜା ରମ୍ପେଇର ଖାତା ନଂ-୫୫୦, ପ୍ଲଟ ନଂ-୭୮୬୬ରେ କେତେକ ବାହାର ଲୋକ ସ୍ଥାୟୀ ଘର କରିଛନ୍ତି। ଏହାକୁ ବିରୋଧ କରି ସେତେବେଳେ ଖୁଣ୍ଟୁଣୀ-ରମ୍ପେଇ ଗ୍ରାମ କମିଟି ପକ୍ଷରୁ ଉଚ୍ଚନ୍ୟାୟାଳୟରେ ଅପିଲ କରିଥିଲେ। ପରେ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳ ଏହାର ତଦନ୍ତ କରି ଗୋଚର ଜବରଦଖଲକାରୀମାନେ କରିଥିବା ଆବେଦନକୁ ୨୦୧୭ସେପ୍ଟେମ୍ବର ୨୧ରେ ଖାରଜ କରିଦେଇଥିଲେ। ଏହା ପୂର୍ବରୁ ଅଠଗଡ଼ ଉପ-ଜିଲାପାଳ ୨୦୧୩ ଏପ୍ରିଲ ୨୦ରେ ଜବରଦଖଲ କାରୀଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେଇ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ କମିଟି ପକ୍ଷରୁ ୨୦୧୨ ଅଗଷ୍ଟ ୧୬ତାରିଖରେ ଆଠଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଏ ସମ୍ପର୍କରେ ଅଭିଯୋଗ କରାଯିବାପରେ ତାହା ଏ ପର୍ଯ୍ୟନ୍ତ ସ୍ଥଗିତ ଥିଲା। ବର୍ତ୍ତମାନ ଜନୈକ ବ୍ୟକ୍ତି ଏହି ଗୋଚର ଜମିରେ କରିଥିବା ଘରକୁ ଲାଗି ସ୍ୱଚ୍ଛ ଭାରତମିଶନ ଯୋଜନାରେ ଶୌଚାଳୟ ନିର୍ମାଣ କରୁଛନ୍ତି। ଏହି କାର୍ଯ୍ୟ ପାନୀୟ ଜଳ ଯୋଜନା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଥିବାରୁ ଏହାକୁ ତୁରନ୍ତ ବନ୍ଦ କରାଯିବାକୁ ଗ୍ରାମ୍ୟ କମିଟି ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଦିଲୀପ କୁମାର ଶେଠ୍, ବିପିନ ବିହାରୀ ପ୍ରଧାନ, ରଜନୀ ଜେନା, ପ୍ରଶାନ୍ତ କୁମାର ପ୍ରଧାନ ଓ କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଆଠଗଡ଼ ଗ୍ରାମ୍ୟ ଜଳଯୋଗାଣ ସଂସ୍ଥାର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ପଚାରିବାରେ ଶୌଚାଳୟ ନିର୍ମାଣ ପାଇଁ ନିଜସ୍ୱ ପ୍ଲଟ ଥିବା ଆବଶ୍ୟକ। ଯିଏ ଦେଖାଇବ ତାଙ୍କୁ ନିର୍ମାଣ ପାଇଁ ଅର୍ଥ ଦିଆଯିବ। ହେଲେ ଗୋଚର ଜମିରେ ନିର୍ମାଣ ହେଉଥିବା ଜାଣି ନ ଥିବା ଏ ସମ୍ପର୍କରେ ତଦନ୍ତ କରି ଦେଖିବେ ବୋଲି କହିଥିଲେ।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିଙ୍କୁ ବିପଦରୂପକ ଶସ୍ୟ କାଟିବାକୁ ପଡିଥାଏ।
-ଯୀଶୁଖ୍ରୀଷ୍ଟ

## ସଂକ୍ଷେପରେ

ରାଜପଥରୁ ଲୁଟ୍ କରି ୩ ଗିରଫ

### ପୋଲିସକୁ ବୋମା ପକାଇ ହୋଇଥିଲେ ଫେରାର

**ଖୋର୍ଦ୍ଧା ଅଫିସ,୨୨।୭:**ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଦଳେଇପୁଟର ରାକେଶ ଦଳେଇ (୩୧) ଓ କାଳନ୍ଦୀ ବହେରା(୨୬), ଗୁରୁଜଙ୍ଗ ନନ୍ଦସାହିର ମନ ମୋହନ ସାହୁ ଓରଫ ଦିଲୁ (୨୯) ପ୍ରମୁଖ ୩ଜଣଙ୍କୁ ରାଜପଥରୁ ଲୁଟ୍ କରୁଥିବାବେଳେ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ପରେ ସେମାନଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ଯିବାକୁ ପଡିଛି। ଏହି ସେମାନଙ୍କଠାରୁ ୧ଟି ବାଇକ, ୩ଟି ଜୀବନ୍ତ ବୋମା, ଗୋଟିଏ ଖଣ୍ଡା ଜବତ ହୋଇଛି। ଅନ୍ୟପକ୍ଷେ ପୋଲିସ ଉପରକୁ ବୋମା ପକାଇ ଲୁଟେରାମାନେ ଫେରାର ହୋଇଯାଇଥିଲେ। ପ୍ରାପ୍ତସୂଚନା ଅନୁସାରେ, ରବିବାର ରାତି ପ୍ରାୟ ସାଢ଼େ ୧୨ଟାବେଳେ ୧୬ ନଂ. ଜାତୀୟ ରାଜପଥର ଜିଲାପାଳଙ୍କ ଅଫିସ ଆଖପାଖ ଅଞ୍ଚଳରେ ଖଣ୍ଡା ଦେଖାଇ ୩ ଜଣ ଲୁଟେରା ଲୁଟ୍ କରୁଥିଲେ। ସେମାନେ ବାଇକ୍ (ନଂ. ଓଡିଶା୩ସି ୪୦୮୬) ବ୍ୟବହାର କରିଥିଲେ। ଘଟଣାସ୍ଥଳରେ ପାଟ୍ରୋଲିଂ ପୋଲିସକୁ ଦେଖି ବୋମା ପକାଇ ଫେରାର ହୋଇଯାଇଥିଲେ। ତେବେ ପୋଲିସ ରାକେଶ ଓ କାଳନ୍ଦୀଙ୍କୁ କାବୁ କରି ନେଇଥିଲେ। ପରେ ସୋମବାର ମନମୋହନଙ୍କୁ ଧରିଥିଲେ। ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ନଂ. ୨୧୧/୧୯ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ଦୁଇ ଯୁବକଙ୍କ ମହାନତା ରାସ୍ତାରୁ ପାଇଥିବା ମୋବାଇଲ୍‌କୁ ଫେରାଇଲେ

**ଜଟଣୀ, ୨୨।୭(ଡି.ଏନ.ଏ.):** କାର୍‌ରୁ ଓହ୍ଲାଇବା ସମୟରେ ଆଇନଜୀବୀ ସୁବାସ ଶତପଥୀଙ୍କ ପକେଟ୍‌ରୁ ତାଙ୍କ ମୋବାଇଲଟି ଖସି ପଡ଼ିଥିଲା। ଘରକୁ ଗଲା ପରେ ପକେଟ୍‌ରେ ମୋବାଇଲଟି ନ ଥିବା ସେ ଜାଣିବାକୁ ପାଇଥିଲେ। ଜଟଣୀ ମେଡିକାଲ ରୋଡ୍‌ରେ ରହୁଥିବା ସୁବାସଙ୍କ ଏହି ଦାମୀ ମୋବାଇଲଟି ରବିବାର ସନ୍ଧ୍ୟାରେ ଏପରି ଅବସ୍ଥାରେ ହଜି ଯାଇଥିଲା। ଜାଣିବା ପରେ ବ୍ୟସ୍ତ ହୋଇ ସେ ଖୋଜିଥିଲେ ମଧ ପାଇ ନ ଥିଲେ। ହେଲେ ମ୍ୟୁନିସିପାଲିଟି ଛକର ମୁଖ୍ୟ ରାସ୍ତା ଉପରେ ପଡ଼ିଥିବା ଏହି ମୋବାଇଲକୁ ଦୁଇ ଯୁବକ ପାଇଥିଲେ। ମୋବାଇଲ ପାଇଥିବା ଯୁବକ ଦ୍ୱୟ ହେଲେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମସିଷ୍ଟ ଯଜ୍ଞଦତ୍ତ ସେଠୀ ଓ ତାଙ୍କ ବନ୍ଧୁ ସଂଗ୍ରାମ କେଶରୀ ହୋତା। ପାଇଲା ପରେ ମୋବାଇଲରୁ ସୁବାସଙ୍କ ଫଟୋ ଦେଖିବାକୁ ପାଇଥିଲେ। ଫଟୋରୁ ଅନୁମାନ କରି ତାଙ୍କ ଘର ଠିକଣାରେ ପହଞ୍ଚିଥିଲେ। ସେଠାରେ ସୁବାସଙ୍କୁ ହଜି ଯାଇଥିବା ତାଙ୍କ ମୋବାଇଲକୁ ହସ୍ତାନ୍ତର କରିଥିଲେ। ଦୁଇ ଯୁବକଙ୍କ ଏପରି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହ ସୁବାସ ପ୍ରଶଂସା କରି ଧନ୍ୟବାଦ ଜଣାଇଛନ୍ତି।

### ଖୋର୍ଦ୍ଧା ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଖୋର୍ଦ୍ଧା ଅଫିସ,୨୨।୭:**ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କୁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଶା ସାମ୍ବାଦିକ ୟୁନିୟନ୍ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସଂଘର ସଭାପତି ଉମାଶଙ୍କର ପ୍ରସାଦଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ସଂଘର ସମ୍ପାଦକ ପ୍ରସନ୍ନ ପାଇକରାୟ, ମୁଖ୍ୟ ଉପଦେଷ୍ଟା ସନତ ପଟ୍ଟନାୟକ, ମିଡିଆ ସେଲ୍‌ର ଗୋବିନ୍ଦ ପଣ୍ଡା, ସୟଦ୍ ଇକବଲ ଅହମ୍ମଦ, ଚନ୍ଦନ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ରାଜେଶ ମହାନ୍ତି ସ୍ୱାଗତ ଭାଷଣ ଓ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଦିଲୀପ ହୋତା ଧନ୍ୟବାଦ ଦେଇଥିଲେ।

### ବିଧାୟକଙ୍କୁ ସମ୍ବର୍ଦ୍ଧନା ଓ ବୃକ୍ଷରୋପଣ

**ଖୋର୍ଦ୍ଧା ଅଫିସ,୨୨।୭:**ଖୋର୍ଦ୍ଧାସ୍ଥିତ ଜାନକୀ ବଲ୍ଲଭ ସ୍ମୃତି ଉଦ୍ୟାନ ପକ୍ଷରୁ ନିର୍ବାଚିତ ବିଧାୟକମାନଙ୍କ ପାଇଁ ସମ୍ବର୍ଦ୍ଧନା ଉତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖଣ୍ଡପଡା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ପରିବେଶବିତ୍ ଦିଲୀପ ଶ୍ରୀଚନ୍ଦନ ଅଧକ୍ଷତା କରିଥିଲେ। ଜାନକୀ ବଲ୍ଲଭ ସ୍ମୃତି ଉଦ୍ୟାନ ସମ୍ପାଦକ ସଞ୍ଜୟ ପଟ୍ଟନାୟକ ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ଓ କୋଷାଧକ୍ଷ ପ୍ରକାଶ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ସ୍ମୃତି ଉଦ୍ୟାନ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

୧୮ ବର୍ଷ ଧରି ଚାଲିଛି ରାଜୁଆ ଜଳସେଚନ ପ୍ରକଳ୍ପ

# ସରୁନି ଡାହାଣପାର୍ଶ୍ୱ କେନାଲ କାର୍ଯ୍ୟ

**ଖୋର୍ଦ୍ଧା ଅଫିସ, ୨୨।୭**

- ବାମପାର୍ଶ୍ୱ କେନାଲ ଶେଷ ପରେ ବି ମିଳୁନି ସୁଫଳ
- ରବି ଫସଲ କରିବା ପାଲଟିଛି ସ୍ୱପ୍ନ

ରାଜୁଆ ଜଳସେଚନ ପ୍ରକଳ୍ପର ବାମପାର୍ଶ୍ୱ କେନାଲ ଶେଷ ହୋଇଥିଲେ ମଧ୍ୟ ସୁଫଳ ମିଳୁନି। ଡାହାଣପାର୍ଶ୍ୱ ମୁଖ୍ୟ କେନାଲ କାର୍ଯ୍ୟ ଶେଷ ହେଉ ନ ଥିବାରୁ ଜମିରେ ପାଣି ମାଡି ପାରୁନାହିଁ। ଡାହାଣପାର୍ଶ୍ୱ କେନାଲର କାର୍ଯ୍ୟ ୯ କିମି ଧୋବଲପୁର ପର୍ଯ୍ୟନ୍ତ ଶେଷ ହୋଇଛି। ତେବେ ହିରିମୂଳ ପର୍ଯ୍ୟନ୍ତ କେନାଲ କରାଯିବାର ଥିଲେ ହେଁ କାମ କଚ୍ଛପ ଗତିରେ ଚାଲିଛି। ପ୍ରକଳ୍ପର କାର୍ଯ୍ୟ ୧୮ବର୍ଷ ପରେ ବି ଶେଷ ନ ହେବା ଚାଷୀଙ୍କୁ ବ୍ୟଥିତ କରିଛି। ଏଣୁ ରବି ଫସଲ କରି ପରିବାର ଗୁଜୁରାଣ କରିବାକୁ ଆଶା ରଖିଥିବା ଚାଷୀଙ୍କ ସ୍ୱପ୍ନ ପାଣିଫୋଟକା ପରି ମିଳେଇ ଯାଉଛି। ଏଭଳିସ୍ଥଳେ ସ୍ଥାନୀୟ ଚାଷୀ ଚାଷ ଛାଡିବ ନାଁ ଜମି ବିକ୍ରି କରି ଦେବ କିଛି ବି ନିଷ୍ପତ୍ତି ନେଇ ପାରୁନାହିଁ। ତେବେ ସରକାର ଓ ଜଳସମ୍ପଦ ବିଭାଗର କାର୍ଯ୍ୟରେ ଚାଷୀ ଅସନ୍ତୋଷ ବ୍ୟକ୍ତ କରି ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି।

ବର୍ଷାଋତୁରେ ଖୋର୍ଦ୍ଧା ଏବଂ ପୁରୀ ଜିଲାର କଣାସ ବ୍ଲକ ଅଞ୍ଚଳର ଚାଷୀଙ୍କ ଲାଗି ଦୟାର ଶାଖାନଦୀ ରାଜୁଆ ନଦୀ ଦାଉ ସାଧୁଛି। ରାଜୁଆ ନଦୀରେ ବନ୍ୟା ଆସିବା ଫଳରେ ଖୋର୍ଦ୍ଧା ଓ କଣାସ ବ୍ଲକ ଅଞ୍ଚଳର ହିରିମୂଳ, ଓରମି, ଧବଳପୁର, ବଳପୁର, ଗଡସାନପୁଟ୍, ଗଡବଡପୁଟ, କୁରୁମପଡା, ନରଣଗଡ, ଷଢେଇଗଡ, ହାଡପଦା, ଡିହଖଳା, ତିଗିରିଆ ଓ ହଳଦିଆପଡା ଆଦି ଅଞ୍ଚଳର ଶତାଧିକ ଏକର ଚାଷ ଜମି ବନ୍ୟାଜଳ ପ୍ଲାବିତ ହୋଇଥାଏ। ପୁଣି ଦୟା, ମକରା, ରାଜୁଆ ଏବଂ ମନ୍ଦାକିନୀ ନଦୀର ଉଦ୍‌ବୃତ୍ତ ବନ୍ୟାଜଳ ଅନୁରୂପ ଭାବେ ଉପରୋକ୍ତ ଅଞ୍ଚଳର ଫସଲ ଧୋଇ ନିଏ। ପ୍ରତିବର୍ଷ ବର୍ଷାଋତୁରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ଖରିଫ୍ ଫସଲ ଉଜୁଡି ଯାଏ। ଜଳସେଚନର ସୁବିଧା ନ ଥିବାରୁ ରବି ଫସଲ କରିବା ଚାଷୀଙ୍କ ପାଇଁ କାଠିକର ପାଠ। ବନ୍ୟାଜଳକୁ ଠିକ୍ ଭାବେ ନିଷ୍କାସନ ଏବଂ କେନାଲ ସହାୟତାରେ ରବି ଫସଲକୁ ଜଳସେଚନ କରିବା ଲକ୍ଷ୍ୟରେ ୧୮ବର୍ଷ ତଳେ ରାଜ୍ୟ ସରକାର ପରିକଳ୍ପନା କରିଥିଲେ ରାଜୁଆ ଜଳସେଚନ ପ୍ରକଳ୍ପ। ୮୮ ଷ୍ଟେଟ ଟେକ୍ନିକାଲ ଆଡଭାଇଜର କମିଟି ୧୯୯୯ ଜୁନ ୧୭ରେ ଏଥିପାଇଁ ୧୪. ୮୭ କୋଟି ଟଙ୍କା ଆପ୍ରୁଭ କରିଥିଲେ। ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରବି ଫସଲ କଣାସ ବ୍ଲକ ଅଞ୍ଚଳର ୧୨୬୫ ହେକ୍ଟର ଏବଂ ଖୋର୍ଦ୍ଧା ବ୍ଲକ ଅଞ୍ଚଳର ୧୩୩୫ ହେକ୍ଟର ଏପରି ମୋଟରେ ୨୬୦୦ ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ। ଖୋର୍ଦ୍ଧା ଜିଲାର ୧୭ ଗାଁ ଓ ପୁରୀ ଜିଲାର ୨୪ ଗାଁର ଚାଷୀ ଉପକୃତ ହେବେ। ପ୍ରକଳ୍ପକୁ କାର୍ଯ୍ୟକାରୀ କରାଇ ଅନୁଦାନ ଯୋଗାଇ ଦେବାକୁ ରାଜ୍ୟ ସରକାର ନାବାର୍ଡକୁ ପ୍ରସ୍ତାବ ଦେଇଥିଲେ। ୨୦୦୧ ଏପ୍ରିଲ ୨୬ରେ ନାବାର୍ଡ ପକ୍ଷରୁ ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିଲା। ପ୍ରକଳ୍ପର ଅଟକଳ ଥିଲା ୧୪ କୋଟି ୩୦ ଲକ୍ଷ ୯୮ ହଜାର ଟଙ୍କା। ପରେ ପୁଣି ଅନେକ ଅନୁଦାନ ଆସିଲାଣି। ହେଲେ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଏବଂ ଆନ୍ତରିକତା ଅଭାବରୁ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଆସୁଛି। ଏ ସମ୍ପର୍କରେ ଷଢ଼େଇଗଡର ଚାଷୀ ଦୁଃଖିଶ୍ୟାମ ଯୁଝାରସିଂ କୁହନ୍ତି, ରାଜୁଆ ନଦୀର ପାଣିରେ ରବି ଫସଲ କରିବାର ସ୍ୱପ୍ନ ମଉଳି ଯାଉଛି। ଏହି ପ୍ରକଳ୍ପ କାର୍ଯ୍ୟ ୧୮ବର୍ଷ ଧରି ଚାଲିଥିଲେ ହେଁ ଶେଷ ନ ହେବାରୁ ଚାଷୀ ଚାଷ ଛାଡିବାକୁ ଚିନ୍ତା କରୁଛନ୍ତି। ବାରମ୍ବାର ଅଭିଯୋଗ କଲେ ଅଳ୍ପ କାମ କରି ବନ୍ଦ କରାଯାଉଛି। ଏ ଭିତରେ ପ୍ରକଳ୍ପର କିଛି ସରଞ୍ଜାମ ବି କଳଙ୍କି ଧରିଲାଣି। କାର୍ଯ୍ୟରେ ତ୍ୱରାନ୍ୱିତ ଆଣି ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଶେଷ ନ କଲେ ସରକାରଙ୍କ ଅର୍ଥ ପାଣିରେ ପଡିବ।



ଝାଡଖଣ୍ଡରେ ଅନୁଷ୍ଠିତ ନାଟକର କୃତୀ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଝାଡ଼ଖଣ୍ଡରେ ଖୋର୍ଦ୍ଧାର ନାଟକ

**ଖୋର୍ଦ୍ଧା ଅଫିସ,୨୨।୭**

ଝାଡଖଣ୍ଡର ଧାନବାଦ୍‌ଠାରେ ୪ର୍ଥ ସର୍ବଭାରତୀୟ ସାଂସ୍କୃତିକ ପ୍ରତିଯୋଗିତା କଲାହିରା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରୟାଗ ସଙ୍ଗୀତ ସମିତି ଆନୁକୂଲ୍ୟରେ ଲୋକନୃତ୍ୟ, ଲୋକ ସଙ୍ଗୀତ ପ୍ରମୁଖ ସାମିଲ ହୋଇଥିଲେ। ଏଥିରେ ଖୋର୍ଦ୍ଧାର ମଞ୍ଚ ନାଟକ ଅଟୋବାଲା ମଞ୍ଚସ୍ଥ ହୋଇଥିଲା। ନାଟକ କ୍ଷେତ୍ରରେ ଅବଦାନ ପାଇଁ ନାଟ୍ୟକାର ଧନେଶ୍ୱର ସାହୁ, ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି କଲାହିରା ନାଟ୍ୟ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏଥିରେ ୨୨ ରାଜ୍ୟର ୨୧୦୦ କଳାକାର ଯୋଗଦେଇ କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷେ ଆନ୍ଦୋଳନ ନାଟକରେ ଶ୍ରେଷ୍ଠ ଓଡ଼ିଆ ନାଟ୍ୟକାର, ଶ୍ରେଷ୍ଠ ଅଭିନେତ୍ରୀ ଓ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପୁରସ୍କୃତ ହୋଇଥିଲା।

## ବେଗୁନିଆ ବ୍ଲକ: ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ଧାନମଣ୍ଡି ଅଧାରୁ ବନ୍ଦ, ରାସ୍ତା ଘାଟ ଦୁର୍ଦ୍ଦଶା ବଖାଣିଲେ ଲୋକେ**

**ବେଗୁନିଆ, ୨୨।୭(ଡି.ଏନ.ଏ.):**

ସରକାରଙ୍କ ଯୋଜନାଗୁଡିକ ତହସିଲ, ବ୍ଲକ ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ଲୋକେ ଅଭିଯୋଗ କଲେ ତା'ର ସମାଧାନ ହୋଇ ପାରୁ ନ ଥିବାରୁ ପ୍ରତି ୩ ମାସରେ ବ୍ଲକରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ହୋଇଥାଏ। ଏଥିରେ ଅନେକ ଅଭିଯୋଗର ସମାଧାନ ହେବା ସହ କେତେକର ଫଇସଲା ପାଇଁ ଅନ୍ୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥାନ୍ତି। ଏହିକ୍ରମରେ ବେଗୁନିଆରେ ସୋମବାର ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଜିଲାପାଳ ସୀତାଂଶୁ କୁମାର ରାଉତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅମୂଲ୍ୟ କୁମାର ଦାଶ, ପିଡି ସରୋଜ ମିଶ୍ର, ତହସିଲଦାର ବିବେକାନନ୍ଦ ପରିଡା, ବ୍ଲକ ଅଧକ୍ଷା ଜାନକୀ ସ୍ୱାଇଁ , ଉପାଧକ୍ଷା ତନୁଜା ପାଟଶାଣୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶୁଣାଣି ପାଇଁ ୨୬୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ସାମୂହିକ ୧୪, ଭତ୍ତା ପାଇଁ ୪୬, ଜଣଙ୍କୁ ରେଡକ୍ରସ ପକ୍ଷରୁ ୫ ହଜାର ଟଙ୍କା ପ୍ରଦାନ, ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜଣ ପିଛା ୩୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏଥିସହ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ, ୨ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ବ୍ଲକ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘୋଟାଲା, ପ୍ରକୃତ ହିତାଧିକାରୀ ମୋ କୁଡିଆ, ଇନ୍ଦିରାଆବାସରୁ ବାଦ ପଡୁଛନ୍ତି। ଧାନ ମଣ୍ଡି ଅଧାରୁ ବନ୍ଦ ଯୋଗୁ ବ୍ଲକର ଚାଷୀଙ୍କ ପ୍ରାୟ ୨୦ ହଜାର କୁଇଣ୍ଟାଲ ଧାନ ପଡି ରହିଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଗ୍ରାମ ସଡ଼କ ଯୋଜନା ଫେଲ ମାରିଛି। ଅନେକ ରାସ୍ତା କାମ ନିମ୍ନମାନର ସହ ଅଧାପନ୍ତରିଆ ଭାବେ ଛାଡି ଦିଆଯାଇଛି। ମହିଳାମାନେ ମଦ ମାଫିଆଙ୍କୁ ଧରି ପୋଲିସକୁ ଖବର ଦେଲେ ମଧ ଆସୁ ନ ଥିବା ଅଭିଯୋଗ ହୋଇଥିଲା। ଏସବୁ ଅଭିଯୋଗ ଶୁଣି ଜିଲାପାଳ ଏହାର ତଦନ୍ତ କରି ତୁରନ୍ତ ସମାଧାନ ପାଇଁ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ।



ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ସହ ଅନ୍ୟମାନେ ।

### କାର ଚୋରି ଅଭିଯୋଗରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨୨।୭:**

କାର ଚୋରି ଅଭିଯୋଗରେ ପୁରୀ ବଳିଆପଣ୍ଡାର ସମ୍ବିତ ବାରିକ(୨୨)ଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସମ୍ବିତ୍‌ଙ୍କୁ ସୋମବାର ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ମୁତାବକ, ଗୁରୁଜଙ୍ଗ ନନ୍ଦସାହିର ମନମୋହନ ସାହୁ ପୁରୀରେ ରୁହନ୍ତି। ଗତ ୨୦ ତାରିଖରେ ସମ୍ବିତ୍ ମନମୋହନଙ୍କ ସହ ଆସି ଘରେ ରହିଥିଲେ। ପରେ ସୁଯୋଗ ଦେଖି ଚାବି ନେଇ କାର ଚୋରାଇ ନେଇଥିଲେ। ତେବେ ପୋଷ୍ଟ ଅଫିସ ରାସ୍ତାରେ ସମ୍ବିତ୍ ଜଣେ ଲୋକଙ୍କୁ ଧକ୍କା ଦେବା ପରେ କାର ଚୋରି ରହସ୍ୟ ପଦାକୁ ଆସିଥିଲା। ପରେ ପୋଲିସ ପହଞ୍ଚି କାର ଜବତ କରିବା ସହ ସମ୍ବିତ୍‌ଙ୍କୁ ଗିରଫ କରିଥିଲା। ସମ୍ବିତ୍‌ଙ୍କ ଘର ଗଡିଶାଗଦା ଥାନାର ବସନ୍ତପୁରର ହୋଇଥିବାବେଳେ ସେ ବଳିଆପଣ୍ଡାରେ ରହୁଥିଲେ। ଅଭିଯୋଗ ପରେ ପୋଲିସ ଦଫା ୩୭୯ ରେ ନଂ. ୨୦୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଦୁର୍ବୃତ୍ତ ମାରଣାସ୍ତ୍ରରେ ଗୋଡ଼ାଇ ହାଣିଲେ

**ଜଣେ ଯୁବକ ଗୁରୁତର**

**ବୋଲଗଡ଼,୨୨।୭(ଡି.ଏନ.ଏ.)**

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ସାନକୁମାରୀସ୍ଥିତ ମା'ମଙ୍ଗଳା ମନ୍ଦିର ନିକଟରେ ରବିବାର ରାତିରେ କେହି ଦୁର୍ବୃତ୍ତ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିଛନ୍ତି। ଗୁରୁତର ଯୁବକ ହେଉଛନ୍ତି ସାନକୁମାରୀ ଗ୍ରାମର ଗଣେଶ ଖଣ୍ଡାଇ(୨୫)। ତାଙ୍କୁ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରାଯାଇଥିବା ନେଇ ଫାଣ୍ଡି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଗଣେଶ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ପର୍ଯ୍ୟନ୍ତ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ନ ଥିଲେ ମଧ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ବିଳମ୍ବିତ ରାତିରେ ମଙ୍ଗଳା ମନ୍ଦିରଠାରେ କେହି ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ମୁଖଶାଳା ଓ ଅନ୍ୟ ସ୍ଥାନରେ ପଡ଼ିଥିବା ପ୍ରଚୁର ରକ୍ତସ୍ରାବରୁ ଜଣାପଡ଼େ ଯେ, ଆକ୍ରମଣବେଳେ ନିଜ ଜୀବନ ବଞ୍ଚାଇବାକୁ ସେ ମନ୍ଦିର ଭିତରକୁ ପଶି ଆସିଥିଲେ। ଗଣେଶଙ୍କ ମୁହଁ, ଛାତି ଓ ହାତରେ ଗଭୀର ଆଘାତ ଲାଗିଛି । ଗୁରୁତର ଭାବେ ଚିକିତ୍ସାଧୀନ ଥିବାରୁ ସେ କଥାବାର୍ତ୍ତା କରିବାରେ ସକ୍ଷମ ନ ଥିବାରୁ ଆକ୍ରମଣକାରୀ ଓ ଘଟଣା ସମ୍ପର୍କରେ ତାଙ୍କଠାରୁ ବିଶେଷ ତଥ୍ୟ ମିଳିପାରିନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ପରିବାର ଲୋକେ ଡାକ୍ତରଖାନାରେ ଥିବା ଓ ଥାନାରେ ଏ ନେଇ କୌଣସି ଅଭିଯୋଗ କରି ନ ଥିବା ଜଣାପଡ଼ିଛି । ତେବେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାଙ୍କୋଇ ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ପଣ୍ଡା ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରକ୍ତ ନମୂନା ସଂଗ୍ରହ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

## ଶିଶୁଗୃହରେ ଅଭିନେତା ବାବୁସାନ୍ ପାଳିଲେ ଜନ୍ମଦିନ



ପିଲାଙ୍କ ଗହଣରେ ଜନ୍ମଦିନ ପାଳିଲେ ଅଭିନେତା ବାବୁସାନ।

**ଯାଁଳା,୨୨।୭(ଡି.ଏନ.ଏ):**
ଖଣ୍ଡଗିରି ଡୁମୁଡୁମାସ୍ଥିତ ଆଶ୍ରୟ ଆବାସିକ ଶିଶୁଗୃହରେ ଛୋଟ ପିଲାଙ୍କ ଗହଣରେ ଅଭିନେତା ବାବୁସାନ୍ ରବିବାର ତାଙ୍କ ଜନ୍ମଦିନ ପାଳନ କରିଥିଲେ। ଶିଶୁଗୃହରେ ରହୁଥିବା ଛୋଟ ପିଲାଙ୍କ ଉପସ୍ଥିତିରେ ବାବୁସାନ୍ ତାଙ୍କ ଜନ୍ମଦିନ କେକ୍ କାଟିଥିଲେ। ଏଥିସହ ପିଲାମାନଙ୍କୁ ପାଠ୍ୟ ଉପକରଣ ବାଣ୍ଟିଥିଲେ। ଏଥିରେ ଆଶ୍ରୟର ପ୍ରତିଷ୍ଠାତା ବିନାୟକ ପଲେଇ, ରମେଶ ଚନ୍ଦ୍ର ମହାନ୍ତି ଓ ଶିଶୁଗୃହର କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଖୋର୍ଦ୍ଧା ଅଫିସ,୨୨।୭**

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଜୟମଙ୍ଗଳ ରାସ୍ତାରେ ସୋମବାର ସନ୍ଧ୍ୟାରେ ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରତନା ସାହୁ (୩୫)। ଘର ବେଗୁନିଆରେ। ବେଗୁନିଆର ରତନା ଭୁବନେଶ୍ୱରରେ ଦହିବରା ବିକ୍ରି କରନ୍ତି। ପ୍ରତିଦିନ ଭଳି ସନ୍ଧ୍ୟାରେ ସେ ଘରକୁ ଫେରିବା ବାଟରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରାତି ହୋଇ ଯାଇଥିବାରୁ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି।

## ବୋଲ୍‌ବମ୍ ଧ୍ୱନିରେ କମ୍ପିଲା ତାରେଶ୍ୱରଦେବ ପୀଠ

**ବୋଲଗଡ଼,୨୨।୭(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ତାରେଶ୍ୱରଦେବଙ୍କୁ ଶ୍ରାବଣ ମାସ ପ୍ରଥମ ସୋମବାର ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଛନ୍ତି। ଏହି ଶିବଭକ୍ତଙ୍କ ବୋଲ୍‌ବମ୍ ଧ୍ୱନୀରେ ମନ୍ଦିର ପରିସର ପ୍ରକମ୍ପିତ ହେବା ସହ ସ୍ୱତନ୍ତ୍ର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କାଉଡ଼ିଆମାନେ ମହାନଦୀରୁ ଜଳଭାର ଆଣି ରବିବାର ରାତିରୁ ସୋମବାର ସକାଳ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ଭଗବାନ ଶିବଙ୍କ ନାମ ଧ୍ୱନୀ ଦେଇ ଏହି ଶୈବପୀଠରେ ପହଞ୍ଚିଥିଲେ। ପ୍ରାତଃ ସମୟରେ ଠାକୁରଙ୍କ ନୀତି ସମ୍ପନ୍ନ ହେବା ପରେ ଭକ୍ତମାନେ ଧାଡ଼ିରେ ଆସି ପ୍ରଭୁଙ୍କୁ ଜଳଲାଗି କରିଥିଲେ। ଏହି କାର୍ଯ୍ୟରେ ପୋଲିସ ଓ ସାମାଜିକ କର୍ମୀମାନେ ସହଯୋଗ କରିଥିଲେ। ପ୍ରତିବର୍ଷ ଭଳି କାଉଡ଼ିଆମାନଙ୍କ ପାଇଁ ରବିବାର ରାତ୍ରରେ ମାଗଣାରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



କାଉଡ଼ିଆମାନେ ଜଳଲାଗି କରିବାକୁ ଯାଉଛନ୍ତି।

## ଶିକ୍ଷକଙ୍କ ଶ୍ରାଦ୍ଧସଭାରେ ୯ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ

**ଜଟଣୀ,୨୨।୭(ଡି.ଏନ.ଏ.)**

ରାଜ୍ୟପାଳ ପୁରସ୍କାରପ୍ରାପ୍ତ ତଥା ଜଟଣୀର ଆଦର୍ଶ ଶିକ୍ଷକ ଭାବେ ପରିଚିତ ଉପେନ୍ଦ୍ର ପାଇକରାୟଙ୍କ ୯ମ ବାର୍ଷିକ ଶ୍ରାଦ୍ଧସଭା ଅନୁଷ୍ଠିତ ହୋଇଯାଇଛି। ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ଆୟୋଜିତ ଏହି ଶ୍ରାଦ୍ଧ ସଭାରେ ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବତନ ପ୍ରଧାନ ଶିକ୍ଷକ ଜବାହରଲାଲ ସୁବୁଦ୍ଧି, ତ୍ରିନାଥ ସାମନ୍ତରାୟ, ଯୋଗେନ୍ଦ୍ର ନାୟକ, ନଟବର ସ୍ୱାଇଁ, ବିଜ୍ଞାନ ସଂଯୋଜକ ଅଦ୍ୱୈତ ବଳିଆରସିଂହ, ସାମାଜିକ କର୍ମୀ ରସିକ ଚନ୍ଦ୍ର ମହାପାତ୍ର ସ୍ୱର୍ଗତ ଉପେନ୍ଦ୍ର ପାଇକରାୟଙ୍କ ସ୍ମୃତିଚାରଣ କରିଥିଲେ। ନୋଟାରୀ ଅବନୀ କୁମାର ରାଉତରାୟଙ୍କ ଆବାହକତ୍ୱରେ ଏହା ଆୟୋଜିତ ହୋଇଥିଲା। ଏହି ଶ୍ରାଦ୍ଧସଭାରେ ସ୍ଥାନୀୟ ହିନ୍ଦୀ ସ୍କୁଲର ୯ ଜଣ ମେଧାବୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପେନ୍ଦ୍ର ପାଇକରାୟ ମେଧା ପ୍ରୋତ୍ସାହନ ଅନୁଷ୍ଠାନର ପ୍ରତିଷ୍ଠାତା କିଶୋର ଚନ୍ଦ୍ର ପାଇକରାୟ ଧନ୍ୟବାଦ ଦେଇଥିଲେ।



ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଉଛି ।

## ଗ୍ରାମାଞ୍ଚଳରେ ବ୍ୟାପୁଛି ବନ୍ଧୁକ, ନିଶା ବେପାର

**କବଳରେ କ୍ଷୁଦ୍ର ବ୍ୟବସାୟୀ, ବେକାରି ଓ ଛାତ୍ରଗୋଷ୍ଠୀ**

**ନିରାକାରପୁର,୨୨।୭(ଡି.ଏନ.ଏ.)**

ନିରାକାରପୁର ଆଖପାଖ ଗ୍ରାମାଞ୍ଚଳରେ ମଦ, ଗଞ୍ଜେଇ ପରେ ଏବେ ବ୍ରାଉନ୍ ସୁଗାର ବେପାରୀଙ୍କ ପ୍ରଭାବ ବଢ଼ିବାରେ ଲାଗିଛି। କେବଳ ନିଶା ନୁହେଁ ଏଥିସହ ବନ୍ଧୁକ କାରବାର ମଧ୍ୟ ବ୍ୟାପୁଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦୈନିକ କ୍ଷୁଦ୍ର ବେପାରୀ, ବେକାରି, ଶିକ୍ଷିତ ଯୁବକ ଓ ଛାତ୍ରଗୋଷ୍ଠୀ ଏଭଳି ଅସାମାଜିକ କାର୍ଯ୍ୟ କବଳରେ ପଡ଼ି ନିଜ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଉଥିବା ଦେଖିବାକୁ ମିଳୁଛି। ଗତ ୪ ଦିନ ତଳେ ପୁରୀ ଜିଲା କଣାସ ବ୍ଲକ ଗଡ଼ିଶାଗଦା ଥାନା ଅଞ୍ଚଳ ଜଣେ ଯୁବକ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ କ୍ଷେତ୍ରବାସୀ ଏକାଡେମୀ ମୁଖ୍ୟ ଫାଟକ ସମ୍ମୁଖରେ ଘର କରି ରହିବା ସହ ଏହି ବେପାର ଚଳାଇ ଆସୁଥିଲେ । ଖୋର୍ଦ୍ଧାର ବ୍ରାଉନ୍ ସୁଗାର ମାଫିଆ ଧରାପଡିବା ପରେ ସେମାନଙ୍କଠାରୁ ସୁରାକ ପାଇ ଖୋର୍ଦ୍ଧା ଅବକାରୀ ବିଭାଗ ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କଠାରୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ୧୫ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିଥିଲା। ଅଭିଯୁକ୍ତଙ୍କ ନାମ ଅବିନାଶ ସାମନ୍ତରାୟ। ନିଶା ବେପାର କଲାବେଳେ ଅଭିଯୁକ୍ତମାନେ ବାରମ୍ବାର ଧରାପଡ଼ିବା ପରେ ମଧ ଡ୍ରଗ୍‌ସ, ବେଆଇନ ମଦ ଆଦି ବ୍ୟବସାୟ ଆଧିପତ୍ୟ ବିସ୍ତାର କରିଚାଲିଛି । ସେହିଭଳି ଭୁବନେଶ୍ୱରଠାରେ ନିରାକାରପୁର ଥାନା ଅଞ୍ଚଳର ଜଣେ ଯୁବ ବନ୍ଧୁକ ବେପାରୀ ଗିରଫ ହୋଇଥିଲେ। ତାଙ୍କ ନାମ ପ୍ରକାଶ ବେହେରା। ଏପରି ଅନେକ ଘଟଣାର ଟେର୍ ପୋଲିସ ପାଉନି। ଅନେକ ଯୁବକ ରାତାରାତି ବଡ଼ ହେବା ନିଶାରେ ଏହି ବେପାରକୁ ଲୁଚାଛପାରେ ଆପଣେଇଛନ୍ତି। ବନ୍ଧୁକ ଓ ଡ୍ରଗ୍‌ସ ଭଳି ନିଶା କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାଁଭାଁ ପୋଲିସ ଗିରଫ କରୁଥିବା ଜଣାପଡ଼ିଛି। ତଥାପି ବ୍ୟବସାୟୀମାନେ ଦଣ୍ଡ, ଆଇନର ଲଗାମକୁ ଖାତିର୍ କରୁନାହାନ୍ତି। ଉକ୍ତ ବେଆଇନ, ଅସାମାଜିକ କାର୍ଯ୍ୟର ଚେର ସହରରୁ ଗ୍ରାମାଞ୍ଚଳ ଆଡକୁ ଗତି କଲାଣି। ଏଭଳି ଆସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ସାଧାରଣ ଲୋକେ ନିଜକୁ ଆଉ ସୁରକ୍ଷିତ ମନେ କରୁନାହାନ୍ତି। ଏନେଇ ଟାଙ୍ଗୀ ଅବକାରୀ ଇନ୍ସପେକ୍ଟର ନିନା ବେଉରାଙ୍କୁ ପଚାରିବାରୁ ସେ ଏଠାରେ ଏପ୍ରେଲରୁ ନୂଆ କରି ଦାୟିତ୍ୱ ଗ୍ରହଣ କରିଛନ୍ତି ବୋଲି ମତ ପ୍ରକାଶ କରିଥିଲେ। ତେବେ ଏଭଳି ଘଟଣା ଉପରେ ତଦନ୍ତ ଜାରି ରହିଛି ବୋଲି ସେ ସୂଚନା ଦେଇଥିଲେ।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡିଥାଏ।
-ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଡେଲାଙ୍ଗ ବ୍ଲକରେ ଘରଭଙ୍ଗା ସହାୟତା ୧୬ ହଜାର ୩ଶହ ୯୧ ପରିବାରକୁ ବଣ୍ଟନ

ଡେଲାଙ୍ଗ, ୨୨।୭(ଡି.ଏନ୍.ଏ.): ପ୍ରଳୟଙ୍କରୀ ସାମୁଦ୍ରିକ ଝଡ଼ ଫନୀରେ ପୁରୀ ଜିଲା ଡେଲାଙ୍ଗ ବ୍ଲକର ୨୧ ପଞ୍ଚାୟତର ୧୩୬ଟି ରାଜସ୍ୱ ଗ୍ରାମରେ ୨୫,୫୭୮ ପରିବାରଙ୍କ ବାସଗୃହ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ତହସିଲ ପକ୍ଷରୁ ଶନିବାର ସୁଦ୍ଧା ୧୬,୩୯୧ ପରିବାରଙ୍କୁ ୮ କୋଟି ୭୭ ଲକ୍ଷ ୮୩ ହଜାର ୨ ଶହ ଟଙ୍କା ବ୍ୟାଙ୍କ ଆକାଉଣ୍ଟ ଜରିଆରେ ବିତରଣ କରାଯାଇଥିବା ତହସିଲଦାର ରାଜେନ୍ଦ୍ର ଆଚାରିଆ ସୂଚନା ଦେଇଛନ୍ତି। ଅବଶିଷ୍ଟ ହିତାଧିକାରୀଙ୍କୁ କେବେ ଟଙ୍କା ମିଳିବ ସେ ସମ୍ପର୍କରେ ପଚାରିବାରୁ ତଦନ୍ତ ଚାଲିଛି, ସରିବାପରେ ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଥିଲେ। ରାଜ୍ୟ ସରକାର ୨୧ କୋଟି ୨୨ ଲକ୍ଷ ୫୫ ହଜାର ୫୨୦ ଟଙ୍କା ଡେଲାଙ୍ଗ ତହସିଲକୁ ପ୍ରଦାନ କରିଥିଲା ବେଳେ ଘରଭଙ୍ଗା ପାଇଁ ସମସ୍ତ ହିତାଧିକାରୀଙ୍କୁ ଏହି ସହାୟତା ବିତରଣ ସମ୍ଭବ ହେଉନି। ତଦନ୍ତ ରିପୋର୍ଟ ଅନୁଯାୟୀ, ହିତାଧିକାରୀଙ୍କୁ ଆନୁପାତିକ ହାରରେ ସହାୟତା ପ୍ରଦାନ କରାଯିବ ବୋଲି ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭୂତିଆ ଆଶ୍ୱାସନା ଦେଇଛନ୍ତି।

### ଓୟୁଏଟି କର୍ମଚାରୀଙ୍କ ଆନ୍ଦୋଳନ ଜାରି

ଭୁବନେଶ୍ୱର, ୨୨।୭(ବ୍ୟୁରୋ):ଓୟୁଏଟିରେ ୨୫ରୁ ୩୦ ବର୍ଷ ଧରି କାମ କଲା ପରେ ମଧ ସରକାର ଅସ୍ଥାୟୀ କର୍ମଚାରୀ ଭାବେ ବେତନ ଦେଉଛନ୍ତି। ନା ଅଛି ସ୍ଥାୟୀ ନିଯୁକ୍ତି ନା ମିଳୁଛି ୭ମ ବେତନ ଆଧାରରେ ବେତନ। ଏ ନେଇ କର୍ମଚାରୀମାନେ ସରକାରଙ୍କୁ ବାରମ୍ବାର ଅବଗତ କରାଇବା ପରେ ମଧ କିଛି ସୁଫଳ ମିଳୁନାହିଁ। ଓୟୁଏଟିରେ କାର୍ଯ୍ୟରତ କର୍ମଚାରୀମାନେ କଠିନ ପରିଶ୍ରମ ଯୋଗୁ ବିଭିନ୍ନ ଉନ୍ନତ କୃଷି ଜାତୀୟ ଫସଲର ବୈଜ୍ଞାନିକ ପଦ୍ଧତିରେ ଗବେଷଣା ଓ ଉତ୍ପାଦନ ବୃଦ୍ଧି ପାଇଛି। କିନ୍ତୁ ଶ୍ରମିକମାନେ ଆଇନଗତ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ଏଯାବତ୍ ସ୍ଥାୟୀ ଶ୍ରମିକ ଭାବେ ନିଯୁକ୍ତ ଦିଆଯାଇନାହିଁ। କର୍ତ୍ତୃପକ୍ଷ ସେମାନଙ୍କୁ ଶୋଷଣ କରିବା ସହ ଗୋତି ଶ୍ରମିକ ଭାବେ ଖଟାଉଛନ୍ତି। ଏ ନେଇ ଓୟୁଏଟି କର୍ମଚାରୀମାନେ ୧୫ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି।

### ବିଦ୍ୟୁତ୍ କର୍ମଚାରୀଙ୍କ ମାନବ ସମ୍ବଳ ଅଧିକାରୀଙ୍କ ସହ ଆଲୋଚନା ସଫଳ

ଭୁବନେଶ୍ୱର, ୨୨।୭(ବ୍ୟୁରୋ):ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ଏବଂ ଅଖିଳ ଭାରତୀୟ ବିଦ୍ୟୁତ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ସହ ଓପିଟିସିଏଲ ମାନବ ସମ୍ବଳ ଅଧିକାରୀଙ୍କ ଆଲୋଚନା ହୋଇଛି। ସୋମବାର ଅପରାହ୍ନରେ ଓପିଟିସିଏଲ ମୁଖ୍ୟ କାର୍ଯ୍ୟାଳୟରେ ହୋଇଥିବା ଆଲୋଚନାରେ ବିଦ୍ୟୁତ୍ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ମାନବ ସମ୍ବଳ ଅଧିକାରୀ ରାଜେନ୍ଦ୍ର ସେନାପତି ଆଲୋଚନା କରିଥିଲେ। ଆଇଟିଆଇ କର୍ମଚାରୀଙ୍କୁ ୩ ବର୍ଷରେ କୁଶଳୀ ଶ୍ରେଣୀ, ବିନା ସାକ୍ଷାତକାରରେ ପଦୋନ୍ନତି, ମୃତ ଶ୍ରମିକଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି ପ୍ରମୁଖ ଦାବିରେ ସହମତି ପ୍ରକାଶ କରିଛନ୍ତି।

■ ଲୋକନାଥ ପୀଠରେ ଶ୍ରାବଣ ପ୍ରଥମ ସୋମବାର

# ଜଳଲାଗି କଲେ ୧୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ



ପୁରୀ ଲୋକନାଥଙ୍କ ପୀଠରେ କାଉଡ଼ିଆମାନେ ଜଳଲାଗି ପାଇଁ ଧାଡ଼ିରେ ଛିଡାହୋଇଛନ୍ତି।



ପୁରୀ ନରେନ୍ଦ୍ର ପୁଷ୍କରିଣୀ ନିକଟ ବାଲିକପିଳେଶ୍ୱର ମନ୍ଦିରରେ କାଉଡ଼ିଆଙ୍କ ଭିଡ଼।

ପୁରୀ ଅଫିସ, ୨୨।୭:

ଶ୍ରାବଣ ମାସର ପ୍ରଥମ ସୋମବାର। ଏଥିପାଇଁ ପୁରୀ ଜିଲାର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଜ୍ୟର ବିଭିନ୍ନ ନଦୀରୁ ଜଳ ଆଣି ୧୦,୧୦୦ କାଉଡ଼ିଆ ଶ୍ରୀଲୋକନାଥଙ୍କୁ ଜଳଲାଗି କରିଛନ୍ତି। ଏହାପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ରବିବାର ଅପରାହ୍ନରୁ ଶ୍ରୀକ୍ଷେତ୍ରକୁ ବୋଲବମ୍ ଭକ୍ତଙ୍କ ଆଗମନ ହୋଇଥିଲା। ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ଭକ୍ତ ବାଟମଙ୍ଗଳା, ଅଠରନଳା ଦେଇ ପୁରୀକୁ ପ୍ରବେଶ କରିଥିଲେ। ସେହିପରି ପୁରୀ ବାଇପାସ୍ ମଙ୍ଗଳାଘାଟ ଛକ ଦେଇ ଅନେକ କାଉଡ଼ିଆ ଲୋକନାଥ ପୀଠକୁ ଯାଇଥିଲେ। ଜଳଲାଗି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆଶ୍ରମଠାରୁ ବ୍ୟାରିକେଡ କରାଯାଇଛି। କାଉଡ଼ିଆମାନେ ଏହି ବ୍ୟାରିକେଡ ଦେଇ ପାର୍ବତୀ ସାଗର କଡ଼େ କଡ଼େ ଯାଇଥିଲେ। ରୋଷଘର ଦୁଆର ମୁହଁରେ ପ୍ରବେଶ କରି ନାଟାମ୍ବର ମନ୍ଦିର ପଛପଟେ ଯାଇ ଲକ୍ଷ୍ମୀଙ୍କ ଦ୍ୱାରରେ ସ୍ଥାପିତ ପ୍ରଭୁ ଶ୍ରୀଲୋକନାଥଙ୍କ ଲିଙ୍ଗରେ ପାଣି ଢାଳିଥିଲେ। ଏହାପରେ ସିଂହଦ୍ୱାର ପଟେ ବାହାରକୁ ବାହାରିଥିଲେ।

ଶ୍ରୀଲୋକନାଥ ମନ୍ଦିର ମ୍ୟାନେଜର ଅପଛ ପରିଡ଼ାଙ୍କ ସୂଚନା ମୁତାବକ, ୨୦ଟଙ୍କା ଲେଖାଏ ଟିକେଟ କାଟି କାଉଡ଼ିଆମାନେ ଜଳଲାଗି କରିଥିଲେ। ପ୍ରଥମ ସୋମବାର ୧୦,୧୦୦ ଟିକେଟ ବିକ୍ରି କରାଯାଇଛି। ଅନ୍ୟପକ୍ଷରେ ଜଳଲାଗିକୁ ଶୃଙ୍ଖଳିତ କରିବା ପାଇଁ ରବିବାର ରାତି ୧୨ଟା ୨୦ରେ ଦ୍ୱାର ଫିଟାଯାଇଥିବାବେଳେ ୧୨ଟା ୪୫ରୁ ବୋଲବମ୍ ଭକ୍ତମାନେ ପାଣି ଢାଳିବା ଆରମ୍ଭ କରିଥିଲେ। ସୋମବାର ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଜଳଲାଗି କରାଯାଇଥିଲା ବୋଲି ପରିଡ଼ା କହିଛନ୍ତି।

# ଅଣ୍ଡା ଦେବାକୁ ସହନ ଲୁଣା ଜଙ୍ଗଲରେ ଗେଣ୍ଡାଳିଆଙ୍କ ଭିଡ଼

■ବେଆଇନ ଶିକାର ହେଉଥିବା ଅଭିଯୋଗ
■ସୁରକ୍ଷା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି

କାକଟପୁର,୨୨।୭(ଡି.ଏନ୍.ଏ.)

ଅସ୍ତରଙ୍ଗ ଉପକୂଳରେ ଅସ୍ଥାୟୀ ଭାବେ ରହି ଆସୁଥିବା ଗେଣ୍ଡାଳିଆ ପକ୍ଷୀଙ୍କ ଏବେ ବଂଶ ବିସ୍ତାର କରିବାର ସମୟ ଆସିଛି। ଏଥିପାଇଁ ସେମାନେ ଅଣ୍ଡା ଦେବାପାଇଁ ଅସ୍ତରଙ୍ଗ ବ୍ଲକ ସହନ ଗ୍ରାମ ନିକଟସ୍ଥ ଦେବୀ ନଦୀର ଶାଖା ନଦୀ ଲୁଣା ନଦୀକୂଳରେ ଥିବା ଘଞ୍ଚ ଲୁଣା ଜଙ୍ଗଲରେ ଭିଡ଼ ଜମାଇଥିବାର ଦେଖିବାକୁ ମିଳିଛି। ବିଶେଷ କରି ସକାଳ ଓ ସନ୍ଧ୍ୟା ସମୟରେ ଦଳ ଦଳ ହୋଇ ଲୁଣା ନଦୀ ଉପରେ ଉଡି ବୁଲୁଛନ୍ତି। ବହୁ ସଂଖ୍ୟାରେ ଏହି ପକ୍ଷୀ ଆସୁଥିବାରୁ ଏମାନଙ୍କ କିଚିରିମିଚିରି ଶବ୍ଦ ଶୁଣିବାକୁ ଓ ପକ୍ଷୀଙ୍କୁ ଦେଖିବାକୁ ପ୍ରତ୍ୟହ ଦେଖଣାହାରୀଙ୍କ ଭିଡ଼ ଜମୁଛି। ଅପରପକ୍ଷେ କେତେକ ଖଳ ପ୍ରକୃତିର ଲୋକ ଏହି ପକ୍ଷୀମାନଙ୍କୁ ବେଆଇନ ଭାବେ ଶିକାର କରି ଗୋଟାକୁ ୨୦୦ରୁ ୩୦୦ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ପ୍ରତିବର୍ଷ ଶୀତଋତୁରେ ସହନ ଲୁଣା ଜଙ୍ଗଲକୁ ହଜାର ହଜାର ବିଦେଶୀ ପକ୍ଷୀ ଆସି ବାସ କରିଥାନ୍ତି। ଏହି ସ୍ଥାନଟି ପକ୍ଷୀମାନଙ୍କ ନିରାପଦ ଆଶ୍ରୟସ୍ଥଳ ପାଲଟିଥିବାବେଳେ ନଦୀକୂଳ, ସମୁଦ୍ର ମୁହାଁଣ, ସନ୍ତସନ୍ତିଆ ସ୍ଥାନରେ ସେମାନଙ୍କୁ ପ୍ରଚୁର ପରିମାଣରେ ଖାଦ୍ୟ ମିଳିଥାଏ। ଶୀତ ଋତୁରେ ସେମାନେ ସ୍ୱଦେଶ ଫେରୁଥିବାବେଳେ କେତେକ ବିଦେଶୀ ପକ୍ଷୀ ସ୍ଥାନୀୟ ଅଞ୍ଚଳର ଦେଶୀ ପକ୍ଷୀଙ୍କ ସହ ମିଶି ଏଠାରେ ବସାବାନ୍ଧି ଅଣ୍ଡା ଦେଇଥାନ୍ତି। ସହନ ଲୁଣାଜଙ୍ଗଲକୁ ପକ୍ଷୀ ଅଭୟାରଣ୍ୟ ଘୋଷଣା କରିବାକୁ ଅଞ୍ଚଳବାସୀ ପକ୍ଷରୁ ଦାବି ହୋଇଆସୁଛି। ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ତତ୍ପର ହେବା ଉଚିତ ବୋଲି ସାମାଜିକ କର୍ମୀ ବିଚିତ୍ରାନନ୍ଦ ବିଶ୍ୱାଳ କହିଛନ୍ତି। ଏ ସମ୍ପର୍କରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ଦାୟିତ୍ୱରେ ଥିବା କୋଣାର୍କ ରେଞ୍ଜର ଆଦିତ୍ୟ କୁମାର ମିଶ୍ର କୁହନ୍ତି, ସହନ ଲୁଣା ଜଙ୍ଗଲଠାରେ ଗେଣ୍ଡାଳିଆ ପକ୍ଷୀମାନେ ଦଳ ହୋଇ ବସା ବାନ୍ଧି ଅଣ୍ଡା ଦେଉଥିବା ଜାଣିବାକୁ ପାଇଛି। ଏଥିପାଇଁ ସେମାନଙ୍କ ଉପରେ ତୀକ୍ଷଣ ନଜର ରଖିବାକୁ ସ୍ଥାନୀୟ ବନପାଳ, ବନରକ୍ଷୀ, ବନ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ସହନ ଲୁଣା ଜଙ୍ଗଲରେ ଥିବା ଗଛ ଉପରେ ଗେଣ୍ଡାଳିଆମାନେ ବସିଛନ୍ତି।

### ଅଗଷ୍ଟ ୧୦ରେ ଶିଶୁ ସମାଚାର ସ୍ୱନକ୍ଷତ୍ର ଉତ୍ସବ

ପୁରୀ ଅଫିସ,୨୨।୭:

ମାସିକ ଶିଶୁ ସମ୍ବାଦପତ୍ର 'ଶିଶୁ ସମାଚାର'ର ଦ୍ୱାଦଶ ସ୍ୱନକ୍ଷତ୍ର ଉତ୍ସବ ଆସନ୍ତା ଅଗଷ୍ଟ ୧୦ ତାରିଖରେ ପୌର ସଦନ ପରିସରରେ ଅନୁଷ୍ଠିତ ହେବ। ଏହି ଅବସରରେ ଶିଶୁ କଣ୍ଠଶିଳ୍ପୀ ଓ ନୃତ୍ୟଶିଳ୍ପୀମାନଙ୍କୁ ନେଇ ରାଜ୍ୟସ୍ତରୀୟ ପ୍ରତିଭା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହିତ ପୂର୍ବରୁ ବିଭିନ୍ନ ସ୍ତରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଚଳିତବର୍ଷ ଶିଶୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କୁ ଶିଶୁ ସମାଚାର ସାରସ୍ୱତ, ଯୁବ ସଂଗଠକ ସ୍ୱାଧୀନ ପଣ୍ଡାଙ୍କୁ ଆଦର୍ଶ ସଂଗଠକ ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ଶିଶୁ କଳାକାର ଅନିମେଷ ଘୋଷଙ୍କୁ ପୂଜ୍ୟପୂଜା ସମ୍ମାନରେ ସମ୍ମାନିତ କରାଯିବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କେତେଜଣ ଶିଶୁ ପ୍ରତିଭାଙ୍କୁ ମଧ ପୁରସ୍କୃତ କରାଯିବ ବୋଲି ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ସୂଚନା ଦେଇଛନ୍ତି।

### କୃଷକ ସାଥୀଙ୍କ ଆଲୋଚନା ଆଜି

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ଗତ ୭ଦିନ ଧରୁି ଆନ୍ଦୋଳନରତ ଥିବା କୃଷକସାଥୀମାନଙ୍କ ସହ କୃଷିମନ୍ତ୍ରୀଙ୍କର ଆଲୋଚନା ହୋଇପାରୁନି। ସୋମବାର କୃଷକ ସାଥୀଙ୍କୁ ଭେଟିବା ଲାଗି ମନ୍ତ୍ରୀ ସମୟ ଦେଇଥିଲେ ମଧ ଭେଟ ହୋଇପାରିନାହିଁ। ବିଭିନ୍ନ ଦାବି ନେଇ ସେମାନେ ଆନ୍ଦୋଳନ ଜାରି ରଖିଥିବା ବେଳେ ମଙ୍ଗଳବାର ତାଙ୍କ ସହ କୃଷିମନ୍ତ୍ରୀଙ୍କ ଆଲୋଚନା ହେବ ବୋଲି ଜଣାପଡ଼ିଛି।

## ଅଗଷ୍ଟ ୧୦ରେ ସୁଆର ମହାସୁଆର ନିର୍ବାଚନ

■ ନାମାଙ୍କନପତ୍ର ଦାଖଲ କରିଛନ୍ତି ୩୭ ଜଣ

ପୁରୀ ଅଫିସ, ୨୨।୭:

ଆସନ୍ତା ଅଗଷ୍ଟ ୧୦ ତାରିଖରେ ଶ୍ରୀମନ୍ଦିରର ସୁଆର ମହାସୁଆର ନିଯୋଗ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ନାମାଙ୍କନପତ୍ର ଦାଖଲ କରାଯାଇଛି। ମୋଟ ୩୭ ଜଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୨୬ ତାରିଖରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ଯଦି କୌଣସି ପ୍ରାର୍ଥୀ ଚାହିଁବେ ତେବେ ୨୭ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରିବେ। ଏହିଦିନ ପ୍ରାର୍ଥୀମାନଙ୍କର ନାମ ତାଲିକା ପ୍ରକାଶ ପାଇବ। ୧୦ ତାରିଖରେ କୋଇଲି ବୈକୁଣ୍ଠ ପରିସରରେ ଥିବା ନିଯୋଗ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯିବ। ସକାଳ ୯ଟାରୁ ଅପରାହ୍ନ ୫ଟା ମଧ୍ୟରେ ଭୋଟ ଗ୍ରହଣ ହେବ। ୧୧ ତାରିଖ ସକାଳ ୯ଟାରୁ ଗଣତି ହୋଇ ସେହିଦିନ ଫଳାଫଳ ପ୍ରକାଶ ପାଇବ। ପ୍ରାର୍ଥୀଙ୍କ ମଧ୍ୟରୁ ୧୫ ଜଣ ନିର୍ବାଚିତ ହେବେ। ସମ୍ପୃକ୍ତ ୧୫ ଜଣଙ୍କ ମଧ୍ୟରୁ ସଭାପତି, ସମ୍ପାଦକ ଆଦି ଚୟନ କରାଯିବ। ଶ୍ରୀମନ୍ଦିରର ସବୁଠୁ ବଡ଼ ନିଯୋଗ କୁହାଯାଉଥିବା ସୁଆର ମହାସୁଆର ନିଯୋଗ କ୍ଷମତା କାହା ହାତରେ ରହିବ, ତାହାକୁ ନେଇ ଆରମ୍ଭ ହୋଇଗଲାଣି ଛକାପଞ୍ଝା। ନିଯୋଗର ତିନିଗୋଷ୍ଠୀ କ୍ଷମତା ହାତେଇବାକୁ ଆରମ୍ଭ କରିଦେଲେଣି ଗୋଟିଚାଳନା। ତେବେ କିଏ ଏହି ନିଯୋଗ ପଦପଦବୀରେ ରହୁଛନ୍ତି ତାହା ଆସନ୍ତା ୧୧ ତାରିଖରେ ସ୍ପଷ୍ଟ ହୋଇଯିବ।

## ଅପହୃତ ଛାତ୍ର ନିଆଳିରୁ ଉଦ୍ଧାର

ନିମାପଡ଼ା,୨୨।୭(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୫ବର୍ଷୀୟ ଦଶମ ଶ୍ରେଣୀର ଛାତ୍ର ଶ୍ରେୟାନ ରଥଙ୍କୁ ଶନିବାର କେତେକ ଦୁର୍ବୃତ୍ତ ଅପହରଣ କରିନେଇଥିଲେ। ଘଟଣାର ୩ଦିନ ପରେ ପୋଲିସ ସୋମବାର ସନ୍ଧ୍ୟାରେ ଶ୍ରେୟାନଙ୍କୁ କଟକ ଜିଲା ନିଆଳି ବଜାରରୁ ଉଦ୍ଧାର କରିଛି। ତାଙ୍କୁ ଡାକ୍ତରୀ ମାଇନା କରିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଖବର ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଦେବୀ ମଣ୍ଡପର ସାହିର ଶଶିଭୂଷଣ ରଥଙ୍କ ପୁଅ ଶ୍ରେୟାନ ଶନିବାର ରାତି ୮ଟାରେ ଘରୁ ଟିଉସନ ଯାଉଥିଲେ। ଏହି ସମୟରେ ସ୍ଥାନୀୟ ଦେବୀମଣ୍ଡପ ଛକ ନିକଟରୁ ତାଙ୍କୁ ଦୁର୍ବୃତ୍ତମାନେ ଅପହରଣ କରିନେଇଥିଲେ। ପରେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଅପହରଣକାରୀମାନେ ତାଙ୍କ ବାପାଙ୍କ ଫୋନ ନମ୍ବର ନେଇ ୪୦ଲକ୍ଷ ଟଙ୍କାର ଦାବି କରିଥିଲେ। ଏ ନେଇ ଛାତ୍ରଙ୍କ ବାପା ବିଳମ୍ବିତ ରାତିରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ନଂ ୧୮୧/୧୯ରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ୨ଟି ଟିମ୍ ଗଠନ କରି ବିଭିନ୍ନ ଜାଗାରେ ଚଢ଼ାଉ କରିବା ସହ ଅପହରଣକାରୀଙ୍କୁ ଧରିବା ପାଇଁ ଜୋରଦାର ଉଦ୍ୟମ ଚଳାଇଥିଲା। ଅନ୍ୟପଟେ ଅପହରଣକାରୀମାନେ ଦାବି ଟଙ୍କା ନ ପାଇବାରୁ ନିରାଶ ହୋଇ ଛାତ୍ରଙ୍କୁ ନିଆଳି ବଜାରଠାରେ ଫୋପାଡ଼ି ଚାଲିଯାଇଥିଲେ। ଯିବାପୂର୍ବରୁ ପୁଣି ଛାତ୍ରଙ୍କୁ ଏ ବିଷୟରେ କାହାକୁ ଜଣାଇଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିଲେ। ଖବରପାଇ ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ି ନିଆଳିରେ ପହଞ୍ଚି ଶ୍ରେୟାନଙ୍କୁ ଉଦ୍ଧାର କରିବା ସହ ଥାନାକୁ ଆଣି ଘଟଣା ସମ୍ପର୍କରେ ସବୁ ବୁଝିଥିଲେ। ଏ ନେଇ ଆଇଆଇସି ପାଢ଼ୀ କୁହନ୍ତି, ଘଟଣାର ତଦନ୍ତ ଚାଲିଛି, ଖୁବଶୀଘ୍ର ଅପହରଣକାରୀଙ୍କୁ ଠାବ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

■ ୩ ଲୁଟେରା ଗିରଫ

## ଟାଟା ସୁମୋ ସହ ୧୦ ବାଇକ୍ ଜବତ

ପୁରୀ ଅଫିସ, ୨୨।୭:

ପିପିଲି ପୋଲିସ ସୋମବାର ଏକ ଲୁଟେରା ଗ୍ୟାଙ୍ଗ୍‌ର ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଧାନଗୋହିରୀର ତାହିର ଅଖ୍ତର(୨୨), ଏମ୍‌ଡି.କରିମ(୨୮) ଓ ଅସିଫ ଖାନ୍(୨୨)। ସେମାନଙ୍କଠାରୁ ପୋଲିସ ଏକ ଟାଟା ସୁମୋ ଏବଂ ୧୦ଟି ବାଇକ୍ ଜବତ କରିଛି। ୩ ଜଣଙ୍କ ନାମରେ ପୁରୀ ସମେତ ଭୁବନେଶ୍ୱର ଚନ୍ଦ୍ରଶେଖରପୁର, ମଞ୍ଚେଶ୍ୱର, ଲକ୍ଷ୍ମୀସାଗର ଥାନା ସମେତ ବାଣପୁର, ଖୋର୍ଦ୍ଧା ଏବଂ ନୟାଗଡ଼ ଥାନାରେ ଏକାଧିକ ମାମଲା ରହିଛି। ଏହି ଥାନା ଅଞ୍ଚଳରୁ ବିଭିନ୍ନ ସମୟରେ ଚୋରି ଯାଇଥିବା ବାଇକ୍ ପଛରେ ଏମାନଙ୍କ ସଂପୃକ୍ତି ରହିଥିବା ଜେରା ବେଳେ ସ୍ୱୀକାର କରିଥିବା ପୋଲିସ କହିଛି।

ଏକ ଆନ୍ତଃ ରାଜ୍ୟ ଲୁଟେରା ଗ୍ୟାଙ୍ଗ୍ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ, ଖୋର୍ଦ୍ଧା, ନୟାଗଡ଼ ପ୍ରଭୃତି ଅଞ୍ଚଳ ରାସ୍ତାରେ ଯାଉଥିବା ଲୋକଙ୍କୁ ଭୟଭୀତ କରି ମାରଣାସ୍ତ୍ର ଦେଖାଇ ବାଇକ୍ ଲୁଟ୍ କରୁଥିଲେ। ଏହି ଲୁଟେରା ଗ୍ୟାଙ୍ଗ୍ ଗୋଟିଏ ସ୍ଥାନରୁ ଚୋରି ପରେ ଅନ୍ୟ ସ୍ଥାନକୁ ଯାଇ ସେଠାରେ ଚୋରି କରୁଥିଲେ। ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିବାରୁ ପୋଲିସ ଅଭିଯୁକ୍ତଙ୍କୁ ଠାବ କରିବାରେ ଅସମର୍ଥ ହେଉଥିଲା। ସେମାନଙ୍କ ମୋବାଇଲ ଟ୍ରାକିଂ ବେଳେ ବାରମ୍ବାର ଲୋକେଶନ ପରିବର୍ତ୍ତନ ହେଉଥିବାରୁ ଅଭିଯୁକ୍ତଙ୍କୁ କାବୁ କରିବାରେ ବିଳମ୍ବ ଘଟିଥିଲା ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ଏହି ଗ୍ୟାଙ୍ଗ୍‌ରେ ଅନ୍ୟ କେଉଁମାନେ ଅଛନ୍ତି, ଏହାର ଚେର କେଉଁଆଡେ ଲମ୍ବିଛି, ସେନେଇ ଖୋଳତାଡ଼ ଚାଲିଛି। ଶୀଘ୍ର ଏହାର ପର୍ଦ୍ଦାଫାଶ କରାଯିବ। ସେହିପରି କାକଟପୁର ପୋଲିସ ବାଇକ୍ ଚୋରି ଅଭିଯୋଗରେ ଲୋକନାଥ ବେହେରା ଓ ବିଷ୍ଣୁଚରଣ ସ୍ୱାଇଁଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ୩୯୪ ଦଫା,୨୫ ଆର୍ମ ଆକ୍ଟରେ କେସ୍ ନଂ.୮୯/୧୯ରେ ମାମଲା ରୁଜୁ କରିଛି। ପୋଲିସ ଦୁହିଁଙ୍କଠାରୁ ୨ଟି ମୋବାଇଲ, ଗୋଟିଏ ବାଇକ୍, ୬୫ହଜାର ଟଙ୍କା ଜବତ କରିଛି।

■ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଘରୋଇ ହସ୍ପିଟାଲକୁ ରୋଗୀ ପଠାଇବା ଘଟଣା

# ସିଡିଏମ୍‌ଓଙ୍କୁ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

■ଭାଇରାଲ ଭିଡିଓକୁ ଯାଞ୍ଚ କରାଯିବ
■ ଆବଶ୍ୟକ ପଡ଼ିଲେ ସଂପୃକ୍ତ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯିବ

ପୁରୀ ଅଫିସ, ୨୨।୭:

ପୁରୀଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରୁ ରୋଗୀଙ୍କୁ ଘରୋଇ ଚିକିତ୍ସାଳୟ ଯିବାକୁ ବାଧ କରାଯାଉଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ନେଇ ପୁରୀର ମାନବାଧିକାର କର୍ମୀ ଜୟନ୍ତ ଦାଶ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଟୁଇଟ୍ କରି ସଂପୃକ୍ତ ଡାକ୍ତର ଓ ସିଡିଏମ୍‌ଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏହି ଘଟଣାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗୁରୁତର ସହ ନେଇଛି। ଘଟଣାର ବିଭାଗୀୟ ତଦନ୍ତ ଲାଗି ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଆସିଥିବା ଜଣାପଡିଛି। ସିଡିଏମ୍‌ଓ ଘଟଣାର ତଦନ୍ତ ଲାଗି ଏକ ଟିମ୍ ଗଠନ କରିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ଅମରେନ୍ଦ୍ର ମହାନ୍ତିଙ୍କୁ ପଚାରିବାରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଆସିଥିବା କହିଥିଲେ। ଏ ନେଇ ଏଡିଏମ୍‌ଓ(ମେଡିକାଲ) ଶିଶିର କୁମାର ରଥ କୁହନ୍ତି, ତଦନ୍ତ ନିର୍ଦ୍ଦେଶ ଆସିଥିବାରୁ ଶୀଘ୍ର ଘଟଣାର ତଦନ୍ତ କରାଯିବ। ଭାଇରାଲ ହୋଇଥିବା ଭିଡିଓକୁ ଯାଞ୍ଚ କରାଯିବ। ଆବଶ୍ୟକ ପଡ଼ିଲେ ସଂପୃକ୍ତ ଡାକ୍ତରଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯିବ। ରୋଗୀଙ୍କ ସ୍ୱାମୀଙ୍କ ସହ ଆଲୋଚନା କରାଯିବ ବୋଲି ରଥ କହିଥିଲେ।

ମିଳିଥିବା ସୂଚନା ପ୍ରକାରେ, ଗତ ଗୁରୁବାର ସ୍ଥାନୀୟ ମାଟିଆପଡା ଛକ ନିକଟରେ ରହୁଥିବା ଗୁରୁପ୍ରସାଦ ମହାନ୍ତି ତାଙ୍କ ସ୍ତ୍ରୀ ସୁମିତ୍ରାଙ୍କ ଆପେଣ୍ଡିସାଇଟ୍ସ ଅପରେଶନ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସୁମିତ୍ରାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସର୍ଜରି ୱାର୍ଡରେ ଭର୍ତ୍ତି କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ କେତେଜଣ ଦଲାଲ(ଘରୋଇ ଚିକିତ୍ସାଳୟ କାର୍ଯ୍ୟ କରୁଥିବା) ସେଦିନ ସର୍ଜରି ୱାର୍ଡ଼ରେ ଡ୍ୟୁଟିରେ ନ ଥିବା ଜଣେ ଡାକ୍ତରଙ୍କୁ ଦେଖାଇବା ଲାଗି ପରାମର୍ଶ ଦେଇଥିଲେ। ଡ୍ୟୁଟି ନ ଥିବା ସତ୍ତ୍ୱେ ସମ୍ପୃକ୍ତ ଡାକ୍ତର ତାଙ୍କ ସହ ପରାମର୍ଶ କରିଥିଲେ। ସୁମିତ୍ରାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି, ତୁରନ୍ତ ଅପରେଶନ କରିବାକୁ ପଡିବ। ଏଠାରେ କୌଣସି ବ୍ୟବସ୍ଥା ନାହିଁ, ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଘରୋଇ ଚିକିତ୍ସାଳୟକୁ ନେଇଯିବାକୁ କହିଥିଲେ। ଏକ ମିନିଟ୍ ୩୪ ସେକେଣ୍ଡର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

■ ଫନୀର ୨ମାସ ପରେ ବି ସୁଧୁରିନି ଶିକ୍ଷା ଭିତ୍ତିଭୂମି

# ସ୍କୁଲ ବାରଣ୍ଡା, ଗଛମୂଳେ ଚାଲିଛି ପାଠପଢ଼ା

ଗୋପ,୨୨।୭(ଡି.ଏନ୍.ଏ.)

ବାତ୍ୟା ଫନୀକୁ ଇତିମଧ୍ୟରେ ଦୁଇମାସ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ଗୋପ ବ୍ଲକ୍‌ରେ ଶିକ୍ଷା ଭିତ୍ତିଭୂମି ସୁଧୁରି ପାରିନାହିଁ। ଶିକ୍ଷା ବିଭାଗର ତଦାରଖ ଅଭାବରୁ ଏପରି ସ୍ଥିତି ହୋଇଥିବା କୁହାଯାଉଛି। ଅଧିକାଂଶ ସ୍କୁଲଗୃହ ମରାମତି ହୋଇ ନ ଥିବାରୁ ଛାତ୍ରୀଛାତ୍ର ସ୍କୁଲ ବାରଣ୍ଡା ଓ ଗଛମୂଳେ ବସି ପାଠ ପଢୁଛନ୍ତି।

ସୂଚନାଯୋଗ୍ୟ, ଗୋପ ବ୍ଲକ୍‌ରେ ୪୪ଟି ଉଚ୍ଚ ବିଦ୍ୟାଳୟକୁ ମିଶାଇ ମୋଟ ୨୫୪ଟି ସ୍କୁଲ ରହିଛି। ଫନୀରେ ୨୩୨ଟି ସ୍କୁଲ କ୍ଷତିଗ୍ରସ୍ତ ହୋଇଥିବା ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ୯୯ଟି ବିଦ୍ୟାଳୟର ମରାମତି କାର୍ଯ୍ୟ ଚାଲିଥିବା ବେଳେ ୮୭ଟିରେ ନିର୍ମାଣ କାର୍ଯ୍ୟ ସରିଥିବା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ବାକିଥିବା ୧୩୩ଟି ବିଦ୍ୟାଳୟର ମରାମତି ଦାୟିତ୍ୱ ଅନ୍ୟ ବିଭାଗକୁ ଦିଆଯାଇଥିବା ବେଳେ ଏପର୍ଯ୍ୟନ୍ତ କେତେ ସମ୍ପୂର୍ଣ୍ଣ ହୋଇଛି ତାହାର ତଥ୍ୟ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନାହିଁ। ବିଦ୍ୟାଳୟ ମରାମତି ହୋଇ ନ ଥିବାରୁ ଛାତ୍ରୀଛାତ୍ର ପାଲ ପକାଇ ସ୍କୁଲ ବାରଣ୍ଡାରେ ଏବଂ ଗଛମୂଳେ ପାଠ ପଢୁଥିବା ଦେଖିବାକୁ ମିଳିଛି। ସେହିଭଳି କେତେକ ବିଦ୍ୟାଳୟରେ ଫନୀ ବିପନ୍ନମାନେ କୋଠରୀ ଛାଡୁ ନ ଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଦ୍ୟାଳୟ ମରାମତି ସରିଥିବା କୁହାଯାଉଛି। ମାତ୍ର ପ୍ରକୃତ ପକ୍ଷେ ୫୦ ପ୍ରତିଶତ ବିଦ୍ୟାଳୟ ଏବେ ବି ମରାମତି ହୋଇନାହିଁ। ଏ ସମ୍ପର୍କରେ ଗୋପ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପ୍ତିରାଣୀ ଦାସ କହିଛନ୍ତି, ସ୍କୁଲ ପରିଚାଳନା କମିଟି ସହମତିରେ କାର୍ଯ୍ୟାଦେଶ ଦିଆଯାଇଛି। ସେହିପରି ଗୋପ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର କହିଛନ୍ତି, ୯୯ଟି ବିଦ୍ୟାଳୟର ମରାମତି ଦାୟିତ୍ୱ ବ୍ଲକ୍ ପ୍ରଶାସନ ହାତକୁ ନେଇ ୮୭ଟିର କାମ ସମ୍ପୂର୍ଣ୍ଣ କରିଛି। ଅନ୍ୟ ସ୍କୁଲଗୁଡ଼ିକର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଖୁବ୍‌ଶୀଘ୍ର ଶେଷ ହେବ।



ଫନୀରେ ବିଦ୍ୟାଳୟର ଛପର ଉଡ଼ିଯାଇଛି।